

ଟକ୍ସିକ୍‌ରେ କଳାକାରଙ୍କ ଷ୍ଟଣ୍ଟ ସିନ୍

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI




# ଅଗଷ୍ଟ ୧୫ରୁ ଫାସ୍‌ଟ୍ୟାଗ୍ ବାର୍ଷିକ ପାସ୍

■ **ନୂଆଦିଲ୍ଲୀ, ୩।୮ (ଏଜେନ୍ସି):** କେନ୍ଦ୍ର ସଡକ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ନୂତନ ଫାସ୍‌ଟ୍ୟାଗ୍ ବାର୍ଷିକ ପାସ୍ ବ୍ୟବସ୍ଥା ଆରମ୍ଭ କରିଛି। ଅଗଷ୍ଟ ୧୫ରୁ ଏହା ସାରା ଦେଶରେ ଲାଗୁ ହେବ। ଏହାଛଡା ପୂର୍ବରୁ ଥିବା ଫାସ୍‌ଟ୍ୟାଗ୍ ବ୍ୟବସ୍ଥା ପୂର୍ବ ପରି ଜାରି ରହିବ। ଯେଉଁମାନେ ବାର୍ଷିକ ପାସ୍ ନେବାକୁ ଚାହୁଁନାହାଁନ୍ତି, ସେମାନେ ପୂର୍ବ ପରି ସେମାନଙ୍କର ଫାସ୍‌ଟ୍ୟାଗ୍ ସହିତ ସାଧାରଣ ଟୋଲ୍ ପେମେଣ୍ଟ ଜାରି ରଖିପାରିବେ। ଜଣେ ଏହି ପାସ୍ ପାଇଁ ନୂତନ ଆବେଦନ କରିପାରିବେ କିମ୍ବା ପୂର୍ବରୁ ଥିବା ଫାସ୍‌ଟ୍ୟାଗ୍ ବ୍ୟବହାର କରିପାରିବେ। ଏଥିପାଇଁ ଗାଡ଼ି ବାହାନ ଡାଟାବେସ୍‌ରେ ବୈଧ ଥିବା ଉଚିତ, ଗାଡ଼ିର ୱିଣ୍ଡସିଲ୍ଡରେ ଫାସ୍‌ଟ୍ୟାଗ୍ ଲାଗିବା ଜରୁରୀ। ଏହାବାଦ୍ ଗାଡ଼ିର ପଞ୍ଜୀକରଣ ନମ୍ବର କଳା ତାଲିକାଭୁକ୍ତ ହୋଇ ନ ଥିବା ଉଚିତ୍।



# କେନାଲକୁ ଖସିଲା ବୋଲେରୋ; ୧୧ ମୃତ



**ଗୋଟିଏ ପରିବାରର ୯ ମୃତ**

■ **ଗୋଣ୍ଡା, ୩।୮ (ଏଜେନ୍ସି):** ଉତ୍ତରପ୍ରଦେଶର ଗୋଣ୍ଡାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧୧ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ଏଥିରେ ଗୋଟିଏ ପରିବାରର ୯ ଜଣ ସଦସ୍ୟ ଅଛନ୍ତି। ଦ୍ରୁତଗତିରେ ଯାଉଥିବା ଏକ ବୋଲେରୋ ନିୟନ୍ତ୍ରଣ ହରାଇ କେନାଲକୁ ଖସି ପଡିବାରୁ ଏହି ଦୁର୍ଘଟଣା ଘଟିଛି। କିନ୍ତୁ ଡ୍ରାଇଭରଙ୍କ ସମେତ ୪ ଜଣ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଜଣେ ୧୦ ବର୍ଷୀୟ ବାଳିକା ନିଖୋଜ ଅଛନ୍ତି। ରବିବାର ସକାଳ ୧୦ଟାରେ ଏହି ଦୁର୍ଘଟଣା ଘଟିଥିଲା। ଏହି ଘଟଣା କେତୋଟି ଭିଡିଓ ସାମ୍ନାକୁ ଆସିଥିଲା। ଦୁର୍ଘଟଣା ବେଳେ ଗାଡ଼ି ୬୦ କିମି ବେଗରେ ଚାଲୁଥିଲା ବୋଲି ପୁଲିସ କହିଛି। ମୃତକଙ୍କ ମଧ୍ୟରେ ୬ ମହିଳା ଓ ୩ ଜଣ ଛୋଟ ପିଲା ରହିଛନ୍ତି। ▶ପୃଷ୍ଠା-୭

**ଦାଦନ ନୀତି ଚୁଲିରେ**

## ଆନ୍ଧ୍ରପ୍ରଦେଶ ପଥର ଖାଦାନରେ ବିସ୍ଫୋରଣ

# ୬ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

■ **ମୋହନା/ଦିଗପହଣ୍ଡି/ଧରାକୋଟ, ୩।୮ (ସମିସ):** ଆନ୍ଧ୍ରପ୍ରଦେଶର ବାଲିକୁରଡା ମଣ୍ଡଳ ମଲାୟାପୁଲମ ଗ୍ରାମସ୍ଥିତ ଏକ ଗ୍ରାନାଇଟ୍ ପଥର ଖଣିରେ ରବିବାର ସକାଳେ ବିସ୍ଫୋରଣ ଘଟି ୬ଜଣ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଗଜପତି ଜିଲ୍ଲା ମୋହନାର ୨ଜଣ ଥିବା ବେଳେ ଗଞ୍ଜାମ ଜିଲ୍ଲାର ୪ଜଣ ରହିଛନ୍ତି। ଏକ ବଡ଼ ପଥର ତଳେ ଚାପି ହୋଇ ଏମାନଙ୍କ ମୃତ୍ୟୁ ହୋଇଛି। ସେହିପରି ଏହି ଅଘଟଣରେ ଏକାଧିକ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ, ଦିଗପହଣ୍ଡି ବ୍ଲକ୍ ଚଷାନିମଖଣ୍ଡି ଗ୍ରାମର ଦଣ୍ଡ ବାଡତ୍ୟା ଓରଫ ବୁଢ଼ା, ଫାଶୀଗୁଡ଼ା ପଞ୍ଚାୟତ ବାଙ୍ଗରଡ଼ା ଗ୍ରାମର ବନମାଳୀ ବେହେରା, ଧରାକୋଟ ବ୍ଲକ୍ ଢଉଗାଁ ପଞ୍ଚାୟତ ବାଇଡାଗୁଡ଼ାର ମୂଷା ଜେନା (୪୩), ଓଳମ୍ବା ପଞ୍ଚାୟତ କଷେଇ ଗ୍ରାମର ସନ୍ତୋଷ ଗୌଡ଼ (୩୬) ଏବଂ ମୋହନା ଥାନା ଢ଼େପାଗୁଡ଼ା ପଞ୍ଚାୟତ ଅଲରାଗାଁର ଭାସ୍କର ବିଷୋୟୀ (୪୦) ଓ ଟୁକୁନା ଦଳାଇ (୩୭ )।

ସୂଚନା ଅନୁଯାୟୀ, ପରିବାର ପୋଷଣ ନିମନ୍ତେ ଦିଗପହଣ୍ଡି ବ୍ଲକର ୯ ଜଣ ଓ ଗଜପତି ଜିଲ୍ଲା ମୋହନା ବ୍ଲକ ଢେପାଗୁଡ଼ା ପଞ୍ଚାୟତର ୨ ଜଣ ଓଡ଼ିଆ ଶ୍ରମିକ ଏହି ଗ୍ରାନାଇଟ କମ୍ପାନୀରେ ଶ୍ରମିକ ଭାବେ କାମ କରି ଆସୁଥିଲେ। ରବିବାର ସକାଳେ ଉକ୍ତ ପଥର ଖାଦାନରେ ଏକ ବିସ୍ଫୋରଣ ଘଟିଥିଲା। ଏହି ଭୟଙ୍କର ବିସ୍ଫୋରଣରେ ଏକ ବଡ଼ ପଥର ତଳେ ଚାପି ହୋଇ ଶ୍ରମିକମାନଙ୍କ ମୃତ୍ୟୁ ହୋଇଥିବା ଖବର ପ୍ରଚାର ହୋଇଥିଲା। ବିଳମ୍ବିତ ରାତି ସୁଦ୍ଧା ସେଠାକାର ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ମୃତାହତଙ୍କ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ପ୍ରତି ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଘୋଷଣା କରିଛନ୍ତି।



**ମୃତକଙ୍କ ମଧ୍ୟରେ ମୋହନାର ୨ ଓ ଦିଗପହଣ୍ଡିର ୪ଜଣ**

**ପ୍ରତି ମୃତକଙ୍କ ପରିବାରକୁ ୪ ଲକ୍ଷ ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ**

## ଦୁଃଖ ପ୍ରକାଶ କଲେ ନବୀନ

■ **ଭୁବନେଶ୍ୱର, ୩।୮ (ସମିସ):** ଆନ୍ଧ୍ରପ୍ରଦେଶର ପଥର ଖଣିରେ ବିସ୍ଫୋରଣ ଘଟି ୬ଜଣ ଓଡ଼ିଆ ଶ୍ରମିକ ପ୍ରାଣ ହରାଇଥିବା ଘଟଣାରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଦୁଃଖ ପ୍ରକାଶ କରିଛନ୍ତି। ନବୀନ ଏକ୍ସ ଯୋଗେ ଦର୍ଶାଇଛନ୍ତି ଯେ ଏହି ଘଟଣା ବିଷୟରେ ଜାଣି ମୁଁ ଦୁଃଖିତ। ପ୍ରାଣ ହରାଇଥିବା ଶ୍ରମିକମାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛି। ଏପରି ସମୟକୁ ସାମ୍ନା କରିବା ପାଇଁ ପରିବାରର ସଦସ୍ୟମାନଙ୍କୁ ମହାପ୍ରଭୁ ଅସୀମ ଧୈର୍ଯ୍ୟ ଦିଅନ୍ତୁ। ଏଥିସହ ନବୀନ ସମସ୍ତ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

**୧୫ମାସରେ ୧୫୦ରୁ ଊର୍ଦ୍ଧ୍ୱ ପ୍ରବାସୀ ମୃତ**

# ଗୋଟିଏ ବୈଠକରେ ସୀମିତ ଟାସ୍କଫୋର୍ସ

■ **ଭୁବନେଶ୍ୱର, ୩।୮ (ସମିସ):** ଆନ୍ଧ୍ରପ୍ରଦେଶରେ ଏକ ଗ୍ରାନାଇଟ ପଥର ଖଣିରେ ବିସ୍ଫୋରଣରେ ୬ ଜଣ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଏହି ୬ ଜଣ ଶ୍ରମିକ ପ୍ରାଣ ହରାଇଥିବା ପରେ ରାଜ୍ୟ ସରକାର ଦାଦନ ରୋକିବା ଦିଗରେ ଘୋଷଣାର ଆନ୍ତରିକତାକୁ ନେଇ ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଓଡ଼ିଶାରୁ କେହି ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯିବେ ନାହିଁ ବୋଲି ଗତ ନିର୍ବାଚନ ସମୟରେ ବିଜେପି ନେତାମାନେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ବିଡ଼ମ୍ବନା ହେଉଛି ଗତ ୧୫ ମାସ ମଧ୍ୟରେ ବିଭିନ୍ନ ରାଜ୍ୟକୁ ଦାଦନ ଖଟିବାକୁ ଯାଇ ୧୫୦ରୁ ଊର୍ଦ୍ଧ୍ୱ ଦାଦନ ପ୍ରାଣ ହରାଇଥିବାବେଳେ ଶହଶହ ବିକଳାଙ୍ଗ ହୋଇଫେରିଛନ୍ତି ।

ଦାଦନ ସମସ୍ୟାର ନିରାକରଣ ପାଇଁ ରାଜ୍ୟ ସରକାର ଟାସ୍କ ଫୋର୍ସ ଗଠନ କଲେ। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏହି କମିଟିର ଅଧକ୍ଷ ରହିଥିଲେ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସଦସ୍ୟ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ସହ ଅନ୍ୟ ବିଭାଗ ମନ୍ତ୍ରୀ, ମୁଖ୍ୟ ସଚିବ, ଉନ୍ନୟନ କମିଶନର, ବିଭାଗୀୟ ସଚିବ ପ୍ରମୁଖ ଟାସ୍କଫୋର୍ସ ସଦସ୍ୟ ରହିଥିଲେ। ଏହି ଟାସ୍କଫୋର୍ସ ଦାଦନ ସମସ୍ୟା ଦୂର କରିବାକୁ ବିଭିନ୍ନ କାର୍ଯପନ୍ଥା ସ୍ଥିର କରିବାର ଥିଲା। ପ୍ରତି ୬ ମାସରେ ଅନ୍ୟୁନ ଥରେ ଟାସ୍କ ଫୋର୍ସ ବୈଠକ କରି ଦାଦନ ଦୂରୀକରଣ ଦିଗରେ ହୋଇଥିବା ପ୍ରଗତି ଓ ଆନୁସଙ୍ଗିକ ପ୍ରସଙ୍ଗ ଗୁଡ଼ିକର ସମୀକ୍ଷା କରିବ ବୋଲି ସରକାର କହିଥିଲେ। ମାତ୍ର ଏହି ଟାସ୍କଫୋର୍ସ ▶ପୃଷ୍ଠା-୭

**ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲା**

# ବୋର୍ଡ ଉପସଭାପତି ଗିରଫ

**୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ଗଲେ**

**'ଏଫ୍‌ଟିପି' ବଦଳରେ ଉପସଭାପତିଙ୍କ ଲାପ୍‌ଟପ୍‌କୁ 'ଇ-ମେଲ୍'ରେ ଆସିଥିଲା ପ୍ରଶ୍ନ**

**ମୁଖ୍ୟ ଅଭିଯୁକ୍ତକୁ ୨ ମାସରେ ୧୦୦ଥର କଲ୍ କରି ସନ୍ଦେହକୁ ଆସିଥିଲେ ନୀହାର**



■ **କଟକ, ୩।୮ (ସମିସ):** ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲାରେ କ୍ରାଇମବ୍ରାଞ୍ଚ ଆଜି ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ଉପସଭାପତି ନୀହାର ରଞ୍ଜନ ମହାନ୍ତିଙ୍କୁ ଆଜି କ୍ରାଇମ୍‌ବ୍ରାଞ୍ଚ ଗିରଫ କରି କୋର୍ଟଚାଲାଣ କରିଛି। କୋର୍ଟ ତାଙ୍କର ଜାମିନ ନାମଞ୍ଜୁର କରିବା ସହ ୧୪ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଏହି ଘଟଣାରେ ପୂର୍ବରୁ ୬ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଆଜି ନୀହାରଙ୍କୁ ମିଶାଇ ଗିରଫ ସଂଖ୍ୟା ୭କୁ ବୃଦ୍ଧି ପାଇଛି।

ଅପରପକ୍ଷେ, ଓଟିଇଟି ପ୍ରଶ୍ନପତ୍ର ଲିକ୍ ପରେ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ପ୍ରଚଳିତ ପରୀକ୍ଷା ପରିଚାଳନା ବ୍ୟବସ୍ଥାରେ ଚାଲିଥିବା ନିୟମ ବହିର୍ଭୂତ କାର୍ଯ୍ୟ ସାମ୍ନାକୁ ଆସିଛି। ସବୁ ନିୟମକୁ ଉଲ୍ଲଙ୍ଘନ କରି ବୋର୍ଡ ଉପସଭାପତି କିଭଳି କାର୍ଯ୍ୟ କରୁଥିଲେ, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବୋର୍ଡ ଉପସଭାପତିଙ୍କ ଲାପ୍‌ଟପ୍‌ରୁ ହିଁ ପ୍ରଶ୍ନପତ୍ର ଲିକ୍ ହୋଇଥିବା କ୍ରାଇମବ୍ରାଞ୍ଚ ସ୍ପଷ୍ଟ କରିଛି। ଗତ କିଛି ଦିନ ହେବ, ଉପସଭାପତି ନୀହାରଙ୍କ ଉପରେ କ୍ରାଇମବ୍ରାଞ୍ଚର ସନ୍ଦେହ ବଢ଼ିଥିଲା। ତାଙ୍କୁ ଗିରଫ ପାଇଁ ମଧ୍ୟ ଅନେକ ମହଲରେ ଦାବି ଉଠିଥିଲା। ଏହାକୁ ନେଇ କ୍ରାଇମବ୍ରାଞ୍ଚ ସ୍କାନରରେ ରହିଥିଲେ ନୀହାର। ଗତକାଲି କ୍ରାଇମବ୍ରାଞ୍ଚ ତାଙ୍କୁ ଡାକି ମାରାଥନ ଜେରା କରି ଅନେକ ବିଷୟରେ ପ୍ରଶ୍ନ କରିଥିଲା। ସେଥିରେ ସେ ସତ ଓଗାଳିଥିବା କହିଛନ୍ତି କ୍ରାଇମବ୍ରାଞ୍ଚ ଡିଜି। ଆଜି ତାଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଛି। ପଚରାଉଚରା ବେଳେ ନୀହାର କଥାକୁ ବୁଲାଇବାକୁ ଚେଷ୍ଟା କରୁଥିଲେ। ଫଳରେ, କ୍ରାଇମବ୍ରାଞ୍ଚର ସନ୍ଦେହ ଅଧିକ ଘନୀଭୂତ ହୋଇଥିଲା। ତେବେ ପ୍ରଶ୍ନପତ୍ର ଛପା ଏଜେନ୍ସି ସହ ତାଙ୍କର କି' ସମ୍ପର୍କ ରହିଛି, ତାହା ଆଗକୁ ଖୋଳତାଡ଼ କରାଯିବ। ସେହିଭଳି ଆର୍ଥିକ କାରବାର ଲିଙ୍କ୍‌ର ମଧ୍ୟ ଯାଞ୍ଚ ଚାଲିଛି। ଯେଉଁମାନେ ପ୍ରଶ୍ନପତ୍ର କିଣିଛନ୍ତି, ସେମାନଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯିବ। ▶ପୃଷ୍ଠା-୭



# କୋଟିପତି ଏମ୍‌ଭିଆଇଙ୍କ ୪୪ ପ୍ଲଟ୍, କେଜିଏ ସୁନା

■ **ବୌଦ୍ଧ/ବାରିପଦା/ଭୁବନେଶ୍ୱର, ୩।୮ (ସମିସ):** ଚାକିରି ଏମ୍‌ଭିଆଇ, ହେଲେ ନିଶା ପ୍ଲଟ୍ କିଣିବା। ଗୋଟିଏ କି ଦୁଇଟି ନୁହେଁ, ବାରିପଦା ଓ ଆଖପାଖ ଅଞ୍ଚଳରେ ନିଜ ଓ ସଂପର୍କୀୟ ନାମରେ କିଣିଛନ୍ତି ୪୩ ମୂଲ୍ୟବାନ ପ୍ଲଟ୍। ସେହିପରି ବାଲେଶ୍ୱର ଶ୍ରୀବନ୍ତପୁରରେ ଗୋଟିଏ ପ୍ଲଟ୍ ରହିଛି। ସବୁ ପ୍ଲଟ୍ ମିଶିଲେ ପ୍ରାୟ ୧୦ ଏକରରୁ ଊର୍ଦ୍ଧ୍ୱ ହେବ। ଏହି ସବୁ ପ୍ଲଟ୍‌ର ମୂଲ୍ୟ ୧.୪୯ କୋଟି ଟଙ୍କା ହେବ। ଖାଲି ସେତିକି ନୁହେଁ, ଘରେ ରଖିଛନ୍ତି ୧ କେଜିର ସୁନା ବିସ୍କୁଟ। ପ୍ରତି ସୁନା ବିସ୍କୁଟର ଓଜନ ୫୦ ଗ୍ରାମ। ରୁପା ଅଳଙ୍କାର ବି କିଛି କମ୍ ନାହିଁ। ସବୁଆଡୁ ଦରାଣ୍ଡିଲା ପରେ ୨.୧୨୬ କେଜିର ରୁପା ଅଳଙ୍କାର ଠାବ ହୋଇଛି। ବ୍ୟାଙ୍କ୍ ଆକାଉଣ୍ଟ ଏବଂ ଇନ୍ସୁରାନ୍ସରେ୧କୋଟି ୩୪ ଲକ୍ଷ ୯ହଜାର ୧୯୩ ଟଙ୍କା ରହିଥିବା ବେଳେ ନଗଦ ୨ଲକ୍ଷ ୩୮ ହଜାର ୭୨୫ ଟଙ୍କା ଠାବ ହୋଇଛି। ଏସବୁ ବାଦ୍ ଝିଅର ମେଡିକାଲ ପାଠପଢ଼ା ବାବଦକୁ ୪୦ ଲକ୍ଷ ଖର୍ଚ୍ଚ କରିଛନ୍ତି। ଏପରି ଜଣେ କୋଟିପତି ସରକାରୀ ବାବୁ ଆଜି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ସେ ହେଲେ, ବୌଦ୍ଧ ଏମ୍‌ଭିଆଇ ଗୋଲାପ ଚନ୍ଦ୍ର ହାଁସଦା। ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଆଜି ଭିଜିଲାନ୍ସ ତାଙ୍କର ୬ଟି ଠିକଣାରେ ଚଢ଼ଉ କରି ବିପୁଳ ସମ୍ପତ୍ତି ଠାବ କରିଛି। ▶ପୃଷ୍ଠା-୭



## ନିର୍ମାଣାଧୀନ ପ୍ରକଳ୍ପ ଶେଷ ପୂର୍ବରୁ ଆଲୋଚନା ପାଇଁ ଛତିଶଗଡ଼ ଅରାଜି !

**'ମହା' ବିବାଦ**

# ଚାପରେ ମୋହନ-ବିଷ୍ଣୁ

■ **ଭୁବନେଶ୍ୱର, ୩।୮ (ସମିସ):** ୧୯୮୩ ମସିହାରୁ ଦୀର୍ଘ ୪୨ ବର୍ଷ ଧରି ମହାନଦୀକୁ ନେଇ ଲଢ଼େଇ କରୁଛି ଓଡ଼ିଶା। ପ୍ରଥମେ ମହାନଦୀକୁ ନେଇ ମଧ୍ୟପ୍ରଦେଶ ସହ ବିବାଦ ଚାଲିଥିଲା ଓ ମଧ୍ୟପ୍ରଦେଶ ବିଭାଜନ ପରେ ଏବେ ଲଢ଼େଇ ଛତିଶଗଡ଼ ସହ ଚାଲିଛି। ୮୬୧ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ମହାନଦୀର ୫୩% ଛତିଶଗଡ଼ରେ ରହିଥିବାବେଳେ ଓଡ଼ିଶାରେ ୪୭% ରହିଛି।



ମାତ୍ର ବିଡ଼ମ୍ବନା ହେଉଛି ଓଡ଼ିଶାକୁ ଅନ୍ଧାରରେ ରଖି ଛତିଶଗଡ଼ ମହାନଦୀ ଉପରମୁଣ୍ଡରେ ବ୍ୟାରେଜ ବାନ୍ଧି ଜଳ ପ୍ରବାହରେ ପ୍ରତିବନ୍ଧକ ଲଗାଇଛି। ଯାହାକୁ ନେଇ ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି ଓ ବିଜେପି ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ବିରୋଧୀ ମହାନଦୀ ବିବାଦର ସମାଧାନ ପାଇଁ ସରକାରଙ୍କ ଉପରେ ଚାପ ପକାଉଛନ୍ତି। ମାତ୍ର କୌତୂହଳର କଥା ହେଉଛି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ 'ଆପୋସ' ସମାଧାନ ନିମନ୍ତେ ଲେଖିଥିବା ଚିଠିର ଉତ୍ତର ଛତିଶଗଡ଼ ସରକାର ଦେଇ ▶ପୃଷ୍ଠା-୭

## ଜଙ୍ଗଲରେ ବ୍ୟବସାୟୀଙ୍କ ମୃତଦେହ

**ହତ୍ୟା ଅଭିଯୋଗ ଆଣିଲେ ପରିବାର**

■ **କାମାକ୍ଷାନଗର, ୩।୮ (ସମିସ):** ତୁମୁସିଙ୍ଗା ଥାନା ଗୋଦରିବିଲି କାଜୁ ଜଙ୍ଗଲରୁ ଜଣେ ନିଖୋଜ ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ, କୋଟଗରା ଗ୍ରାମର ରଞ୍ଜନ ସାହୁ। ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ରଞ୍ଜନ ପଣ୍ଡୁଆ ବଜାରରେ ଏକ ତେଜରାତି ଦୋକାନ କରିଛନ୍ତି। ଶନିବାର ସେ ଘରୁ ବାହାରି ଦୋକାନକୁ ଆସିଥିବା ବେଳେ ଅପରାହ୍ନ ୧ଟାରେ ଦୋକାନରୁ କେଉଁଆଡ଼େ ଯାଇଥିଲେ। ତେବେ ରଞ୍ଜନ ଦୋକାନକୁ ଫେରିବା ବିଳମ୍ବ ହେବାରୁ ପରିବାରଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇନଥିଲେ। ରଞ୍ଜନଙ୍କ ଫୋନ ଘରେ ଥିବା ବେଳେ ପରିବାରଲୋକେ ବନ୍ଧୁବାନ୍ଧବଙ୍କଠାରୁ ଆରମ୍ଭ କରି ଅନ୍ୟଆଡ଼େ ▶ପୃଷ୍ଠା-୭

**ଗୁଣିଗାରେଡ଼ି ସନ୍ଦେହରୁ ହତ୍ୟା**

## ଗୁପ୍ତାଙ୍ଗ କାଟି ପଥର ଛେଚିଲେ



**୧୪ ଅଭିଯୁକ୍ତ ଗିରଫ**

■ **ମୋହନା, ୩।୮ (ସମିସ):** ଗୁଣିଗାରେଡ଼ି ସନ୍ଦେହ ଏବଂ ଗାଁ କୋଠ ଘରକୁ ତେନ୍ତୁଳି ଗଛ ନଦେବାକୁ କେନ୍ଦ୍ର କରି ମୋହନା ଥାନା ରାଚାଗୁଡ଼ା ଗ୍ରାମରେ ଶନିବାର ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ଗ୍ରାମବାସୀମାନେ ଜଣେ ଯୁବକଙ୍କ ଗୁପ୍ତାଙ୍ଗକୁ କାଟିବା ପରେ ପଥରରେ ଛେଚି ହତ୍ୟା କରିଛନ୍ତି। ପରେ ପ୍ରମାଣ ଲୁଚାଇବା ପାଇଁ ଶବକୁ ଡ୍ୟାମ୍‌କୁ ଫିଙ୍ଗି ଦେଇଛନ୍ତି। ମୃତକ ହେଲେ, ଗୋପାଳ ମଳିକ (୩୫)। ଏହି ଘଟଣାରେ ପୁଲିସ ୧୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ସୂଚନା ଅନୁଯାୟୀ, ଗୋପାଳଙ୍କର ପ୍ରାୟ ୩୦ଟି ତେନ୍ତୁଳି ଗଛ ଥିଲା। ଗାଁ ଲୋକେ ସେହି ତେନ୍ତୁଳି ଗଛଗୁଡ଼ିକୁ ଗାଁ କୋଠଘରକୁ ଦେବା ପାଇଁ ▶ପୃଷ୍ଠା-୭

**ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ଘଟଣା**

# ସନ୍ଦେହ ବଢ଼ାଉଛି ପୁଲିସର ଭୂମିକା

▶ **ପ୍ରଥମରୁ ତିନି ଦୁର୍ବୃତ୍ତ, ଶେଷରେ କାହାରି ସମ୍ପୃକ୍ତି ନାହିଁ**

▶ **୩ ଦୁର୍ବୃତ୍ତ ନିଆଁ ଲଗାଇଥିବା ମା' ଅଭିଯୋଗ କରିଥିଲେ**

▶ **ଘଟଣାସ୍ଥଳରୁ ଜବତ ରୁପା ମୁଦି ଓ ଚୁଡ଼ି କାହାର ?**



■ **ପୁରୀ, ୩।୮ (ସମିସ):** ଦୀର୍ଘ ୧୫ ଦିନର ଜୀବନ ମରଣ ସହ ଲଢ଼େଇ ଭିତରେ ହାରିଯାଇଛନ୍ତି ବଳଙ୍ଗା ପୀଡ଼ିତା। ସେ ସୁସ୍ଥ ହୋଇ ଘରକୁ ଫେରିବାର ବିଶ୍ୱାସକୁ ଭାଙ୍ଗି ତାଙ୍କ ଦେହାନ୍ତ ଅନେକ ଅସମାହିତ ପ୍ରଶ୍ନ ଛିଡ଼ା କରିଦେଇଛି। ପୀଡ଼ିତାଙ୍କ ମୃତ୍ୟୁଠାରୁ ପୁଲିସର ତଦନ୍ତ, ସବୁକୁ ନେଇ ରାଜ୍ୟବାସୀ ବି ଦ୍ୱନ୍ଦ୍ୱରେ। ଚିକିତ୍ସା ଠିକ୍ ଥିଲା, ତଦନ୍ତ ବି ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା। ହଠାତ୍ ଏମିତି କ'ଣ ହେଲା? ପୀଡ଼ିତାଙ୍କ ମୃତ୍ୟୁ ପରେ ସବୁକିଛି କାହିଁକି ସନ୍ଦେହ ଭିତରକୁ ଟାଣି ହୋଇଯାଇଛି। ଏହାର ଉତ୍ତରକୁ ଅପେକ୍ଷା କରିଥିବା ରାଜ୍ୟବାସୀଙ୍କୁ ସବୁଠୁ ଅଧିକ ଚକିତ କରିଛି ପୁଲିସର ସ୍ୱୋକ୍ତି। ପୀଡ଼ିତା ଦିଲ୍ଲୀ ଏମ୍ସରେ ଆଖି ବୁଜିବାର ମାତ୍ର କେଇ ମିନିଟ୍ ପରେ ଓଡ଼ିଶା ପୁଲିସ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଉଲ୍ଲେଖ କରିଥିଲା 'ଏହି ଘଟଣାରେ ପୁଲିସ ପକ୍ଷରୁ ନିଷ୍ଠାର ସହ ତଦନ୍ତ କରାଯାଇଛି। ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଛି। ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ତଦନ୍ତ ଅନୁଯାୟୀ ଅନ୍ୟ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ନ ଥିବା ସ୍ପଷ୍ଟ ହୋଇଛି'। ଯଦି ପୀଡ଼ିତାଙ୍କ ଦେହରେ ନିଆଁ ଲଗାଇବାରେ କାହାର ସମ୍ପୃକ୍ତି ନାହିଁ, ତେବେ ପୀଡ଼ିତା କ'ଣ ନିଜେ କିରାସିନି ଢାଳି ନିଆଁ ଲଗାଇ ଦେଇଛନ୍ତି? କ'ଣ ଏମିତି ଘଟଣା ଘଟିଥିଲା ତାଙ୍କ ସହ, ଯେଉଁଥିପାଇଁ ନିଜ ଜୀବନ ନେବାକୁ ସେ ନିଷ୍ପତ୍ତି ନେଇଥିଲେ? ତଦନ୍ତରୁ ପୁଲିସ ଯଦି ଜାଣିଥିଲା ଏଥିରେ କାହାର ହାତ ନାହିଁ, ତେବେ ୧୫ ଦିନ ଧରି କାହିଁକି ଅପେକ୍ଷା କରିଥିଲା? ବିଭିନ୍ନ ସମୟରେ ପୁଲିସ ତଦନ୍ତରେ ଯେଉଁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା କହୁଥିଲା, ସେ ତଥ୍ୟ କ'ଣ ଥିଲା। ପୀଡ଼ିତାଙ୍କ ମାଆ ଥାନାରେ ୩ ଜଣ ଦୁର୍ବୃତ୍ତ ତାଙ୍କ ଝିଅକୁ ଟେକିଦେଇ କିରାସିନି ଢାଳି ନିଆଁ ଲଗାଇଥିବା କେଉଁ ଆଧାରରେ ଅଭିଯୋଗ କରିଥିଲେ। ଏ ସବୁକୁ ଦେଖିଲେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ ମତ ବଦଳିଗଲା କେମିତି? ବାସ୍ତବରେ ତଦନ୍ତର କଥା ପଦାକୁ ଆସିଛି ନା ତଦନ୍ତର ମୋଡ଼ ବଦଳାଇ ଦିଆଯାଇଛି?

ଜୁଲାଇ ୧୯ ତାରିଖରେ ବଳଙ୍ଗା ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ସକାଳ ପ୍ରାୟ ୮ଟା। ବଳଙ୍ଗା ଥାନା ବାୟାବର ନୂଆ ଗୋପାଳପୁରର ନାବାଳିକା ସମ୍ପର୍କୀୟଙ୍କ ଘରକୁ ବହି ▶ପୃଷ୍ଠା-୭

## ଗାଜାରେ ଇସ୍ରାଏଲ ସେନା ଗୁଳିରେ ୧୦ ମୃତ

ଗାଜା,୩।୮(ଏଜେନ୍ସି): ଗାଜାରେ ଇସ୍ରାଏଲ ସେନା ଦୁଇଟି ସହାୟତା ବଣ୍ଟନ କେନ୍ଦ୍ର ନିକଟରେ ଗୁଳି ମାଡ଼ କରିଛି। ଏଥିରେ ଅତିକମ୍‌ରେ ୧୦ଜଣ ପ୍ରାଣ ହରାଇଛନ୍ତି। ଶନିବାର ଏହି ସହାୟତା କେନ୍ଦ୍ରରେ ଭୋକିଲା ପାଲେଷ୍ଟାଇନ୍ ନାଗରିକମାନେ ଖାଦ୍ୟ ଅନ୍ୱେଷଣରେ ଥିବା ବେଳେ ଏହି କାଣ୍ଡ ଘଟିଛି। ଆମେରିକାର ବରିଷ୍ଠ ଅଧିକାରୀମାନେ ଗାଜା ହ୍ୟୁମାନଟାରିଆନ ସେଣ୍ଟର (ଜିଏଚ୍ଏଫ୍) ପରିଦର୍ଶନ କରିବାର ଗୋଟିଏ ଦିନ ପରେ ଏହି ଗୁଳିକାଣ୍ଡ ଘଟିଛି। କେବଳ ସେତିକି ନୁହଁ ଜିକିମ୍ କ୍ରସିଂ ନିକଟରେ ସାହାଯ୍ୟ ପାଇବା ଆଶାରେ ଏକାଠି ହେଉଥିବାବେଳେ ଗୁଳିମାଡରେ ଆଉ ୧୯ଜଣ ଲୋକ ପ୍ରାଣ ହରାଇଛନ୍ତି ବୋଲି ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଆମ୍ବୁଲାନ୍ସ ଓ ଏମର୍ଜେନ୍ସି ସର୍ଭିସ ତରଫରୁ କୁହାଯାଇଛି।

**ରୁଷିଆରେ ଆଉ ଏକ ଶକ୍ତିଶାଳୀ ଭୂକମ୍ପ**

## ୬୦୦ ବର୍ଷ ପରେ ଆଗ୍ନେୟ ଉଦ୍‌ଗୀରଣ

ମସ୍କୋ,୩।୮(ଏଜେନ୍ସି): ରୁଷିଆର କୁରିଲ ଦୀପପୁଞ୍ଜରେ ଆଉ ଏକ ଶକ୍ତିଶାଳୀ ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଛି। ଏହାର ତୀବ୍ରତା ୭.୦ ଥିଲା। ଫଳରେ ରୁଷିଆର ସୁଦୂର ପୂର୍ବାଞ୍ଚଳରେ ଥିବା କାମଚାଟକା ଉପଦୀପର ୩ଟି ଉପକୂଳବର୍ତ୍ତୀ ଅଞ୍ଚଳରେ ସୁନାମୀ ସତର୍କତା ଜାରି କରାଯାଇଛି। ପ୍ୟାସିଫିକ୍ ସୁନାମୀ ୱାର୍ଣ୍ଣିଂ ସିଷ୍ଟମ ଓ ୟୁଏସ୍ ଜିଓଲୋଜିକାଲ ସର୍ଭେ ଏହି ଭୂକମ୍ପର ଶକ୍ତି ଓ ଘନତାକୁ ନିଶ୍ଚିତ କରିଛି। ରୁଷିଆର ଅନ୍ୟ ଉପକୂଳବର୍ତ୍ତୀ ଅଞ୍ଚଳରେ ସୁନାମୀର ଆଶଙ୍କା ନାହିଁ ବୋଲି କୁହାଯାଇଛି। ଏହି ଭୂକମ୍ପ କାରଣରୁ ରୁଷିଆର କାମାଚଟକାରେ ଥିବା କ୍ରାସେନିନିକୋଭର ସୁପ୍ତ ଆଗ୍ନେୟଗିରି ଦୀର୍ଘ ୬୦୦ ବର୍ଷ ପରେ ଜୀବନ୍ତ ହୋଇଛି ଓ ଏଥିରୁ ଅଗ୍ନି ଉଦ୍‌ଗୀରଣ ହୋଇଛି।

## ଚିଦମ୍ବରମ୍ ମିଥ୍ୟା ପ୍ରଚାର କରୁଛନ୍ତି: ଇସି

ଚେନ୍ନାଇ, ୩।୮ (ଏଜେନ୍ସି): ନିର୍ବାଚନ କମିଶନ (ଇସି) ରବିବାର କଂଗ୍ରେସ ନେତା ପି ଚିଦମ୍ବରମଙ୍କୁ ଦୃଢ଼ ଜବାବ ଦେଇଛନ୍ତି। ବିହାରର ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) କୁ ତାମିଲନାଡୁ ସହ ଯୋଡ଼ିବା ବୃଥା ତଥା ଆଧାରହୀନ ବୋଲି କହିଛନ୍ତି। ଏହା ପୂର୍ବରୁ ଶନିବାର ଚିଦମ୍ବରମ ବିହାର ଏସ୍ଆଇଆରକୁ ସମାଲୋଚନା କରି ଭୋଟର ତାଲିକାରୁ ଲକ୍ଷ ଲକ୍ଷ ନାମକୁ ବାଦ୍ ଦିଆଯାଇଥିବା କହିଥିଲେ। ବିହାରରୁ ୬୫ ଲକ୍ଷ ଭୋଟର ସବୁଦିନ ପାଇଁ ଅନ୍ୟ ସ୍ଥାନକୁ ପଳାଇଛନ୍ତି ବୋଲି ଇସି କେମିତି ଜାଣିଲେ? କେଉଁ ଆଧାରରେ ଏହାକୁ ହଟାଇ ଦେଲେ ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଶ୍ନ କରିଥିଲେ। ଏହା ପ୍ରବାସୀ ଶ୍ରମିକଙ୍କ ପାଇଁ ଅପମାନ ବୋଲି କହିଥିଲେ। ସେ ପୁଣି ତାମିଲନାଡୁରେ ୬.୫ ଲକ୍ଷ ଲୋକଙ୍କୁ ଭୋଟର ତାଲିକାରେ ସାମିଲ କରାଯାଇଥିବା ଦାବି କରିଥିଲେ। କିନ୍ତୁ ନିର୍ବାଚନ କମିଶନଙ୍କ ଚିଦମ୍ବରମଙ୍କ ଦାବିକୁ ଭ୍ରମାତ୍ମକ କହି ଖାରଜ କରିଦେଇଛନ୍ତି। ତାମିଲନାଡୁରେ ଏ ପର୍ଯ୍ୟନ୍ତ ଏସ୍ଆଇଆର ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ୬.୫ ଲକ୍ଷ ଭୋଟରଙ୍କୁ ଯୋଡ଼ିବା ନେଇ ଚିଦମ୍ବରମ ମିଥ୍ୟା ତଥ୍ୟ ଦେଉଛନ୍ତି ବୋଲି କୁହାଯାଇଛି। ଏଭଳି ମିଥ୍ୟା ମନ୍ତବ୍ୟରୁ ବିରତ ରହିବାକୁ ଇସି ପରାମର୍ଶ ଦେଇଛନ୍ତି।

## ଆମେରିକାରେ ନିଖୋଜ ୪ ଭାରତୀୟ କାର୍ ଦୁର୍ଘଟଣାରେ ମୃତ



ନୂଆଦିଲ୍ଲୀ,୩।୮(ଏଜେନ୍ସି): ଆମେରିକାରେ ୫ ଦିନ ତଳେ ଏକ ଧାର୍ମିକ ଯାତ୍ରା ଅବସରରେ ନିଖୋଜ ଭାରତୀୟ ବଂଶୋଦ୍ଭବ ପରିବାରର ୪ ଜଣ ବରିଷ୍ଠ ସଦସ୍ୟ କାର୍ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଛନ୍ତି। ରବିବାର ଏମାନଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମାର୍ଶାଲ କାଉଣ୍ଟି ଶେରିଫ୍ ଅଫିସ ତରଫରୁ ଏହି ସୂଚନା ଦିଆଯାଇଛି। ସମସ୍ତଙ୍କ ବୟସ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୋଲି କୁହାଯାଇଛି। ହାଲକା ସବୁଜ ରଙ୍ଗର ଟୋୟଟା କାମ୍ରି କାର ଅତ୍ୟନ୍ତ ଦୁର୍ଗମ ଅଞ୍ଚଳରେ ଏକ ବଡ୍ ହ୍ୱିଲିଂ କ୍ରିକ୍ ରୋଡ ନିକଟରେ କ୍ଷତିଗ୍ରସ୍ତ ଅବସ୍ଥାରେ ରହିଥିଲା। ଏପରିକି ସେଠାରେ ପହଞ୍ଚିବାକୁ ଉଦ୍ଧାରକାରୀ ଦଳକୁ ପାଖାପାଖି ୫ ଘଣ୍ଟା ସମୟ ଲାଗିଥିଲା। ଦୁର୍ଘଟଣାର କାରଣ ନେଇ ଯାଞ୍ଚ୍ କରାଯିବ ବୋଲି କୁହାଯାଇଛି। ମୃତ୍ୟୁବରଣ କରିଥିବା ଏହି ୪ ବରିଷ୍ଠ ନାଗରିକମାନେ ହେଲେ କିଶୋର ଦିବାନ (୮୯), ଆଶା ଦିବାନ (୮୫), ଶୈଳେଶ ଦିବାନ (୮୬) ଓ ଗୀତା ଦିବାନ(୮୪)। ଏମାନଙ୍କୁ ଜୁଲାଇ ୨୯ରେ ପେନସିଲଭାନିଆର ଏରିରେ ପିଚ୍ ଷ୍ଟ୍ରିଟ୍‌ସ୍ଥିତ ଏକ ବର୍ଗର କିଙ୍ଗ୍ ଆଉଟ୍‌ଲେଟ୍‌ରେ ଶେଷଥର ପାଇଁ ଦେଖିବାକୁ ମିଳିଥିଲା। ଏମାନେ ସମସ୍ତେ ମାର୍ଶାଲ କାଉଣ୍ଟିର ପ୍ୟାଲେସ ଅଫ୍ ଗୋଲ୍ଡକୁ ଯାତ୍ରା କରୁଥିବାବେଳେ ଏହି ଦୁର୍ଘଟଣା ହୋଇଥିଲା। ଇସ୍କନପ୍ରତଷ୍ଠାତା ସ୍ୱାମୀ ପ୍ରଭୁପାଦଙ୍କ ଶିଷ୍ୟମାନେ ଏହାକୁ ପ୍ରତିଷ୍ଠା କରିଥିଲେ ଓ ଏହା ଏକ ପ୍ରସିଦ୍ଧ ତୀର୍ଥସ୍ଥଳୀ ଭାବେ ଖ୍ୟାତି ହାସ କରିଛି।

# ଅପ୍ରତ୍ୟାଶିତ ମୋଡ଼ ନେଲା ପିଓକେରେ ଆତଙ୍କୀର ଶବ ଶୋଭାଯାତ୍ରା

**ଆତଙ୍କବାଦୀଙ୍କୁ ପରିବାର ସଦସ୍ୟଙ୍କ ବିରୋଧ**

ଶ୍ରୀନଗର,୩।୮(ଏଜେନ୍ସି): ପହଲଗାମ ଆତଙ୍କବାଦୀ ଆକ୍ରମଣ ମାମଲାରେ ପାକିସ୍ତାନର ମୁଖା ପୁଣି ଖୋଲିଛି। ଅପରେସନ ମହାଦେବରେ ଭାରତୀୟ ସେନା ଦ୍ୱାରା ଏନ୍‌କାଉଣ୍ଟର ମୃତ୍ୟୁବରଣ କରିଥିବା ତାହିର ହବିବ୍ ନାମକ ଆତଙ୍କବାଦୀର ଶବ ଶୋଭାଯାତ୍ରା ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଆୟୋଜନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ଅଭାବନୀୟ ଘଟଣା ଘଟିଥିଲା। ତାହିରର ଜନାଜା-ଇ- ଗାଏବ ପିଓକେର କାଇ ଗଲ୍ଲା ଗାଁରେ ବାହର କରାଯାଇଥିଲା। ଯେତେବେଳେ ମୃତ ଦେହ ନ ଥାଏ ସେତେବେଳେ ଜନାଜା-ଇ- ଗାଏବ ବାହାର କରାଯାଇଥାଏ। ଏଥିରେ ବହୁ ସଂଖ୍ୟାରେ ଲୋକ ଯୋଗ ଦେଇଥିଲେ। କିନ୍ତୁ ଏହି ଶୋଭାଯାତ୍ରା ଅପ୍ରତ୍ୟାଶିତ ଭାବେ ଏକ ଭିନ୍ନ ମୋଡ ନେଇଥିଲା। ଏହି ଶୋଭାଯାତ୍ରାରେ ବହୁ ସଂଖ୍ୟାରେ ବୟସ୍କ ବ୍ୟକ୍ତି, ପୂର୍ବତନ ପାକ ସୈନିକ ଓ ଆତଙ୍କୀ ସଂଗଠନ ଲସ୍କର-ଇ- ତୋଏବା(ଏଲ୍ଇଟି)ର ସଦସ୍ୟ ଯୋଗ ଦେଇଥିଲେ। କିନ୍ତୁ ତାହିର ପରିବାର ଏମାନଙ୍କୁ ବିରୋଧ କରିଥିଲେ। ଯେତେବେଳେ ଏଲ୍ଇଟିର ସ୍ଥାନୀୟ କମାଣ୍ଡର ରିଜୱାନ ହନିଫ୍ କେତେ ଜଣ ସଶସ୍ତ୍ର ଆତଙ୍କୀଙ୍କ ସହ ସେଠାରେ ପହଞ୍ଚିଲା, ସେତେବେଳେ ତାହିର ପରିବାର ସଦସ୍ୟ ସେମାନଙ୍କୁ ଦୃଢ଼ ବିରୋଧ କରିଥିଲେ। ଏପରିକି ତାହିରର ଜଣେ ପୁତୁରା ବନ୍ଧୁକ ଧରି ସେମାନଙ୍କୁ ଚାଲିଯିବାକୁ ଧମକ ଦେଇଥିଲେ। ଶୋଭାଯାତ୍ରାରେ ଠେଲାପେଲା ହେବା ସହ ଅଭାବନୀୟ ସ୍ଥିତି ସୃଷ୍ଟି ହୋଇଥିଲା। ଶେଷରେ ହନିଫ୍ ଓ ତା'ର ସହଯୋଗୀ ସେଠାରୁ ଚାଲିଯିବାକୁ ବାଧ ହୋଇଥିଲେ। ପୂର୍ବରୁ ମଧ୍ୟ ଅପରେସନ ସିନ୍ଦୂରରେ ମୃତାହତ ହୋଇଥିବା ଆତଙ୍କୀଙ୍କ ଅନ୍ତ୍ୟେଷ୍ଟି କ୍ରିୟାରେ ପାକିସ୍ତାନ ସେନା ଅଧିକାରୀ ମାନେ ଯୋଗ ଦେଇଥିଲେ। ଏଥିସହ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପାକିସ୍ତାନର ହାତ ଅଛି ବୋଲି ପୁଣି ପ୍ରମାଣିତ ହୋଇଛି।

# ଟ୍ରମ୍ପଙ୍କ ପାଗଳାମି: ୬ ମାସରେ ବଦଳାଇଲେଣି ୩୪ ନିଷ୍ପତ୍ତି



ୱାଶିଂଟନ, ୩।୮ (ଏଜେନ୍ସି):

ଶପଥ ଗ୍ରହଣ ପରଠାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଆତଙ୍କ ସୃଷ୍ଟି କରିଛନ୍ତି। କେବେ ପ୍ରବାସୀଙ୍କୁ ନିଶାଣ କରୁଛନ୍ତି ତ ଆଉ କେବେ ଶୁଳ୍କ ଲଗାଇ ବିଶ୍ୱ ଅର୍ଥନୀତିକୁ ଅସ୍ଥିର କରିବାକୁ ପ୍ରୟାସ କରିଛନ୍ତି। ସେ ୧୯୪ ଦିନ ହେଲା କ୍ଷମତାସୀନ ହେଲେଣି। କିନ୍ତୁ ତାଙ୍କର ଏହି କାର୍ଯ୍ୟକାଳ ଅଶାନ୍ତିପୂର୍ଣ୍ଣ ଏବଂ ୟୁ-ଟର୍ଣ୍ଣ ଭରା ରହିଛି। ଶୁଳ୍କ ନୀତିକୁ ନେଇ ସର୍ବାଧିକ ଅସ୍ଥିରତା ଦେଖା ଦେଇଛି। ଏ ପର୍ଯ୍ୟନ୍ତ ଟ୍ରମ୍ପ ଜବାବୀ ଶୁଳ୍କ ସମ୍ବନ୍ଧିତ ୨୮ ନିଷ୍ପତ୍ତିକୁ ବଦଳାଇ ଦେଇଛନ୍ତି। ତେଣୁ ଟ୍ରମ୍ପଙ୍କୁ ଏବେ ପଲ୍‌ଟୁରାମ କୁହାଗଲାଣି। ସେ ଶୁଳ୍କ ପାଇଁ ଯେତିକି ଚର୍ଚ୍ଚାରେ ଅଛନ୍ତି ତାଠୁ ଅଧିକ ଚର୍ଚ୍ଚା ନିଜ ନିଷ୍ପତ୍ତିକୁ ବଦଳାଇବାକୁ ନେଇ ହେଉଛି।

ଏପର୍ଯ୍ୟନ୍ତ ରେକର୍ଡ ୧୭୮ଟି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ଟ୍ରମ୍ପ ସ୍ୱାକ୍ଷର କରିଛନ୍ତି। ଅର୍ଥାତ୍ ପ୍ରତିଦିନ ପ୍ରାୟ ଗୋଟିଏ ନୂଆ ନିର୍ଦ୍ଦେଶ ଜାରି କରିଛନ୍ତି। ତେବେ ଏଥିମଧ୍ୟରୁ ୩୪ଟି ନିଷ୍ପତ୍ତିକୁ ଟ୍ରମ୍ପ ପ୍ରତ୍ୟାହାର କରି ନେଇଛନ୍ତି। ଉଦାହରଣ ସ୍ୱରୂପ ଗବେଷଣା ପାଣ୍ଠି ବନ୍ଦ କରିବାର ନିର୍ଦ୍ଦେଶକୁ ଆମେରିକା ରାଷ୍ଟ୍ରପତି ମାତ୍ର ୩ ଦିନ ମଧ୍ୟରେ ପ୍ରତ୍ୟାହାର କରି ନେଇଥିଲେ। ଗ୍ୟାସ ଏବଂ ଶକ୍ତି କ୍ଷେତ୍ରରେ ଦିଆଯାଉଥିବା ରିହାତି ପ୍ରତ୍ୟାହାର କରିବାକୁ ମଧ୍ୟ ସେ ଘୋଷଣା କରିଥିଲେ। ତେବେ ଦୁଇ ସପ୍ତାହ ପରେ ଏଥିରୁ ଟ୍ରମ୍ପ ୟୁ-ଟର୍ଣ୍ଣ ନେଇଥିଲେ। ବେଆଇନ ପ୍ରବାସୀ, ଶୁଳ୍କ ଏବଂ ଏଲଜିବିଟିକ୍ୟୁ ଅଧିକାର ପର୍ଯ୍ୟନ୍ତ ଟ୍ରମ୍ପ ଅନେକ ଥର ନିଜ ନିର୍ଦ୍ଦେଶକୁ ପ୍ରତ୍ୟାହାର କରି ନେଇଛନ୍ତି। ଟ୍ରମ୍ପଙ୍କ ୟୁ-ଟର୍ଣ୍ଣର ଗୁରୁତର ପ୍ରଭାବ ଶିଳ୍ପ ଉପରେ ପଡିଛି। ଉଦ୍ୟୋଗ ଜଗତ ସବୁଠାରୁ ଅଧିକ ଦ୍ୱନ୍ଦ୍ୱରେ ରହିଛି।

**ଶୁଳ୍କ ଘୋଷଣା କରି ୨୮ ଥର ଦେଲେଣି ପଛଘୁଞ୍ଚା**

**ନିଷ୍ପତ୍ତି ନିଅନ୍ତି; କିନ୍ତୁ ଅଟଳ ରୁହନ୍ତି ନାହିଁ**

ଆମେରିକା ରାଷ୍ଟ୍ରପତି ନିଜ ନିଷ୍ପତ୍ତିକୁ ନିଜେ ପ୍ରତ୍ୟାହାର କରିବା ପଛରେ ଆଇନଗତ ମାମଲା ରହିଛି। ପ୍ରଶାସନର ନିଷ୍ପତ୍ତିକୁ ବିରୋଧ କରି କୋର୍ଟରେ ମାମଲାର ବନ୍ୟା ଆସିଛି। ଆମେରିକାର ସଂଘୀୟ ଅଦାଲତ ଉପରେ ଅଚାନକ ନିଷ୍ପତ୍ତି ଏବଂ ଏହାକୁ ପଲଟାଇବା ଓ ଆଇନଗତ ବିରୋଧର ଚାପ ବଢ଼ିବାରେ ଲାଗିଛି। ବିଶେଷଜ୍ଞଙ୍କ ଅନୁଯାୟୀ 'ମେକ୍ ଆମେରିକା ଗ୍ରେଟ୍ ଏଗେନ୍' ନାମରେ ନେଇଥିବା ନିଷ୍ପତ୍ତି ଉପରେ ୟୁ-ଟର୍ଣ୍ଣ ନେଇ ଟ୍ରମ୍ପ ପ୍ରଶାସନ ଏବଂ ଜନସାଧାରଣଙ୍କୁ ଦ୍ୱନ୍ଦ୍ୱରେ ପକାଇଛନ୍ତି।

ବିନା ଭାବିଚିନ୍ତି ଟ୍ରମ୍ପ ନେଇଥିବା ନିଷ୍ପତ୍ତି ଉପରେ କୋର୍ଟ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏ ପର୍ଯ୍ୟନ୍ତ ଟ୍ରମ୍ପ ପ୍ରଶାସନର ନିର୍ଦ୍ଦେଶ ବିରୋଧରେ ଦାଏର ଆବେଦନଗୁଡିକରୁ ୨୦୦ରୁ ଅଧିକ ମାମଲାରେ କୋର୍ଟ ସ୍ଥଗିତାଦେଶ ଲଗାଇ ସାରିଲେଣି। ଏଗୁଡିକ ମଧ୍ୟରୁ ଅଧିକାଂଶ କ୍ଷେତ୍ରରେ ସଂଘୀୟ ଅଦାଲତ ତୁରନ୍ତ ହସ୍ତକ୍ଷେପ କରିଥିଲେ। ଅସାମ୍ବିଧାନିକ କିମ୍ବା ତରବରିଆ ଭାବେ ପ୍ରଶାସନ ଏହି ସବୁ ନିଷ୍ପତ୍ତି ନେଇଥିଲା ବୋଲି କହିଥିଲେ। ଉଦାହରଣ ସ୍ୱରୂପ ଜନ୍ମଗତ ନାଗରିକତା ଶେଷ କରିବା ନିଷ୍ପତ୍ତି ଉପରେ ଅନେକ କୋର୍ଟ ତୁରନ୍ତ ସ୍ଥଗିତାଦେଶ ଲଗାଇ ଥିଲେ। ଏହା ୧୪ତମ ସମ୍ବିଧାନ ସଂଶୋଧନର ବିରୋଧୀ ବୋଲି କହିଥିଲେ। ଜଣେ ବିଚାରପତି ସମାନତା-ସମ୍ବନ୍ଧୀୟ ଚୁକ୍ତିନାମା ବାତିଲକୁ ରୋକି ଦେଇଥିଲେ। ଆଉ ଜଣେ ବିଚାରପତି ଇକ୍ୱିଟି ସମ୍ବନ୍ଧିତ ଠିକା ରଦ୍ଦ ଉପରେ କଟକଣା ଲଗାଇ ଦେଇଥିଲେ। ଟ୍ରମ୍ପଙ୍କ ଦ୍ୱାରା ନିଯୁକ୍ତ ବିଚାରପତିମାନେ ମଧ୍ୟ ଅନେକ ମାମଲା ଉପରେ ରୋକ୍ ଲଗାଇଛନ୍ତି। ଏ ପର୍ଯ୍ୟନ୍ତ ଟ୍ରମ୍ପ ପ୍ରଶାସନ ବିରୋଧରେ ୩୨୯ ମାମଲା ରୁଜୁ ହେଲାଣି। ଏହି ଆବେଦନକାରୀଙ୍କ ମଧ୍ୟରେ ରାଜ୍ୟ ସରକାର, ବିଶ୍ୱବିଦ୍ୟାଳୟ ଏବଂ ସାଧାରଣ ନାଗରିକ ସାମିଲ ଅଛନ୍ତି।

କାନାଡ଼ା ଏବଂ ଚୀନ୍ ଭଳି ବ୍ୟାବସାୟିକ ସହଯୋଗୀଙ୍କ ଉପରେ ଶୁଳ୍କ ଘୋଷଣା କରିବା ପରେ ବଜାରରେ ଅସ୍ଥିରତା ଏବଂ କୂଟନୈତିକ ଚାପ ଯୋଗୁଁ ଟ୍ରମ୍ପ ଅନେକ ଥର ପଛଘୁଞ୍ଚା ଦେଇଛନ୍ତି। ଶୁଳ୍କ କାର୍ଯ୍ୟକାରୀ କରିବାର କଣ୍ଟରୁ ଟ୍ରମ୍ପ ତିନି ଥର ଓହରି ଯାଇଛନ୍ତି। ଏହାକୁ ଲାଗୁ କରିବା ପାଇଁ ପ୍ରଥମେ ଜୁଲାଇ ୯, ପରେ ଅଗଷ୍ଟ ୧ ଏବଂ ଏବେ ଅଗଷ୍ଟ ୭ ତାରିଖ ଧାର୍ଯ୍ୟ କରିଛନ୍ତି। ଟ୍ରମ୍ପ ୨୪ ଘଣ୍ଟା ମଧ୍ୟରେ ଗାଜା ଯୁଦ୍ଧ ବନ୍ଦ କରିଦେବେ ବୋଲି କହିଥିଲେ। କିନ୍ତୁ ୬ ମାସ ବିତି ଯାଇଥିଲେ ବି ଏହାକୁ ରୋକି ପାରି ନାହାନ୍ତି। ସେ ରୁଷ-ୟୁକ୍ରେନ ଯୁଦ୍ଧ ବନ୍ଦ କରିଦେବେ ବୋଲି ମଧ୍ୟ ଦାବି କରିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ କରିପାରି ନାହାନ୍ତି। ଟ୍ରମ୍ପ ଜୁଲାଇ ୯ରେ ୟୁକ୍ରେନକୁ ସାମରିକ ସହାୟତା ରୋକି ଦେଇଥିଲେ, ମାତ୍ର ପରେ ୧୦ ପାଟ୍ରିୟଟ ମିସାଇଲ ଏବଂ ଅନ୍ୟ ସାମରିକ ସହାୟତା ପଠାଇବାକୁ କହିଥିଲେ। ସେ ଜାନୁଆରୀ ୨୨ରେ ବେଆଇନ ପ୍ରବାସୀଙ୍କୁ ପ୍ରତ୍ୟର୍ପଣ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କୋର୍ଟଙ୍କ ଭୟରେ ନିର୍ଦ୍ଦେଶ ରଦ୍ଦ କରି ଦେଇଥିଲେ। ପରେ ନୂଆ ନିର୍ଦ୍ଦେଶ ଜାରି କରିଥିଲେ।

## ସ୍ପାଇସ୍‌ଜେଟ୍ କର୍ମଚାରୀଙ୍କୁ ପିଟିଲେ ସେନା ଅଧିକାରୀ

ଶ୍ରୀନଗର,୩।୮(ଏଜେନ୍ସି): ଜମ୍ମୁ- କଶ୍ମୀର ବିମାନବନ୍ଦରରେ ଅତିରିକ୍ତ ଲଗେଜକୁ ନେଇ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ସେନା ଅଧିକାରୀ ସ୍ପାଇସ୍‌ଜେଟ୍‌ର ୪ ଜଣ କର୍ମଚାରୀଙ୍କୁ ଗୋଡାଇ ଗୋଡାଇ ପିଟିଛନ୍ତି। ଜଣଙ୍କର ମେରୁଦଣ୍ଡ ହାଡ ଭାଙ୍ଗିଯାଇଥିବା ବେଳେ ଜଣଙ୍କର ମୁହଁରେ ମାଡ ହୋଇଛି। ଆଉଜଣଙ୍କର



ନାକରୁ ରକ୍ତ ବାହାରିଥିବା ବେଳେ ଆଉ ଜଣେ କର୍ମଚାରୀ ବେହୋସ ହୋଇଯାଇଥିଲେ। ଜୁଲାଇ ୨୬ରେ ଏହି ଘଟଣା ଘଟିଥିବା ବେଳେ ଏବେ ଏହା ସାମ୍ନାକୁ ଆସିଛି। ଅଭିଯୁକ୍ତ ସେନା ଅଧିକାରୀ ରିତେଶ କୁମାର ସିଂଙ୍କୁ ଏୟାରଲାଇନ୍ସ ନୋ ଫ୍ଲାଇଂ ଲିଷ୍ଟରେ ସାମିଲ କରିଛି। ଶ୍ରୀନଗରରୁ ଏସ୍‌ଜି-୩୮୬ ଦିଲ୍ଲୀ ଯିବା ବେଳେ ଏହି ଘଟଣା ଘଟିଥିଲା। ଅଧିକାରୀଜଣକ ଦୁଇଟି କ୍ୟାବିନ ବ୍ୟାଗେଜ ନେଇ ଯାଉଥିଲେ ଓ ଏହାର ଓଜର ୧୬ କେଜି ଥିଲା। ଏହା ୭ କେଜି ସୀମାର ଦୁଇଗୁଣ ଥିଲା। ଅଧିକ ଓଜନ ହେଉଥିବାରୁ ଅଧିକ ପେମେଣ୍ଟ ଦେବାକୁ ହେବ ବୋଲି କର୍ମଚାରୀ କହିଥିଲେ। କିନ୍ତୁ ଅଧିକାରୀ ଅଧିକ ପଇସା ଦେବାକୁ ମନା କରିଦେଇଥିଲେ। ଏହାପରେ ସେ ଜବରଦସ୍ତି ଏୟାରବ୍ରିଜ୍‌କୁ ଯାଇଥିଲେ। ଏହା ନିୟମର ଉଲ୍ଲଂଘନ ଥିଲା। କର୍ମଚାରୀ ତାଙ୍କୁ ରୋକିବାକୁ ଚେଷ୍ଟା କରୁଥିବା ବେଳେ ଅଧିକାରୀଜଣକ ତାଙ୍କୁ ଲାଇନ୍‌ରେ ରଖାଯାଇଥିବା ଷ୍ଟାଣ୍ଡରେ ପିଟିବାକୁ ଆରମ୍ଭ କରିଥିଲେ। ସେ ଗୋଇଠା, ବିଧା ଚାପୁଡା ମାରିଚାଲିଥିଲେ।

## ନିର୍ବାଚନ କମିସନଙ୍କୁ ନେଇ ସନ୍ଦେହରେ ଜନତା: ଗୋଗୋଇ

ନୂଆଦିଲ୍ଲୀ, ୩।୮ (ଏଜେନ୍ସି): ଲୋକସଭା ଉପନେତା ତଥା କଂଗ୍ରେସ ସାଂସଦ ଗୌରବ ଗୋଗୋଇ ନିର୍ବାଚନ କମିଶନ (ଇସି)ଙ୍କ ନିରପେକ୍ଷତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ ସଂସଦରେ ଭୋଟର ତାଲିକା ସଂଶୋଧନକୁ ନେଇ ଚର୍ଚ୍ଚା ହେଉ ବୋଲି ବିରୋଧୀ ଚାହୁଁଛନ୍ତି। ମାତ୍ର ସରକାର ଏହାକୁ ଟାଳି ଚାଲିଛନ୍ତି। ଆଜି ଜନତାଙ୍କ ମନରେ ଇସିଙ୍କ ନିରପେକ୍ଷତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହା ଉପରେ ଚର୍ଚ୍ଚା କରିବାକୁ ସରକାର କାହିଁକି ଚାହୁଁ ନାହାନ୍ତି? ଗତ ବିଧାନସଭା ଏବଂ ଲୋକସଭା ନିର୍ବାଚନରେ କରାଯାଇଥିବା ଜାଲିଆତିକୁ ଲୁଚାଇବାକୁ ଉଦ୍ୟମ କରାଯାଉଛି କି ବୋଲି ଗୋଗୋଇ ପଚାରିଛନ୍ତି। ଏହାକୁ ନେଇ କୌଣସି ବିଭାଗ ଅଧିନରେ ଇସି ଆସୁନାହାନ୍ତି, ତେଣୁ ଚର୍ଚ୍ଚା ହେବ ନାହିଁ ବୋଲି ସରକାର କହୁଥିବା ଗଣମାଧ୍ୟମ ପ୍ରତିନିଧି ଉଲ୍ଲେଖ କରିଥିଲେ। ଏହାର ଜବାବରେ ଗୋଗୋଇ କହିଥିଲେ ଯେ ଏଭଳି ଟିପ୍ପଣୀ ଆଧାରହୀନ। ପ୍ରଧାନମନ୍ତ୍ରୀ ଏବଂ ସରକାର ମୁଖ୍ୟ ନିର୍ବାଚନ କମିଶନରଙ୍କୁ ନିଯୁକ୍ତି କରୁଛନ୍ତି। ଏଭଳି ସ୍ଥିତିରେ ସେ ଦାୟୀ ରହିବା ଉଚିତ।

## ଦିଲ୍ଲୀ ରାଜନୀତି ସରଗରମ

ନୂଆଦିଲ୍ଲୀ, ୩।୮(ଏଜେନ୍ସି): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ପୃଥକ ପୃଥକ ସାକ୍ଷାତ କରିବା ଘଟଣା ଦିଲ୍ଲୀ ରାଜନୀତିକୁ ସରଗରମ କରିଦେଇଛି। ସେମାନଙ୍କର ଅଚାନକ ଏଭଳି ସାକ୍ଷାତ ଘଟଣା

**ରାଷ୍ଟ୍ରପତିଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ**

**କିଛି ସମୟ ପରେ ସାକ୍ଷାତ କଲେ ସ୍ୱରାଷ୍ଟ୍ରମନ୍ତ୍ରୀ**

ସଂପର୍କରେ ସରକାରୀ ଭାବେ କିଛି କୁହାଯାଇ ନଥିଲେ ମଧ୍ୟ ରାଜନୈତିକ ମହଲରେ ଏହାର କାରଣକୁ ନେଇ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

ପ୍ରଧାନମନ୍ତ୍ରୀ ମୋଦୀ ଆଜି ପ୍ରଥମେ ରାଷ୍ଟ୍ରପତିଭବନ ଯାଇ ଶ୍ରୀମତୀ ମୁର୍ମୁଙ୍କୁ ସାକ୍ଷାତ କରିଥିଲେ। ସେମାନଙ୍କ ମଧ୍ୟରେ ୪୦ ମିନିଟ ଧରି ଆଲୋଚନା ହୋଇଥିଲା। ଏହାର କିଛି ସମୟ ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ମଧ୍ୟ ରାଷ୍ଟ୍ରପତି ଭବନ ଯାଇ ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ବିହାରରେ ନିର୍ବାଚନ କମିସନଙ୍କ ପକ୍ଷରୁ ଚାଲିଥିବା ବିବାଦୀୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଏବଂ ଏହାକୁ ନେଇ ସଂସଦ ଅଚଳ ରହିଛି। ପୁଣି ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଧାର୍ଯ୍ୟ କରିଛନ୍ତି ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ। ଏହାକୁ ନେଇ



ସେମାନଙ୍କ ମଧ୍ୟରେ ବିଚାର ଆଲୋଚନା ହୋଇଥିବାର କୁହାଯାଉଛି। ଦିଲ୍ଲୀ ରାଜନୈତିକ ମହଲରେ ଚାଲିଥିବା ଚର୍ଚ୍ଚା ଅନୁଯାୟୀ ଧନଖଡ଼ଙ୍କ ଇସ୍ତଫା ପରେ ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି ନିର୍ବାଚନ କମିସନ। ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ନେଇ ସେମାନଙ୍କ ମଧ୍ୟରେ ଆଲୋଚନା ହୋଇଥାଇପାରେ। ପୁଣି କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସମ୍ଭାବ୍ୟ ଅଦଳବଦଳ ଚର୍ଚ୍ଚା ମଧ୍ୟ ଜୋର ଧରିଛି। ଏସଂପର୍କରେ ମଧ୍ୟ ସେମାନଙ୍କ ମଧ୍ୟରେ ଆଲୋଚନା ହୋଇଥାଇପାରେ। ଆଗାମୀ କିଛି ଦିନ ମଧ୍ୟରେ କିଛି ଗୋଟିଏ ବଡ଼ ଧରଣର ରାଜନୈତିକ ପରିବର୍ତ୍ତନ ହୋଇପାରେ ବୋଲି କୁହାଯାଉଛି।

# ତେଜସ୍ୱୀଙ୍କୁ ନିର୍ବାଚନ କମିସନଙ୍କ ନୋଟିସ

**ଭୋଟର ଆଇଡିର ୨ଟି ଏପିକ୍ ନମ୍ବର କେମିତି ପାଇଲେ ?**

ପାଟନା, ୩।୮ (ଏଜେନ୍ସି):

ବିଧାନସଭା ନିର୍ବାଚନ ପୂର୍ବରୁ ବିହାର ରାଜନୀତି ସରଗରମ ହୋଇଉଠିଛି। ଭୋଟର ତାଲିକା ଯାଞ୍ଚ ତଥା ଏସଆଇଆର ପ୍ରକ୍ରିୟାକୁ ନେଇ ତୁମ୍ବିତୋଫାନ ଚାଲିଥିବାବେଳେ ନିର୍ବାଚନ କମିଶନ ନୂଆ ଚିଠା ତାଲିକା ଜାରି କରିଛନ୍ତି। ଏଥିରୁ ତ୍ରୁଟି ଖୋଜିବାକୁ ନେଇ ବିରୋଧୀ ଦଳଗୁଡିକ ଲାଇନ ଲଗାଇ ଥିବାବେଳେ ଆରଜେଡି ନେତା ତେଜସ୍ୱୀ ଯାଦବଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ସେ ନୂଆ ଭୋଟର ତାଲିକାରେ ନିଜ ଏବଂ ପତ୍ନୀଙ୍କ ନାମ ନ ଥିବା ଦାବି କରିଥିଲେ। ଏହାର ପ୍ରମାଣ ସ୍ୱରୂପ ମୋବାଇଲ ବି ଦେଖାଇ ଥିଲେ। ମାତ୍ର ପରେ ନିର୍ବାଚନ କମିଶନ ପ୍ରମାଣ ସହ ଏହି ଅଭିଯୋଗକୁ ଖଣ୍ଡନ କରିଦେଇଥିଲେ। ଏବେ ମିଥ୍ୟା ଅଭିଯୋଗକୁ ନେଇ ଇସି ତେଜସ୍ୱୀଙ୍କୁ ନୋଟିସ ପଠାଇଛନ୍ତି। ତାଙ୍କ ପାଖରେ ଥିବା ଭୋଟର ଆଇଡି କାର୍ଡର ଦୁଇଟି ଏପିକ ନମ୍ବର କେଉଁଠୁ ଆସିଲା ବୋଲି ପଚାରିଛନ୍ତି। ବିହାର ଦୀଘା ବିଧାନସଭା ନିର୍ବାଚନ ପରିଚାଳନା ଅଧିକାରୀ ପଠାଇ ଥିବା ଏହି ନୋଟିସରେ କୁହାଯାଇଛି ଯେ ତେଜସ୍ୱୀ ଆରଏବି୨୯୧୬୧୨୦ ନମ୍ବର ବିଶିଷ୍ଟ ଏପିକ ନମ୍ବର ଦେଖାଇ ଥିଲେ। କିନ୍ତୁ ଏଭଳି ନମ୍ବର କୌଣସି ଭୋଟର କାର୍ଡ ପାଇଁ ଜାରି ହୋଇନି। ଏହା କେଉଁଠୁ ପାଇଲେ। ଏହି ଏପିକ କାର୍ଡର ବିବରଣୀ ଏବଂ ନିଜ କାର୍ଡକୁ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରିବା ପାଇଁ ତେଜସ୍ୱୀଙ୍କୁ କୁହାଯାଇଛି। ଏହି ମାମଲାର ଗହନ ଯାଞ୍ଚର ଆବଶ୍ୟକତା ରହିଥିବା ନୋଟିସରେ ଉଲ୍ଲେଖ କରାଯାଇଛି। ସେହିପରି ବୁଥ୍ ନମ୍ବର ୨୦୪ର ୪୧୬ ନମ୍ବର କ୍ରମାଙ୍କରେ ତେଜସ୍ୱୀଙ୍କ ଭୋଟର କାର୍ଡ ରହିଥିବା କୁହାଯାଇଛି।

ଏହି ମାମଲାକୁ ନେଇ କ୍ଷମତାସୀନ ଏନ୍‌ଡିଏ ନେତାମାନେ ତେଜସ୍ୱୀଙ୍କୁ ସମାଲୋଚନା କରିଛନ୍ତି। ତାଙ୍କ ବିରୋଧରେ ଏତଲା ରୁଜୁ କରିବାକୁ ଦାବି କରିଛନ୍ତି। ତେଜସ୍ୱୀ ଶନିବାର ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ ମୃତ୍ୟୁ ଏବଂ ଅନ୍ୟତ୍ର ପଳାଇ ଥିବା ଯୋଗୁଁ ୬୫ ଲକ୍ଷ ଭୋଟରଙ୍କୁ ବାଦ୍ ଦିଆଯାଇଥିବା ଇସି ସୂଚନା ଦେଇଛନ୍ତି। କିନ୍ତୁ ସେମାନଙ୍କ ତାଲିକା, ଠିକଣା, ବୁଥ୍ କିମ୍ବା ଏପିକ



ନମ୍ବର ଜାରି କରାଯାଇ ନାହିଁ। ଏଥିଯୋଗୁଁ କାହାକୁ ବାଦ୍ ଦିଆଯାଇଛି ତାହା ଜଣାପଡୁନାହିଁ। ତେଜସ୍ୱୀ କ୍ୟାମେରା ସାମ୍ନାରେ ନିଜ ଏପିକ ନମ୍ବର ଯାଞ୍ଚ କରିଥିଲେ। କିନ୍ତୁ କମିଶନଙ୍କ ଅନଲାଇନ ପୋର୍ଟାଲରେ ତାଙ୍କର କୌଣସି ତଥ୍ୟ ନ ଥିବା କହିଥିଲେ।

**ଇରାନର ଦୁଇ ହଜାର ମୌଲବୀଙ୍କ ଦାବି**

## ଟ୍ରମ୍ପଙ୍କୁ ହତ୍ୟା କରାଯାଉ

ତେହରାନ, ୩।୮ (ଏଜେନ୍ସି): ଇରାନର ଦୁଇ ହଜାରରୁ ଅଧିକ ମୌଲବୀଙ୍କ ଦାବିକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏମାନେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ହତ୍ୟା କରାଯାଉ ବୋଲି କହିଛନ୍ତି। ଟ୍ରମ୍ପଙ୍କ ରକ୍ତ ହଲାଲ ହୋଇ ସାରିଛି। ଅର୍ଥାତ୍ ତାଙ୍କୁ ହତ୍ୟା କଲେ କୌଣସି ଦୋଷ ଲାଗିବ ନାହିଁ। ଜେନେରାଲ କାସିମ ସୁଲେମାନିଙ୍କ ହତ୍ୟାର ପ୍ରତିଶୋଧ ନେବା ପ୍ରତ୍ୟେକ ମୁସଲମାନଙ୍କ ଦାୟିତ୍ୱ। ଇରାନର ସବୁଠୁ ବଡ଼ ଧାର୍ମିକ ଶିକ୍ଷାକେନ୍ଦ୍ର କୁମ ସେମିନାର ପକ୍ଷରୁ ଗତ ଶୁକ୍ରବାର ଜାରି ବୟାନରେ ଏଭଳି ଟିପ୍ପଣୀ ଦିଆଯାଇଥିଲା। ଏଥିରେ କୁହାଯାଇଥିଲା ଯେ ଏବେ ଧୈର୍ଯ୍ୟ ଧରିବାର ସମୟ ଚାଲିଗଲାଣି। ଟ୍ରମ୍ପଙ୍କ ରକ୍ତ ଏବ ସମ୍ପତ୍ତି ହଲାଲ ହୋଇସାରିଛି। ସୁଲେମାନୀଙ୍କ ରକ୍ତରେ ରଙ୍ଗାୟିତ ଏହି ଅପରାଧୀ ଆଉ ବଞ୍ଚିବ ନାହିଁ। ବିଶ୍ୱ ଚୁପ୍ ହୋଇ ବସିଯିବ ନାହିଁ। ନିଶ୍ଚିତ ପ୍ରତିଶୋଧ ନିଆଯିବ। ସୂଚନାଯୋଗ୍ୟ ଯେ କାସିମ ସୁଲେମାନି ଇରାନର କ୍ଷମତାଶାଳୀ ସୈନ୍ୟ ଅଧିକାରୀ ଥିଲେ।

**ବଳଙ୍ଗା ପୀଡ଼ିତା ମୃତ୍ୟୁ**

## ଅଭିଯୁକ୍ତଙ୍କୁ ଖସାଇବା ପାଇଁ ପୁଲିସର ସୁଇସାଇଡ୍ ଥିଓରୀ: ବିଜେଡି

ଭୁବନେଶ୍ୱର,୩।୮ (ସମିସ): ରାଜ୍ୟ ସରକାର ଅପରାଧୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଯେଉଁଥିପାଇଁ ଓଡ଼ିଶା ଆଜି ଅପରାଧୀମାନଙ୍କ ଚରାଭୂଇଁ ପାଲଟିଛି। ରାଜ୍ୟରେ ଦୁଷ୍କର୍ମ, ଅସଦାଚରଣ, ହତ୍ୟା ନିତିଦିନିଆ ଘଟଣାରେ ପରିଣତ ହୋଇଥିବା ବେଳେ ଝିଅମାନଙ୍କୁ ଜାଳିଦେଇ ହତ୍ୟା କରିବା ଏକ ନୂଆ ଅପରାଧ ସୃଷ୍ଟି ହୋଇଛି ବୋଲି କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛି ବିଜେଡି। ଏପରିକି ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ଘଟଣାରେ ଅଭିଯୁକ୍ତଙ୍କୁ ଖସାଇ ଦେବା ପାଇଁ ପୁଲିସ ସୁଇସାଇଡ୍ ଥିଓରୀ ଆପଣାଇଛି ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି।

ରବିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକ, ଟୁକୁନି ସାହୁ ଓ ଡ. ଲେଖାଶ୍ରୀ ସାମନ୍ତସିଂହାର ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଥିଲେ। ଶ୍ରୀମତୀ ମଲ୍ଲିକ କହିଥିଲେ ଯେ ବଳଙ୍ଗା ଘଟଣାକୁ ଦୁଇ ସପ୍ତାହ ବିତିଯିବା ପରେ ମଧ୍ୟ ଏଥିରେ ସମ୍ପୃକ୍ତ ଅପରାଧୀମାନେ ଧରା ନ ପଡିବା ପୁଲିସ ପ୍ରଶାସନ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିର୍ବାଚନମଣ୍ଡଳୀ ଅଧୀନରେ ବଳଙ୍ଗା ଆସୁଥିବାରୁ ଏହି ମାମଲାରେ ତାଙ୍କର କିଛି ଘନିଷ୍ଠ ସହଯୋଗୀ ତଥା ବିଜେପି କର୍ମୀଙ୍କ ସମ୍ପୃକ୍ତି ରହିଛି ବୋଲି ଜନସାଧାରଣରେ ସନ୍ଦେହ ପ୍ରକାଶ ପାଉଛି। ଅପରାଧୀମାନଙ୍କୁ ଘଣ୍ଟ ଘୋଡ଼ାଇବାକୁ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଆଶ୍ଚର୍ଯ୍ୟଜନକ ଭାବେ ପୀଡ଼ିତାଙ୍କ ମୃତ୍ୟୁ ପରେ ପୁଲିସ ଏଥିରେ ଅନ୍ୟ କାହାର ସମ୍ପୃକ୍ତି ନାହିଁ ବୋଲି ମନ୍ତବ୍ୟ ରଖିବା ଘଟଣାକୁ



ଅଧିକ ସନ୍ଦେହ ଘେରକୁ ନେଇଛି। ଏହାଛଡା ପୂର୍ବରୁ ଘଟିଯାଇଥିବା ଏଫଏମ୍ କଲେଜ ଛାତ୍ରୀ ଆତ୍ମଦାହ ଘଟଣା ଓ ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀକୁ ଗଣଦୁଷ୍କର୍ମ ଘଟଣା ଓଡ଼ିଶା ପାଇଁ ଦେଶ ବିଦେଶରେ ଲଜ୍ଜ୍ୟା ଓ ନିନ୍ଦା ଆଣିଛି। ରାଜ୍ୟରେ, ଛାତ୍ରୀ, ନାରୀ ଅସୁରକ୍ଷିତ ହୋଇ ପଡିଛନ୍ତି, କିନ୍ତୁ ରାଜ୍ୟ ସରକାର ନିଦାବିଷ୍ଟ ସାଜି ବସି ରହିଛନ୍ତି।

ବରିଷ୍ଠ ନେତ୍ରୀ ଟୁକୁନି ସାହୁ କହିଥିଲେ ଯେ ନିକଟରେ ରାଜ୍ୟରେ ଦୁଇ ଦୁଇଟି ସମ୍ବେଦନଶୀଳ ଘଟଣା ଘଟିଗଲା। ସରକାର ପୀଡ଼ିତାଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ତାଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ଦେଇ ତାଙ୍କ ଉପରେ ଚାପ ପକେଇ ପରିବାରର ମୁହଁ ବନ୍ଦ କରୁଛନ୍ତି ଓ ତାଙ୍କ ଠାରୁ ରାଜନୀତି କରା ନ ଯାଉ ବୋଲି ମନ୍ତବ୍ୟ ଦିଆଉଛନ୍ତି। ଏହାକୁ ଆମେ ଦୃଢ଼ ନିନ୍ଦା କରୁଛୁ। ପୀଡ଼ିତାକୁ ନ୍ୟାୟ ଦେବା ପାଇଁ ଓ ରାଜ୍ୟର ନାରୀମାନଙ୍କୁ ସୁରକ୍ଷିତ ରଖିବା ପାଇଁ ବିଜୁ ଜନତା ଦଳ ଲଢେଇ ଜାରି ରଖିବ ବୋଲି ଶ୍ରୀମତୀ ସାହୁ କହିଥିଲେ। ଡ. ସାମନ୍ତସିଂହାର କହିଥିଲେ ଯେ ରାଜ୍ୟରେ ଗୋଟିଏ ମାସ ଭିତରେ ଘଟିଥିବା ଦୁଇ ଦୁଇଟି ଘଟଣାକୁ ଆତ୍ମହତ୍ୟା କୁହାଯାଉଥିଲେ ମଧ୍ୟ ବାସ୍ତବରେ ଏହା ହତ୍ୟା। ଯେଉଁଭଳି ଦୁର୍ଭାଗ୍ୟପୂର୍ଣ୍ଣ ଭାବେ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି, ସରକାରୀ ବ୍ୟବସ୍ଥା ଓ ପୁଲିସ ପ୍ରଶାସନର ଭୂମିକା ନିଶ୍ଚିତ ଭାବେ ସନ୍ଦେହ ଘେରରେ ରହିଛି। ରାଜ୍ୟ ବିଜେପି ସରକାର ଏକ ନାରୀହନ୍ତା ସରକାରରେ ପରିଣତ ହୋଇଛି। ଏଫଏମ କଲେଜ ଘଟଣାରେ ଯେଉଁ ପୁଲିସ ଅଧିକାରୀମାନେ କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ, ସେମାନେ ଏବେବି ନିଜ ସ୍ଥାନରେ ସୁରକ୍ଷିତ ଅଛନ୍ତି। ସେହିପରି ସ୍ଥାନୀୟ ବିଧାୟକ ଓ ସାଂସଦଙ୍କ ଭୂମିକା ସନ୍ଦେହ ଘେରରେ ରହିଥିଲେ ମଧ୍ୟ ସେମାନଙ୍କୁ ତଦନ୍ତ ପରିସର ଭୁକ୍ତ କରାଗଲା ନାହିଁ। ବିଜେପି ନେତା ଓ କର୍ମୀମାନେ ସନ୍ଦିଗ୍ଧ ଅପରାଧୀ ଥିଲେ, ସେମାନଙ୍କୁ ସାତ ଖୁନ୍ ମାଫ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ। ରାଜ୍ୟ ବିଜେପି ସରକାର ଏହି ବାର୍ତ୍ତା ଦେଉଛି। ବଳଙ୍ଗା ଘଟଣାରେ, ପୀଡ଼ିତାଙ୍କ ମୃତ୍ୟୁ ପରେ ପୁଲିସ ଏଥିରେ ଅନ୍ୟ କାହାର ସମ୍ପୃକ୍ତି ନାହିଁ ବୋଲି ଏକ ନୂଆ ଥିଓରୀ ଆଣିଛି। ପୁଲିସର ଏହି ନୂଆ ଥିଓରୀ ସାଧାରଣ ଲୋକଙ୍କ ପାଖରେ ଗ୍ରହଣୀୟ ହୋଇପାରୁ ନାହିଁ। ଅପରାଧୀଙ୍କୁ ଘଣ୍ଟ ଘୋଡ଼ାଇବା ପାଇଁ ଓ ତାର ରାଜନୈତିକ ଆକାମାନଙ୍କୁ ସୁରକ୍ଷା ଦେବା ପାଇଁ ପୁଲିସ ଏଭଳି ଏକ ନୂଆ ଥିଓରୀ ଆଣିଥିବା ଜଳଜଳ ଦିଶୁଛି ବୋଲି ସେ ଅଭିଯୋଗ କରିଛନ୍ତି।

- ଘଟଣା ପରଠୁ ପୀଡ଼ିତାଙ୍କ ପରିବାରକୁ ଅଜ୍ଞାତବାସରେ ରଖିବା ରହସ୍ୟ କ'ଣ?
- ଘଟଣାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଘନିଷ୍ଠ ସହଯୋଗୀଙ୍କ ହାତ ରହିଛି
- ପୁଲିସ ତା'ର ରାଜନୈତିକ ଆକାମାନଙ୍କୁ ସୁରକ୍ଷା ଦେବା ପାଇଁ ନୂଆ ଥିଓରୀ ଆଣିଛି

## ଅପରାଧୀଙ୍କୁ କ୍ଲିନ୍‌ଚିଟ୍ ଦେବା ବିଜେପି ସରକାରକୁ ମହଙ୍ଗା ପଡ଼ିବ: ଅଳକା

ଭୁବନେଶ୍ୱର,୩।୮ (ସମିସ): ପୁରୀ ଜିଲ୍ଲା ବଳଙ୍ଗାର ୧୫ ବର୍ଷୀୟା ନାବାଳିକା ପୋଡ଼ି ଘଟଣାରେ ଅସଲ ଅପରାଧୀଙ୍କୁ ଧରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି ବୋଲି ଅଖିଳ ଭାରତ ମହିଳା କଂଗ୍ରେସ ସଭାନେତ୍ରୀ ଅଳକା ଲାମ୍ବା କହିଛନ୍ତି।



ରବିବାର ଦିଲ୍ଲୀସ୍ଥିତ ଏଆଇସିସି ମୁଖ୍ୟାଳୟରେ ଅଳକା ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଘଟଣାକୁ ନେଇ ଡବଲ ଇଂଜିନ ସରକାର ଉପରେ ବର୍ଷିବା ସହ କହିଛନ୍ତି ଯେ ତିନି ଜଣ ଦୁର୍ବୃତ୍ତ ନାବାଳିକାକୁ ଜିଅନ୍ତା ପୋଡ଼ିଦେଲେ। ପୁରୀରୁ ଭୁବନେଶ୍ୱର ଏମ୍ସ ଓ ପରେ ଦିଲ୍ଲୀ ଏମ୍ସରେ ତାଙ୍କର ଚିକିତ୍ସା ଚାଲିଥିଲା। କିନ୍ତୁ ଶନିବାର ରାତିରେ ଦିଲ୍ଲୀ ଏମ୍ସରେ ପୀଡ଼ତା ନାବାଳିକା ଶେଷ ନିଶ୍ୱାସ ତ୍ୟାଗ କରିଛି। ଜୁଲାଇ ୧୯ ତାରିଖ ଘଟଣା ଦିନରୁ ଆଜି ଯାଏ ଏହି ଘଟଣାରେ ଅଭିଯୁକ୍ତ ୩ ଜଣ କୁଆଡ଼େ ଗଲେ ବୋଲି କଂଗ୍ରେସ ଦଳ ପ୍ରଶ୍ନ କରି ଆସୁଥିଲେ ମଧ୍ୟ ବିଜେପି ସରକାର ଅପରାଧୀମାନଙ୍କୁ ଧରିବାରେ ବିଫଳ ହୋଇଥିବା ସେ କହିଛନ୍ତି।

ଅଳକା କହିଛନ୍ତି ଯେ ନାବାଳିକାକୁ ପୋଡ଼ିବାରେ କାହାର ହାତ ନାହିଁ, କେହି ଏଥିରେ ଅଭିଯୁକ୍ତ ନୁହନ୍ତି ବୋଲି ରାଜ୍ୟ ପୁଲିସ କହିବା ଆମ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବିଜେପି ସରକାର ଅପରାଧୀଙ୍କୁ ଧରିବାରେ ବିଫଳ ହୋଇଛି। ପରୋକ୍ଷରେ ଝିଅଟି ନିଜେ ନିଜକୁ ଜାଳିଦେଲା ବୋଲି କହୁଛନ୍ତି। ସେମିତି ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବି ସରକାରଙ୍କୁ ଗୁହାରି କରି, ନ୍ୟାୟ ମାଗି ମାଗି ଶେଷରେ ନିରାଶ ହେଇ ନିଜକୁ ନିଆଁ ଲଗାଇ ଜଳିଗଲା। ଆଉ ଆଜି ବଳଙ୍ଗା ପୀଡ଼ିତା ମଧ୍ୟ ହସ୍ପିଟାଲ ବେଡ୍‌ରେ ପଡ଼ି ନ୍ୟାୟ ମାଗି ମାଗି ମୃତ୍ୟୁବରଣ କଲା ବୋଲି ଶ୍ରୀମତୀ ଲାମ୍ବା କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ସେ ୨୩ ତାରିଖରେ ଦିଲ୍ଲୀ ଏମ୍ସରେ ପୀଡ଼ିତାଙ୍କୁ ଭେଟିବାକୁ ଚାହିଁଥିଲେ। କିନ୍ତୁ ତାଙ୍କୁ ପୁଲିସ ଘରେ ଅଟକ ରଖିଲା। ସେ ଓ ତାଙ୍କ ସହଯୋଗୀମାନେ ସଂସଦ ଘେରଉ କରିବାରୁ ପୁଲିସ ସେମାନଙ୍କୁ ୮ ଘଣ୍ଟା ଅଟକ ରଖି ସ୍ୱର ଚାପିଦେବାକୁ ଉଦ୍ୟମ କଲା। ଅଳକା ଅଭିଯୋଗ କରିଛନ୍ତି ଯେ ବିଜେପି ଶାସିତ ରାଜ୍ୟରେ ଆଜି ସମସ୍ତେ ଅସୁରକ୍ଷିତ। ବିଜେପି ସରକାର ଦୋଷୀଙ୍କୁ ସୁରକ୍ଷା ଦେଉଛନ୍ତି। ତେଣୁ ମହିଳାମାନଙ୍କୁ ନ୍ୟାୟ ଦେବା ପାଇଁ ବିଧାନସଭା ଆଗରେ ମହିଳା କଂଗ୍ରେସ "ନ୍ୟାୟ ମାର୍ଚ୍ଚ' କରିବ ବୋଲି ସେ କହିଛନ୍ତି। ପୀଡ଼ିତାଙ୍କୁ ନ୍ୟାୟ ଓ ଦୋଷୀଙ୍କୁ ଫାଶୀ ଦଣ୍ଡ ଦେବା ଯାଏଁ କଂଗ୍ରେସ ଲଢ଼େଇ କରିବ। ଓଡ଼ିଶାର ମୁଖ୍ୟମନ୍ତ୍ରୀ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ନାବାଳିକା ନିଜେ ନିଜକୁ ଜଳାଇ ଦେଲା ବୋଲି କହୁଛନ୍ତି। ମୁଖ୍ୟମନ୍ତ୍ରୀ ଏ କଥା କହି ତିନି ଅଭିଯୁକ୍ତଙ୍କୁ କ୍ଲିନ୍ ଚିଟ୍ ଦେଇ ଦେଲେ। ପୀଡ଼ିତା ପରିବାରଙ୍କୁ ସୁରକ୍ଷା ସହ ଉଚିତ୍ ସହାୟତା ପ୍ରଦାନ କରିବା ଉଚିତ। ବିଜେପି ସରକାର ଫାଷ୍ଟ ଟ୍ରାକ କୋର୍ଟ ବସାଇ ମାମଲାରେ ଦୋଷୀଙ୍କୁ ଯଥାଶୀଘ୍ର ଦଣ୍ଡ ଦିଅନ୍ତୁ ବୋଲି ଶ୍ରୀମତୀ ଲାମ୍ବା ଦାବି କରିଛନ୍ତି।

- ନ୍ୟାୟ ଦାବିରେ ବିଧାନସଭା ଆଗରେ ମହିଳା କଂଗ୍ରେସ କରିବ "ନ୍ୟାୟ ମାର୍ଚ୍ଚ'

**ରାଜନୈତିକ ଚକ୍ରାନ୍ତରେ ବଳି ପଡ଼ିଲେ ବଳଙ୍ଗା ପୀଡ଼ିତା**

## ନିରପେକ୍ଷ ତଦନ୍ତ ପାଇଁ ଉପମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କଲା କଂଗ୍ରେସ



ଭୁବନେଶ୍ୱର,୩।୮ (ସମିସ): ଜୀବନ ମୃତ୍ୟୁ ସହ ୧୫ ଦିନ ଧରି ସଂଗ୍ରାମ କରି, ଶେଷରେ ଆଖି ବୁଜିଛନ୍ତି ବଳଙ୍ଗା ପୀଡ଼ିତା। ଏତେ ବଡ଼ ଘଟଣା ଘଟିଥିଲେ ବି ସରକାର, ପୁଲିସ ପ୍ରଶାସନ କେବଳ ଶୋକ ବାର୍ତ୍ତା ଦେଇ ନିଜର ଦାୟିତ୍ୱ ସାରିଦେଇଛି। ଚାରିଥର ବୟାନ ଦେଇଥିବା ପୀଡ଼ିତା ଜଣଙ୍କ ମାନସିକ ସ୍ତରରେ ସକ୍ଷମ ଥିଲେ। ଧୀରେ ଧୀରେ ସୁସ୍ଥ ହେଇ ଆସୁଥିବା ବେଳେ ହଠାତ୍ ତାଙ୍କର ଏଭଳି ଆକସ୍ମିକ ମୃତ୍ୟୁକୁ ନେଇ କଂଗ୍ରେସ ଦଳ ଆଶଙ୍କା ପ୍ରକାଶ କରିଛି। ରବିବାର ଦଳର ମହିଳା ମୋର୍ଚ୍ଚା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ ଏହା ସମ୍ପୂର୍ଣ୍ଣ ଭାବେ ସରକାରୀ ବ୍ୟବସ୍ଥାଗତ ହତ୍ୟା।

କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ସୋନାଲି ସାହୁ କହିଛନ୍ତି ଯେ ରାଜ୍ୟରେ ଗୋଟିଏ ପରେ ଗୋଟିଏ ସ୍ୱର୍ଣ୍ଣକାତର ଘଟଣା ଘଟି ଚାଲିଛି। ହେଲେ କିପରି ଏବଂ କାହିଁକି ଏହାକୁ ଚପାଇ ଦିଆଯାଉଛି ସେ ପ୍ରଶ୍ନ କରିଛନ୍ତି। ଏତେଥର ପୀଡ଼ିତାଙ୍କ ବୟାନ ରେକର୍ଡ ପରେ ମଧ୍ୟ ପୁଲିସ ଜଣେ ବି ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ନ ପାରିବା ଦୁର୍ଭାଗ୍ୟଜନକ ବୋଲି ସେ ମତପ୍ରକାଶ କରିଛନ୍ତି। ଘଟଣାର ସଠିକ୍ ତଦନ୍ତ ପାଇଁ ନିମାପଡ଼ା ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବାର ଆବଶ୍ୟକତା ରହିଛି ବୋଲି ସେ ଦାବି କରିଛନ୍ତି। ବାଲେଶ୍ୱରର ସୌମ୍ୟାଶ୍ରୀଙ୍କ ଘଟଣାରେ ଯାହା ଘଟିଥିଲା, ସେହି ସମାନ କଥା ବଳଙ୍ଗା ଘଟଣାରେ ଦେଖିବାକୁ ମିଳିବା ସଂଯୋଗ ନା ପ୍ରୟୋଗ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି।

ସେହିପରି ମୁଖପାତ୍ର ଡଃ ମନିଷା ଦାସ ପଟ୍ଟନାୟକ ପୁଲିସର ହଠାତ୍ ଏଭଳି ଟୁଇଟ କରିବା ଏବଂ ଆସ୍ତେ ଆସ୍ତେ ଭଲ ହୋଇ ଆସୁଥିବା ପୀଡ଼ିତାଙ୍କ ହଠାତ୍ ମୃତ୍ୟୁକୁ ନେଇ ସନ୍ଦେହଜନକ ବୋଲି କହିଛନ୍ତି। ପୁଲିସକୁ ଆୟୁଧ କରି ଯେଉଁ ରାଜନୈତିକ ନାଟକ ରଚୁଛନ୍ତି, ତାକୁ ଆମେ ନୀରବରେ ସହିଯିବୁ ନାହିଁ ବୋଲି ସେ କହିଛନ୍ତି। ଏହା ବ୍ୟତୀତ ଉପମୁଖ୍ୟମନ୍ତ୍ରୀ ଯିଏ କି ଜଣେ ମହିଳା ଏବଂ ପୀଡ଼ିତା ତାଙ୍କ ନିଜ ଅଞ୍ଚଳର ହୋଇଥିଲେ ମଧ୍ୟ ତାଙ୍କ ଭୂମିକା ଅନେକ ସନ୍ଦେହଜନକ ବୋଲି ଦଳର ଅନ୍ୟତମ ମୁଖପାତ୍ର ଜୟଶ୍ରୀ ପାତ୍ର ପ୍ରକାଶ କରିଛନ୍ତି।

ଅନୁରୂପ ଭାବେ ପୀଡ଼ିତାଙ୍କ ବାପା ପ୍ରଥମେ ଯେଉଁ ବୟାନ ଦେଇଥିଲେ ଆଉ ଏବେ ପୀଡ଼ିତାଙ୍କ ମୃତ୍ୟୁ ପରେ ଯେଉଁ ବୟାନ ଦେଇଛନ୍ତି ତା ମଧ୍ୟରେ ଅନେକ ଫରକ୍ ଦେଖାଯାଉଛି ବୋଲି ପିସିସି ଗଣମାଧ୍ୟମ ସଦସ୍ୟା ମଧୁସ୍ମିତା ଆଚାର୍ଯ୍ୟ ମତପ୍ରକାଶ କରିଥିଲେ। ପୀଡ଼ିତାଙ୍କ ବାପା ନିଜ ଝିଅର ମାନସିକ ଅବସ୍ଥା ଭଲ ନଥିବା କଥା କହିବା ଏବଂ ସରକାରଙ୍କ କାର୍ଯ୍ୟାନୁଷ୍ଠାନରେ ସନ୍ତୋଷ ପ୍ରକାଶ କରିବା ଅନେକ ସନ୍ଦେହ ସୃଷ୍ଟି କରୁଛି ବୋଲି ସେ କହିଥିଲେ। ସାତ ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ ନ କଲେ ଡିଜିପି ଅଫିସ ଘେରାଉ କରାଯିବ ବୋଲି ମହିଳା କଂଗ୍ରେସର ବରିଷ୍ଠ ସଦସ୍ୟା ପ୍ରଣତି ମିଶ୍ର କହିଥିଲେ।

## ବ୍ରେକ୍ ନେଇଛି ମୌସୁମୀ: କାଁ ଭାଁ ବର୍ଷା ସହ ବିଜୁଳି

ଭୁବନେଶ୍ୱର,୩।୮ (ସମିସ): ମୌସୁମୀ ବ୍ରେକ୍ ଯୋଗୁଁ ବର୍ତ୍ତମାନ ଓଡ଼ିଶା ଉପରେ କୌଣସି ପାଣିପାଗ ନିୟାମକ ସକ୍ରିୟ ନାହିଁ। ମୌସୁମୀ ଟ୍ରଫ୍ ହିମାଳୟ ପାଦଦେଶ ଆଡ଼କୁ ଗତି କରିବା ସହ ଧୀରେ ଧୀରେ ରାଜ୍ୟରେ ବର୍ଷାର ପ୍ରଭାବ କମିଯାଇଛି। ତେବେ ଦିନବେଳା ଗରମ ଗୁଳୁଗୁଳି ଓ ବଙ୍ଗୋପସାଗର ପଟୁ ଆସୁଥିବା ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବାହରେ କିଛି କିଛି ସ୍ଥାନରେ ବର୍ଷା ହେଉଛି। ଏଭଳି ସ୍ଥିତି ଆଗକୁ ମଧ୍ୟ ଜାରି ରହିବାର ସମ୍ଭାବନା ରହିଛି। ଏହି ସମୟରେ ବର୍ଷାର ପ୍ରଭାବ କମ୍ ରହିବା ସହ ବିଜୁଳି ଘଡ଼ଘଡ଼ିର ଆଶଙ୍କା ଅଧିକ ରହିବା ନେଇ ଆକଳନ କରାଯାଇଛି। ଏମିତି ସ୍ଥିତି ପ୍ରାୟ ଦୁଇ ସପ୍ତାହେ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଛି। ଯେଉଁଦିନ ଯେତେ ଖରା ଓ ଗୁଳୁଗୁଳି ହେବ, ସେହିଦିନ ଅପରାହ୍ଣରେ ଅଧିକ ବିଜୁଳି ଘଡ଼ଘଡ଼ିର ଆଶଙ୍କା ସୃଷ୍ଟି ହେବ। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୩-୪ ଦିନ ପର୍ଯ୍ୟନ୍ତ ପାଣିପାଗ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲ୍ଲା ପାଇଁ ବିଜୁଳି ଘଡ଼ଘଡ଼ିଜନିତ ୟେଲୋ ଆଲର୍ଟ ଜାରି କରାଯାଇଛି।

## ଧାନ ରୋଇବା ବେଳେ ବଜ୍ରପାତ; ଜଣେ ମୃତ

ବୈଶିଙ୍ଗା,୩।୮ (ସମିସ): ଧାନ ରୋଉଥିବା ବେଳେ ବଜ୍ରପାତରେ ଚାଲିଗଲା ଜୀବନ। ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ତିଳପଦା ଗ୍ରାମରେ ଆଜି ଏଭଳି ଏକ ଅଘଟଣ ଘଟିଛି। ମୃତକ ହେଲେ, ଗ୍ରାମର ଯୁବଚାଷୀ ବାସୁଦେବ ସିଂ (୨୯)। ସୂଚନାନୁଯାୟୀ, ବାସୁଦେବ ବିଲରେ କାମ କରୁଥିବା ବେଳେ ଅପରାହ୍ଣ ପ୍ରାୟ ୨ଟାରେ ହଠାତ ବର୍ଷା ସହ ବଜ୍ରପାତ ହୋଇଥିଲା। ସେହି ସମୟରେ ବାସୁଦେବ ବଜ୍ରପାତର ଶିକାର ହୋଇ ବିଲରେ ଟଳିପଡ଼ିଥିଲେ। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

**ମେଗା ପାଇପ ପାନୀୟ ଜଳ ପ୍ରକଳ୍ପ ବିଳମ୍ବିତ**

## ୨୦୨୪ରେ ସରିଥାନ୍ତା; ଏବେ ୨୦୨୮ ଲକ୍ଷ୍ୟ

ଭୁବନେଶ୍ୱର,୩।୮ (ସମିସ): ରାଜ୍ୟବାସୀଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା ପାଇଁ ଜଳ ଜୀବନ ମିଶନ ଅଧିନରେ ମେଗା ପାଇପ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ମାତ୍ର ରାଜ୍ୟର ବହୁ ଜିଲ୍ଲାରେ ପ୍ରଶାସନିକ ସ୍ଥାଣୁତା ତଥା ବିଭାଗୀୟସ୍ତରରେ ନୀତିଗତ ସ୍ତରରେ ନିଷ୍ପତ୍ତି ନେବାରେ ବିଳମ୍ବତା କାରଣରୁ ଅନେକ ପ୍ରକଳ୍ପ ଧାର୍ଯ୍ୟ ସମୟରେ ସମାପ୍ତ ହୋଇ ପାରୁନାହିଁ। ଫଳରେ ରାଜ୍ୟ ସରକାର ପ୍ରକଳ୍ପ କାର୍ଯ୍ୟନ୍ୱୟନ ନେଇ ବାରମ୍ବାର ତାରିଖ ପରେ ତାରିଖ ଘୁଞ୍ଚାଇ ଚାଲିଛନ୍ତି।

ଜଳ ଜୀବନ ମିଶନ ପାଇଁ କେନ୍ଦ୍ର ସରକାର ୨୦୨୧ରେ ୮୩୦ କୋଟି ଟଙ୍କା ଅନୁଦାନ ଦେଇଥିଲେ। ତତ୍‌କାଳୀନ ସମୟରେ ରାଜ୍ୟର ଗ୍ରାମାଞ୍ଚଳର ପ୍ରାୟ ୩୫% ପରିବାରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଥିଲା। ଅବଶିଷ୍ଟ ଗ୍ରାମୀଣ ପରିବାରକୁ ପାଇପ୍ ପାଣି ଯୋଗାଇ ନିମନ୍ତେ ଏହି ଅର୍ଥରାଶି ଯଥେଷ୍ଟ ନ ଥିଲେ ହେଁ ତତ୍‌କାଳୀନ ରାଜ୍ୟ ସରକାର ନିଜସ୍ୱ ପାଣ୍ଠି ସହ ଓଡ଼ିଶାର ସମସ୍ତ ଗାଁକୁ ପାନୀୟ ଜଳ ଯୋଗାଇବା କାର୍ଯ୍ୟ ଆରମ୍ଭ କରିଥିଲେ। ୨୦୨୩ ଡ଼ିସେମ୍ବର ମାସବେଳକୁ ୮୮.୬୪ ଲକ୍ଷ ଗ୍ରାମୀଣ ପରିବାର ମଧ୍ୟରୁ ୬୦.୫୨ ଲକ୍ଷ ପରିବାରକୁ ଏହି ଯୋଜନାରେ ସାମିଲ କରାଯାଇଥିଲା । ୨୦୨୪ ଡ଼ିସେମ୍ବର ମାସ ସୁଦ୍ଧା ସବୁ ଗାଁକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇବା ନିମନ୍ତେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସରକାର ପରିବର୍ତ୍ତନ ପରେ ଏହି କାର୍ଯ୍ୟକ୍ରମ ଅଧାରେ ଅଟକି ଯିବାପରି ମନେ ହୋଇଛି । ବର୍ଷକ ମଧ୍ୟରେ କେତେ ପରିବାରକୁ ପାଇପ ପାଣି ଯୋଗାଇ ଦିଆଯାଇଛି ସେ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ କୌଣସି ତଥ୍ୟ ପ୍ରଦାନ କରିନାହିଁ। ମାତ୍ର ସୂଚନା ଅନୁସାରେ ବିଜେଡି ସରକାର ସମୟରେ ଆରମ୍ଭ ହୋଇଥିବା ଅଧିକାଂଶ ପାଇପ୍ ପାଣି ପ୍ରକଳ୍ପ ଏବେ ବନ୍ଦ ପଡ଼ିଛି । କାମ କରୁଥିବା ଠିକାଦାରଙ୍କୁ ଅନୁଦାନ ପଇଠ କରିବାରେ ଟାଳଟୁଳ ନୀତି ଯୋଗୁଁ ଅଧିକାଂଶ କାମ ବନ୍ଦ ଓ ଯେଉଁ ପ୍ରକଳ୍ପଗୁଡ଼ିକର ଟେଣ୍ଡର ହୋଇଥିଲା, ତାହାକୁ କାର୍ଯ୍ୟକାରୀ କରିବା ଦିଗରେ ବିଭାଗ ଆଗ୍ରହ ପ୍ରକାଶ କରୁନାହିଁ। କିଛିମାସ ତଳେ ମୁଖ୍ୟ ସଚିବ ରାଜ୍ୟରେ ୧୮ ୬୭୭ ଗାଁକୁ ପାଇପ ଯୋଗେ ପାନୀୟ ଜଳ ପ୍ରକଳ୍ପ ମଞ୍ଜୁର ହୋଇଥିବା ଓ ଏହାମଧ୍ୟରୁ ୧୨୨୮୯ ଶେଷ ହେବା ପର୍ଯ୍ୟାୟରେ ପହଞ୍ଚିଥିବା କହିଥିଲେ। ପୂର୍ବ ସରକାର ସମୟରୁ ମଞ୍ଜୁର ହୋଇଥିବା ଏହି ପ୍ରକଳ୍ପର ସ୍ଥିତି ଏବେ କ'ଣ ତାହା ସ୍ପଷ୍ଟ ନୁହେଁ। ମାତ୍ର ଡ଼ିସେମ୍ବର ୨୦୨୫ ସୁଦ୍ଧା ରାଜ୍ୟ ସରକାର ୭୫୨ ଗାଁକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇବାକୁ ଲକ୍ଷ୍ୟ ରଖିଥିବା ସୂଚନା ମିଳିଛି ।

ଅନ୍ୟପକ୍ଷରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଆବଶ୍ୟକୀୟ କାଗଜପତ୍ର ଠିକଣା ସମୟର ପ୍ରଦାନ କରାଯାଉନଥିବାରୁ ପ୍ରକଳ୍ପ କାମ ବିଳମ୍ବ ହେଉଥିବା ଜଣାପଡ଼ିଛି। ଏନେଇ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଆରଡବ୍ଲ୍ୟୁଏସଏସର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଚିଠି ଲେଖି ଉଦବେଗ ପ୍ରକାଶ କରିଛନ୍ତି। ଧାର୍ଯ୍ୟ ତାରିଖ ମଧ୍ୟରେ ଆବଶ୍ୟକୀୟ କାଗଜପତ୍ର ପ୍ରଦାନ କରିବାକୁ ଏଥିରେ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ଅନୁଯାୟୀ ଆରଡବ୍ଲ୍ୟୁଏସଏସ ପକ୍ଷରୁ ବିଭିନ୍ନ ପ୍ରକଳ୍ପ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ଇଣ୍ଡେକ୍ସ ମ୍ୟାପ, ଜଳଉତ୍ସଗୁଡ଼ିକର ସ୍ଥିତି, ଜଳ ଯୋଗାଣ ନିର୍ଦ୍ଦେଶନାମା, ଜମି ସମ୍ପର୍କିତ କାଗଜପତ୍ର ପ୍ରଦାନ କରାଯାଉ ନାହିଁ। ଏପରିକି ବହୁ ସମୟରେ ପ୍ରଦାନ କରାଯାଉଥିବା ତଥ୍ୟ ଅସମ୍ପୂର୍ଣ୍ଣ ନଚେତ୍ ଅନ୍ୟାନ୍ୟ ତ୍ରୁଟି ରହୁଛି। ଫଳରେ ପ୍ରକଳ୍ପ କାମ ଆଗେଇ ପାରୁନାହିଁ। ତେଣୁ ବିଳମ୍ବତାକୁ ଏଡ଼ାଇବା ପାଇଁ ତୁରନ୍ତ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକଳ୍ପ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଦାଖଲ କରିବାକୁ ଜଳସମ୍ପଦ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ମିଳିଥିବା ତଥ୍ୟ ଅନୁଯାୟୀ ମୋଟ ୯ଟି ଜିଲ୍ଲାର ବିଭିନ୍ନ ପ୍ରକଳ୍ପ ଏଥିରେ ସାମିଲ ରହିଛି। ଏହି ୯ ଜିଲ୍ଲା ମଧ୍ୟରେ ବାଲେଶ୍ୱର, କେନ୍ଦ୍ରାପଡା, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ଖୋର୍ଦ୍ଧା, କନ୍ଧମାଳ, ନୟାଗଡ ଓ ବୌଦ୍ଧ ଆଦି ଜିଲ୍ଲା ସାମିଲ ରହିଛି।

- ୯ ଜିଲ୍ଲାର ସହସ୍ରାଧିକ ଗ୍ରାମରେ ପାଇପ ଯୋଗ ପାନୀୟ ଜଳ ଅପହଞ୍ଚ

## ନଦୀକୁ ଡେଇଁଥିବା ଯୁବତୀ ଉଦ୍ଧାର



ମାର୍ଶାଘାଇ,୩।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ତହସିଲ କଳପଡ଼ା ସେତୁ ଉପରୁ ଲୁଣାନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣେ ଯୁବତୀଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି। ମାର୍ଶାଘାଇ ବ୍ଲକ୍ ଆଖୁଆଦକ୍ଷିଣୀ ପଞ୍ଚାୟତ ବଉଳାଙ୍ଗ ଗ୍ରାମର ଯୁବତୀ କୌଣସି କାରଣରୁ ସଦର ଥାନା ଅନ୍ତର୍ଗତ କଳପଡ଼ା ସେତୁ ଉପରୁ ନଦୀକୁ ଡେଇଁ ପଡ଼ିଥିଲେ। ଏହା ଦେଖି ଜଣେ ଭିନ୍ନକ୍ଷମ (ହାଉଡ଼ା) ଯୁବକ ସେହି ବାଟ ଦେଇଯାଉଥିବା ଲୋକଙ୍କୁ ଡାକ ପକାଇବା ସହ ଯୁବତୀଙ୍କୁ ଉଦ୍ଧାର କରିବାକୁ ନଦୀକୁ ଡେଇଁଥିଲେ ମଧ୍ୟ ଉଦ୍ଧାର କରିପାରିନଥିଲେ। ପରେ ତିନିଜଣ ଯୁବକ ୪ କିଲୋମିଟର ପହଁରି ଯୁବତୀଙ୍କୁ ଉଦ୍ଧାର କରିଥିଲେ। ଯୁବତୀଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

**ସହିଦ ସପ୍ତାହର ଅନ୍ତିମ ଦିନରେ ମାଓ ହିଂସା**

## ରେଳଧାରଣା ଉଡ଼ାଇଦେଲେ ମାଓବାଦୀ

**ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ରେଳ କର୍ମଚାରୀ ମୃତ, ଜଣେ ଆହତ**

ରାଉରକେଲା, ୩।୮ (ସମିସ): ମାଓବାଦୀ ସଂଗଠନ ପକ୍ଷରୁ ଗତ ୨୮ ତାରିଖରୁ ଆରମ୍ଭ ହୋଇଥିବା ସହିଦ ସପ୍ତାହ ପାଳନର ରବିବାର ଅନ୍ତିମ ଦିବସ ଥିଲା। ଅନ୍ତିମ ଦିନରେ ଓଡିଶା-ଝାଡ଼ଖଣ୍ଡ ସୀମାନ୍ତରେ ମାଓ ହିଂସା ଦେଖିବାକୁ ମିଳିଛି। ଓଡିଶା-ଝାଡ଼ଖଣ୍ଡ ସୀମାନ୍ତ କରମପଦା ନିକଟରେ ଶନିବାର ଓ ରବିବାର ଦୁଇଟି ଲ୍ୟାଣ୍ଡମାଇନ୍ ବିସ୍ଫୋରଣ କରି ମାଓବାଦୀମାନେ ରେଳଧାରଣା ଉଡ଼ାଇ ଦେଇଛନ୍ତି। ଏହି ଘଟଣାରେ ଜଣେ ରେଳ କର୍ମଚାରୀଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ, ଗ୍ୟାଙ୍ଗମ୍ୟାନ୍ ଏତୁଆ ଓରାମ। ଏହି ବିସ୍ଫୋରଣ ପରେ ବିମଳାଗଡ଼-କରମପଦା ମଧ୍ୟରେ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି।

ସୂଚନାନୁଯାୟୀ, ଗତ ୨୮ ତାରିଖରୁ ଛୋଟନାଗପୁର ଡିଭିଜନାଲ କମିଟିର ପୂର୍ବୀ ରିଜିଓନାଲ ବ୍ୟୁରୋ ମାଓ ସଂଗଠନ ପକ୍ଷରୁ ସହିଦ ସପ୍ତାହ ପାଳନ କରାଯାଉଥିଲା। ଏଥିପାଇଁ ମାଓ ସଂଗଠନ ପକ୍ଷରୁ ସରଣ୍ଡା ଜଙ୍ଗଲର ବିଭିନ୍ନ ସ୍ଥାନରେ ମାଓ ପୋଷ୍ଟର୍ ଲଗାଯାଇଥିଲା। ରବିବାର ସହିଦ ସପ୍ତାହ ପାଳନର ଅନ୍ତିମ ଦିବସରେ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ବିମଳାଗଡ଼ - କିରିବୁରୁ ସେକ୍ସନ୍‌ର ରାଞ୍ଜଡ଼ା ରେଳ ଷ୍ଟେସନରୁ ୩ କି.ମି ଦୂରରେ ରେଳଧାରଣା ଖୁଣ୍ଟ ନମ୍ବର ୪୭୧/୧ ନିକଟରେ ମାଓବାଦୀମାନେ ଲ୍ୟାଣ୍ଡମାଇନ୍ ଖଞ୍ଜିଥିଲେ। ଉକ୍ତ ଲ୍ୟାଣ୍ଡମାଇନ ଉପରେ ରେଲୱେ ମେଟ୍ ବୁଦ୍ଧୁରାମ ମୁଣ୍ଡାଙ୍କ ଗୋଡ଼ ପଡ଼ିଯାଇଥିଲା। ଶନିବାର ରାତି ପ୍ରାୟ ୧୧ ଟା ୩୩ ମିନିଟରେ ଏହି ଘଟଣା ଘଟିଥିଲା। ବିସ୍ଫୋରଣରେ ବୁଦ୍ଧୁରାମ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ପୁଣି ରବିବାର ସକାଳ ୯ ଟା ୧୧ ମିନିଟ୍‌ରେ ସେହି ଟ୍ରାକ୍‌ର ଖୁଣ୍ଟ ନମ୍ବର ୪୭୭/୩୪-୩୫ ନିକଟରେ ଆଉ ଏକ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ହୋଇଥିଲା। ଏଥିରେ ଜଣେ ଗ୍ୟାଙ୍ଗମ୍ୟାନ୍ ଏତୁଆ ଓରାମଙ୍କ ମୃତ୍ୟୁ ଘଟିଛି।





ଖବର ପାଇ ରାଉରକେଲା ରେଲୱେ ଏସ୍‌ପି, ସିଆର୍‌ପିଏଫ୍ ଯବାନ କେ. ବଲାଙ୍ଗ ପୁଲିସ ଓ ରେଳ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ଉପସ୍ଥିତ ରହିଛନ୍ତି। ଅପରପକ୍ଷେ ଗ୍ୟାଙ୍ଗମ୍ୟାନ୍ ଓ ଟ୍ରାକ୍ ମରାମତି କର୍ମଚାରୀ ସୁରକ୍ଷା ନେଇ କ୍ଲିନ୍‌ଚିଟ୍ ନପାଇବା ପର୍ଯ୍ୟନ୍ତ ଟ୍ରାକ୍‌କୁ ଯିବେ ନାହିଁ ବୋଲି କହିଥିବାରୁ କହିଥିବାରୁ ଉକ୍ତ ଲାଇନ୍‌ରେ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି।

## ଘର ପାଖରେ ଯୁବତୀଙ୍କୁ ତଣ୍ଟି ଚିପି ହତ୍ୟା

କୋଷାଗୁମୁଡ଼ା, ୩।୮ (ସମିସ): ଯୁବତୀଙ୍କୁ ତଣ୍ଟି ଚିପି ହତ୍ୟା। ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ୍ ଅଞ୍ଚଳରେ ଏଭଳି ଏକ ସଂଗିନ୍ ଘଟଣା ଘଟିଛି। ଘଟଣାକୁ ଗୁରୁତ୍ୱର ସହ ନେଇ ପୁଲିସ ଦୁଇଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନାନୁସାରେ, ଶନିବାର ରାତି ପ୍ରାୟ ୭ଟାରେ ଯୁବତୀଜଣଙ୍କ ଶୌଚ ହେବା ପାଇଁ ବାହାରକୁ ଯାଇଥିଲେ। କିନ୍ତୁ ରାତି ୧୦ଟା ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାରଲୋକଙ୍କ ସନ୍ଦେହ ହୋଇଥିଲା। ଖୋଜାଖୋଜି କରିବା ପରେ ଘରଠାରୁ ୩୦୦ ମିଟର ଦୂର ଏକ ଗଳିରେ ସେ ନିଶ୍ଚଳ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ପରିବାରଲୋକ ତାଙ୍କୁ ଏକ ବାଇକ୍‌ରେ କୋଷାଗୁମୁଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାରଲୋକଙ୍କ ଅଭିଯୋଗ, କେହି ଦୁର୍ବୃତ୍ତ ଝିଅର ତଣ୍ଟି ଚିପି ହତ୍ୟା କରିବା ପରେ ରାସ୍ତାରେ ଫିଙ୍ଗି ଦେଇଛି। ଏନେଇ କୋଷାଗୁମୁଡା ଥାନାରେ ପରିବାରଲୋକେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ଘଟଣାକୁ ନେଇ ସନ୍ଦେହରେ ଦୁଇ ଯୁବକଙ୍କୁ କୋଷାଗୁମୁଡ଼ା ପୁଲିସ ଥାନାକୁ ଆଣି ପଚରାଉଚରା କରୁଛି।

ନବରଙ୍ଗପୁରରୁ ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍ ସହ ଏସ୍‌ଡିପିଓ ସତ୍ୟଜିତ କେଣ୍ଡେଲ କେଲ, କୋଷାଗୁମୁଡ଼ା ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକ, କୋଡ଼ିଙ୍ଗା ଥାନାଧିକାରୀ ଯୁଗଳ ଶବରଙ୍କ ସହ କୋଷାଗୁମୁଡା ଥାନା ଟିମ ରବିବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ମୃତ ଯୁବତୀଙ୍କ ବାପାଙ୍କ ଏତଲାକୁ ଭିତ୍ତି କରି କୋଷାଗୁମୁଡ଼ା ପୁଲିସ୍ ୧୫୪/୨୫ରେ ଏକ ମାମଲା ରୁଜୁ କରିଛନ୍ତି। ମୃତ ଯୁବତୀଙ୍କ ମରଶରୀରକୁ ନବରଙ୍ଗପୁର ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଶବ ବ୍ୟବଚ୍ଛେଦର ରିପୋର୍ଟ, ସାଇଣ୍ଟିଫିକ୍ ଟିମ୍, ଡଗ୍‌ସ୍କ୍ୱାର୍ଡର ରିପୋର୍ଟ ପରେ ଘଟଣାର ପ୍ରକୃତ କାରଣ ଲୋକଲୋଚନକୁ ଆସିବ ବୋଲି ପାପଡ଼ାହାଣ୍ଡି ଏସ୍‌ଡିପିଓ ସତ୍ୟଜିତ କେଣ୍ଡେଲ କେଲ ସୂଚନା ଦେଇଛନ୍ତି।

**୨ଯୁବକ ଅଟକ**

# କାନଭାସ ପକ୍ଷରୁ ବିଶ୍ୱଭୂଷଣଙ୍କ ଜନ୍ମଦିବସ



**ରାଉରକେଲା, ୩।୮ (ସମିସ):** ଓଡ଼ିଶାର ପୂର୍ବତନ ମନ୍ତ୍ରୀ ତଥା ଆନ୍ଧ୍ର ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୁଷଣ ହରିଚନ୍ଦନଙ୍କ ୯୨ତମ ଜନ୍ମ ଦିବସ ରାଉରକେଲାର ଐରାବନ୍ଧ ଜଗନ୍ନାଥ ମନ୍ଦିର ପରିସରରେ ରବିବାର ସଂଧ୍ୟାରେ ନିରାଡମ୍ବର ଭାବେ ପାଳିତ ହୋଇଯାଇଛି। ଏହି ଅବସରରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ କାନଭାସ୍ ପକ୍ଷରୁ ବିଶ୍ୱଭୁଷଣଙ୍କ ଦୀର୍ଘ, ସୁସ୍ଥ, ନିରାମୟ ଜୀବନ କାମନା କରି ଅହିରାବନ୍ଧ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସାମୁହିକ ଦୀପଦାନ କରାଯାଇଥିଲା। କାନଭାସର ଆବାହକ ସୁରେଶ ଚନ୍ଦ୍ର ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ରଘୁନାଥପାଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ, ପାନପୋଷ ବିଜେପି ସାଂଗଠନିକ ଜିଲ୍ଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟା, ଶ୍ରମିକ ନେତା ହିମାଂଶୁ ବଳ, ରଞ୍ଜିତ ନାୟକ, ଅରବିନ୍ଦ ଦାସ, କୈଳାଶ ଚନ୍ଦ୍ର ପ୍ରଧାନଙ୍କ ସମେତ ବହୁ ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସଂଗ୍ରାମ ମହାନ୍ତି, ଦେବାଶିଷ ମହାନ୍ତି, ପ୍ରଶାନ୍ତ କୁମାର ନାୟକ, ଶଲିଲ୍ ପରିଡ଼ା, ଚିତ୍ତ ରଞ୍ଜନ ନାୟକ, ପ୍ରମୋଦ ବେହେରା, ଆର୍. ରମେଶ, ରଞ୍ଜନ ଲୋକାନ୍ନ ପ୍ରମୁଖ ପରିଚାଳନା କରିଥିଲେ।

# ସିପିଆଇ ରାଉରକେଲା ଆଞ୍ଚଳିକ କମିଟିର ସମ୍ମିଳନୀ



**ରାଉରକେଲା, ୩।୮ (ସମିସ) :** ଭାରତୀୟ କମ୍ୟୁନିଷ୍ଟ ପାର୍ଟୀ(ସିପିଆଇ) ରାଉରକେଲା ଆଞ୍ଚଳିକ କମିଟିର ସମ୍ମିଳନୀ ହରିବନ୍ଧୁ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଇସ୍ପାତ କାରଖାନାରେ ଖାଲି ପଡ଼ିଥିବା ପଦବୀ ପୂରଣ, ରାଉରକେଲା ମହାନଗର ନିଗମରେ ହୋଇଥିବା ଦୁର୍ନୀତିର ତଦନ୍ତ, ବେକାର ଯୁବକଙ୍କୁ ନିଯୁକ୍ତି, ପାନପୋଷ ସବ୍ ଡିଭିଜନରେ ପ୍ରତ୍ୟେକ ବ୍ଲକରେ ଶୀତଳ ଭଣ୍ଡାର ନିର୍ମାଣ, ପରିବେଶ ଆଇନକୁ କଡାକଡି ଭାବେ କାର୍ଯ୍ୟ କରିବା, ଆରଡିଏ ପ୍ଲଟିଂ କରି ଜମି ନଥିବା ଲୋକଙ୍କୁ ଅଗ୍ରାଧିକାର ଭିତ୍ତିରେ ଜମି ପ୍ରଦାନ, ପଶ୍ଚିମ ଓଡ଼ିଶାରୁ ଉତ୍ତର ଓଡ଼ିଶାକୁ ସ୍ୱତନ୍ତ୍ର ରେଳ ଚଳାଚଳ, ସରକାରୀ ଶିକ୍ଷାନୁଷ୍ଠାନର ଶିକ୍ଷକ ଓ ଅଧ୍ୟାପକ ନିଯୁକ୍ତି ପ୍ରମୁଖ ଦାବି ଉପରେ ସମ୍ମିଳନୀରେ ଆଲୋଚନା କରାଯାଇଥିଲା। ଏହି ସମ୍ମିଳନୀକୁ ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସାଥୀ ଅଶୋକ ଦାସ ଉଦ୍‌ଘାଟନ କରିଥିଲେ। ସେ ସାମ୍ପ୍ରଦାୟିକ ରାଜନୀତିକୁ ତୀବ୍ର ବିରୋଧ କରିବା ସହ ବିଜେପି ସରକାରର ଅପାରଗ ଶାସନ ପାଇଁ ନାରୀ ସୁରକ୍ଷିତ ନୁହଁନ୍ତି ବୋଲି କହିଥିଲେ। ଜିଲ୍ଲା ସମ୍ପାଦକ ପ୍ରଦୋଷ ମହାନ୍ତି ଅତିଥି ଭାବେ ଯୋଗଦାନ କରି କମ୍ୟୁନିଷ୍ଟ ପାର୍ଟିର ୧୦୦ ବର୍ଷର ସଂଘର୍ଷମୟ ସମୟର ଇତିହାସ ସମ୍ପର୍କରେ କହିବା ସହ ସଂଗଠନକୁ ତଳସ୍ତରରେ ସାଥୀମାନେ ମଜବୁତ୍ କରି ଜନଗଣଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ଏହାର ସମାଧାନ କରିବାକୁ ଆହ୍ୱାନ ଦେଇଥିଲେ। ଜୋନ୍ ସମ୍ପାଦକ ସଦାନନ୍ଦ ସାହୁ ସମ୍ପାଦକୀୟ ରିପୋର୍ଟ ଉପସ୍ଥାପନ କରିଥିଲେ। ଅନୁପମ ଦତ୍ତ, ଦସ୍ରୁ କିସାନ, ସବ୍ୟସାଚୀ ନାୟକ, ପ୍ରମୋଦ ବେହେରା, ଭାଗ୍ୟଧର ରାଉତ, ପଞ୍ଚାନନ ସୁନା, ପ୍ରଦୀପ କୁମାର ଲାକ୍ରା, ରାମୁ କିଶାନ, ସୁଶାନ୍ତ କୁମାର ଲେଙ୍କା, ଅଜୟ କୁମାର ବାରାଙ୍କ ସମେତ ବହୁ ସାଥୀ ଆଲୋଚନାରେ ଯୋଗଦେଇଥିଲେ। ମେରୀ ବର୍ ଓ ମନୋଜ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ୬ ଟି ପ୍ରସ୍ତବ ଗୃହୀତ ହୋଇଥିଲା। ଆଗାମୀ ତିନି ବର୍ଷ ପାଇଁ ଏକ ପନ୍ଦର ଜଣିଆ କମିଟି ଗଠନ କରାଯାଇଥିଲା। ଶେଷରେ ମହେଶ୍ୱର ଦୀପ ଧନ୍ୟବାଦ ଅର୍ପଣ କରିଥିଲେ।

# ଦିବ୍ୟାଙ୍ଗ ସରିତାଙ୍କ ରାକ୍ଷୀ ଓ ହସ୍ତତନ୍ତ ଷ୍ଟଲ୍ ଉଦ୍‌ଘାଟିତ

**ରାଉରକେଲା, ୩।୮ (ସମିସ):** ଦିବ୍ୟାଙ୍ଗମାନେ କିଛି କରି ପାରନ୍ତି ନାହିଁ; ସମାଜ ଓ ପରିବାର ଉପରେ ବୋଝ ହୋଇ ରହିଥାନ୍ତି। ସମାଜରେ ରହିଥିବା ଏଭଳି ଧରଣାକୁ ଭୁଲ ପ୍ରମାଣ କରିଛନ୍ତି ବହୁବିଧ ଅକ୍ଷମତା ମୁକ୍ତ ସ୍ୱତନ୍ତ୍ର ବିଦ୍ୟାଳୟ ଆଶାଦୀପ ପ୍ରଶିକ୍ଷିତ ସରିତା ନାୟକ। ଜଣେ ଦିବ୍ୟାଙ୍ଗ ହୋଇ ବି ସେ ରାକ୍ଷୀ, ଗ୍ରିଟିଂସ, ହସ୍ତତନ୍ତ, ଫିନାଇଲ୍, ମହମବତୀ, ଅଗରବତୀ ଆଦି ଘରେ ତିଆରି କରି ବଜାରରେ ବିକି ଅର୍ଥ ଉପାର୍ଜନ କରୁଛନ୍ତି। ଆଗକୁ ରାକ୍ଷୀ ପୂର୍ଣ୍ଣିମା ଆସୁଥିବାରୁ ସରିତା ରାକ୍ଷୀ ଓ ହସ୍ତତନ୍ତ ପ୍ରଦର୍ଶନୀ ବିକ୍ରୟ ଷ୍ଟଲ୍ କଳିଙ୍ଗ ବିହାର ମାର୍କେଟରେ ଖୋଲିଛନ୍ତି। ପାନପୋଷ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ମିନୁ ତାଣ୍ଡିଆ ଓ ଆଶାଦୀପ ଅଧ୍ୟକ୍ଷ ରାମଚନ୍ଦ୍ର ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସରିତାଙ୍କ ବାପା, ମାଆ, ପରିବାର, ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ସମେତ ଆଶାଦୀପ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଷ୍ଟଲ୍ ପରିଦର୍ଶନ କରି ସରିତାଙ୍କ ଉତ୍ସାହ ବଢ଼ାଇବାକୁ ସମସ୍ତେ ଆଗେଇ ଆସିବାକୁ ଅନୁରୋଧ କରାଯାଇଛି।



## ଆର୍‌ଏସ୍‌ପିରେ ବିଭିନ୍ନ ୟୁନିଟ୍‌ର ଉତ୍ପାଦନରେ ନୂଆ ରେକର୍ଡ

# ଉତ୍ତପ୍ତ ଧାତୁ ଉତ୍ପାଦନରେ ବିଏଫ୍-୫ର ୧ ନିୟୁତ ଟନ୍ ଅତିକ୍ରମ

ରାଉରକେଲା, ୩।୮ (ସମିସ)





ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ର ଅପ୍ରେଲ-ଜୁଲାଇ ଅବଧିରେ ପ୍ରମୁଖ ୟୁନିଟ୍‌ଗୁଡ଼ିକ ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି। ବ୍ଲାଷ୍ଟ ଫର୍ଣ୍ଣେସ୍-୫ (ବିଏଫ୍-୫) 'ଦୁର୍ଗା' ଅପ୍ରେଲରୁ ଜୁଲାଇ ୪ ମାସ ଅବଧିରେ ଶ୍ରେଷ୍ଠ ପ୍ରଦର୍ଶନ କରି ରେକର୍ଡ ସଂଖ୍ୟକ ୧୦, ୩୭, ୮୪୪ ଟନ୍ ଉତ୍ତପ୍ତ ଧାତୁ ଉତ୍ପାଦନ କରିଛି। ଯାହା ୨୦୨୩ ମସିହାରେ ଅନୁରୂପ ଅବଧି ମଧ୍ୟରେ ହାସଲ କରିଥିବା ୯, ୬୭, ୦୯୭ ଟନ୍‌ର ପୂର୍ବ ରେକର୍ଡକୁ ଅତିକ୍ରମ କରିଛି। ସେହିପରି, ବ୍ଲାଷ୍ଟ ଫର୍ଣ୍ଣେସ୍-୧ (ବିଏଫ-୧) 'ପାର୍ବତୀ' ୩, ୬୧, ୭୭୪ ଟନ୍ ଉତ୍ତପ୍ତ ଧାତୁ ଉତ୍ପାଦନ ପୂର୍ବକ ଏହାର ସର୍ବୋଚ୍ଚ ଅପ୍ରେଲ-ଜୁଲାଇ ଉତ୍ପାଦନ ହାସଲ କରିଛି। ଯାହା ୨୦୨୧ରେ ହାସଲ ହୋଇଥିବା ୩, ୧୬, ୧୯୯ ଟନ୍‌ର ପୂର୍ବ ରେକର୍ଡକୁ ଅତିକ୍ରମ କରିଛି। ଉଲ୍ଲେଖନୀୟ ଯେ, ବିଏଫ-୧ ମଧ୍ୟ ୯୪, ୦୧୫ ଟନ୍ ଉତ୍ତପ୍ତ ଧାତୁ ଟ୍ୟାପ୍ କରି ଏହାର ସର୍ବଶ୍ରେଷ୍ଠ ଜୁଲାଇ ମାସ ପ୍ରଦର୍ଶନ ପଞ୍ଜିକୃତ କରିଛି।

ଷ୍ଟିଲ୍ ମେଲ୍ଟିଂ ସପ୍-୨ର କାଷ୍ଟର-୩ ମଧ୍ୟ ଉଲ୍ଲେଖନୀୟ ପ୍ରଦର୍ଶନ ସହକାରେ ୫, ୨୫, ୨୧୩ ଟନ୍ ସ୍ଲାବ୍ ତିଆରି କରି ଏ ପର୍ଯ୍ୟନ୍ତର ସର୍ବଶ୍ରେଷ୍ଠ ଅପ୍ରେଲ-ଜୁଲାଇ ପ୍ରଦର୍ଶନ ପଞ୍ଜିକୃତ କରିଛି। ଡାଉନଷ୍ଟ୍ରିମରେ, ହଟ୍ ଷ୍ଟ୍ରିପ୍ ମିଲ୍-୨ ସର୍ବକାଳୀନ ଶ୍ରେଷ୍ଠ ୮, ୫୯, ୧୯୨ ଟନ୍ ସ୍ଲାବ୍ ରୋଲ୍ କରି ୮, ୩୯, ୦୨୩ ଟନ୍ ଏଚଆର କଏଲ୍ ଉତ୍ପାଦନ କରିଛି। ଯାହା ଅପ୍ରେଲ-ଜୁଲାଇରେ ବିଭାଗର ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ରହିଛି। ଏଥିପୂର୍ବରୁ ୨୦୨୪ ମସିହା ଅନୁରୂପ ଅବଧିରେ ୮, ୧୭, ୬୭୫ ଟନ୍ ଏଚ୍‌ଆର କଏଲ୍ ଉତ୍ପାଦନ ବିଭାଗର ପୂର୍ବ ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଏଚ୍‌ଏସ୍‌ଏମ୍-୨ର ସିଟ୍ ସିଅରିଂ ଲାଇନ (ଏସ୍‌ଏସ୍‌ଏଲ୍) ପ୍ରଥମ ଚାରି ମାସରେ ୯୫୮୭୬ ଟନ୍ ଏଚଆର ପ୍ଲେଟ୍ ଉତ୍ପାଦନ କରି ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ନୂତନ ପ୍ଲେଟ୍ ମିଲ୍ (ଏନ୍‌ପିଏମ୍) ୩, ୩୦, ୭୮୯ ଟନ୍ ପ୍ଲେଟ୍ ରୋଲ୍ କରି ସର୍ବଶ୍ରେଷ୍ଠ ଅପ୍ରେଲ-ଜୁଲାଇ ପ୍ରଦର୍ଶନ ହାସଲ ପୂର୍ବକ ୨୦୨୧ ରେ ହାସଲ ହୋଇଥିବା ପୂର୍ବ ଶ୍ରେଷ୍ଠ ୩, ୧୦, ୩୧୭ ଟନ୍‌ରେ ଉନ୍ନତି ଆଣିଛି। ଏନ୍‌ପିଏମ୍ ମଧ୍ୟ ୯୨୦୯୯ ଟନ୍ ପ୍ଲେଟ୍ ରୋଲ୍ କରି ଏହାର ସର୍ବକାଳୀନ ଶ୍ରେଷ୍ଠ ଜୁଲାଇ ପ୍ରଦର୍ଶନ ହାସଲ କରିଥିଲା। ସମତାଳରେ ପ୍ଲେଟ୍ ମିଲ୍ ମଧ୍ୟ ପ୍ରଥମ ଚାରି ମାସରେ ୧, ୭୮, ୭୫୨ ଟନ୍ ପ୍ଲେଟ୍ ରୋଲ କରି ୨୦୨୩ ଅନୁରୂପ ଅବଧିରେ ହାସଲ ହୋଇଥିବା ୧, ୭୭, ୨୨୬ ଟନ୍ ପ୍ଲେଟ୍ ରୋଲିଙ୍ଗ ରେକର୍ଡକୁ ଅତିକ୍ରମ କରିଥିବା ସୂଚନା ମିଳିଛି।

## ନିଖିଳ ଭାରତ ଅଭିଭାବକ ସଂଘର ରାଜ୍ୟ ସମ୍ମିଳନୀ

# 'ଘରୋଇକରଣକୁ ପ୍ରୋତ୍ସାହିତ କରିବ ନୂଆ ଶିକ୍ଷା ନୀତି-୨୦୨୦'



**ରାଉରକେଲା, ୩।୮ (ସମିସ):** ନିଖିଳ ଭାରତ ଅଭିଭାବକ ସଂଘର ଦ୍ୱିତୀୟ ରାଜ୍ୟ ସମ୍ମିଳନୀ ରାଉରକେଲାର ଉଦିତନଗର ସ୍ଥିତ ଆଇଟିଡିଏ ହଲରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ରାଜ୍ୟ ସଭାପତି ପ୍ରଦୀପ୍ତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀକୁ ବରିଷ୍ଠ ଆଇନଜୀବୀ ଗିରିଶ ଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଶିକ୍ଷକ ନେତା ବ୍ରଜେନ୍ଦ୍ର ଦାଶ, ସାମ୍ବାଦିକ ଅରବିନ୍ଦ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଯଯାତୀ କେଶରୀ ସାହୁ, ନୀହାର ରଞ୍ଜନ ସାମଲ, ଗାୟତ୍ରି ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସଂଗଠନର ସାଧାରଣ ସମ୍ପାଦକ ସୁରେନ୍ଦ୍ର ଦାଶ ସମ୍ପାଦକୀୟ ରିପୋର୍ଟ ଉପସ୍ଥାପନ କରିଥିଲେ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୭୦ ଜଣ ପ୍ରତିନିଧି ଯୋଗ ଦେଇଥିଲେ। ସମ୍ମିଳନୀରେ ପ୍ରତିନିଧିମାନେ ନୂତନ ଶିକ୍ଷା ନୀତି-୨୦୨୦ ଓ ଆଜି ଦିନରେ ଶିକ୍ଷା ବ୍ୟବସ୍ଥା ଉପରେ ଆଲୋଚନା କରି ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି କହିଥିଲେ। ହଜାର ସଂଖ୍ୟାରେ ସରକାରୀ ଶିକ୍ଷାନୁଷ୍ଠାନ ବନ୍ଦ ହେବାରେ ଲାଗିଛି। ଯାହା ଫଳରେ ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକ ଗଢି ଉଠିବାରେ ଲାଗିଛି। ସେମାନେ ଅଭିଭାବକମାନଙ୍କ ଠାରୁ ଅହେତୁକ ଅର୍ଥ ଆଦାୟ କରୁଛନ୍ତି। ଯାହାଦ୍ୱାରା ଗରିବ ପରିବାରର ପିଲାମାନଙ୍କ ପାଇଁ ଉଚ୍ଚ ଶିକ୍ଷା ଆଜି ସପ୍ନ ହୋଇପଡ଼ିଛି ବୋଲି ଅଭିଭାବକମାନେ ମତବ୍ୟକ୍ତ କରିଥିଲେ। ଏଥିସହ ନୂତନ ଶିକ୍ଷା ନୀତି-୨୦୨୦ ଲାଗୁ ହେବା ଫଳରେ ଶିକ୍ଷାର ଘରୋଇକରଣକୁ ଅଧିକ ପ୍ରୋତ୍ସାହନ ମିଳିବ, ଶିକ୍ଷାର ମାନ କମିବା ସହିତ ବୈଜ୍ଞାନିକ ସମ୍ମତ ଶିକ୍ଷାରୁ ଛାତ୍ରଛାତ୍ରୀମାନେ ଦୂରେଇ ଯିବେ ବୋଲି ମତ ପ୍ରକାଶ ପାଇଥିଲା। ତେଣୁ ସରକାର ଶିକ୍ଷା ପାଇଁ ବଜେଟରେ ଅଧିକ ଅର୍ଥ ପ୍ରଦାନ କରିବା, ଶିକ୍ଷାନୁଷ୍ଠାନ ପାଇଁ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ କରିବା, ଶିକ୍ଷାନୁଷ୍ଠାନରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ନିଯୁକ୍ତ ପ୍ରଦାନ କରିବା, ବୈଷୟିକ ଶିକ୍ଷାନୁଷ୍ଠାନ ଅଧିକରୁ ଅଧିକ ଖୋଲାଯିବା ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ନେଇ ସମ୍ମିଳନୀରେ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ଆଗାମୀ ସମ୍ମିଳନୀ ପାଇଁ ଏକ ୨୧ ଜଣିଆ କମିଟି ଗଠନ କରାଯାଇଥିଲା। ଉକ୍ତ ନୂତନ କମିଟିରେ ଉପଦେଷ୍ଟା ଭାବରେ ସୁରେନ୍ଦ୍ର ଜେନା, ଅମୀୟ କୁମାର ମହାନ୍ତି, ବଜେନ୍ଦ୍ର ଦାଶ ସଭାପତି ଭାବରେ ପ୍ରଦୀପ୍ତ ନାୟକ, ସାଧାରଣ ସମ୍ପାଦକ ସୁରେନ୍ଦ୍ର ଦାଶ, ଉପସଭାପତି ଭାବରେ ନିହାର ରଞ୍ଜନ ସାମଲ, ଡଲି ଦାଶ, ବୁଧନୀ ମୁଣ୍ଡାରି, କିଶୋର ଜେନା, ଯୁଗ୍ମ ସମ୍ପାଦକ ଭାବରେ ଯଯାତୀ କେଶରୀ ସାହୁ, ଉମେଶ ପୁରୋହିତ ସର୍ବେଶ୍ୱର ଦାଶ, ଦ୍ୱିତୀକୃଷ୍ଣ ନାୟକ, କମିଟି ସଭ୍ୟ ଭାବରେ ବିଶ୍ୱନାଥ ଲେଙ୍କା, ରାଜିବ ବସନ୍ତରାଏ, ସନ୍ତୋଷ ବିଶ୍ୱାଳ, ଧନ୍ତିଆ ତାଣ୍ଡିଆ, ଗାୟତ୍ରି ମିଶ୍ର, ଅର୍ଚ୍ଚନା ମିଶ୍ର ପ୍ରମୁଖ ନିର୍ବାଚିତ ହେଇଥିଲେ। ଶେଷରେ ରାଜ୍ୟ ଉପସଭାପତି ନିହାର ରଞ୍ଜନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ହସ୍ତତନ୍ତ ଓ ହସ୍ତଶିଳ୍ପ ପ୍ରଦର୍ଶନୀରେ ଜମୁଛି ଭିଡ଼



**ରାଉରକେଲା, ୩।୮ (ସମିସ):** ଏକ୍ସପୋ ଇଭେଣ୍ଟ ମ୍ୟାନେଜମେଣ୍ଟ ଗ୍ରୁପ୍ ପକ୍ଷରୁ ସେକ୍ଟର-୧୩ ମେଲଣ ପଡ଼ିଆଠାରେ ଆରମ୍ଭ ହୋଇଥିବା ହସ୍ତତନ୍ତ ଓ ହସ୍ତଶିଳ୍ପ ପ୍ରଦର୍ଶନୀରେ ଭିଡ଼ ଜମୁଥିବା ଦେଖିବାକୁ ମିଳିଛି। ରବିବାର ଏହାର ଦ୍ୱିତୀୟ ଦିନ ଥିବା ବେଳେ ମେଳାରେ ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ପ୍ରାୟ ୧୭ଟି ରାଜ୍ୟର ହସ୍ତତନ୍ତ ସାମଗ୍ରୀ ଗୋଟିଏ ସ୍ଥାନରେ ଉପଲବ୍ଧ ଥିବାରୁ ଏହାର ସୁଯୋଗ ନେବା ପାଇଁ ସେ କହିଥିଲେ। ଉକ୍ତ ପ୍ରଦର୍ଶନୀରେ ୭୦ଟି ଷ୍ଟଲରେ ବିଭିନ୍ନ ରାଜ୍ୟର ହସ୍ତତନ୍ତ ସାମଗ୍ରୀ ଉପଲବ୍ଧ ଥିବା ବେଳେ ଗ୍ରାହକମାନଙ୍କୁ ୨୦ ପ୍ରତିଶତ ରିହାତି ମୂଲ୍ୟ ରଖାଯାଇଛି। ମେଳା ପ୍ରତ୍ୟେକ ଦିନ ସକାଳ ସାଢ଼େ ୧୧ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଖୋଲା ରହୁଛି। ଏଥିରେ ଜୟପୁର ବେଡସିଟ୍, ବନାରସୀ ଶାଢ଼ୀ, ମିରଟର ଖାଦୀ, ସାର୍ଟ ଲକ୍ଷ୍ନୌ କୁର୍ତ୍ତି, ଭାଗଲପୁର ଶାଢୀ, ବେଙ୍ଗଲ ଜାମଦାନୀ ଶାଢ଼ୀ, କର୍ଣ୍ଣାଟକ ସ୍ଲିକ୍ ଶାଢ଼ୀ, ଜୟପୁରୀ ନାଇଟୀ, କାଶ୍ମୀର କୁର୍ତ୍ତି, ଗୁଜରାଟର ଚୁରନ, ଏଟିଙ୍ଗ୍ ଜ୍ୱେଲେରୀ, ଇମିଟେସନ ଜ୍ୱେଲେରୀ, ପଞ୍ଜାବୀ ଜୋତା, ରାଜସ୍ଥାନର ବେଡ଼ ସିଟ୍ ସହ ଅନେକ ସାମଗ୍ରୀ ଉପଲବ୍ଧ ରହିଛି। ଏହାସହ ମଥୁରା କେକ୍, ସିମଳା ମିର୍ଚ୍ଚା, ସୁଇଟ କର୍ଣ୍ଣ, ଭେଲପୁରୀ, ମମୋଜ ଭଳି ସ୍ୱାଦିଷ୍ଟ ଖାଦ୍ୟ ଷ୍ଟଲ ସୁବିଧା ରହିଛି। ଆୟୋଜିକା ତଥା ଗ୍ରୁପର ନିର୍ଦ୍ଦେଶିକା ଲୀନା ନାୟକ ଓ ମେଳାର ସଂଯୋଜକ ଏସ୍‌କେ ଅନାର ଆଗାମୀ ରାକ୍ଷୀ ପୂର୍ଣ୍ଣିମା ଓ ଜନ୍ମାଷ୍ଟମୀ ଉପଲକ୍ଷେ ରାଉରକେଲା ସମେତ ଆଖପାଖ ଅଞ୍ଚଳବାସୀ ସୁଯୋଗ ନେବା ପାଇଁ ନିବେଦନ କରିଛନ୍ତି।

# ଗୋରୁ ଗାଈଙ୍କ ଯୋଗୁଁ ସିରିଜ୍ ଦୁର୍ଘଟଣା

**ବଣାଇଁ, ୩।୮ (ସମିସ):** ବଣାଇଁ ଥାନା ଅନ୍ତର୍ଗତ ଚର୍ଚ୍ଚ ଛକ ନିକଟ ପଞ୍ଜାବ ବ୍ୟାଙ୍କ ସମ୍ମୁଖ ରାସ୍ତା ଉପରେ ଶୋଇଥିବା ଗାଈ ବଳଦକୁ ବଞ୍ଚାଇବାକୁ ଯାଇ ସିରିଜ୍ ଦୁର୍ଘଟଣା ହୋଇଥିବା ଜଣାପଡ଼ିଛି। ଏକ କାର ଦେଓଗାଁ ପଟୁ ବଣାଇଁ ଆସୁଥିବା ବେଳେ ରାସ୍ତା ଉପରେ ଶୋଇଥିବା ଗାଈ ଗୋରୁଙ୍କୁ ବଞ୍ଚାଇବାକୁ ଯାଇ ରାସ୍ତା ପାର୍ଶ୍ୱକୁ କାଟି ଥିବା ବେଳେ ପଛ ପଟୁ ଦ୍ରୁତ ଗତିରେ ଏକ ବୋଲେରୋ ଆସି କାର୍‌କୁ ଧକ୍କା ଦେଇଥିଲା। ଫଳରେ ଗାଡ଼ିର ଆଗ ଚକା ଫାଟି ଗାଡିଟି ରାସ୍ତା ପାର୍ଶ୍ୱରେ ଅଟକି ଯାଇଥିଲା। ଉଭୟ ଗାଡ଼ିର କ୍ଷୟକ୍ଷତି ବହୁତ ହୋଇଥିଲେ ମଧ୍ୟ କେହି ମୃତାହତ ହୋଇ ନଥିବା ଜଣାପଡ଼ିଛି। ସେହି ସମୟରେ ଜଣେ ବୁଲେଟ ଆରୋହୀ ମଧ୍ୟ ସେହି ଦୁର୍ଘଟଣାରେ ତଳେ ପଡ଼ି ସାମାନ୍ୟ ଆହତ ହୋଇଥିବା ଜଣପାଡ଼ିଛି। ବାରମ୍ବାର ରାସ୍ତା ଉପରେ ଗାଈ ଗୋରୁଙ୍କ ପାଇଁ ଛୋଟବଡ ଦୁର୍ଘଟଣା ଘଟିବା ସହ ଧନ ଜୀବନ ହାନି ହେଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଘଟଣା ସ୍ଥଳରେ ବଣାଇଁ ପୁଲିସ ପିସିଆର ଗାଡ଼ି ପହଞ୍ଚି ବୋଲେରୋ ଓ କାର୍ ଚାଳକଙ୍କୁ ଥାନାକୁ ନେଇ ତଦନ୍ତ କରୁଛି।

# ସଙ୍ଗୀତ ଶିଳ୍ପୀ ସମାଜର ସଙ୍ଗୀତ ସନ୍ଧ୍ୟା



**ରାଉରକେଲା, ୩।୮ (ସମିସ):** ସଙ୍ଗୀତ ଶିଳ୍ପୀ ସମାଜର ଜୁଲାଇ ମାସର ମାସିକ ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ ସେକ୍ଟର - ୧୯ ସ୍ଥିତ କବିଚନ୍ଦ୍ର କଳାକେନ୍ଦ୍ର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ପଣ୍ଡିତ ଅଜୟ ପାଣିଙ୍କ ବେଦମନ୍ତ୍ର ଉଚ୍ଚାରଣ ସହ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାପତି ଶରତ ଦଳ ସଭାକୁ ସମ୍ବୋଧିତ କରିଥିଲେ। ବରିଷ୍ଠ ତବଲା ଗୁରୁ ରଞ୍ଜନ ସାହୁ ଏବଂ ବରିଷ୍ଠ ତବଲା ବାଦକ ମନବୋଧ ମିଶ୍ର ସମସ୍ତ ଶିଳ୍ପୀମାନଙ୍କୁ ପୁଷ୍ପ ଗୁଚ୍ଛ ପ୍ରଦାନ କରିଥିଲେ। ବିଶ୍ୱାସ ରଞ୍ଜନ ରାଉତରାୟ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ, ଅନୁରାଗ ପ୍ରଧାନ, ରାଜା ମୁଣ୍ଡାରୀ ଏକକ ବଂଶୀ ବାଦନ କରିଥିଲେ। କୈଳାସ ମହାରଣା, ପ୍ରିତିରାଣୀ ପଣ୍ଡା, ଆଦ୍ୟାଶା ଦାସ, ସୁରେଶ୍ୱରୀ ଦାସ, ଜ୍ୟୋସ୍ନା ମହାପାତ୍ର, କାଦମ୍ବିନୀ ପଣ୍ଡା, ଶକୁନ୍ତଳା ସାହୁ, ପ୍ରଦିପ ପାତ୍ର ଓ ଜ୍ୟୋତି ପାତ୍ର ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ଗୁରୁ ବିଭୁତି ପତି, ଗୁରୁ ନରେନ୍ଦ୍ର ନାୟକ, ଗୁରୁ ପୁଲିନ ରାଉତରାୟ, ଗୁରୁ ନରସିଂହ ପାଣିଗ୍ରାହୀ ପ୍ରମୁଖ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶୁଭେନ୍ଦୁ ପଟ୍ଟନାୟକ, ଜଗନ୍ନାଥ ଦାସ, ଚିନ୍ତାମଣି ଗୌଡ, ସୁରଜ କୁମାର ସରାଫ, ନମିତା ନାୟକ, ଦିଲ୍ଲିପ ବରିହା, ପ୍ରଶାନ୍ତ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

# ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଦିବସ



**ରାଉରକେଲା, ୩।୮ (ସମିସ):** ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ତରଫରୁ ସଂସ୍କୃତ ଦିବସ ପାଳନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଦିପ୍ତା ବେହେରାଙ୍କ ସଭାପତିତ୍ୱ ଓ ମିନତୀ ଖମାରୀଙ୍କର ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଉମାକାନ୍ତ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂସ୍କୃତ ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ଦେହୁରୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ପ୍ରୋଜେକ୍ଟ ପ୍ରଦର୍ଶନ କରାଯାଇଥିଲା। ସରୋଜ କୁମାର ଜେନା ସ୍ୱାଗତ ଭାଷଣ ଦେଇଥିଲେ। ସୁଜାତା ତ୍ରିପାଠୀ, ଅଜୟ ରାଉତ, ସରୋଜ ଜେନା, ଛବିରାଣୀ ପ୍ରଧାନ, ପ୍ରମିଳା ଡୁଙ୍ଗ ଡୁଙ୍ଗ, ମିନତୀ ଖମାରୀ, ପୂଜା ସ୍ୱାଇଁ, ହରିହର କାମିଲା, ସୁଜାତା ମିଶ୍ର, ସୁଶାନ୍ତ ରୟ, ସୁରେଖା ନାୟକ, ବନିତା ସ୍ୱାଇଁ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଛବିରାଣୀ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୨୫୦ ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

# ନୂତନ ଶବଦାହ ଗୃହ କାର୍ଯ୍ୟକ୍ଷମ କେବେ?

ବଣାଇଁ, ୩।୮ (ସମିସ)



ବଣାଇଁ ସହର ଦେଓଗାଁ ବ୍ରାହ୍ମଣୀ ନଦୀ କୂଳରେ ଥିବା ସର୍ବଧର୍ମ ଶ୍ମଶାନ ଘାଟଟି ଅବ୍ୟବସ୍ଥାରେ ଘେରରେ ରହିଛି। କୌଣସି ପ୍ରକାରର ମୌଳିକ ସୁବିଧା ନ ଥିବାରୁ ଶବଦାହ ସମୟରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ମୃତକଙ୍କ ପରିବାର ଓ ଜ୍ଞାତି କୁଟୁମ୍ବ। ହିନ୍ଦୁଧର୍ମ ସମ୍ପ୍ରଦାୟର ଲୋକଙ୍କ ପାଇଁ ସରକାରଙ୍କ ପକ୍ଷରୁ ଏକ ଶବଦାହ ଗୃହ କୋଟି କୋଟି ଟଙ୍କା ବ୍ୟୟରେ ଆଜକୁ ୪ ବର୍ଷ ପୂର୍ବେ ନିର୍ମାଣ ହୋଇଛି। କିନ୍ତୁ ସର୍ବ ସାଧାରଣଙ୍କ ପାଇଁ ଆଜି ପର୍ଯ୍ୟନ୍ତ ତାହା ଖୋଲି ନଥିବାରୁ ସାଧାରଣ ଲୋକଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ଆଉ କେତେଦିନ ପରେ ନୂତନ ଶବଦାହ ଗୃହ କାର୍ଯ୍ୟକ୍ଷମ ହେବ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି।

ସୂଚନାଯୋଗ୍ୟ, ଗତ ଚାରି ବର୍ଷ ତଳେ ଇସାରା ଇଞ୍ଜିନିୟରିଂ ପ୍ରାଇଭେଟ ଲିମିଟେଡକୁ ଏହି ନୂତନ ଅତ୍ୟାଧୁନିକ ଶବଦାହ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିଥିଲା। କିନ୍ତୁ ଏହାର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି ସ୍ଥାନରେ ବ୍ୟୟ ଅଟକଳ ପରିମାଣ ଓ କାର୍ଯ୍ୟର ଅବଧି ସମ୍ପର୍କରେ ସୂଚନା ଫଳକ ଲଗାଯାଇ ନାହିଁ। ନିର୍ମାଣ କାର୍ଯ୍ୟକୁ ପରେ କେନ୍ଦୁଝର ଜିଲ୍ଲାର ଅନ୍ୟ ଜଣେ ଠିକାଦାର ଦେଖାରଖା କରୁଥିବା ଜଣାପଡ଼ିଥିଲା। ବିଦ୍ୟୁତ୍ ଚାଳିତ ଶବଦାହ ଗୃହ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ଏବେ ଘର ପଛପଟେ ଅସ୍ଥାୟୀ ଭାବେ ଶବଦାହ କରାଯାଉଛି। ଶବ ଦାହ ପାଇଁ ତିଆରି ହୋଇଥିବା ଲୁହା ଫ୍ରେମ୍‌ଟି ଦୀର୍ଘ ଦିନ ହେବ ନିଆଁ ସଂସ୍ପର୍ଶରେ ଆସି ଦୁର୍ବଳ ହୋଇଯାଇଛି। ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଏହି ଲୁହା ଫ୍ରେମ୍‌ଟି କେତେବେଳେ ଯେ ଭୁଷୁଡିବ କହିହେଉ ନାହିଁ। ଶବଦାହ ପରେ ନିଆଁ ଲିଭାଇବାକୁ ଜଳର ଆବଶ୍ୟକ ଥିବା ବେଳେ ଶ୍ମଶାନରେ ଜଳଯୋଗାଣର କୌଣସି ସୁବିଧା କରାଯାଇନାହିଁ। ପାନୀୟ ଜଳ, ବିଶ୍ରାମ ସ୍ଥଳ ସହ ଆଲୋକର ବ୍ୟବସ୍ଥା ନଥିବାରୁ ରାତିରେ ଶବଦାହ କରିବାକୁ ଆସୁଥିବା ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏନେଇ ବଣାଇଗଡ଼ ବିଡ଼ିଓ ଦିବ୍ୟଶଙ୍କର ଜୟପୁରିଆଙ୍କୁ ପଚାରିବାରୁ ନୂତନ ଶବଦାହ କେନ୍ଦ୍ର ଖୋଲିବା ପାଇଁ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ସାଧାରଣ ବିଜ୍ଞପ୍ତି

ଭାରତ ସରକାରଙ୍କର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ (MoEF&CC), ମନ୍ତ୍ରଣାଳୟ ଏହାର ପତ୍ର ସଂଖ୍ୟା IA-J-11015/34/2022-IA-II(M) , 29.07.2025 ତାରିଖ ଦ୍ୱାରା M/s ବେଦାନ୍ତ ଲିମିଟେଡ଼ଙ୍କର, ଲଖନପୁର ତହସିଲ, ଝାରସୁଗୁଡା ଜିଲ୍ଲା, ଓଡିଶାରେ ରେ ଅବସ୍ଥିତ କୁରାଲୋଇ (A) ଉତ୍ତର କୋଇଲା ଖଣିରୁ ବାର୍ଷିକ 8.00 ମିଲିଅନ୍ ଟନ୍ କୋଇଲା ଉତ୍ପାଦନ ପାଇଁ ପରିବେଶୀୟ ସ୍ୱୀକୃତି ପ୍ରଦାନ କରିଛି। ପରିବେଶୀୟ ସ୍ୱୀକୃତି ର ନକଲ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ (MoEF&CC) ମନ୍ତ୍ରଣାଳୟ ର ୱେବ୍‌ପୋର୍ଟାଲ http//parivesh.nic.in ରେ ଉପଲବ୍ଧ ହୋଇପାରିବ ।

# ୧୧ରୁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବ ରାଜସ୍ୱ ଅମଲା ସଂଘ



ଦେବଗଡ଼,୩।୮ (ସମିସ): ଓଡ଼ିଶା ରାଜସ୍ୱ ଅମଲା ସଂଘ ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ମତ ଅନୁସାରେ ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କର ଦାବି ଗୁଡିକ ପୂରଣ କରିବାରେ ରାଜ୍ୟ ସରକାରଙ୍କ ତରଫରୁ ଅହେତୁକ ବିଳମ୍ବ ହୋଇଛି। ଏନେଇ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଓଡ଼ିଶା ରାଜସ୍ୱ ଅମଲା ସଂଘ, ଦେବଗଡ଼ ଜିଲ୍ଲା ଶାଖା ସଭାପତି କମଳାପତି ସାହୁଙ୍କ ଆହ୍ୱାନ କ୍ରମେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସଂଘର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କର ଦୀର୍ଘଦିନର ଦାବି ପୂରଣ କରିବା ଦିଗରେ ରାଜ୍ୟ ସରକାର ବୈମାତୃକ ମନୋଭାବ ପୋଷଣ କରୁଥିବା ଯୋଗୁଁ ଜିଲ୍ଲାସ୍ତରରେ ଅମଲା ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଯଦି ରାଜ୍ୟ ସରକାର ଆଗାମୀ ଅଗଷ୍ଟ ୧୦ ତାରିଖ ମଧ୍ୟରେ ଓଡ଼ିଶା ରାଜସ୍ୱ ଅମଲା ସଂଘର ଦାବିଗୁଡିକ ପୂରଣ ନ କରନ୍ତି ତେବେ ରାଜ୍ୟ ସଂଘର କାର୍ଯ୍ୟକାରିଣୀ ବୈଠକରେ ଗୃହୀତ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ଅଗଷ୍ଟ ୧୧ ତାରିଖ ଠାରୁ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି ଜିଲ୍ଲା ସଭାପତି କମଳପତି ସାହୁ, ସମ୍ପାଦକ ହେରମ୍ବ ନାରାୟଣ ସାହୁ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି। ଏହି ଅବସରରେ ବିଭୁତି ଭୂଷଣ ସାହୁ, ଅଭିରାମ ସେଠ, ଅନୁସୟା ନାଏକ, ଗିତାଞ୍ଜଳୀ ନାଏକ, ସୋମ୍ୟରଣୀ ଗୁରୁ, ରଶ୍ମିରେଖା ଦେବୀ, ରମଣୀରଞ୍ଜନ ବିଶ୍ୱାଳ ତଥା ଦେବଗଡ଼ ଜିଲ୍ଲାର ଅନ୍ୟାନ୍ୟ ରାଜସ୍ୱ ଅମଲା ମାନେ ଉପସ୍ଥିତ ଥିଲେ।

# ୫ ଡକାୟତ ଗିରଫ; ମାରଣାସ୍ତ୍ର ଜବତ

ଝାରସୁଗୁଡ଼ା,୩।୮ (ସମିସ): ବ୍ରଜରାଜନଗର ଥାନା ଅଞ୍ଚଳରେ ଡକାୟତି ଉଦ୍ୟମ କରୁଥିବା ବେଳେ ପୁଲିସ ମାଡିବସିବା ସହ ଏକ ବଡ ଧରଣର ଡକାୟତି ରୋକିବାରେ ବ୍ରଜରାଜନଗର ପୁଲିସ ସକ୍ଷମ ହୋଇଛି। ଶନିବାର ବିଳମ୍ବିତ ରାତିରେ ଏକ ଡକାୟତି ଦଳ ବିଭିନ୍ନ ମାରଣାସ୍ତ୍ର ଧରି ଛୁଆଳିବେର୍ଣା ଜଙ୍ଗଲରେ ଏକତ୍ରିତ ହୋଇ ଖଣି ଅଞ୍ଚଳରେ ଡକାୟତି ଯୋଜନା କରୁଥିବା ନେଇ ପୁଲିସ ପେଟ୍ରୋଲିଂ ସମୟରେ ଜାଣିବାକୁ ପାଇଥିଲା। ଖବରପାଇ ଘଟଣାସ୍ଥଳରେ ବ୍ରଜରାଜନଗର ପୁଲିସ ଚଢ଼ଉ କରି ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ କିଛି ଅନ୍ଧାରର ସୁଯୋଗ ନେଇ ଫେରାର ହୋଇଯାଇଥିଲେ। ଗିରଫ ଅଭିଯୁକ୍ତ



ମାନେ ହେଲେ ବ୍ରଜରାଜନଗର ଥାନା ତେଲେନପାଲିର ନିଖିଳ କୁମ୍ଭାର (୨୪), ଇଏସଆଇ ଛକ ନୂଆପଡାର ସଂଜୟ ତାଣ୍ଡି ଓରଫ ରିଙ୍କୁ (୨୬), ୫ସକେତନ ଭୋଇ ଓରଫ ଅଶ୍ୱିନୀ ଭୋଇ (୩୪), ଗାନ୍ଧୀ ଛକର କରନ ଚୌହାନ (୨୬), ଆଶ୍ରମପଡାର ଦିନେଶ ମହାତୋ (୩୪)। ଅଭିଯୁକ୍ତ ମାନଙ୍କ ନାମରେ ପୂର୍ବରୁ ମଧ୍ୟ ବିଭିନ୍ନ ଥାନାରେ ଅନେକ ମାମଲା ରହିଥିବା ପୁଲିସ ତରଫରୁ ସୂଚନା ଦିଆଯାଇଛି। ଚଢ଼ଉ ସମୟରେ ପୁଲିସ ଅଭିଯୁକ୍ତ ମାନଙ୍କ ନିକଟରୁ ଦୁଇଟି ଜୀବନ୍ତ ଗୁଳି, ଗୋଟିଏ ଭୁଜାଲି, ଗୋଟିଏ ଚାପଡ, ୪ଟି ଟର୍ଚ୍ଚ ଲାଇଟ ଓ ଗୋଟିଏ ସ୍କର୍ପିଓ ଗାଡ଼ିକୁ ଜବତ କରାଯାଇଛି। ଅଭିଯୁକ୍ତଙ୍କ ମାନଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିବା ବେଳେ ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ପୁଲିସ ତରଫରୁ ସୂଚନା ଦିଆଯାଇଛି।

## ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଜିଲ୍ଲାପାଳଙ୍କ ସ୍ଥାନ ନିରୂପଣ

ଦେବଗଡ଼,୩।୮ (ସମିସ): ଜିଲ୍ଲାପାଳ କବିନ୍ଦ୍ର ସାହୁ ରବିବାର ବାରକୋଟ ବ୍ଲକ୍ ଗ୍ରସ୍ତରେ ଯାଇ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଲୋକାଭିମୁଖୀ ଉନ୍ନୟନ ମୂଳକ କାର୍ଯ୍ୟ କରିବା ପାଇଁ ସ୍ଥାନ ନିରୂପଣ କରିଛନ୍ତି। ଏହାସହ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସମୀକ୍ଷା କରିଛନ୍ତି। ବାରକୋଟ ବ୍ଲକ୍‌ରେ ନୂତନ ଚିକିତ୍ସାଳୟ ଓ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ ନିମନ୍ତେ ବିଭିନ୍ନ ସ୍ଥାନ ବୁଲି ଦେଖିଥିଲେ। ଜିଲ୍ଲାପାଳଙ୍କ ପରିଦର୍ଶନ ସମୟରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଅତିରିକ୍ତ ତହସିଲଦାର ଶିବବ୍ରତ ନାୟକ, ରାଜସ୍ୱ ଅଧିକାରୀ ବିପିନ୍ ସାହୁ, ଜିଲ୍ଲାସ୍ତରୀୟ ଅଧିକାରୀ ଓ ବାରକୋଟ ବ୍ଲକ୍‌ର ଜନସାଧାରଣ ଉପସ୍ଥିତ ଥିଲେ।

## କିଶୋର ନ୍ୟାୟ ଏବଂ ଝିଅଙ୍କୁ ସୁରକ୍ଷା ସମ୍ପର୍କିତ କର୍ମଶାଳା

ଝାରସୁଗୁଡ଼ା,୩।୮ (ସମିସ): ନାରୀଙ୍କ ସୁରକ୍ଷା ଓ ସମ୍ମାନ ପ୍ରତି ସମ୍ବେଦନଶୀଳ ହେବା, ନାରୀ ସୁରକ୍ଷା ସମ୍ପର୍କିତ ଆଇନ ବିଷୟରେ ଜାଣିବା ଏବଂ ସମ୍ବିଧାନ ପ୍ରଦତ୍ତ ଅଧିକାର ବିଷୟରେ ନାରୀମାନଙ୍କୁ ସଚେତନ କରାଇବା ପ୍ରତ୍ୟେକ ସଚେତନଶୀଳ ନାଗରିକର କର୍ତ୍ତବ୍ୟ ହେବା ଉଚିତ ବୋଲି ସୁରକ୍ଷା ସମ୍ପର୍କିତ କର୍ମଶାଳାରେ ଅତିଥି ମାନେ ମତ ପ୍ରକାଶ କରିଛନ୍ତି। ଭାରତରେ ଝିଅମାନଙ୍କୁ ସୁରକ୍ଷିତ ଏବଂ ସକ୍ଷମ ପରିବେଶ ଯୋଗାଇ ଦେବା ପାଇଁ କିଶୋର ନ୍ୟାୟ ସମ୍ପର୍କିତ ଜିଲ୍ଲାସ୍ତରୀୟ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଝାରସୁଗୁଡ଼ା ଜିଲ୍ଲା ନ୍ୟାୟାଳୟ ପକ୍ଷରୁ ଆୟୋଜିତ କର୍ମଶାଳାରେ ଜିଲ୍ଲା ଏବଂ ଦୌରାଜଜ ପ୍ରଶାନ୍ତ ନାୟକ, ପରିବାର ନ୍ୟାୟାଳୟର ବିଚାରପତି ଲୋକନାଥ ସାହୁ, ଅତିରିକ୍ତ ଜିଲ୍ଲା ଦୌରା ଜଜ, ପୋକ୍ସୋ କୋର୍ଟ ଜଜ, ସିଜେଏମ୍ ଏବଂ ଅନ୍ୟମାନେ ଯୋଗ ଦେଇଥିଲେ। କିଶୋରୀ ବାଳିକାଙ୍କ ସୁରକ୍ଷା ଦିଗରେ ଯତ୍ନବାନ ହେବା ପାଇଁ ସମସ୍ତେ ଯତ୍ନଶୀଳ ହେବା ତଥା ଅନ୍ୟମାନଙ୍କୁ ଏ ଦିଗରେ ସଚେତନ କରାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ନାରୀ ନିର୍ଯ୍ୟାତନା, ନାରୀଙ୍କ ପ୍ରତି ହିଂସା, ଯୌନ ନିର୍ଯାତନା ସମ୍ପର୍କିତ ଆଇନ ସମ୍ପର୍କରେ ବିଦ୍ୟାଳୟ ସ୍ତରରୁ ସଚେତନତା ସୃଷ୍ଟିର ଆବଶ୍ୟକତା ରହିଛି ବୋଲି କହିଥିଲେ। କିଶୋରୀ ବାଳକବାଳିକା ନିଜ ପ୍ରତି ହେଉଥିବା ଅସଦାଚରଣ ସମ୍ପର୍କରେ ପିତାମାତା, ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍ୱଚ୍ଛନ୍ଦରେ କିପରି ଅବଗତ କରିବେ ସେ ଦିଗରେ କାଉନସେଲିଂ କରାଯିବା ଆବଶ୍ୟକତା ରହିଛି ବୋଲି ସମସ୍ତେ ମତ ଦେଇଥିଲେ। ବିଶେଷ କରି ମାତାପିତା ମାନଙ୍କୁ କିଶୋର ବୟଃପ୍ରାପ୍ତ ପିଲାମାନଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ସହ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ କର୍ମଶାଳାରେ ପରାମର୍ଶ ଦିଆଯାଇଥିଲା। 'ଗୁଡ ଟଚ ଏବଂ ବ୍ୟାଡ ଟଚ' ସମ୍ପର୍କରେ କିଶୋର ଓ କିଶୋରୀ ଜାଣିବା ଆବଶ୍ୟକ ବୋଲି ଅତିଥିମାନେ ମତ ଦେଇଥିଲେ। ରେଜିଷ୍ଟ୍ରାର ତଥା ପ୍ରିନ୍ସିପାଲ ମାଜିଷ୍ଟ୍ରେଟ ରାଜେନ୍ଦ୍ର ଦାସ କାର୍ଯ୍ୟକ୍ରମ ସମ୍ପର୍କରେ ଉଦ୍ଦେଶ୍ୟ ଜ୍ଞାପନ, ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁଅର ଟାଙ୍ଗିଆ ଚୋଟରେ ମା' ଗୁରୁତର

ରିଆମାଳ,୩।୮ (ସମିସ): ରିଆମାଳ ଥାନା ରିଆମାଳ ପଟାଭାଡି ସାହିରେ ମଦ୍ୟପ ଅବସ୍ଥାରେ ଜଣେ ବ୍ୟକ୍ତି ନିଜ ମାକୁ ଟାଙ୍ଗିଆରେ ଆକ୍ରମଣ କରିବା ଫଳରେ ମା ଗୁରୁତର ହୋଇ ପଡିଛନ୍ତି। ପଟାଭାଡି ସାହିର ପ୍ରତାପ ବିଶ୍ୱାଳ କୌଣସି କାରଣକୁ ନେଇ ଘରେ ନିଜ ମା' ମଲି ବିଶ୍ୱାଳ (୬୬)ଙ୍କ ମୁହଁକୁ ଏକ ଟାଙ୍ଗିଆରେ ଆକ୍ରମଣ କରିଥିଲା। ଫଳରେ ମଲି ଗୁରୁତର ହୋଇ ପଡିଥିଲେ। ଆକ୍ରମଣରେ ତାଙ୍କର ଦାନ୍ତ, ପାଟି କ୍ଷତାକ୍ତ ହୋଇଛି। ଘରର ଅନ୍ୟ ସଦସ୍ୟ ତାଙ୍କୁ ଛତାବର ମେଡିକାଲକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ଦେବଗଡ଼ ପଠାଇ ଦେଇଛନ୍ତି। ଖବର ପାଇ ରିଆମାଳ ପୁଲିସ ତଦନ୍ତ ଆରମ୍ଭ କରିଛନ୍ତି।

# କିରୋସିନି ଢାଳି ସ୍ତ୍ରୀକୁ ଜାଳିଦେଲା ସ୍ୱାମୀ

ଦେବଗଡ଼,୩।୮ (ସମିସ): ପ୍ରେମ ବିବାହର ଦୀର୍ଘ ବର୍ଷ ପରେ ମଧ୍ୟ ସନ୍ତାନ ସନ୍ତତି ନ ହେବାରୁ ସ୍ତ୍ରୀକୁ କିରୋସିନି ଢାଳି ସ୍ୱାମୀ ହତ୍ୟା କରିଛି। ବାରକୋଟ ଥାନା ଅଧୀନ ରେଙ୍ଗାଳି ଗାଁରେ ଏହି ଅଭାବନୀୟ ଘଟଣା ଘଟି ଯାଇଛି। ହତ୍ୟାକାରୀ ସ୍ୱାମୀକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟପକ୍ଷରେ ସ୍ୱାମୀ ସ୍ତ୍ରୀ ଭିନ୍ନ ଜାତିର ହୋଇଥିବାରୁ ମୃତ ମହିଳାଙ୍କ ଶବସତ୍କାର କରିବାକୁ ଜାତି ସମାଜ କେହି ନ ଆସିବାରୁ ବାରକୋଟ ଥାନା ପୁଲିସ ରାତିରେ ଶବସତ୍କାର କରିଛି। ରେଙ୍ଗାଳି ଗାଁର ବିଜୟ ନାଏକ (୪୨) ଗତ ୨୦୦୯ ମସିହାରେ ପାଲଲହଡା ଥାନା ଅଧୀନ ଟେଭାଫାଳ ଗାଁର ସବିତା ମହନ୍ତ(୩୫)କୁ ପ୍ରେମ ବିବାହ କରିଥିଲେ। ବିବାହର ଦୀର୍ଘ ବର୍ଷ ପରେ ମଧ୍ୟ ସନ୍ତାନ ସନ୍ତତି ନ ହେବାରୁ ସ୍ୱାମୀ ସ୍ତ୍ରୀ ମଧ୍ୟରେ କଳି ଲାଗି ରହୁଥିଲା। ଗତ ବୁଧବାର ସ୍ୱାମୀ ସ୍ତ୍ରୀ ମଧ୍ୟରେ କୌଣସି କଥାକୁ ନେଇ ପୁଣି ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ବିଜୟ କିରୋସିନି ସବିତାଙ୍କ ଦେହରେ ଢାଳି ନିଆଁ ଲଗାଇ ଦେଇଥିଲା। ସବିତାଙ୍କ ଚିତ୍କାର ଶୁଣି ପଡିଶା ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଚିକିତ୍ସା ପାଇଁ ପ୍ରଥମେ ପାଲଲହଡା ଡାକ୍ତରଖାନା ଓ ସେଠାରୁ କେନ୍ଦୁଝର ଡାକ୍ତରଖାନାକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସବିତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ସବିତାଙ୍କ ବଡବାପା ପୁଅ ଭାଇ ବୁଲୁ ମହନ୍ତ ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବାରକୋଟ ଥାନା ପୁଲିସ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ବିଜୟକୁ ଗିରଫ କରି କୋର୍ଟଚାଲାଣ କରିଛି। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ତାକୁ ଜେଲ ପଠାଇ ଦିଆ ଯାଇଛି। ଅନ୍ୟପକ୍ଷରେ କଟକ ବଡ ଡାକ୍ତରଖାନାରୁ ସବିତାଙ୍କ ମୃତଦେହକୁ ଭାଇ ବୁଲୁ ଓ ମା ଆଣିଥିଲେ। ରେଙ୍ଗାଳି ସ୍ଥିତ ଝିଅର ଶାଶୁ ଘରେ ପହଞ୍ଚାଇବା ପରେ ପୁଅ ଝିଅ ଭିନ୍ନ ଜାତିର ଥିବାରୁ ଗାଁରେ ଜାତି ସମାଜର କୌଣସି ସଦସ୍ୟ ଶବ ସତ୍କାର ପାଇଁ ବାହାରି ନଥିଲେ। ଶେଷରେ ଅଭିଯୁକ୍ତ ସ୍ୱାମୀର ଭଉଣୀ ଜ୍ୱାଇଁ ଓ ବାରକୋଟ ଥାନାର ପୁଲିସ ଅଧିକାରୀ ମାନେ ମୃତ ଦେହକୁ କାନ୍ଧ ଦେଇ ରାତିରେ ଗାଁ ମଶାଣିରେ ସତ୍କାର କରିଥିବା ଜଣାପଡିଛି।

# ବାଇକ-ସ୍କୁଟି ମୁହାଁମୁହିଁ; ଜଣେ ମୃତ

ଦେବଗଡ଼,୩।୮ (ସମିସ): ଦେବଗଡ଼ ଥାନା ଅନ୍ତର୍ଗତ ବିଜୟନଗର ଗ୍ରାମଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥରେ ଏକ ବାଇକ୍ ଓ ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଥିବା ଜଣାପଡିଛି। ବ୍ରହ୍ମଣିମାଳ ଗ୍ରାମର ସୁରେନ୍ଦ୍ର ବାନାରା ସ୍କୁଟି ଯୋଗେ ବାରକୋଟ ପଟୁ କଣ୍ଢେଇ ଅଭିମୁଖେ ଆସୁଥିବା ବେଳେ ସମ୍ମୁଖ ପଟୁ ବାଇଧରନଗର ଗ୍ରାମର ସୁଶୀଲ ସାହୁ ବିଜୟନଗର ଛକ ଠାରେ ମୁହାଁମୁହିଁ ଧକ୍କା ଦେଇଥିଲେ। ଫଳରେ ଉଭୟ ଗୁରୁତର ହୋଇ ରାସ୍ତାରେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକଙ୍କ ସହାୟତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତୀ କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ସୁରେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ସୂଚନା ପାଇ ଦେବଗଡ଼ ଥାନା ପୁଲିସ ଘଟଣାସ୍ଥଳରୁ ଦୁର୍ଘଟଣାଗ୍ରସ୍ତ ବାଇକ୍ ଦ୍ୱୟକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିବା ସହ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା

ରିଆମାଳ,୩।୮ (ସମିସ): ରିଆମାଳ ବ୍ଲକ ରିଆମାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନଆଚାର୍ଯ୍ୟ ଯୁଧିଷ୍ଠିର ସାହୁଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ



ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ବନିତା ବେହେରା ଯୋଗ ଦେଇଥିଲେ। ଆଚାର୍ଯ୍ୟ ସଞ୍ଜୟ ପ୍ରଧାନ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିଥିବା ବେଳେ ପ୍ରଧାନଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଧୀରେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ନିମ୍ନ ବର୍ଗରେ ୧୦୬ଟି, ଶିଶୁ ବର୍ଗରେ ୪୩ ଟି, ବାଳବର୍ଗରେ ୨୮ଟି, କିଶୋର ବର୍ଗରେ ୧୧ଟି ମୋଟ ୧୮୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେହିପରି ପତ୍ର ବାଚନ, ବିଜ୍ଞାନ ପ୍ରୟୋଗ, ମୂର୍ତ୍ତି କଳା ଆଦି ପ୍ରତିଯୋଗିତାରେ ମୋଟ ୨୬ ଜଣ ଶିଶୁ ଭାଇ ଭଉଣୀ ଭାଗ ନେଇଥିଲେ। ସମସ୍ତ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଶିଶୁଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସମାପନ କର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରିଆମାଳ ବ୍ଲକ୍ କୃଷି ଅଧିକାରୀ ଗୌରୀ ଶଙ୍କର ପ୍ରଧାନ ଯୋଗ ଦେଇଥିଲେ। ଆଚାର୍ଯ୍ୟ ହେମନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଯୁଗ୍ମସମ୍ପାଦକ ଲୋକନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବାରକୋଟ ବ୍ଲକ୍‌ରେ ଅଭିଯୋଗ ଶୁଣାଣି

ଦେବଗଡ଼,୩।୮ (ସମିସ): ବାରକୋଟ ବ୍ଲକ୍ ସଦର ମହକୁମାରେ ରବିବାର ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବାରକୋଟ ସ୍ଥିତ ବିଧାୟକଙ୍କ ନିଜସ୍ୱ କାର୍ଯ୍ୟାଳୟରେ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଜନସାଧାରଣ ଆଣିଥିବା ୨୩ଟି ବ୍ୟକ୍ତିଗତ ଏବଂ ସାମୂହିକ ଅଭିଯୋଗ ଶୁଣିଥିଲେ। ସମାଧାନ ପାଇଁ ଜନସାଧାରଣଙ୍କୁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। କେତେକ ଅଭିଯୋଗ ପାଇବା ପରେ ବିଭାଗୀୟ ଅଧିକାରୀଙ୍କ ସହ ଫୋନ ଜରିଆରେ ଯୋଗାଯୋଗ କରି ତୁରନ୍ତ ସମାଧାନ ପାଇଁ ପରାମର୍ଶ କରିଥିଲେ। ରାସ୍ତା ମରାମତି ଓ ନୂତନରାସ୍ତା ନିର୍ମାଣ, ସ୍ୱାସ୍ଥ୍ୟ, ପାନୀୟଜଳ ଓ ବିଦ୍ୟୁତ୍ ସମସ୍ୟା ନେଇ ବାରକୋଟ ବ୍ଲକ୍‌ର ବିଭିନ୍ନ ଗାଁରୁ ଲୋକ ଅଭିଯୋଗ କରିଥିଲେ।

# ବେଲପାହାଡ଼ରେ 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ




ଝାରସୁଗୁଡ଼ା,୩।୮ (ସମିସ): ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରାଳୟ ନିର୍ଦ୍ଦେଶରେ ଝାରସୁଗୁଡ଼ା 'ମେରା ଯୁବା ଭାରତ ସଂଗଠନ' ସ୍ୱେଚ୍ଛାସେବୀ ଅନୁଷ୍ଠାନ, ମିଶନ ପ୍ଲାଣ୍ଟେସନ ୱିଥ୍ ଫିଟନେଶ ସହିତ ବେଲପାହାଡ଼ ରେଫରୀ ଆସୋସିଏସନ ଏବଂ ସ୍ଥାନୀୟ ଯୁବକମାନଙ୍କ ଦ୍ୱାରା 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ ବେଲପାହାଡ ପୌରାଞ୍ଚଳର ମିର୍ଦ୍ଧାଡେରାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଡ. ଦିଲ୍ଲୀପ ନାଏକ ସାମିଲ ହୋଇ ଚାରାରୋପଣ କରିଥିଲେ। ସମ୍ପାଦକ ହମିଦ ମହାପାତ୍ର, କୋଷାଧ୍ୟକ୍ଷ ସୁନନ୍ଦ ପଣ୍ଡା, ଶିକ୍ଷାବିଦ ମିନତୀ ମହାପାତ୍ର, ଶିକ୍ଷାବିତ ସୌମ୍ୟରଞ୍ଜନ ସାହୁ, ବରିଷ୍ଠ ସଦସ୍ୟ ସୁବ୍ରତ ମହାପାତ୍ର, ସମାଜ ପ୍ରତିନିଧି ସରୋଜ ମିର୍ଦ୍ଧା, ଆରଏସଏସ ଝାରସୁଗୁଡ଼ାର ପରିବେଶ ପ୍ରଭାରୀ ଜିତେନ୍ଦ୍ର ବିଶ୍ୱାଳ, ବୁଲୁ ବାରିକ, ଛୋଟୁରାୟ, ରଞ୍ଜିତ ସିଂ, ଅଭିଶେକ ସିଂହାନିଆଁ, ରେଫରୀ ଆସୋସିଏସନର ରାମ ସେହ୍ରିୟା, ରମଣୀ ମାଝୀ, ମହେନ୍ଦ୍ର ବଗର୍ତ୍ତୀ, ସୁରେନ୍ଦ୍ର ସାହୁ, ଅଗସ୍ତି ହାତିପଟା, ରତ୍ନାକର ସାଏ, ଅଜୟ କେରକେଟା, ଅରବିନ୍ଦ କେରକେଟା, ବିଜୟ ଓରାମ, ଲୋକନାଥ ଚୌହାନ ପ୍ରମୁଖ ଓ ସ୍ଥାନୀୟ ମିର୍ଦ୍ଧା ଡେରାର ଜନସାଧାରଣ ଯୋଗ ଦେଇ ନିଜ ନିଜ ମା'ଙ୍କ ନାଁରେ ଚାରାରୋପଣ କରିଥିଲେ।

## ନଦୀରେ ଭାସି ଯାଇ ଶିକ୍ଷକଙ୍କ ମୃତ୍ୟୁ

ଦେବଗଡ଼,୩।୮ (ସମିସ): ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ୍ ଅଧୀନ କୁଣ୍ଡାଯୋରୀ ଗାଁର ଜଣେ ଶିକ୍ଷକଙ୍କ ନଦୀରେ ଭାସିଯାଇ ମୃତ୍ୟୁ ଘଟିଛି। ମୃତ ଶିକ୍ଷକ ଅକ୍ରୁର ଭୋଇ ବୋଲି ଜଣାପଡ଼ିଛି। ରେଙ୍ଗାଲବେଡା ଠାରେ ମିଟିଂ ସାରି ନିଜ ଗାଁକୁ ଫେରୁଥିବା ବେଳେ ଗୋହୀରା ନଦୀରେ ପାର ହେଉଥିବା ବେଳେ ସେ ନଦୀରେ ଭାସି ଯାଇଥିଲେ। ବିଜାବେରଣି ଗାଁ ନିକଟସ୍ଥ ଗୋହୀରା ନଦୀ ପାଖେ ଏକ ଅର୍ଜୁନ ଗଛରେ ମୃତଦେହ ଅଟକି ଥିବାବେଳେ ଆଜି ମୃତଦେହ ଠାବ ହୋଇଛି। ଅକ୍ରୁର ତେନ୍ତଲା ବାହଲ ପ୍ରାଥମିକ ବିଦ୍ୟାଳ୍ୟରେ ଶିକ୍ଷକତା କରନ୍ତି। ତାଙ୍କର ୩ ଟି କନ୍ୟା ସନ୍ତାନ ଅଛନ୍ତି। ଶନିବାର ଅକ୍ରୁର ଘରକୁ ନଫେରିବାରୁ ତାଙ୍କ ଘରଲୋକ ଖୋଜାଖୋଜି କରି ବିଫଳ ହୋଇଥିଲେ। ଆଜି ଲୋକମାନେ ତାଙ୍କ ମୃତଦେହ ଦେଖି ତାଙ୍କ ଘର ଲୋକ, ରିଆମାଳ ପୁଲିସ ଏବଂ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ପରେ ମୃତଦେହ ଉଦ୍ଧାର କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ତାଙ୍କର ମୃତ୍ୟୁ ଘଟିବା ପରେ ତିନି କନ୍ୟା ସନ୍ତାନର ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରକାଶ ଯେ, କୁଣ୍ଡାଯୋରୀକୁ ଗାଁକୁ ଗମନାଗମନ ପାଇଁ ଗୋହୀରା ନଦୀ ଉପରେ ପୋଲ ନାହିଁ। ଏନେଇ ସ୍ଥାନୀୟ ଅଞ୍ଚଳବାସୀ ବାରମ୍ବାର ପ୍ରଶାସନ ନିକଟରେ ଦ୍ୱାରସ୍ଥ ହୋଇଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନାହିଁ। ଆଗାମୀ ଦିନରେ ନଦୀ ଉପରେ ପୋଲ ତିଆରି ନହୋଇ ଯଦି ଭବିଷ୍ୟତରେ କାହାର ଜୀବନ ଯାଏ, ଏଥିପାଇଁ ସରକାର ଦାୟୀ ରହିବେ ବୋଲି ତବଡା ପୂର୍ବତନ ସରପଞ୍ଚ ପାଞ୍ଜିଆ ଭୋଇ ପରିପ୍ରକାଶ କରିଛନ୍ତି।

# ଟାଙ୍ଗିଆ ଚୋଟରେ ଜଣେ ଗୁରୁତର, ଅଭିଯୁକ୍ତ କୋର୍ଟ ଚାଲାଣ

ରିଆମାଳ,୩।୮ (ସମିସ): ଦେବଗଡ ଜିଲ୍ଲା ରିଆମାଳ ବ୍ଲକ୍ କୁଣ୍ଡେଇଗୋଳା ଥାନା ଅନ୍ତର୍ଗତ ନାତ୍ରିପାଳ ଗ୍ରାମରେ ଟାଙ୍ଗିଆରେ ଆକ୍ରମଣ ଫଳରେ ଜଣେ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି। ଗୁରୁତର ହେଲେ ଶଙ୍କର ପ୍ରଧାନ। ମାମଲାରେ ଅଭିଯୁକ୍ତ କାହ୍ନୁଚରଣ ନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଗୁରୁବାର ସନ୍ଧ୍ୟା ୭ଟାରେ ଶଙ୍କରଙ୍କୁ ତାର ଶ୍ୱଶୁର ଘର ନିକଟରେ କାହ୍ନୁ କୌଣସି କାରଣକୁ ନେଇ ଗୋଟିଏ ଟାଙ୍ଗିଆରେ ଆକ୍ରମଣ କରିଥିଲା। ଟାଙ୍ଗିଆରେ ଆକ୍ରମଣରୁ ଶଙ୍କରଙ୍କୁ ବାମ ବାହୁ ଓ ପିଠିରେ ଗଭୀର ଆଘାତ ହୋଇଛି। ଆକ୍ରମଣ ପରେ ଶଙ୍କରର ପରିବାର ଲୋକ ଓ ଗ୍ରାମବାସୀ ମିଶି ତାଙ୍କୁ ତତ୍‌କ୍ଷଣାତ ମେଡିକାଲକୁ ନେଇଥିଲେ। ଗୁରୁତର ଆହତ ଥିବାରୁ ଡାକ୍ତର ତାଙ୍କୁ ଛେଣ୍ଡିପଦାରୁ ଅନୁଗୁଳ ଜିଲ୍ଲା ଚିକିତ୍ସାଳୟକୁ ପଠାଇ ଦେଇଥିଲେ। ବର୍ତ୍ତମାନ ସେ ଅନୁଗୁଳରେ ଚିକିତ୍ସାଧୀନ ଅଛନ୍ତି। କୁଣ୍ଡେଇଗୋଳା ଥାନା ପୁଲିସ ତଦନ୍ତ ପରେ ମାମଲାରେ ଅଭିଯୁକ୍ତ କାହ୍ନୁ ଚରଣ ନାୟକକୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ମାମଲାର ଅଧିକ ତଦନ୍ତ ଚାଲିଛି।

■ ସିଆଇଏସସିଇ ଓଡ଼ିଶା ଆଞ୍ଚଳିକ ହ୍ୟାଣ୍ଡବଲ ପ୍ରତିଯୋଗିତା


# ୧୪ ବର୍ଷରୁ କମ୍ ବାଳକ ବର୍ଗରେ ବିଇଏମ୍ ବିଦ୍ୟାଳୟ ବିଜେତା

ଝାରସୁଗୁଡ଼ା,୩।୮ (ସମିସ): ବ୍ରହ୍ମପୁରର ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ବିଦ୍ୟାଳୟ ସମୂହ ସିଆଇଏସସିଇ ଓଡ଼ିଶା ଆଞ୍ଚଳିକ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଝାରସୁଗୁଡ଼ା ଜୋନର ଖେଳାଳି ମାନେ ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି। ବେଲପାହାଡ ଇଂଲିଶ ମିଡିୟମ ବିଦ୍ୟାଳୟର ଛାତ୍ରଛାତ୍ରୀ ଝାରସୁଗୁଡ଼ା ଜୋନର ପ୍ରତିନିଧିତ୍ୱ କରି ୧୪ ବର୍ଷରୁ କମ୍ ବାଳକ ବିଭାଗରେ ଚାମ୍ପିଅନ ହୋଇଛନ୍ତି। ଫାଇନାଲରେ ବ୍ରହ୍ମପୁର ଜୋନକୁ ପରାସ୍ତ କରି ବିଜେତା ହୋଇଛନ୍ତି। ୧୪ ବର୍ଷରୁ କମ୍ ବାଳିକା, ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗରେ ଝାରସୁଗୁଡ଼ା ଦଳ ଫାଇନାଲରେ ବ୍ରହ୍ମପୁର ଜୋନ ଠାରୁ ପରାସ୍ତ ହୋଇ ଉପବିଜେତା ହୋଇଛନ୍ତି। ସମସ୍ତ ବର୍ଗରେ ରାୟଗଡା ଜୋନକୁ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡିଛି। ବେଲପାହାଡ ଇଂଲିଶ ମିଡିୟମ ବିଦ୍ୟାଳୟର ୩୫ ଜଣ ବାଳକ ଓ ବାଳିକା ପ୍ରତିଯୋଗିତାରେ ଝାରସୁଗୁଡ଼ା



ଜୋନର ପ୍ରତିନିଧିତ୍ୱ କରିଥିଲେ। ବିଜୟୀ ଦଳକୁ ପ୍ରମାଣ ପତ୍ର ସହିତ ସ୍ୱର୍ଣ୍ଣପଦକ ଓ ଉପବିଜେତା ଦଳକୁ ରୌପ୍ୟ ପଦକ ଦେଇ ସମ୍ମାନିତ କରାଯାଇଥିଲା। ଦଳ ସହିତ ବିଇଏମ୍ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ହମିଦ ମହାପାତ୍ର କୋଚ ଓ ଅଳ୍ପନା ବହିଦାର ମ୍ୟାନେଜର ଭାବେ ଦଳ ସହିତ ବ୍ରହ୍ମପୁର ଯାତ୍ରା କରିଥିଲେ। ଉଚ୍ଚକୋଟୀର କ୍ରୀଡ଼ା ପ୍ରଦର୍ଶନ କରିଥିବା ଖେଳାଳି ମାନଙ୍କ ଚୟନ ଜାତୀୟ ପ୍ରତିଯୋଗିତା ପାଇଁ କରାଯାଇଛି। ବାଳକ ଦଳର ଜାତୀୟ ପ୍ରତିଯୋଗିତା ଖୋରଖପୁର ଓ ବାଳିକା ଦଳର ଜାତୀୟ ପ୍ରତିଯୋଗିତା ହାଇଦ୍ରାବାଦରେ ଅନୁଷ୍ଠିତ ହେବ। ଏହି ସଫଳତା ପାଇଁ ଝାରସୁଗୁଡ଼ା ଜୋନାଲ କୋଡିନେଟର ଶିବା ଡାନିଏଲ, ବିଇଏମ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ବିଇଏମ ବିଦ୍ୟାଳୟର ଅଧ୍ୟକ୍ଷ, ଉପାଧ୍ୟକ୍ଷ ତଥା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅଭିନନ୍ଦନ ଜଣାଇଛନ୍ତି।

# ଝାରସୁଗଡ଼ାରେ ପ୍ରଥମ ପୁରୁଷ ସିନିୟର ହକି ପ୍ରତିଯୋଗିତା



ଝାରସୁଗୁଡ଼ା,୩।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ହକି ଆସୋସିଏସନ ଆନୁକୂଲ୍ୟରେ ହକି ଷ୍ଟାଡିୟମ ଏଚ.କଟାପାଲିରେ ଚାଲିଥିବା ଦୁଇ ଦିନିଆ ଆନ୍ତଃ କ୍ଲବ୍ ହକି ସିନିୟର ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ରବିବାର ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍‌ରେ ଝାରସୁଗୁଡ଼ା ଅତିରିକ୍ତ ଏସ୍‌ପି ଜେମସ୍ ସାମଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଓଡ଼ିଶା କ୍ରିକେଟ ଆସୋସିଏସନର ସହସମ୍ପାଦକ ମେହେତାବ ଖାଁନ, ଝାରସୁଗୁଡ଼ା ଜିଲ୍ଲା କ୍ରୀଡ଼ା ସଂଘର ବିଜୟବକ୍ସି ଓ କ୍ଲେମେଣ୍ଟ ରୋନାଲ୍ଡ, ଜିଲ୍ଲା ହକି ଆସୋସିଏସନର ପ୍ରଜ୍ୱଳ ପଟେଲ, ଅଶ୍ୱନୀ ପାଣ୍ଡେ, ଡମ୍ବରୁଧର ପୂଜାରୀ, ବିଜୟ ବେହେରା ଓ ସିମନ ବରୁଆ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ସୁନ୍ଦରଗଡ ଓ ଝାରସୁଗୁଡ଼ା ଜିଲ୍ଲାର ୧୬ଟି ପୁରୁଷ ଦଳ ଅଂଶଗ୍ରହଣ କରିଥିବା ନେଇ ହକି ଓଡ଼ିଶାର ଉପସଭାପତି ଜୀବନ ମହାନ୍ତି ପ୍ରକାଶ କରିଥିଲେ। ରବିବାର ଖେଳର ଫାଇନାଲ ମ୍ୟାଚ୍ ସୁନ୍ଦରଗଡ ୟୁଥ କ୍ଲବ୍ ଓ ମିଳିତ ଜେଏସ୍‌ଡବ୍ଲ୍ୟୁ ଓ ଏମଏସପି କ୍ଲବ୍ ଝାରସୁଗୁଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ରେ ଉଭୟ ଦଳ ୨-୨ ଗୋଲରେ ସମାନ ହେବାରୁ ପେନାଲଟି ସୁଟଆଉଟ ହୋଇଥିଲା। ଏଥିରେ ମିଳିତ ଭାବେ ଜେଏସ୍‌ଡବ୍ଲ୍ୟୁ ଓ ଏମଏସପି କ୍ଲବ୍ ଝାରସୁଗୁଡ଼ା ୧୦-୯ରେ ବିଜୟୀ ହୋଇ ଅତିଥିଙ୍କ ଠାରୁ ଟ୍ରଫି ଗ୍ରହଣ କରିଥିଲେ। ଟ୍ରଫିକୁ ନାୟବ ଖାନ୍‌ଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ପୁତ୍ର ମେହେତାବ ଖାଁନ ପ୍ରଦାନ କରିଥିଲେ। ଏହି ଖେଳକୁ ସଙ୍ଗିତା ରୋଜ କୁଲୁ, ଗାୟତ୍ରି କିଶାନ, ଏମା ଏକ୍କା ଓ ଆଲିୟସ, ଶକୁନ ନାୟକ, ପ୍ରଫୁଲକୁଲୁ, ଜିତେନ୍ଦ୍ର ନାଥ ମହାନ୍ତ, ଡିଫର ଟେଟେ ପରିଚାଳନା କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ମଣିଷକୁ ଆକ୍ରାନ୍ତ କରୁଥିବା ରୋଗ ଭିତରୁ ଉଦାସୀନତା ସବୁଠାରୁ ଭୟଙ୍କର।
-ବି ଆର ଆମ୍ବେଦକର

## ଦକ୍ଷିଣ-ଏସିଆରେ କମ୍ପନ

ପାକିସ୍ତାନର ତୈଳ ଖଣିଗୁଡ଼ିକର ବିକାଶ ପାଇଁ ଆମେରିକା ସହାୟତା କରିବ ଏବଂ ଏ ସମ୍ପର୍କରେ ଖୁବ୍‌ଶୀଘ୍ର ପାକିସ୍ତାନ ସହିତ ରାଜିନାମା ସ୍ୱାକ୍ଷର ହେବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିବା ପରେ ଦକ୍ଷିଣ-ଏସିଆ ଭୂରାଜନୀତିରେ ନୂଆ ସମୀକରଣର ଆଭାସ ମିଳୁଛି। ବିଶେଷକରି ଟ୍ରମ୍ପଙ୍କ ଉପରୋକ୍ତ ଘୋଷଣା ପରେ ଚୀନ୍ ଅତିମାତ୍ରାରେ ପ୍ରତିକ୍ରିୟାଶୀଳ ହୋଇପଡ଼ିଛି। ଯଦି ଏ ସମ୍ପର୍କିତ ଚୁକ୍ତି ସ୍ୱାକ୍ଷରିତ ହୁଏ ତେବେ ସ୍ୱାଭାବିକ ଭାବେ ଭାରତ-ପାକିସ୍ତାନ-ଚୀନ-ବାଂଲାଦେଶ-ଆଫ୍‌ଗାନିସ୍ତାନର ଭୂରାଜନୀତିରେ ଏକ ବଡ଼ ଧରଣର ପରିବର୍ତ୍ତନ ଘଟିବ ଏବଂ ଅନେକ ଆକଳନକୁ ଓଲଟପାଲଟ କରିଦେବ।

ବିଶେଷଜ୍ଞଙ୍କ ମତାନୁଯାୟୀ ତୈଳ ଖଣିର ବିକାଶ ଏକ ସ୍ୱଳ୍ପମିଆଦୀ କାର୍ଯ୍ୟକ୍ରମ ନୁହେଁ। ଏଥିପାଇଁ ବିପୁଳ ପାଣ୍ଠି ବିନିଯୋଗ ସହିତ ଦୀର୍ଘମିଆଦୀ ଯୋଜନା ଆବଶ୍ୟକ, ଯାହା ଟ୍ରମ୍ପଙ୍କ କାର୍ଯ୍ୟକାଳ ମଧ୍ୟରେ ଆଦୌ ସମ୍ଭବ ନୁହେଁ। ଟ୍ରମ୍ପ ଯେ ଏକଥା ଜାଣି ନଥିବେ ତା' ମଧ୍ୟ ନୁହେଁ। ତେଣୁ କୂଟନୀତିଜ୍ଞଙ୍କ ମତରେ ଟ୍ରମ୍ପଙ୍କ ପାକିସ୍ତାନର ତୈଳ କୂପ ବିକାଶ ଘୋଷଣା କେବଳ ଭାରତକୁ ଛିଗୁଲାଇବା ପାଇଁ ଉଦ୍ଦିଷ୍ଟ ଏବଂ ରୁଷ୍ ସହିତ ବାଣିଜ୍ୟ ସମ୍ପର୍କ ଛିନ୍ନ କରିବାକୁ ଏକ ଚେତାବନୀ। ବାଚାଳାମି ପାଇଁ ଚର୍ଚ୍ଚିତ ଟ୍ରମ୍ପ ହୁଏତ ଆଗାମୀ ଦିନରେ ଏଥିରୁ ଓହରି ଆସିବା ମଧ୍ୟ ବିଚିତ୍ର ନୁହେଁ। ତଥାପି ଚୀନ୍ ଏଥିରେ ଏତେ ପ୍ରତିକ୍ରିୟାଶୀଳ ହେବା ପଛରେ ଅନେକ କାରଣ ରହିଛି।

ସମ୍ପ୍ରତି ବିଶ୍ୱ କୂଟନୀତିରେ ଘଡ଼ିକେ ଘୋଡ଼ା ଛୁଟୁଛି। ପରିବର୍ତ୍ତିତ ସମୟ ଓ ଆବଶ୍ୟକତା ଅନୁଯାୟୀ ଦ୍ୱିପାକ୍ଷିକ ସମ୍ପର୍କର ପରିଭାଷା ଓ ସ୍ୱଭାବ ବଦଳିବାରେ ଲାଗିଛି। ପୁରୁଣା ମେଣ୍ଟ ଦୁର୍ବଳ ହେଉଛି ଏବଂ ନୂଆ ନୂଆ ମେଣ୍ଟ ଜନ୍ମ ନେଉଛି। ଏପରିକି ସ୍ୱାର୍ଥ ଓ ଆବଶ୍ୟକତା ଆଧାରରେ ମେଣ୍ଟ ଭିତରେ ମଧ୍ୟ ଆଉ ଏକ ଉପମେଣ୍ଟ ଜନ୍ମ ନେଉଛି। ଏହି ପୃଷ୍ଠଭୂମିରେ ସବୁଠାରୁ ସ୍ୱାର୍ଥପର ରାଷ୍ଟ୍ର ଆମେରିକା ଏବେ ଦକ୍ଷିଣ ଏସିଆରେ ନିଜର ପାଦ ଅଧିକ ଦୃଢ଼ କରିବା ଉଦ୍ୟମ ଆରମ୍ଭ କରିସାରିଥିବାରୁ ତୈଳ କୂପ ବିକାଶ ଆଳରେ ପାକିସ୍ତାନକୁ ଦକ୍ଷିଣ ଏସିଆର ପ୍ରବେଶ ଦ୍ୱାର କରିବାରେ କିଛି ଅସ୍ୱାଭାବିକତା ନାହିଁ। ପାକିସ୍ତାନରେ ଆମେରିକା ଆଣବିକ ପ୍ରକଳ୍ପ କାର୍ଯ୍ୟକ୍ଷମ ଥିବା କିଛିଦିନ ତଳେ ଚୀନ୍‌ର ଏକ ଉପଗ୍ରହ ଚିତ୍ରକୁ ଆଧାର କରି ଦାବି କରାଯାଇଥିଲା। ତେଣୁ ସେଠାରେ ତୈଳ କୂପ ବିକାଶ ଆମେରିକା ପାଇଁ ଏକ ଅଲୋଡ଼ା ନିବେଶ କିମ୍ବା ପ୍ରକଳ୍ପ ହେବ ନାହିଁ।

ଗତବର୍ଷକ ଭିତରେ ଦକ୍ଷିଣ ଏସିଆରେ ଆମେରିକାର ଗତିବିଧି ଚଳଚଞ୍ଚଳ ହୋଇଛି। ବାଂଲାଦେଶର ଭାରତ ସପକ୍ଷବାଦୀ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ ଗାଦିଚ୍ୟୁତ କରିବାରେ ଆମେରିକାର ପରୋକ୍ଷ ଓ ପ୍ରଚ୍ଛନ୍ନ ଭୂମିକା ନେଇ ସେତେବେଳେ ଚର୍ଚ୍ଚା ଜୋର ଧରିଥିଲା। ପରବର୍ତ୍ତୀ ସମୟରେ ଏହି ଅଭିଯୋଗ କେତେକାଂଶରେ ପ୍ରମାଣିତ ମଧ୍ୟ ହୋଇଥିଲା। ହସିନାଙ୍କୁ ଗାଦିଚ୍ୟୁତ କରି ବାଂଲାଦେଶରେ ଅରାଜକତା ଓ ରାଜନୈତିକ ଅସ୍ଥିରତା ଦ୍ୱାରା ଶାନ୍ତି ବ୍ୟାହତ କରି ଆମେରିକା ପାକିସ୍ତାନକୁ ବନ୍ଧୁତା ଓ ସହଯୋଗର ପରୋକ୍ଷ ବାର୍ତ୍ତା ଦେଇଥିଲା। ବାଂଲାଦେଶ ଅଶାନ୍ତ ହେଲେ ତା'ର ସୁଯୋଗ ନେଇ ଆମେରିକା ସେଠାରେ ସାମରିକ ଘାଟି ପ୍ରତିଷ୍ଠା କରି ଭବିଷ୍ୟତରେ ଚୀନ୍ ବିରୋଧରେ ବ୍ୟବହାର କରିପାରିବ। ଏହାବଦଳରେ ବାଂଲାଦେଶକୁ ଶୁଳ୍କ ରିହାତି, ଆର୍ଥିକ ସହାୟତା ଆଦି ଜରିଆରେ ବଶମ୍ବଦ କରି ରଖିବ ବୋଲି ଆମେରିକା ଯେଉଁ ଯୋଜନା କରିଥିଲା ତାହାକୁ ଚୀନ୍ ଭଣ୍ଡୁର କରିଦେଲା। ବାଂଲାଦେଶର କାମଚଳା ଶାସନ ମୁଖ୍ୟ ମହମ୍ମଦ ୟୁନୁସ୍ ଆମେରିକା ବଦଳରେ ଚୀନ୍ ଆଡ଼କୁ ଅଧିକ ଢଳିବା ପରେ ଏବେ ଆମେରିକା ପାକିସ୍ତାନ ମୁହାଁ ହୋଇଛି।

ଏହାଛଡ଼ା ପାକିସ୍ତାନରେ ତୈଳ କୂପ ବିକାଶ ଯୋଜନା ପଛରେ ଆମେରିକାର ଆଉ ଏକ ଲକ୍ଷ୍ୟ ଅଛି। ପାକିସ୍ତାନର ସବୁଠାରୁ ଅଧିକ ତୈଳ ଓ ଧାତବ ଖଣିଜ ସମ୍ପଦ ରହିଛି ବେଲୁଚିସ୍ତାନରେ। ଏହି ଅଞ୍ଚଳ ପାକିସ୍ତାନ-ଆଫ୍‌ଗାନିସ୍ତାନ-ଇରାନ୍ ସୀମା ନିର୍ଦ୍ଧାରଣ କରୁଛି। ତେଣୁ ଖଣିଜ ସମୃଦ୍ଧ ଅଥଚ ଶିଳ୍ପ ଶୂନ୍ୟ ବାଲୋଚିସ୍ତାନରେ ଆମେରିକା ତୈଳ ପ୍ରକଳ୍ପ ପ୍ରତିଷ୍ଠା କରି ତା'ର ସୁରକ୍ଷା ଆଳରେ ସୈନ୍ୟବାହିନୀ ମୁତୟନ ଏବଂ ପରବର୍ତ୍ତୀ ସମୟରେ ଘାଟି ପ୍ରତିଷ୍ଠା କରିବ, ଯାହାଦ୍ୱାରା ଇରାନ୍‌ର ଆଣବିକ କାର୍ଯ୍ୟକ୍ରମ ଏବଂ ଆଫ୍‌ଗାନିସ୍ତାନର ତାଲିବାନୀ କାର୍ଯ୍ୟକଳାପ ଉପରେ ସତର୍କ ଦୃଷ୍ଟି ରଖିପାରିବ। ସର୍ବୋପରି ଆମେରିକାର ଦକ୍ଷିଣ ଏସିଆ ଆଗ୍ରହ ପଛରେ ମୁଖ୍ୟ ରହିଛି ଚୀନ୍‌ର ଆଧିପତ୍ୟକୁ ପ୍ରତିହତ କରିବା। ଏହି ଲକ୍ଷ୍ୟ ହାସଲରେ ଆମେରିକା ପାଇଁ ଭାରତ ତୁଳନାରେ ପାକିସ୍ତାନ ଅଧିକ ସହାୟକ ହେବ। ଏଥିପାଇଁ ସୁଯୋଗ ଖୋଜୁଥିବା ଆମେରିକାକୁ 'ଅପରେସନ୍ ସିନ୍ଦୂର' ଅଧିକାଂଶରେ ଅନୁକୂଳ ହୋଇଛି, ଯାହାର ଭରପୂର ଫାଇଦା ଉଠାଇବାରେ ଟ୍ରମ୍ପ କୌଣସି ଅବହେଳା କରିନାହାନ୍ତି।

ଅପରପକ୍ଷରେ ପାକିସ୍ତାନରେ ଚୀନ୍ ପାକିସ୍ତାନ ଇକନୋମିକ୍ କରିଡର(ସିପିଇସି) ପ୍ରକଳ୍ପରେ ଚୀନ୍ ବିପୁଳ ପାଣ୍ଠି ବିନିଯୋଗ କରିସାରିଛି। ଚୀନ୍‌ର ବହୁ ଆକାଂକ୍ଷିତ ବେଲ୍‌ଟ ଆଣ୍ଡ ରୋଡ୍(ବିଆରଆଇ) ପ୍ରକଳ୍ପରେ ପାକିସ୍ତାନ ମୁଖ୍ୟ ଆଧାର। ଯଦି ସେଠାରେ ଆମେରିକା କମ୍ପାନୀ ନିୟୋଜିତ ହୁଅନ୍ତି ତେବେ ଚୀନ୍‌ର ଖଣିଜ ଉତ୍ତୋଳନ କାର୍ଯ୍ୟ ବାଧାପ୍ରାପ୍ତ ହେବ। ଏହାଛଡ଼ା ବିରୋଧୀ ଓ ଆତଙ୍କୀ ଗୋଷ୍ଠୀ ସୃଷ୍ଟି କରିବାରେ ଆମେରିକା ଅଭ୍ୟସ୍ତ ଥିବାରୁ ଚୀନ୍ ପ୍ରକଳ୍ପକୁ ବିରୋଧ କରୁଥିବା ବାଲୋଚିସ୍ତାନ ସଶସ୍ତ୍ର ବିଦ୍ରୋହୀଙ୍କୁ ଆମେରିକା ଉସୁକାଇ ସିପିଇସି ଓ ବିଆରଆଇକୁ ଭଣ୍ଡୁର କରିବା ଅସମ୍ଭବ ନୁହେଁ। 'ଅପରେସନ୍ ସିନ୍ଦୂର'ରେ ଭାରତର ମୁକାବିଲା ପାଇଁ ଚୀନ୍‌ଠାରୁ ସାମରିକ ସହାୟତା ପାଇଥିବା ପାକିସ୍ତାନ ଚୀନ୍ ପ୍ରତି ବଶମ୍ବଦ ହେବା ବଦଳରେ ଏବେ ଆମେରିକା ମୁହାଁ ହୋଇଥିବାରୁ ସେହି ଇସ୍‌ଲାମ୍ ରାଷ୍ଟ୍ରର ଭୂମିକାକୁ ନେଇ ମଧ୍ୟ କମ୍ୟୁନିଷ୍ଟ ଚୀନ୍ ଏବେ ସନ୍ଦେହରେ ରହିଛି। ତେଣୁ ଟ୍ରମ୍ପଙ୍କ 'ପାକିସ୍ତାନ ତୈଳ କୂପ ବିକାଶ କୂଟନୀତି' ଭାରତ ତୁଳନାରେ ଚୀନ୍ ପାଇଁ ଅଧିକ ଅଡୁଆ ସୃଷ୍ଟି କରିଛି।

ଏହି ପୃଷ୍ଠଭୂମିରେ ଚୀନ୍‌ର ମତିଗତି ଏ ପର୍ଯ୍ୟନ୍ତ ସଷ୍ଟ ହୋଇନଥିଲେ ମଧ୍ୟ ଦକ୍ଷିଣ ଚୀନ୍ ସାଗରରେ ଅଧିକ ଉଗ୍ର ହୋଇପାରେ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଆମେରିକା-ଚୀନ୍‌ର ଅହଂ ଯୁଦ୍ଧରେ ଆଗକୁ ହୁଏତ ପାକିସ୍ତାନ ସମେତ ତାଇୱାନ୍, ବାଂଲାଦେଶ, ଭିଏତ୍‌ନାମ, ମାଲଦ୍ୱୀପ ପରି ରାଷ୍ଟ୍ର ମୋହରା ହୋଇପାରନ୍ତି। ତେଣୁ ଖୁବ୍‌ଶୀଘ୍ର ଦକ୍ଷିଣ-ଏସିଆର ଭୂରାଜନୀତିରେ ଏକ ବଡ଼ ଧରଣର ପରିବର୍ତ୍ତନର ସମ୍ଭାବନାକୁ ଏଡ଼ାଇ ଦେଇହେବ ନାହିଁ।

## ବାଲୁକା ସମ୍ବଳ: ଆଶା ଓ ନିରାଶା

**ସନ୍ତୋଷ କୁମାର ଶତପଥୀ**



ଜୀବନ ଜିଇଁବାର ଉପାୟ ଖୋଜୁ ଖୋଜୁ ମନୁଷ୍ୟ ଆଜି ଅନେକ ଉପାଦାନକୁ ବ୍ୟବହାର କରିବାର ଜ୍ଞାନ ଶିଖି ଆସିଛି। ଅପରପକ୍ଷେ ଏମିତି ଅନେକ ଉପାଦାନ ରହିଛି, ଯାହାର ବ୍ୟବହାରିକ ଜ୍ଞାନ ଆଜି ପର୍ଯ୍ୟନ୍ତ ମନୁଷ୍ୟ ପାଖରେ ନାହିଁ। ଯେଉଁ ସମ୍ବଳର ବ୍ୟବହାରିକ ଜ୍ଞାନ ମନୁଷ୍ୟ ପାଇଛି, ସେଗୁଡ଼ିକର ବହୁଳ ଓ ବହୁବିଧ ବ୍ୟବହାର କରିବାରେ ସେ ପଛଘୁଞ୍ଚା ଦେଇନାହିଁ। ଯଦ୍ୱାରା ଦିନେ ପ୍ରାଚୁର୍ଯ୍ୟ ରହିଥିବା ସମ୍ବଳ ଆଜି ହ୍ରାସ ହୋଇ ସଙ୍କଟର ଦ୍ୱାରଦେଶରେ ପହଞ୍ଚିଛି। ସୁତରାଂ ସମ୍ବଳ ପାଇବା ପାଇଁ ବର୍ତ୍ତମାନ ମନୁଷ୍ୟ ବା ଦେଶ, 'କର ବା ମର' ପଦ୍ଧତି ଆପଣେଇଛନ୍ତି।

ଆମକୁ ଏହା ଜାଣି ଆଶ୍ଚର୍ଯ୍ୟ ଲାଗିପାରେ ଯେ, ଜଳ ପରେ ବାଲି ହେଉଛି ମନୁଷ୍ୟର ଦ୍ୱିତୀୟ ସର୍ବବୃହତ ବ୍ୟବହାର୍ଯ୍ୟ ସମ୍ବଳ ତଥା ବିଶ୍ୱର ସବୁଠାରୁ ଅଧିକ ଉତ୍ତୋଳନ ହୋଇଥିବା କଠିନ ପଦାର୍ଥ। ବିଶେଷଜ୍ଞଙ୍କ ମତରେ, ବିଶ୍ୱର ସମଗ୍ର ବାଲୁକା ସମ୍ପଦକୁ ଯଦି ଏକାଠି କରାଯାଏ, ତା'ହେଲେ ଆମ ପୃଥିବୀ ଚାରିପଟେ ୮୮ ଫୁଟ ଉଚ୍ଚତା ଏବଂ ଓସାର ବିଶିଷ୍ଟ ଏକ ପ୍ରାଚୀର ନିର୍ମାଣ କରାଯାଇ ପାରିବ। ତଥାପି ଆଜି ଚାହିଦାଠାରୁ ଏହାର ଯୋଗାଣ ପରିମାଣ ଯଥେଷ୍ଟ ପଛରେ। ଚାହିଦା ମେଣ୍ଟାଇବା ପାଇଁ ଯେଉଁ ପରିମାଣରେ ବାଲିଖନନ ଓ ଉତ୍ତୋଳନ ହେଉଛି ପ୍ରାକୃତିକ ଭାବରେ ସେଇ ପରିମାଣରେ ଏହା ତିଆରି ହେବା କଷ୍ଟକର। ଅନେକ ସର୍ବେକ୍ଷଣରେ ଏହା ସ୍ପଷ୍ଟ କରାଯାଇଛି ଯେ ଅଧିକ ବାଲି ପାଇବା ପାଇଁ ଅନେକ ପରିସ୍ଥିତିରେ ହଜାର ହଜାର ହେକ୍ଟର ଚାଷ ଜମି ଓ ଜଙ୍ଗଲକୁ ସଫା କରିଦିଆଯାଇଛି। ବାଲିର ବର୍ଦ୍ଧିତ ଚାହିଦା କେତେକ ନଦୀଶଯ୍ୟାକୁ ଅନୁର୍ବର କରିଦେଇଛି। ଏପରିକି ବାଲିର ଦ୍ରୁତ ଓ ଅତ୍ୟଧିକ ଉତ୍ତୋଳନ ନଦୀର ପରିଚାଳନା ବ୍ୟବସ୍ଥାକୁ ବିପଦ ଆଡ଼କୁ ଠେଲି ଦେଇଥିବା ଚିତ୍ର ସାମ୍ନାକୁ ଆସୁଛି। ଏତଦବ୍ୟତୀତ ଏହାଦ୍ୱାରା ଜଳ ପ୍ରଦୂଷଣ, ଜଳ ସ୍ତର ହ୍ରାସ, ମରୁଡ଼ି ଏବଂ ସଙ୍କୁଚିତ ଜଳଭଣ୍ଡାର, ଦୂଷିତ ବାୟୁମଣ୍ଡଳ, ଅସନ୍ତୁଳିତ ଜୈବ ବିବିଧତା ଇତ୍ୟାଦି ପରିବେଶଜନିତ ସମସ୍ୟା ସୃଷ୍ଟି ହୋଇଥାଏ।

ବାଲୁକା ସମ୍ପଦର ଅପରିହାର୍ଯ୍ୟ ଆବଶ୍ୟକତା ଅନ୍ତର୍ଜାତୀୟ କ୍ଷେତ୍ରରେ ଏବଂ ଅନ୍ତର୍ଦେଶୀୟ ଦ୍ୱନ୍ଦ୍ୱର ଏକ କାରଣ ବୋଲି ଜାଣି ଆଶ୍ଚର୍ଯ୍ୟ ଲାଗେ। କେତେକ ତଥ୍ୟରୁ ଆକଳନ କରାଯାଇଅଛି ଯେ କେବଳ ଚୀନ ଏକାକୀ ବିଶ୍ୱର ପ୍ରାୟ ଅଧା ବାଲି ବ୍ୟବହାର କରେ। ଏହି କାରଣରୁ ଏହା ଦକ୍ଷିଣ ପୂର୍ବଏସିଆର ଅନେକ ଛୋଟ ଛୋଟ ଦ୍ୱୀପ ଖନନ କରିଚାଲିଥିବାର କେତେକ ପ୍ରମାଣ ମିଳିଛି। ଏହାର ବିସ୍ତାରବାଦୀ ନୀତି ମଧ୍ୟରେ ବାଲୁକା ଭଳି ପ୍ରାକୃତିକ ସମ୍ପଦର ଲୋଭ ବି ରହିଥିବାର ଜଣାଯାଏ। ଦେଶ ପ୍ରଭାବଶାଳୀ ହେଉ ଅବା ନ ହେଉ, ସାଗର ଓ ମହାସାଗର ଭିତରେ ରହିଥିବା ଛୋଟ ଛୋଟ ଦ୍ୱୀପ ବା ଭୂମିରୂପର ସମ୍ପୂର୍ଣ୍ଣ ଖନନ ଅନ୍ତର୍ଜାତୀୟ ସୀମା ପରିବର୍ତ୍ତନ ଏବଂ କିଛି ଭୂରୂପର ନିଶ୍ଚିହ୍ନ ଭଳି ଗୁରୁତର କାରଣ ହେଇପାରେ ବୋଲି କିଛି ବିଶେଷଜ୍ଞ ଆଶଙ୍କା କରୁଛନ୍ତି। ପରିବେଶବିତମାନେ ସମୟର ବହୁ ଆଗରୁ ସତର୍କଘଣ୍ଟି ଦେଇସାରିଲେଣି ଯେ, ଆଜି ବିଶ୍ୱ 'ବାଲିସଙ୍କଟ' ଆଡ଼କୁ ଗତି କରୁଛି। ଏହା ସ୍ପଷ୍ଟ ଯେ, ପ୍ରକୃତିର ଏକ ମାଗଣା ଉପହାର ଭାବେ ସମ୍ବଳ ପ୍ରତି ଆମର ପାରମ୍ପରିକ ଆଭିମୁଖ୍ୟ ଆମକୁ ଆଉ ସାହାଯ୍ୟ କରିବ ନାହିଁ। ତେଣୁ ଉତ୍ତୋଳନ, ଉପଭୋଗ ଓ ସଂରକ୍ଷଣ ପାଇଁ ଏହାର ପରିଚାଳନା ନିତାନ୍ତ ଜରୁରୀ। ବିଶ୍ୱର ଅଧିକାଂଶ ଦେଶରେ ଏକ ସୁଦୃଢ଼ ବାଲି ପରିଚାଳନା ନୀତି ପାଇବା କଷ୍ଟକର।

ବିଳମ୍ବରେ ହେଲେ ମଧ୍ୟ ୨୦୧୬ ମସିହାରେ ଭାରତ ଏହାର 'ସ୍ଥାୟୀ ବାଲି ଖନନ ପରିଚାଳନା ନିର୍ଦ୍ଦେଶାବଳୀ' ଜାରି କରିଥିଲା, ଯେଉଁଥିରେ ବାଲି ସଙ୍କଟର ମୁକାବିଲା ପାଇଁ ଏକ ଅନ୍ତର୍ବିଭାଗୀୟ ତଥା ସମନ୍ୱିତ ବିଭାଗୀୟ ପରିଚାଳନା କମିଟିର ସୁପାରିସ ରହିଛି। ଏହି ଯୋଜନାର ଲକ୍ଷ୍ୟ ଯେ, ଭାରତର ପ୍ରତ୍ୟେକ ଜିଲ୍ଲାକୁ ଏକ ୟୁନିଟ୍ ଭାବରେ ବିବେଚନା କରାଯାଇ ସଠିକ ଓ ବୈଜ୍ଞାନିକ ପଦ୍ଧତିରେ ତଥା ନଦୀପଠାର ଯତ୍ନ ନେଇ ବାଲି ଉତ୍ତୋଳନ କରିବାକୁ ଗୁରୁତ୍ୱ ଦିଆଯିବ। ରିମୋଟ୍ ସେନ୍ସିଂ ଖଣି, ପୂର୍ତ୍ତ, ଭୂତତ୍ତ୍ୱ, ଜଙ୍ଗଲ, ଜଳସେଚନ ବିଭାଗ ଏବଂ ଭୂତଳ ଜଳ ବୋର୍ଡ ସମେତ ଆନୁସଙ୍ଗିକ ବିଭାଗ/ଅନୁଷ୍ଠାନ/ସଂସ୍ଥାଗୁଡ଼ିକର ସହଯୋଗରେ ଗଠିତ କମିଟି ଏହି ଯୋଜନାରେ ପରିକଳ୍ପିତ ଉତ୍ତୋଳନ ସ୍ଥଳଗୁଡ଼ିକୁ ଜିଲ୍ଲା ପରିବେଶ ପ୍ରଭାବ ଆକଳନ ପ୍ରାଧିକରଣ (ଡିଇଆଇଏଏ) କୁ ଚିହ୍ନାଇବା, ମାନଚିତ୍ର ପ୍ରସ୍ତୁତ କରିବା, ସୁରକ୍ଷା ଦେବା ଏବଂ ଏହାର ସ୍ଥିରତା ସୁନିଶ୍ଚିତ କରିବା ଲାଗି ସମ୍ପୂର୍ଣ୍ଣ ଦାୟିତ୍ୱ ଦିଆଯାଇଛି। ତଦନୁଯାୟୀ ଆମ ରାଜ୍ୟରେ ବି ଏକ ନୂଆ ଏସଓପି ପ୍ରକାଶ ପାଇଥିବା ସ୍ୱାଗତଯୋଗ୍ୟ। ଇସ୍ପାତ ଓ ଖଣି ବିଭାଗର ଲଘୁ ଖଣିଜ ନିର୍ଦ୍ଦେଶାଳୟ ବାଲି ଖନନ କାର୍ଯ୍ୟକଳାପ ଉପରେ ଦୃଷ୍ଟି ରଖିବା ପାଇଁ ଜିଲ୍ଲାପାଳଙ୍କ ନେତୃତ୍ୱରେ ଜିଲ୍ଲାସ୍ତରୀୟ କମିଟି ଏବଂ ସରପଞ୍ଚଙ୍କ ନେତୃତ୍ୱରେ ପଞ୍ଚାୟତସ୍ତରୀୟ କମିଟିଗୁଡ଼ିକୁ ନିର୍ଦ୍ଦେଶ ଦେଇଥିବା ଏକ ସୁଚିନ୍ତନ ଓ ବିକେନ୍ଦ୍ରୀକରଣ ପଦକ୍ଷେପ। ଏହି କମିଟିଗୁଡ଼ିକ ସ୍ୱଚ୍ଛତା ଏବଂ ସୁରକ୍ଷା ବୃଦ୍ଧି ପାଇଁ ସିସିଟିଭି ନିରୀକ୍ଷଣ ଭଳି ଉନ୍ନତ ପ୍ରଯୁକ୍ତିର ଉପଯୋଗ କରିବା, ୨୦୧୬ ଓଏମଏମସି ନିୟମାନୁଯାୟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ(ବିଡିଓ) ଏବଂ ଅନ୍ୟ ଅଧିକାରୀଙ୍କ ସହଯୋଗରେ ପାଞ୍ଚ ବର୍ଷ ପାଇଁ ଖଣିଜ କାର୍ଯ୍ୟକଳାପର ତଦାରଖ କରିବା, ଅନ୍-ସାଇଟ୍ ଗାର୍ଡ ଏବଂ ରେକର୍ଡ ରଖିବା ଭଳି ସୁରକ୍ଷା ବ୍ୟବସ୍ଥା ଆଶାନୁରୂପ ଫଳପ୍ରଦ ହୋଇପାରେ ବୋଲି ବିଶ୍ୱାସ କରାଯାଇପାରେ। କିନ୍ତୁ ପ୍ରଶ୍ନ ଉଠେ, ସରକାରଙ୍କ ବ୍ୟବସ୍ଥିତ ନିୟମାବଳୀ ସତ୍ତ୍ୱେ କାହିଁକି ଖବରକାଗଜର ଅପରାଧ ପୃଷ୍ଠାରେ ଦୈନିକ ବାଲୁକା ସମ୍ପଦକୁ ନେଇ ରକ୍ତପାତ, ସଂଘର୍ଷ, ମୃତାହତ ଇତ୍ୟାଦିର ଖବର ପ୍ରାୟତଃ ପ୍ରକାଶ ପାଉଛି?


ଜୀବିକାର ଦ୍ୱାହି ଦେଇ ବାଲି-ସମ୍ବଳ ଅନେକ ବ୍ୟବସାୟୀଙ୍କ ଜୀବନର ମାନ ଉନ୍ନତି କରିଥାଏ ସତ; କିନ୍ତୁ କେତେକ କ୍ଷେତ୍ରରେ ଏହା ବହୁ ଜୀବନକୁ ନଷ୍ଟ ବି କରି ଦେଇଥାଏ। ବାଲି ବ୍ୟବସାୟୀଙ୍କ ଅନ୍ତର୍ଦ୍ୱନ୍ଦ୍ୱ ସାମୟିକ ଭାବେ ହିଂସାତ୍ମକ ରୂପ ନେଇଥାଏ, ଯଦ୍ୱାରା କିଛି ପରିବାର କ୍ଷତିଗ୍ରସ୍ତ ହୋଇଥା'ନ୍ତି। ବାଲି ମାଫିଆଙ୍କ ଆକ୍ରୋଶର ଶିକାରରୁ ଅନେକ ସରକାରୀ କର୍ମଚାରୀ, ସାଧୁବ୍ୟକ୍ତି ଓ ସାମ୍ବାଦିକ ବି ବର୍ତ୍ତିନାହାନ୍ତି। କିଛି ସ୍ଥଳେ ସଚ୍ଚୋଟ ଓ ନିଷ୍ଠାପର କାର୍ଯ୍ୟ ପାଇଁ ଏବଂ ମାଫିଆଙ୍କ କଳାକାରନାମାକୁ ଲୋକଲୋଚନକୁ ଆଣିବା ପ୍ରୟାସ ପାଇଁ ସେମାନଙ୍କ ଜୀବନକୁ ବାଜି ଲଗେଇବାକୁ ପଡ଼ିଥାଏ। ଯଦି ଏପରି ହିଂସାତ୍ମକ ଉପାୟ ଅବଲମ୍ବନକୁ ନ ରୋକାଯାଏ, ତା' ହେଲେ ଆଇନ ଓ ନିୟମ ଉପରେ ଜନମାନସଙ୍କ ଆସ୍ଥା ତୁଟିଯିବ। କିଛି ଦୃଷ୍ଟାନ୍ତମୂଳକ ଘଟଣା ଏମିତି ବି ରହିଛି ଯେ ଆମ ରାଜ୍ୟର ଏହି ସମ୍ପଦକୁ ଆମ ରାଜ୍ୟବାସୀ ପାଇବାରୁ ବଞ୍ଚିତ। ଯେହେତୁ ରାଜ୍ୟଦ୍ରୋହୀ ଅସାଧୁ ଓ ଅହିତ ବ୍ୟବସାୟୀଙ୍କ ସମ୍ପୃକ୍ତି ଏହାକୁ ପଡ଼ୋଶୀ ରାଜ୍ୟମାନଙ୍କୁ ଚୋରାଚାଲାଣ କରି ଆମରାଜ୍ୟର ପ୍ରଭୂତ ରାଜସ୍ୱ ହାନି କରି ନିର୍ଭୟରେ ବିଚରଣ କରିବାରେ ସଫଳ ହେଉଛନ୍ତି।

ଏପରି ଅନୈତିକ ଓ ବେପରୁଆଙ୍କୁ ଠିକଣା ବାଟକୁ ଅଣାଯିବା କଷ୍ଟକର ହୋଇଥିଲେ ବି କଠୋର କାର୍ଯ୍ୟପନ୍ଥା ଜରିଆରେ ନିୟନ୍ତ୍ରଣାଧୀନ କରିବା ଅସମ୍ଭବ ନୁହେଁ। ଏହା ସମସ୍ତେ ଜାଣନ୍ତି ଯେ ଜୀବନ ପାଇଁ ଜୀବିକା ରହିଥାଏ, ଜୀବିକା ପାଇଁ ଜୀବନ ନୁହେଁ। ସମ୍ବଳର ମୂଲ୍ୟ ଯେତେ ଅଧିକ ହେଉ ପଛେ ମାନବ ସମ୍ବଳଠାରୁ ଅଧିକ ନୁହେଁ। ତେଣୁ ନ୍ୟାୟିକ, ପ୍ରଶାସନିକ ଓ ବ୍ୟବସ୍ଥାଭିତ୍ତିକ ପଦକ୍ଷେପମାନ ଗ୍ରହଣ କରି; ଏକ ସୁପରିଚାଳନା ଏବଂ ଆଦର୍ଶଗତନୀତି ଆପଣେଇ ପରିବେଶ ସନ୍ତୁଳନ ପାଇଁ ବାଲୁକା ସମ୍ବଳର ଉଚିତ ବ୍ୟବହାର ଏବଂ ଏହାର ଦୁରୁପଯୋଗ ରୋକିବା ପାଇଁ ଏକ ସଚେତନାତ୍ମକ ଆନ୍ଦୋଳନ ଆବଶ୍ୟକ।

ପାରଳାଖେମୁଣ୍ଡି, ମୋ: ୯୦୯୦୭୭୯୭୮୯

## ପ୍ରତିଯୋଗିତାମୂଳକ ପରୀକ୍ଷାରେ ତ୍ରୁଟି ଓ ଏହାର ପ୍ରଭାବ

**ଶୁଭ୍ରଜିତ୍ ସାହୁ**



ଓଡ଼ିଶାରେ ଯୁବବର୍ଗ ବ୍ୟାପକ ରୂପେ ସରକାରୀ ପରୀକ୍ଷା ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ଓଡ଼ିଶାର ବେଶି ଭାଗ ଲୋକ ନିମ୍ନ-ମଧ୍ୟବିତ୍ତ ଓ ଗ୍ରାମୀଣ ପରିବାରରୁ ଆସିଛନ୍ତି। ସମସ୍ତେ ନିଜ ଜୀବନର ସୁରକ୍ଷା ଓ ସ୍ଥିରତା ଏବଂ ଆର୍ଥିକ ସଙ୍କଟକୁ ଦୃଷ୍ଟିରେ ରଖି ସରକାରୀ ଚାକିରିକୁ ସର୍ବୋତ୍ତମ ବିକଳ୍ପ ଭାବେ ଗ୍ରହଣ କରି ନେଉଛନ୍ତି। ସରକାରୀ ଚାକିରିରେ ନିୟମିତ ବେତନ, ପେନସନ, ମହଙ୍ଗା ଭତ୍ତା ଓ ଅନେକ ସୁବିଧା ମିଳେ, ଯାହା ପରିବାର ପାଇଁ ସୁଖ ଓ ଶାନ୍ତି ଜୀବନର କାରକ ହୋଇଯାଏ। ଅନ୍ୟପକ୍ଷରେ କିଛି ଦେଶପ୍ରେମୀ ଓ ସମାଜପ୍ରେମୀ ଯୁବକଯୁବତୀ ସମାଜ ଓ ଦେଶ ସେବା ପାଇଁ ସରକାରୀ ଚାକିରିକୁ ଚୟନ କରନ୍ତି। ମାତ୍ର ଦୁର୍ନୀତି କହିଲେ ସରକାରୀ ଚାକିରିର ଅନ୍ୟନାମ ବୋଲି ଅପବାଦ ଆସେ। ପ୍ରତିଦିନ ଖବରକାଗଜରେ ଦୁର୍ନୀତି ସମ୍ପର୍କିତ ଖବର ସହିତ ସରକାରୀ ଚାକିରିଆଙ୍କ ସମ୍ପର୍କ ଦେଖିବାକୁ ମିଳୁଥିବାରୁ ଏଭଳି ଅପବାଦ ଆସିବା ସ୍ୱାଭାବିକ।

ଶହ ଶହ ଯୁବବର୍ଗ ଆଖିରେ ଆଖିଏ ସ୍ୱପ୍ନ ଏବଂ ଆଶା ନେଇ ଦିନ ଦିନ ମାସ ମାସ ପରିଶ୍ରମ କରି ଚଳନ୍ତି ଏହି ଆଶା ରଖି କି ସଂଶୋଧିତ ହୋଇଯିବ ସରକାରୀ ବ୍ୟବସ୍ଥା, ସରକାରୀ ତ୍ରୁଟି। ମାତ୍ର ସରକାରଙ୍କ ପଦକ୍ଷେପ କେତେଦୂର କାର୍ଯ୍ୟ କରୁଛି ତାହା ପ୍ରଶ୍ନବାଚୀ। ନିଜ ପ୍ରାପ୍ୟ ପାଇବାକୁ ଖରାବର୍ଷାରେ ରାଜଧାନୀରେ ଯୁବ ସମାଜ କେତେ ବା ବିରୋଧ କରିବେ? ଏହି ଦୁର୍ନୀତି କେବଳ ଯୁବ ସମାଜର ସ୍ୱପ୍ନ ଭାଙ୍ଗୁଛି ତାହା ନୁହେଁ; ସମାଜ ଓ ଦେଶ ବିକାଶ ପାଇଁ ବଡ଼ ବାଧା ସୃଷ୍ଟି କରୁଛି।

ସରକାରୀ ଚାକିରି ଚୟନ ପ୍ରକ୍ରିୟା ମେରିଟ୍ ଉପରେ ଆଧାରିତ ହେବା ଦରକାର। ତଥାପି ବର୍ତ୍ତମାନ ସମୟରେ ଅଫଲାଇନ୍ ତଥାକଥିତ ଲିଖିତ ଅବା କାଗଜ କଲମ ବ୍ୟବହୃତ ପରୀକ୍ଷା ଆଉ ସୁରକ୍ଷିତ ନାହିଁ। ଅଫଲାଇନ୍ ପରୀକ୍ଷାରେ ଦୁର୍ନୀତିର ଅନେକ ରୂପ ରହିଛି। ଯେପରି, ଅନେକ ପରୀକ୍ଷାର ପ୍ରଶ୍ନପତ୍ର ପୂର୍ବରୁ ଚୋରି ହୋଇ ସାମାଜିକ ଗଣମାଧ୍ୟମମାନଙ୍କରେ ପ୍ରଘଟ ହୋଇଯାଏ। ପରୀକ୍ଷାରେ ଅସଲ ପରୀକ୍ଷାର୍ଥୀ ନ ଯାଇ ତାଙ୍କ ସ୍ଥାନରେ ଅନ୍ୟମାନେ ପରୀକ୍ଷା ଦେଉଥିବା ଦୃଷ୍ଟିକୁ ଆସେ। କେତେକ କେନ୍ଦ୍ରରେ ଅଧିକାରୀ ଓ ଶିକ୍ଷକମାନେ ନିଜେ ନକଲକୁ ସହଯୋଗ କରୁଥିବାର ଅଭିଯୋଗ ମଧ୍ୟ ଆସେ। ଏହି ବ୍ୟବସ୍ଥାରେ ବଳି ପଡ଼ୁଛନ୍ତି କିଛି ପରିଶ୍ରମୀ ଓ ଯୋଗ୍ୟ ଯୁବବର୍ଗ।

ସରକାର ଏବେ ପରୀକ୍ଷାକୁ ଦୁର୍ନୀତିମୁକ୍ତ କରିବାକୁ କମ୍ପ୍ୟୁଟରୀକରଣ ବା ଅନ୍‌ଲାଇନ୍‌ର ବିକଳ୍ପ ବାଛିଛନ୍ତି। ଅନେକ ସୁବିଧା ଓ ସରଳ ମଧ୍ୟ ହେଲା ଏ ଧରଣର ପରୀକ୍ଷା। ଘରେ ବସି ମୋବାଇଲ୍, କମ୍ପ୍ୟୁଟର କିମ୍ବା ଲାପ୍‌ଟପ୍ ଦ୍ୱାରା ସୁବିଧାରେ ପରୀକ୍ଷା ଦେଇହେଉଛି। ସମୟ ଓ ଖର୍ଚ୍ଚ ବଞ୍ଚି ପାରୁଛି। ପରୀକ୍ଷା ଓ ଫଳ ପ୍ରକାଶନ ପ୍ରକ୍ରିୟା ଦ୍ରୁତ ଓ ସଠିକ୍ ହେଉଛି। ଏପରିକି ଅନଲାଇନ୍ ପ୍ଲାଟଫର୍ମ ଦ୍ୱାରା ଏକାଧିକ ପରୀକ୍ଷା ଏକ ସମୟରେ କରାଯାଇପାରିଥାଏ, ଯାହା ମାନବ ସଂସାଧନ ଓ ସମୟ ବଞ୍ଚାଏ। ଅନଲାଇନ୍ ପରୀକ୍ଷା ହେଉଛି ଏକ ଆଧୁନିକ ଓ ଗତିଶୀଳ ବ୍ୟବସ୍ଥା, ଯାହା ଯୁବମାନଙ୍କୁ ସହଜରେ ଏବଂ ଅନ୍ୟ ସହିତ ପ୍ରତିଯୋଗିତା କରିବାରେ ସକ୍ଷମ କରେ।

ମାତ୍ର ଏବେ ଅନଲାଇନ୍ ପରୀକ୍ଷାରେ ସାଇବର ଅପରାଧର ଆଶଙ୍କା ବଢ଼ିବାରେ ଲାଗିଛି। ହ୍ୟାକିଂ ଓ ଚିଟିଂ ସଫ୍ଟୱେୟାର ପାଇଁ କେତେକ ଅନଲାଇନ୍ ପ୍ଲାଟଫର୍ମ ସୁରକ୍ଷିତ ନ ଥିବା ଫଳରେ ହ୍ୟାକିଂ ଦ୍ୱାରା ପ୍ରଶ୍ନ ଓ ଉତ୍ତର ପରୀକ୍ଷା ପୂର୍ବରୁ ପ୍ରଘଟ ହୋଇଯାଉଛି। ଅନ୍ୟ ବ୍ୟକ୍ତି ଏକ ଅଭ୍ୟାର୍ଥୀଙ୍କଠାରୁ ଲଗ୍ ଇନ୍ ହୋଇ ପରୀକ୍ଷା ଦେଇପାରୁଛନ୍ତି।

ଏହି ସମସ୍ୟାର ନିରାକରଣ ପାଇଁ ଅଫଲାଇନ୍ ମୋଡ୍, କିମ୍ବା ସିସିଟିଭି କିମ୍ବା ବାୟୋମେଟ୍ରିକ୍ ପ୍ରମାଣନ ବାଧ୍ୟତାମୂଳକ ହେବା ଦରକାର। ପ୍ରଶ୍ନପତ୍ର ସ୍ୱଚ୍ଛ ବଣ୍ଟନ, ଗୁପ୍ତ ଭଣ୍ଡାରଣ ଓ ନିୟମିତ ଯାଞ୍ଚ ମଧ୍ୟ ଆବଶ୍ୟକ। ଦୁର୍ନୀତିଖୋରଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। ସରକାରୀ ପୋର୍ଟାଲ୍‌ଗୁଡ଼ିକ ଆଧୁନିକରୁ ଆଧୁନିକ ସୁରକ୍ଷା ବଳୟରେ ରହିବା ଦରକାର।

ଦୁର୍ନୀତି ଏବେ ଏକ ଗଭୀର ସମସ୍ୟା ହୋଇ ଦେଖାଦେଇଛି। ଯୁବମାନଙ୍କର ସ୍ୱପ୍ନ ଓ ଦେଶର ଭବିଷ୍ୟତକୁ ନେଇ ଖେଳ ହେଉଛି। ଏହି ସମସ୍ୟାର ସଠିକ୍ ସମାଧାନ ପାଇଁ ସରକାର, ପରୀକ୍ଷା ପରିଷଦ ଓ ସାଧାରଣ ଲୋକଙ୍କ ସଚେତନତା ଜରିଆରେ ଅନୁଶାସନ ଓ କଠୋର ନୀତି ନିର୍ଦ୍ଧାରଣ ଅତ୍ୟାବଶ୍ୟକ। ତେବେ ଅନଲାଇନ ପରୀକ୍ଷଣ ତଥା କମ୍ପ୍ୟୁଟର ଦ୍ୱାରା ପରୀକ୍ଷା ପାଇଁ ଆମ ସରକାର କେତେଦୂର ଦାୟିତ୍ୱବାନ ହେବେ କିମ୍ବା ତାହା ଆଉ ଏକ ପ୍ରଶ୍ନ।

ମୋ: ୯୩୪୮୦୮୪୮୯୮

## ଆମ ବୃକ୍ଷଲତା ଆମ ଜୀବନ

**ସୌଭାଗ୍ୟସୁନ୍ଦର**

### ବାସଙ୍ଗ

### ପ୍ରକୃତି-ପରିବେଶ

ବାସଙ୍ଗ ହେଉଛି ଭାରତରେ ଏକ ସାଧାରଣ ଔଷଧୀୟଉଦ୍ଭିଦ। ଏହାର ମୂଳ ପରିସର ଭାରତ, ବାଂଲାଦେଶ, ପାକିସ୍ତାନ, ନେପାଳ ଏବଂ ଶ୍ରୀଲଙ୍କା, ଲାଓସ, ମିଆଁମାର, ଭିଏତନାମ, ଇଣ୍ଡୋନେସିଆ, ମାଲେସିଆ, ଚୀନ ଏବଂ ଆଫଗାନିସ୍ତାନ ପର୍ଯ୍ୟନ୍ତ ବିସ୍ତାରିତ। ସଂସ୍କୃତରେ ଏହାକୁ ଭାସକ କୁହାଯାଏ। ଏହି ଛୋଟ ଚିରହରିତ ବୁଦା ବା ଗୁଳ୍ମଟିର ପତ୍ର ଲେନ୍ସ ଭଳି ବା ଅଣ୍ଡାକୃତି, ୧୦ ରୁ ୧୬ ସେଣ୍ଟିମିଟର ଲମ୍ବ ଏବଂ ୫ ସେଣ୍ଟିମିଟର ଚଉଡ଼ା। ଶୁଖିଗଲେ ପତ୍ରଟି ଏକ ମଳିନ ବାଦାମୀ-ସବୁଜ ରଙ୍ଗର ହୋଇଯାଏ। କାଣ୍ଡର କାଠ ନରମ ଏବଂ ବାରୁଦ ପାଇଁ ଅଙ୍ଗାରର ଏକ ଉତ୍ସ ତିଆରି କରେ। ଫୁଲର ପାଖୁଡ଼ାଗୁଡ଼ିକ ଧଳା ଓ ତଳପାଖ ବାଇଗଣୀ। ଫଳଟି ଚାରୋଟି ବୀଜ ସହିତ ଏକ ଛୋଟ କ୍ଲବ୍ ଆକାରର କ୍ୟାପସୁଲ୍।

ଆୟୁର୍ବେଦରେ ବାସଙ୍ଗ ଅନେକ ରୋଗ ପାଇଁ ବ୍ୟବହୃତ ହୁଏ। ଯଥା; କୁଷ୍ଠ, ରକ୍ତ ବିଭ୍ରାଟ ରୋଗ, ହୃଦରୋଗ, ଜ୍ୱର, କାଶ, ଥଣ୍ଡା, ବାନ୍ତି, ଗଳାଯନ୍ତ୍ରଣା, ସ୍ମୃତି ହ୍ରାସ, ଲ୍ୟୁକୋଡର୍ମା ବା ଧବଳ ଚର୍ମ, ବାତ, କାମଳ, ଟ୍ୟୁମର, ପତଳା ଝାଡ଼ା, ମ୍ୟାଲେରିଆ, ହଇଜା, ପେଟ ଘା', ହେମୋରୋଏଡ୍ସ ମାଢ଼ିରୁ ରକ୍ତସ୍ରାବ, ମୁଖସମସ୍ୟା, ପିତ୍ତ ଓ କଫ ଦୋଷ, ଆଖି ଯନ୍ତ୍ରଣା, ଗନୋରିଆ। ଆଣ୍ଟିସ୍ପାସ୍ମୋଡିକ୍, କଫ ଏବଂ ରକ୍ତ-ଶୁଦ୍ଧକାରୀ ଗୁଣ ପାଇଁ ଏହା ବେଶ୍ ଜଣାଶୁଣା। ହଜାର ହଜାର ବର୍ଷ ଧରି ପାରମ୍ପରିକ ଭାରତୀୟ ଚିକିତ୍ସାଶାସ୍ତ୍ରରେ ବ୍ରୋଙ୍କାଇଟିଜ୍ ଆଜ୍‌ମା, ଯକ୍ଷ୍ମା, ସାଇନୋସାଇଟିସ୍, ଅବସାଦ, ଫୁସ୍‌ଫୁସ୍ ଜନିତ ଶ୍ୱାସକ୍ରିୟା ସମ୍ବନ୍ଧିତ ରୋଗର ଉପଶମ ପାଇଁ ସମଗ୍ର ଉଦ୍ଭିଦର ବ୍ୟାପକ ଓ ଫଳପ୍ରଦ ଔଷଧୀୟ ପ୍ରୟୋଗ ରହିଛି। ପତ୍ରରେ ଥିବା ଆଣ୍ଟିବ୍ୟାକ୍ଟେରିଆଲ୍ ଓ ଆଣ୍ଟି-ଇନ୍‌ଫ୍ଲେମାଟ୍ରିକ୍ ଗୁଣ ପାଇଁ କ୍ଷତ ଉପଶମ ଏବଂ ଆଭ୍ୟନ୍ତରୀଣ ଓ ବାହ୍ୟ ରକ୍ତସ୍ରାବ ନିୟନ୍ତ୍ରଣ, ରକ୍ତଶୋଧକ ଓ ହୃତପିଣ୍ଡ ଟନିକ ପାଇଁ ବ୍ୟବହାର କରାଯାଇଛି। ୟୁନାନୀ ଓ ହୋମିଓପାଥିକ ଔଷଧ ପ୍ରଣାଳୀରେ ମଧ୍ୟ ବାସଙ୍ଗର ଉପଯୋଗ କରାଯାଏ। କିନ୍ତୁ ଗର୍ଭାବସ୍ଥାରେ ଏହାର ସେବନ ନିଷେଧ ଅଟେ। ତେଣୁ ଏହାକୁ କେବଳ ଡାକ୍ତରୀ ତଦାରଖରେ ବ୍ୟବହାର କରାଯିବା ଉଚିତ।

ବାସଙ୍ଗର ବିଭିନ୍ନ ଅଂଶରେ ଭାସିସିନ ପରି କ୍ୱିନାଜୋଲିନ୍ ଆଲକାଲଏଡ୍, ଆଣ୍ଟି-ମାଇକ୍ରୋବାଏଲ୍, ଆଣ୍ଟି-ଅଲସର, ହେପାଟୋପ୍ରୋଟେକ୍ଟିଭ୍, ଆଣ୍ଟି-ଅକ୍ସିଡାଣ୍ଟ, ଲୁଟେଓଲିନ୍, ଟ୍ରିଟ୍ରିଆକୋଣ୍ଟେନ, କ୍ୟାରୋଟିନ୍, ଭାସାକିନ୍, ଭାସିସିନୋନ୍, ଭାସିକୋଲୋନ୍, ଭାସିକୋଲିନୋନ୍, ଆଲକାଲଏଡ୍, ଟାନିନ୍, ସାପୋନିନ୍, ଫେନୋଲିକ୍ସ, ଫ୍ଲାଭୋନଏଡ୍ ଭଳି ଫାଇଟୋକେମିକାଲ୍ସ ପରି ଅନେକ ଗୁରୁତ୍ୱପୂର୍ଣ୍ଣ ଜୈବିକ ସକ୍ରିୟ ଯୌଗିକ ଉପାଦାନ ରହିଛି।

ଭାରତର ଅଧିକାଂଶ ସ୍ଥାନରେ ବାସଙ୍ଗ ଚାଷ କରିବା ସହଜ। ଏଥିପାଇଁ ସର୍ବନିମ୍ନ ଯତ୍ନ ଆବଶ୍ୟକ। ଏହା ପର୍ଯ୍ୟାପ୍ତ ସୂର୍ଯ୍ୟକିରଣ, ମଧ୍ୟମ ପାଣି ଏବଂ ଭଲ ଜଳ ନିଷ୍କାସନକାରୀ ମାଟି ଆବଶ୍ୟକ କରେ। ଏହାକୁ ପ୍ରାରମ୍ଭିକ ୩-୪ ବର୍ଷ ମଧ୍ୟରେ ଏକ ଶୁଦ୍ଧ ଫସଲ ଭାବରେ କିମ୍ବା ନଡ଼ିଆ ଓ ରବର ବଗିଚାରେ ଏକ ଅନ୍ତଃଫସଲ ଭାବରେ ଚାଷ କରାଯାଇପାରିବ। କୋମଳ କାଣ୍ଡ କଟା ଦ୍ୱାରା ମଧ୍ୟ ବାସଙ୍ଗ ବଂଶ ବିସ୍ତାର କରାଯାଏ। ୧୫-୨୦ ସେମି ଲମ୍ବା ଏବଂ ୩-୪ ଗଣ୍ଠିର କାଣ୍ଡ କଟା ଲଗାଇବା ପାଇଁ ଉପଯୁକ୍ତ। ସବୁଜ ପତ୍ର ହପର, ସବୁଜ ଶିଙ୍ଗଯୁକ୍ତ ପୋକ, ବାଦାମୀ ପତ୍ର ଦାଗ ଓବ୍ଲାଷ୍ଟ ଭଳି ରୋଗ ସାଧାରଣତଃ ଆକ୍ରମଣ କରନ୍ତି। ପ୍ରଥମ ଲକ୍ଷଣ ଦେଖାଯିବା ପରେ ସାତ ଦିନ ବ୍ୟବଧାନରେ ଦୁଇ ଡୋଜ୍ ୧୦% ଗୋମୂତ୍ର ସାର ସିଞ୍ଚନ କରି ଏହି ଆକ୍ରମଣକୁ ପ୍ରତିରୋଧ କରାଯାଇପାରିବ। ଏହାପରେ ତୁରନ୍ତ କୀଟ ପରିଚାଳନା କୌଶଳ ବ୍ୟବହାର କରାଯିବା ଉଚିତ। ଗଛଗୁଡ଼ିକ ଭଲ ଭାବରେ ପ୍ରତିଷ୍ଠା ହେବା ପରେ ୬-୮ ମାସ ପରେ ପତ୍ର ଅମଳ ଆରମ୍ଭ କରାଯାଇପାରିବ। ସର୍ବୋତ୍ତମ ସମୟ ହେଉଛି ଫୁଲ ଫୁଟିବା ପୂର୍ବରୁ, ଶୀତ ଏବଂ ବସନ୍ତ ଋତୁରେ। ପତ୍ରଗୁଡ଼ିକ ସମ୍ପୂର୍ଣ୍ଣ ବାୟୁରେ ଶୁଖିବାକୁ ୫-୭ ଦିନ ସମୟ ଲାଗେ। ଶୁଖିଲା ପତ୍ରଗୁଡ଼ିକୁ ବାୟୁରୋଧୀ ପାତ୍ରରେ ଏକ ଥଣ୍ଡା ଅନ୍ଧାର ସ୍ଥାନରେ ରଖନ୍ତୁ। ପତ୍ରଗୁଡ଼ିକୁ ତାଜା ବ୍ୟବହାର କରାଯାଇପାରିବ। କିନ୍ତୁ ଶୁଖିଲା ପତ୍ରଗୁଡ଼ିକ ଔଷଧୀୟ ଯୌଗିକଗୁଡ଼ିକୁ ଭଲ ଭାବରେ ଧରି ରଖେ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ସମୁଦ୍ରକୁ ମାଛ ମାରିବାକୁ ଯାଇ ମତ୍ସ୍ୟଜୀବୀ ନିଖୋଜ ଘଟଣା

# ଦୀଘାରୁ ଜଣେ ଉଦ୍ଧାର, ୩ ଜଣଙ୍କ ପତ୍ତା ମିଳିନି

ଚନ୍ଦନେଶ୍ୱର, ୩।୮ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଚୌମୁଖ ପଞ୍ଚାୟତ ଅଧୀନ କଙ୍କଡ଼ାପାଳ ଗ୍ରାମର ୪ଜଣ ମତ୍ସଜୀବୀ ଗତକାଲି ସମୁଦ୍ରକୁ ମାଛ



ଧରିବାକୁ ଯାଇ ନିଖୋଜ ଥିଲେ। ସେମାନଙ୍କୁ ଖୋଜା ଚାଲିଥିଲା। ବହୁ ଖୋଜାଖୋଜି ପରେ ଆଜି ଦୀଘା ସମୁଦ୍ର କୂଳଠାରୁ ଅନତିଦୂରରେ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟ ତିନିଜଣ ଏବେ ବି ନିଖୋଜ ଥିବା ଜଣାପଡ଼ିଛି। ଉଦ୍ଧାର ହୋଇଥିବା ମତ୍ସ୍ୟଜୀବୀଙ୍କୁ ଦୀଘା ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ସୂଚନାନୁଯାୟୀ, ବାଲିଆପାଳ ବ୍ଲକ୍ କଙ୍କଡ଼ାପାଳ ଗ୍ରାମର ଚାରିଜଣ ମତ୍ସ୍ୟଜୀବୀ ଏକ ଯନ୍ତ୍ରଚାଳିତ ଡ଼ଙ୍ଗାରେ ସମୁଦ୍ରକୁ ମାଛ ଧରିବାକୁ ଯାଇଥିବା ବେଳେ ଜୁଆର ମାଡ଼ରେ ଡ଼ଙ୍ଗାଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏଥିରେ ଥିବା ଚାରିଜଣ ମତ୍ସ୍ୟଜୀବୀ ମଧୁସୂଦନ ଗିରି(୩୫), ତାଙ୍କ ବାପା ଗୋପାଳ ଗିରି (୬୦), ବଡ଼ଭାଇ ରବୀନ୍ଦ୍ର ଗିରି (୩୮) ଓ ତାଙ୍କ ଶାଳକ ଚୌମୁଖ ଗ୍ରାମର ଜଗନ୍ନାଥ ପାଳ(୩୨) ନିଖୋଜ ହୋଇଯାଇଥିଲେ। ପରିବାରଲୋକ କୌଣସି ଦୁର୍ଘଟଣାର ଆଶଙ୍କା କରି ବାଲିଆପାଳ ଅଗ୍ନିଶମ ବିଭାଗ ଓ ବାଲିଆପାଳ ଥାନାରେ ଅଭିଯୋଗ କରିଥିଲେ। ପରେ ଭୋଗରାଇର ତାଳସାରୀ ମେରାଇନ ପୁଲିସ ଓ ବାଲିଆପାଳ ପୁଲିସ ଡ୍ରୋନ୍ କ୍ୟାମେରା ସାହାଯ୍ୟରେ ଗତକାଲି ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ମଧ୍ୟ ସେମାନଙ୍କର ପତ୍ତା ମିଳିନଥିଲା। ତେବେ ଆଜି ଚୌମୁଖ ଗ୍ରାମର ଜଗନ୍ନାଥ ପାଳ (୩୨) ଙ୍କୁ ପଶ୍ଚିମବଙ୍ଗର ଦୀଘା ନିକଟସ୍ଥ ମୋହନା ମୁହାଣରୁ ଜୀବନ୍ତ ଅବସ୍ଥାରେ ପୁଲିସ ଉଦ୍ଧାର କରି ଦୀଘା ଷ୍ଟେଟ ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ଅନ୍ୟ ୩ଜଣ ନିଖୋଜ ମତ୍ସଜୀବୀଙ୍କୁ ଉଦ୍ଧାର କରିବା ପାଇଁ ପୁଲିସ ତରଫରୁ ଉଦ୍ୟମ ଜାରି ରହିଥିବା ତାଳସାରୀ ମେରାଇନ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ ପ୍ରକାଶ କରିଛନ୍ତି।

## ନାବାଳିକା ଛାତ୍ରୀଙ୍କୁ ଯୌନ ନିର୍ଯାତନା

# ଅଧକ୍ଷ ଓ ଅଧାପକଙ୍କ ଗିରଫ ଦାବିରେ କଂଗ୍ରେସର ରଘୁନାଥପୁର ଥାନା ଘେରାଉ

ଜଗତସିଂହପୁର/ରଘୁନାଥପୁର, ୩।୮ (ସମିସ): ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ଥାନା ଅଧୀନସ୍ଥ ସ୍ୱାମୀ ଅରୂପାନନ୍ଦ ମହାବିଦ୍ୟାଳୟର ଜଣେ ନାବାଳିକା ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଧ୍ୟାପକ ଓ ଅଧକ୍ଷଙ୍କ ଗିରଫ ଦାବିରେ ତିର୍ତ୍ତୋଲ କଂଗ୍ରେସ ପକ୍ଷରୁ ଆଜି ଥାନା ଘେରାଉ କରାଯାଇଥିଲା। ପିସିସି ସଭ୍ୟ ଦେବପ୍ରସାଦ ନାୟକଙ୍କ ନେତୃତ୍ୱରେ ମଦନମୋହନ ମଠ ନିକଟରୁ ଶହ ଶହ କଂଗ୍ରେସ ନେତା ଓ କର୍ମୀ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିବା ପରେ ରଘୁନାଥପୁର ଥାନା ନିକଟରେ ପହଞ୍ଚିଥିଲେ। ସେଠାରେ ପୁଲିସ ପ୍ରଶାସନର ନିଷ୍କ୍ରିୟତା ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

କଂଗ୍ରେସର ଅଭିଯୋଗ ଅନୁଯାୟୀ, ଗତ ଜୁଲାଇ ୨୧ ତାରିଖରେ ଅଭିଯୁକ୍ତ ଅଧ୍ୟାପକଙ୍କ ବିରୁଦ୍ଧରେ କଲେଜ ପରିଚାଳନା କମିଟି ସଭାପତି ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଜଗତସିଂହପୁର ଥାନାରେ ଏତଲା ଦେବା ପରେ ଏହାକୁ ରଘୁନାଥପୁର ଥାନାକୁ ପ୍ରେରଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଅଭିଯୁକ୍ତଙ୍କ ବିରୁଦ୍ଧରେ ପକ୍‌ସୋ ଧାରା ଅନୁସାରେ ମାମଲା ରୁଜୁ ହୋଇଥିଲା। ମାମଲା ରୁଜୁ ହେବାର ୧୨ଦିନ ବିତିଯାଇଥିବା ବେଳେ ଏପର୍ଯ୍ୟନ୍ତ ମୁଖ୍ୟ ଅଭିଯୁକ୍ତ ଅଧ୍ୟାପକ ଓ ଅଧକ୍ଷଙ୍କୁ ଗିରଫ କରାଯାଇନାହିଁ।




ରଘୁନାଥପୁର ପୁଲିସର ଅପାରଗତା ଦର୍ଶାଇ ଥାନା ସମ୍ମୁଖରେ କଂଗ୍ରେସ ନେତା ଓ କର୍ମୀ ଧାରଣାରେ ବସିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରାରମ୍ଭରେ ଗତକାଲି ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିବା ବଳଙ୍ଗା ପୀଡ଼ିତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ମହିଳା କଂଗ୍ରେସର କର୍ମକର୍ତ୍ତା ରଘୁପତି ରାଘବ ରାଜା ରାମ ସଙ୍ଗୀତ ଗାନ କରି ଅହିଂସାତ୍ମକ ଉପାୟରେ ଧାରଣ ଆରମ୍ଭ କରିଥିଲେ। ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସତ୍ୟବ୍ରତ ଦାସ, ଏସ୍‌ଡିପିଓ ଚିନ୍ମୟ ରାଉତ ଓ ରଘୁନାଥପୁର ଥାନା ଅଧିକାରୀ ସୁଶାନ୍ତ ସେଠୀ ଧାରଣରତ କଂଗ୍ରେସ ନେତୃବୃନ୍ଦଙ୍କ ସହ ଆଲୋଚନା କରିଥିଲେ। ତିନିଦିନ ମଧ୍ୟରେ ଯିଏ ବି ଅଭିଯୁକ୍ତ ଅଛନ୍ତି, ସେମାନଙ୍କୁ ଗିରଫ କରାଯିବା ନେଇ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ସାମୟିକ ଭାବେ ପାଇଁ ସ୍ଥଗିତ ରଖାଗଲା ବୋଲି କହିଛନ୍ତି କଂଗ୍ରେସ ଜିଲ୍ଲା ସଭପତି ନଟବର ବାରିକ। ତେବେ ପୀଡିତାଙ୍କୁ ନ୍ୟାୟ ନ ମିଳିବା ଯାଏଁ ଲଢ଼େଇ ଜାରି ରହିବ ବୋଲି ପିସିସି ସଭ୍ୟ ଦେବପ୍ରସାଦ ନାୟକ ସୂଚନା ଦେଇଛନ୍ତି।

ସେହିପରି ପୂର୍ବତନ ବିଧାୟକ ଡ. ଲଲାଟେନ୍ଦୁ ମହାପାତ୍ର ଏଥିରେ ଯୋଗଦେଇ କହିଛନ୍ତି, ଅରୂପାନନ୍ଦ ମହାବିଦ୍ୟାଳୟରେ ଯେଉଁ ନାବାଳିକା ପ୍ରତି ଅସଦାଚରଣ ହୋଇଛି ଏହା ଦୀର୍ଘ ଦିନର ଘଟଣା। କଲେଜ ଆଇସିସି କମିଟି ଏହି ଘଟଣାର ସଠିକ୍ ଭାବେ ତଦନ୍ତ କରି ନଥିଲେ। ପରେ ଯେବେ ଏହି ଘଟଣା ଲୋକଲୋଚନକୁ ଆସିଲା, ସେତେବେଳେ ଉପଜିଲ୍ଲାପାଳ ନିଜ ପକ୍ଷରୁ ଏକ ଏତଲା ଦେଇଥିଲେ। ଏତଲା ଦେବାର ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ରଘୁନାଥପୁର ପୁଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହେବା ଦୁର୍ଭାଗ୍ୟର ବିଷୟ।

ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ଅଭିଜିତ ସାହୁ, ନାରୀନେତ୍ରୀ ପ୍ରତୀମା ମଲ୍ଲିକ, ଦୀପ୍ତିରାଣୀ ପ୍ରଧାନ, ଅନସୂୟା ପ୍ରଧାନ, ପ୍ରିୟବ୍ରତ ମିଶ୍ର, ଆତ୍ରତ୍ତାଣ ପଣ୍ଡା , ମାନସ ରଥ, ଅଭୟ ମହାନ୍ତି, ପ୍ରଶାନ୍ତ ଦାସ, ସର୍ବେଶ୍ୱର ପଣ୍ଡା, ଜିତେନ୍ଦ୍ର ମହାନ୍ତି, ଅଶ୍ୱିନୀ ସ୍ୱାଇଁ, ଧନଞ୍ଜୟ ସୂତାର, ସୃଜନିକା ରାଉତ, ବସନ୍ତ ନାୟକ, ହେମଲତା ସେଠୀ, ପୁଷ୍ପାଞ୍ଜଳି ଦାସ, ପୁଷ୍ପାଞ୍ଜଳି ମହାପାତ୍ର, ସରପଞ୍ଚ କାଳନ୍ଦୀ ମହାନ୍ତି, ସଫି ଆଜମ, ପ୍ରଦ୍ୟୁମ୍ନ ଚଇନି, ସମିତିସଭ୍ୟ ଜିତେନ୍ଦ୍ର ମଲ୍ଲିକ, ପ୍ରତାପ ସ୍ୱାଇଁ, ଦେବୀପ୍ରସାଦ ପାଳ ପ୍ରମୁଖଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

## ଅବଶିଷ୍ଟାଂଶ

### କେନାଲକୁ ଖସିଲା...

ମନ୍ଦିରରୁ ୨୦ କିମି ପୂର୍ବରୁ ହିଁ ଦୁର୍ଘଟଣା ଘଟିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାରେ ଶୋକବ୍ୟକ୍ତ କରିଛନ୍ତି। ମୃତକଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ଓ ଆହତଙ୍କୁ ୫୦ ହଜାର ଟଙ୍କାର ଅନୁକମ୍ପାମୂଳକ ରାଶି ଦେବାକୁ ସେ ଘୋଷଣା କରିଛନ୍ତି।

ବୋଲେରୋରେ ୧୬ ଜଣ ଲୋକ ପୃଥ୍ୱୀନାଥ ମନ୍ଦିରକୁ ଜଳାଭିଷେକ କରିବାକୁ ଯାତ୍ରା କରୁଥିଲେ। କେନାଲକୁ ଗାଡି ଖସିବା ପରେ କୌଣସି ଲୋକ ବାହାରକୁ ବାହାରି ପାରି ନଥିଲେ। ପ୍ରବଳ ବର୍ଷା କାରଣରୁ କେନାଲ ବହୁ ପରିମାଣରେ ପାଣିଥିଲା। କେନାଲ ପଡିବା ପରେ ହିଁ ଗାଡି ସମ୍ପୂର୍ଣ୍ଣ ଭାବେ ବୁଡି ଯାଇଥିଲା। ଗାଡିର ଗେଟ୍ ଲକ୍ ହୋଇଯାଇଥିଲା। ଭିତରେ ଥିବା ଯାତ୍ରୀ ଛଟପଟ ହୋଇଥିଲେ ଓ ବାହାରକୁ ନ ବାହରିପାରି ମୃତ୍ୟୁବରଣ କରିଥିଲେ। ଗାଡି କେନାଲରେ ପଡିବା ପରେ ଡ୍ରାଇଭର ଡୋର ଖୋଲି ପାଣିକୁ ଡେଇଁ ପଡିଥିଲେ। ସେ ଗାଡି ଡୋର ଖୋଲିବାକୁ ପ୍ରୟାସ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଆଗ ସିଟ୍‌ରେ ବସିଥିବା ଦୁଇଜଣ ମଧ୍ୟ ବାହରକୁ ଆସିଥିଲେ। ମଝିରେ ଠିଆ ହୋଇଥିବା ବାଳିକା ପିଙ୍କି ମଧ୍ୟ ଅଚାନକ ବାହାରକୁ ଚାଲିଯାଇଥିଲେ। ସ୍ଥାନୀୟ ଲୋକ ବଲେରୋ ଗେଟ୍ ଖେଲିବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନଥିଲେ। ଦଉଡିରେ ବାନ୍ଧ ଗାଡିକୁ ଟାଣି କୂଳକୁ ଆଣାଯାଇଥିଲା। ଗାଡିର କିଛ ଅଂଶ ପାଣି ଉପରକୁ ଆସିଥିଲା। ଖାଚ ଭାଙ୍ଗି ଜଣକ ପରେ ଜଣକୁ ବାହରକୁ ଆଣାଯାଇଥିଲା। କିନ୍ତୁ ସେତେବେଳକୁ ସମସ୍ତ ଜୀବନ ଯାଇସାରିଥିଲା।

### ଗୋଟିଏ ବୈଠକରେ...

ଗଠନ ହେବାକୁ ପାଖାପାଖି ଗୋଟିଏ ବର୍ଷ ହେବାକୁ ବସିଥିବା ବେଳେ ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ନେଇଥିବା ଦେଖିବାକୁ ମିଳିନାହିଁ। ଟାସ୍କଫୋର୍ସ ଗଠନର ଗୋଟିଏ ସପ୍ତାହ ମଧ୍ୟରେ ଥରେ ବୈଠକ ବସିଥିଲା, ଏହାପରେ ଆଉ ବୈଠକ ବସିନାହିଁ।

ବିଧାନସଭାରେ ଶ୍ରମ ମନ୍ତ୍ରୀ ଦେଇଥିବା ତଥ୍ୟ ଅନୁସାରେ ଗତ ୨ ବର୍ଷ ମଧ୍ୟରେ ରାଜ୍ୟ ଏବଂ ଦେଶ ବାହାରକୁ କାମ କରିବାକୁ ଯାଇ ୨୦୭ ଓଡ଼ିଆ ଶ୍ରମିକ ପ୍ରାଣ ହରାଇଛନ୍ତି। ଏଥିରେ ଗଞ୍ଜାମ ଓ ବଲାଙ୍ଗିର ଜିଲ୍ଲାରୁ ମୃତ ଦାଦନଙ୍କ ସଂଖ୍ୟା ସର୍ବାଧିକ। ଦାଦନ ଖଟିବାକୁ ଯାଇ ଗଞ୍ଜାମ ଜିଲ୍ଲାରୁ ୪୯ ଜଣ ପ୍ରାଣ ହରାଇଥିବା ବେଳେ ବଲାଙ୍ଗିରରୁ ୨୩ ଜଣ ଶ୍ରମିକଙ୍କ ପ୍ରାଣ ହରାଇଛନ୍ତି। ସେହିପରି କଳାହାଣ୍ଡି ଓ କନ୍ଧମାଳରେ ୧୬ ଜଣ ଲେଖାଏଁ ଶ୍ରମିକଙ୍କ ଜୀବନ ଯାଇଛି। ନବରଙ୍ଗପୁର ଓ ରାୟଗଡାରେ ୧୩ ଲେଖାଏଁ ଶ୍ରମିକ ଶବ ହୋଇ ରାଜ୍ୟକୁ ଫେରିଛନ୍ତି।

### ବୋର୍ଡ ଉପସଭାପତି...

ଏଥିସହ ୬୦ ଦିନ ମଧ୍ୟରେ ଚାର୍ଜସିଟ ଦାଖଲ କରାଯିବ। ତେବେ ଆଗକୁ ନୀହାରଙ୍କୁ ରିମାଣ୍ଡରେ ଅଣାଯିବ ବୋଲି କ୍ରାଇମବ୍ରାଞ୍ଚ ଡିଆଇଜି ବି.ଗଙ୍ଗାଧର ସୂଚନା ଦେଇଛନ୍ତି।

କ୍ରାଇମବ୍ରାଞ୍ଚ ଡିଜିଙ୍କ ସୂଚନା ଅନୁଯାୟୀ, ପ୍ରଶ୍ନପତ୍ର ଲିକ୍ ପ୍ରକ୍ରିୟା ପରୀକ୍ଷା ବୋର୍ଡ ସହ କାର୍ଯ୍ୟ କରୁଥିବା ଡାଟା ଏଣ୍ଟ୍ରି ଅପରେଟରଙ୍କ ମାଧ୍ୟମରେ ପୂର୍ବରୁ ଗିରଫ ହୋଇଥିବାର ଅଭିଯୁକ୍ତ ଜିତନ୍ ମହାରଣାଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିଲା। ମୁଖ୍ୟ ଅଭିଯୁକ୍ତ, ଡାଟାଏଣ୍ଟ୍ରି ଅପରେଟର ଜିତନ୍ ମହାରଣା ଲିକ୍ ଘଟଣାରେ ଏକ କେନ୍ଦ୍ରୀୟ ଭୂମିକା ଗ୍ରହଣ କରିଥିବା କହିଛନ୍ତି କ୍ରାଇମ୍‌ବ୍ରାଞ୍ଚ ଡିଜି। ମୁଖ୍ୟ ଅଭିଯୁକ୍ତ ଜିତନଙ୍କ ସହ ବୋର୍ଡ ଉପସଭାପତିଙ୍କ ଘନିଷ୍ଠ ସମ୍ପର୍କ ରହିଥିଲା। ପ୍ରାୟ ୨ ମାସ ଭିତରେ ଉଭୟେ ୨୦୦ ଥର ଫୋନ୍‌ରେ କଥା ହୋଇଛନ୍ତି। ହେଲେ ପରୀକ୍ଷା ପରିଚାଳନାରେ ଜିତନଙ୍କର କୌଣସି ଭୂମିକା ନ ଥିଲା। ଏହା ସତ୍ତ୍ୱେ ପରୀକ୍ଷା ପରିଚାଳନାରେ ସମ୍ପୃକ୍ତ ନ ଥିବା ବ୍ୟକ୍ତିଙ୍କ ସହ ଏତେଥର ଉପସଭାପତି କଥା କାହିଁକି ହୋଇଥିଲେ, ତାହା ସନ୍ଦେହ ସୃଷ୍ଟି କରିଥିଲା। ଜିତନଙ୍କ ଭୂମିକା ସନ୍ଦେହଜନକ ଥିଲା ଉପସଭାପତି ସ୍ୱୀକାର କରିଛନ୍ତି। ନୀହାରଙ୍କ ପାଖରେ ଓଟିଇଟି ପ୍ରଶ୍ନପତ୍ର ସମ୍ପର୍କିତ ପାସ୍‌ୱାର୍ଡ ରହିଥିଲା। ପାସୱାର୍ଡ ବ୍ୟବହାର କରି ବୋର୍ଡ ଉପସଭାପତି ଡିଲିଟ୍ କରିବା କଥା, ହେଲେ ସେ ସେପରି କରିନଥିଲେ। ଏଥିସହ ଉପସଭାପତି ଜିତନ ମହାରଣାଙ୍କୁ ଲାପଟପ୍ ବ୍ୟବହାର ପାଇଁ ଅନୁମତି ଦେଇଥିଲେ। ଏତଦ୍ ବ୍ୟତୀତ ମହାରଣାଙ୍କ ଆକାଉଣ୍ଟକୁ ୨.୪ ଲକ୍ଷ ଟଙ୍କା ଟ୍ରାନ୍ସଫର କରାଯାଇଥିଲା, ଯାହା ବେଆଇନ କାର୍ଯ୍ୟକଳାପ ସହିତ ଏକ ସ୍ପଷ୍ଟ ଆର୍ଥିକ ଲିଙ୍କ ସ୍ଥାପନ କରିଥିଲା। ତେବେ ଘଟଣାର ତଦନ୍ତ ଚାଲିଛି। ଅନେକ ଲୋକଙ୍କର ସମ୍ପୃକ୍ତି କୁ ମଧ୍ୟ ଅନୁମାନ କରାଯାଉଛି। ସେହିଭଳି ଅର୍ଥନୈତିକ କାରବାରର ଯାଞ୍ଚ କରାଯାଉଛି ବୋଲି କ୍ରାଇମ୍ ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ପ୍ରଥମତଃ ବୋର୍ଡ ଉପସଭାପତିଙ୍କ ଲାପ୍‌ଟପ୍‌କୁ ପ୍ରଶ୍ନପତ୍ର ଆସିବା କଥା ନୁହେଁ। କିନ୍ତୁ ମୁଦ୍ରଣ ସଂସ୍ଥାରୁ ବୋର୍ଡର ଉପସଭାପତି ନୀହାର ମହାନ୍ତିଙ୍କ ଲାପ୍‌ଟପ୍‌କୁ ଏଫ୍‌ଟିପି (ଫାଇଲ୍ ଟ୍ରାନ୍‌ସଫର୍ ପ୍ରୋଟକଲ୍) ମାଧ୍ୟମ ବଦଳରେ ଇ-ମେଲ୍‌ରେ ପ୍ରଶ୍ନପତ୍ର ଆସିଥିଲା। ଏଭଳି ସାଂଘାତିକ କାର୍ଯ୍ୟ କ୍ରାଇମ୍‌ବ୍ରାଞ୍ଚ ତଦନ୍ତରୁ ସାମ୍ନାକୁ ଆସିଛି। କିନ୍ତୁ ବୋର୍ଡରେ ବହୁଦିନରୁ ଚାଲି ଆସିଥିବା ଏଭଳି ଅନିୟମିତତାକୁ ଉଚ୍ଚ କର୍ତ୍ତୃପକ୍ଷ ଚୁପଚାପ୍ ସହିବା ଘଟଣା ଏବେ ଆଲୋଚନାର ପ୍ରସଙ୍ଗ ହୋଇଛି। ବୋର୍ଡର ରେଗୁଲେସନ୍ ଚାପ୍ଟର-୧୧ ଉପଧାରା-୧୫ ଅନୁସାରେ ପ୍ରଶ୍ନପତ୍ର ପ୍ରସ୍ତୁତି, ଗୋପନୀୟ ମୁଦ୍ରଣ ଓ ପ୍ରଶ୍ନ ବିତରଣ ବୋର୍ଡ ସଂପାଦକଙ୍କ ଦାୟିତ୍ୱ। କିନ୍ତୁ ଉପସଭାପତି ନୀହାର କିପରି ପ୍ରଶ୍ନପତ୍ର ପ୍ରସ୍ତୁତିରେ ସଂପୃକ୍ତ ହେଲେ ଓ ତାଙ୍କ ବ୍ୟକ୍ତିଗତ ଲାପ୍‌ଟପ୍‌କୁ ପ୍ରଶ୍ନର ସଫ୍ଟ କପି କାହିଁକି ଆସିଲା, ତାହାକୁ ନେଇ ପ୍ରଶ୍ନ ଉଠୁଛି।

### କୋଟିପତି ଏମ୍‌ଭିଆଇଙ୍କ...

ଶ୍ରୀ ହାଁସଦାଙ୍କର ବାରିପଦାସ୍ଥିତ ଘର ସମେତ ବୌଦ୍ଧରେ ଥିବା ତାଙ୍କ ଭଡ଼ାଘର, ବୌଦ୍ଧ ଆରଟିଓ ଅଫିସ୍‌ରେ ଥିବା ତାଙ୍କ ଚାମ୍ବର, ମୟୂରଭଞ୍ଜର ଖୁଣ୍ଟା ଥାନା ଅନ୍ତର୍ଗତ ଗୁଡ଼ିଡ଼ିହା ସ୍ଥିତ ତାଙ୍କ ପୈତୃକ ଘର, ଭୁବନେଶ୍ୱରର ପାଣ୍ଡରା ସ୍ଥିତ ତାଙ୍କ ଝିଅଙ୍କ ଭଡ଼ା ଘର ଓ ବାରିପଦାସ୍ଥିତ ତାଙ୍କର ଜଣେ ଘନିଷ୍ଠ ସହଯୋଗୀଙ୍କ ଘରେ ଏହି ଚଢଉ କରାଯାଇଥିଲା। ଚଢ଼ଉରେ ୪ଜଣ ଡିଏସ୍‌ପି, ୭ଜଣ ଇନ୍ସପେକ୍ଟର୍ ଓ ଅନ୍ୟ ସହଯୋଗୀ କର୍ମଚାରୀ ସାମିଲ ହୋଇଥିଲେ। ଚଢ଼ଉ ସମୟରେ ତାଙ୍କ ଘରୁ ଭିଜିଲାନ୍ସ ବିପୁଳ ପରିମାଣର ସଂପତ୍ତି ଠାବ କରିଛି।

ମୟୂରଭଞ୍ଜ ପ୍ରଫୁଲ୍ଲନଗରରେ ଗୋଟିଏ ଦୁଇ ତାଲା କୋଠା ଥିବା ବେଳେ ତାଙ୍କ ନାମରେ ଥିବା ୪୪ଟି ପ୍ଲଟ୍ ଠାବ କରାଯାଇଛି। ସେଥିମଧ୍ୟରୁ ୪୩ଟି ପ୍ଲଟ୍ ବାରିପଦା ଟାଉନରେ ଥିବା ବେଳେ ଗୋଟିଏ ବାଲେଶ୍ୱର ଟାଉନ୍‌ରେ ରହିଛି। ଏହି ସବୁ ପ୍ଲଟ୍‌ର ସଠକ୍ ମୂଲ୍ୟ ଭିଜିଲାନ୍ସ ଟେକ୍ନିକାଲ ଟିମ୍ କରୁଛନ୍ତି। ଘରୁ ମିଳିଥିବା ଗୋଟିଏ ଡାଏରୀରେ ଏକାଧିକ ବେନାମିକାରବାର ଉଲ୍ଲେଖ ରହିଛି। ସେହିପରି ଗୋଟିଏ ୪ ଚକିଆ ଏବଂ ୩ଟି ଦୁଇ ଚକିଆ ଠାବ ହୋଇଥିବା ବେଳେ ୧୬.୦୬ଲକ୍ଷର ଘରର ଆସବାବପତ୍ର ରହିଛି।

୧୯୬୬ରେ ଜନ୍ମିତ ଗୋଲାପ ଚନ୍ଦ୍ର ହାଁସଦା ୧୯୯୧ ମସିହା ଏପ୍ରିଲ ୧୮ ତାରିଖରେ ଜଣେ ଆଇପିଓ ଭାବେ ସରକାରୀ ଚାକିରିରେ ଯୋଗ ଦେଇଥିଲେ। ସେ ସମ୍ବଲପୁର ଓ ଦେବଗଡ଼ ଡିଆଇସିରେ କାର୍ଯ୍ୟ କରିଥିଲେ। ୨୦୦୩ରେ ସେ କନିଷ୍ଠ ଏମ୍‌ଭିଆଇ ଭାବେ ପଦୋନ୍ନତି ପାଇଥିଲେ ଓ ସୁନ୍ଦରଗଡ଼ର ତାପରିଆ ଚେକ୍ ଗେଟ୍ ଓ ସମ୍ବଲପୁରର ଲକ୍ଷ୍ମୀଡୁଙ୍ଗୁରି ଚେକ୍ ଗେଟ୍ କାର୍ଯ୍ୟ କରିଥିଲେ। ପରେ ମୟୂରଭଞ୍ଜ ଓ ବରଗଡ଼ ଆରଟିଓ ଅଫିସରେ ସେ କିଛି ବର୍ଷ କାର୍ଯ୍ୟ କରିଥିଲେ। ୨୦୨୦ରେ ତାଙ୍କୁ ଏମ୍‌ଭିଆଇ ଭାବେ ପଦୋନ୍ନତି ଦିଆଯାଇ ବୌଦ୍ଧ ଆରଟିଓରେ ଅବସ୍ଥାପିତ କରାଯାଇଥିଲା। ସେବଠାରୁ ସେ ସେଠାରେ ଅଛନ୍ତି। ସେ ବର୍ତ୍ତମାନ ମାସିକ ୧.୦୮ ଲକ୍ଷ ଟଙ୍କା ଦରମା ପାଉଛନ୍ତି ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ କିଛି ଦିନ ତଳେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ସହକାରୀ ଯନ୍ତ୍ରୀ ଅଶୋକ କୁମାର ପଣ୍ଡାଙ୍କର ୯ଟି ପ୍ଲଟ୍ ଠାବ କରାଯାଇଥିବା ବେଳେ ସହକାରୀ ଯନ୍ତ୍ରୀ ରାଜକିଶୋର ଜେନାଙ୍କର ୧୩ଟି ପ୍ଲଟ୍ ଠାବ କରାଯାଇଥିଲା। ସେହିପରି ପ୍ରାୟ ୧୦ଦିନ ତଳେ ଭିଜିଲାନ୍ସ ଜାଲରେ ପଡ଼ିଥିବା କେନ୍ଦୁଝର ଜିଲ୍ଲା କେନ୍ଦୁପତ୍ର ଡିଭିଜନର ଡିଏଫଓ ନିତ୍ୟାନନ୍ଦ ନାୟକଙ୍କର ୧୨୩ଟି ପ୍ଲଟ୍ ଠାବ କରାଯାଇଥିଲା।

### ଚାପରେ ମୋହନ-ବିଷ୍ଣୁ...

ନାହାନ୍ତି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଓଡ଼ିଶା ସରକାରଙ୍କ ପ୍ରସ୍ତାବ ଉପରେ ବିଚାରାଲୋଚନା ଚାଲିଥିବା ମନ୍ତବ୍ୟ ଦେଇ କଥାକୁ ଅଧାରେ ରୋକି ଦେଇଛନ୍ତି। ମାତ୍ର କେଉଁସ୍ତରରେ ଛତିଶଗଡ଼ ସରକାର କାହା ସହ ବିଚାରାଲୋଚନା କରୁଛନ୍ତି ତାହା ଏବେ ବି ଅସ୍ପଷ୍ଟ। ଓଡ଼ିଶାରେ ମହାନଦୀ ବିବାଦ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଯେପରି ବିରୋଧୀଙ୍କ ଚାପରେ ଅଛନ୍ତି, ଅନୁରୂପ ଭାବରେ ବିଷ୍ଣୁଦେବ ସାଏ ମଧ୍ୟ ଏହି ପ୍ରସଙ୍ଗକୁ ନେଇ ନିଜ ରାଜ୍ୟରେ ଚାପଗ୍ରସ୍ତ। ବିରୋଧୀଦଳଗୁଡ଼ିକ ବିଷ୍ଣୁଦେବଙ୍କ ପଦକ୍ଷେପ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ଓ ସାମାନ୍ୟ ତ୍ରୁଟିବିଚ୍ୟୁତି ତାଙ୍କ ସରକାର ପାଇଁ ବିପଦ ସୃଷ୍ଟି କରିପାରେ ବୋଲି ଆଶଙ୍କା କରି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ରକ୍ଷଣାତ୍ମକ ମନୋଭାବ ପୋଷଣ କରୁଥିବା ରାଜନୈତିକ ପର୍ଯ୍ୟବେକ୍ଷକମାନେ ମନେ କରୁଛନ୍ତି।

ଛତିଶଗଡ ଜଳସେଚନ ବିଭାଗ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ପ୍ରାପ୍ତ ତଥ୍ୟ ଅନୁସାରେ ପୂର୍ବ ପ୍ରକଳ୍ପଗୁଡ଼ିକୁ ବାଦ ଦେଇ ଏବେ ବି ମହାନଦୀରେ ୬ ଟି ଉଦ୍ୟୋଗିକ ବ୍ୟାରେଜ ନିର୍ମାଣାଧୀନ ରହିଛି। ସମୈ÷ାଦା, ଶିଓନାରାୟଣ ବ୍ୟାରେଜ, ବସନ୍ତପୁର, ମିରୋ÷÷ନୀ, ସାରାଡିହି ଓ କଲମା ବ୍ୟାରେଜଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ଶିଳ୍ପ ସହ ଜଡ଼ିତ ଥିବାରୁ ଏହି ପ୍ରକଳ୍ପଗୁଡ଼ିକୁ ବନ୍ଦ କରିବା ଛତିଶଗଡ଼ ସରକାରଙ୍କ ପାଇଁ ଆଦୌ ସମ୍ଭବ ନୁହେଁ। ଅନ୍ୟପକ୍ଷରେ ପ୍ରତିବର୍ଷ ମହାଦୀରେ ଜଳପ୍ରବାହ କମି ଚାଲିଥିବାବେଳେ ୨୦୧୫-୧୬ରୁ ଏହା ଭୟଙ୍କର ରୂପ ଧାରଣ କରିଛି। ୨୦୦୧-୦୨ ମସିହା ରୁ ୨୦୦୫-୦୬ ପର୍ଯ୍ୟନ୍ତ ବାର୍ଷିକ ହରାହାରି ୬୨୬୦.୮୦ ନିୟୁତ ଘନମିଟର ଜଳ ଓଡ଼ିଶାକୁ ପ୍ରବେଶ କରୁଥିଲା। ମାତ୍ର ୨୦୦୬-୦୭ ରୁ ୨୦୧୦-୧୧ ମଧ୍ୟରେ ବାର୍ଷିକ ଜଳ ପ୍ରବାହ ପାଖାପାଖି ୩୦% ହ୍ରାସ ପାଇଥିଲା। ମାତ୍ର ୨୦୧୬ରୁ ୨୦୨୫ ମଧ୍ୟରେ ଏହା ଆହୁରି ଭୟଙ୍କର ରୂପ ଧାରଣ କରିଛି। ଅଣ ମୌସୁମୀ ସମୟରେ ମହାନଦୀ ଏକ ମୃତ ନଦୀରେ ପରିଣତ ହୋଇଛି। ପୂର୍ବରୁ ତତ୍‌କାଳୀନ ବିଜେଡି ସରକାର କେନ୍ଦ୍ର ସରକାରଙ୍କ ନିକଟରେ ଏହି ପ୍ରସଙ୍ଗରେ ବାରମ୍ବାର ଆପତ୍ତି ଉଠାଇଥିଲେ ମଧ୍ୟ ଏହାର ସମାଧାନ ହୋଇ ପାରିଲା ନାହିଁ। କେନ୍ଦ୍ରୀୟ ଜଳ ଆୟୋଗ ଏହି ପ୍ରସଙ୍ଗରେ ନିରବ ରହିଲେ। ପରିଣତିସ୍ୱରୂପ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ବିବାଦ ସମାଧାନ ପାଇଁ ଟ୍ରିବ୍ୟୁନାଲ ଗଠନ ହେଲା। ମାତ୍ର ଟ୍ରିବ୍ୟୁନାଲ ମଧ୍ୟ ଏହାର ସମାଧାନ ପାଇଁ ବିଶେଷ ଗୁରୁତ୍ୱ ଦେଇ ନାହିଁ। ମାତ୍ର ୨୦୨୪ରେ କେନ୍ଦ୍ର ସହ ଛତିଶଗଡ଼ ଓ ଓଡ଼ିଶାରେ ବିଜେପି ସରକାର ଗଠନ ପରେ ଏହି ବିବାଦର ସମାଧାନ ହେବ ବୋଲି ଆଶା କରାଯାଉଥିଲେ ହେଁ ତାହା ସମ୍ଭବ ହୋଇ ନାହିଁ। ଗତ ୧୪ ମାସ ମଧ୍ୟରେ ମହାନଦୀ ବିବାଦର ସମାଧାନ ହେବ ବୋଲି ରାଜ୍ୟ ସରକାର କହୁଛନ୍ତି, ଛତିଶଗଡ଼ ସରକାର ସହଯୋଗ କରିବ ବୋଲି ଆଶ୍ୱାସନା ଦେଉଛି। ମାତ୍ର କୌଣସି ସୁଫଳ ମିଳିନାହିଁ। ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଶେଷ ନ ହେବା ପର୍ଯ୍ୟନ୍ତ ଛତିଶଗଡ଼ କୌଣସି ଆଲୋଚନା କରିବାକୁ ବାସ୍ତବିକ ପ୍ରସ୍ତୁତ ନୁହେଁ। ବର୍ତ୍ତମାନ ଆଲୋଚନା କରାଗଲେ ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକୁ ହୁଏତ ବନ୍ଦ କରିବାକୁ ପଡ଼ିପାରେ ଓ ପ୍ରକଳ୍ପ ବନ୍ଦ ହେଲେ ରାଜ୍ୟରେ ଶିଳ୍ପାୟନ ବାଧାପ୍ରାପ୍ତ ହୋଇପାରେ, ଏହି ଆଶଙ୍କାରେ ଛତିଶଗଡ଼ ସରକାର ସମୟ ଗଡ଼ାଇ ଚାଲିଛନ୍ତି ବୋଲି ମଧ୍ୟ ଅଭିଯୋଗ ହୋଇଛି। ମହାନଦୀ ପ୍ରସଙ୍ଗରେ ଓଡ଼ିଶା ସରକାର ରାଜ୍ୟବାସୀଙ୍କ ଚାପରେ ଚାପଗ୍ରସ୍ତ ହୋଇଥିବାପରି ଛତିଶଗଡ଼ ସରକାର ଶିଳ୍ପପତିଙ୍କ ଚାପରେ ଚାପଗ୍ରସ୍ତ ଥିବା କୁହାଯାଉଛି।

### ସନ୍ଦେହ ବଢ଼ାଉଛି...

ଦେବାକୁ ଯାଉଥିଲେ। ବଳଙ୍ଗା-ହରିପୁର କେନାଲ ବନ୍ଧ ରାସ୍ତାରେ ନାବାଳିକା ଏକୁଟିଆ ଯାଉଥିବାବେଳେ ୩ ଜଣ ଦୁର୍ବୃତ୍ତ ମୁହଁରେ କପଡ଼ା ବାନ୍ଧି ବାଇକ୍‌ରେ ପହଞ୍ଚିଥିଲେ। ରାସ୍ତାରୁ ତାଙ୍କୁ ଜବରଦସ୍ତ ଟେକି ନେଇ ତେରହଳ ନିକଟସ୍ଥ ଭାର୍ଗବୀ ନଦୀ ବନ୍ଧ ତଳକୁ ନେଇଥିଲେ। ତାଙ୍କ ଦେହରେ ନିଆଁ ଲଗାଇ ପୋଡ଼ି ମାରିଦେବାକୁ ଉଦ୍ୟମ କରିଥିଲେ। ହେଲେ ନାବାଳିକା ଜଣକ ଗୁରୁତର ଅବସ୍ଥାରେ ତେରହଳ ଗାଁ ମୁଣ୍ଡରେ ଥିବା ଦୁଃଖିଶ୍ୟାମ ସେନାପତିଙ୍କ ଘର ପାଖରେ ପହଞ୍ଚି ଆକୁଳ ବିକଳ ହୋଇ ମତେ ରକ୍ଷା କର ବୋଲି ଚିତ୍କାର କରିଥିଲେ। ଦୁଃଖିଶ୍ୟାମ ନାବାଳିକା ଦେହରେ ନିଆଁ ଲାଗିଥିବା ଦେଖି ତତ୍‌କ୍ଷଣାତ୍ ତାଙ୍କୁ ସହଯୋଗ କରିଥିଲେ। ୩ ଜଣ ଦୁର୍ବୃତ୍ତ ଏପରି କରିଥିବା ନାବଳିକା ତାଙ୍କୁ କହିଥିବା ଦୁଃଖିଶ୍ୟାମ ମଧ୍ୟ ଗଣମାଧ୍ୟମ, ପୁଲିସ ଆଗରେ କହିଥିଲେ। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ଦୁଇଟି ବୋତଲରେ ଥିବା କିରାସିନି, ଦିଆସିଲି, ଚପଲ, ଚୁଡ଼ି, ରୁପା ମୁଦି, ଅଧାପୋଡ଼ା ଡ୍ରେସ ଆଦି ଜବତ କରିଥିଲା।

ପରବର୍ତ୍ତୀ ସମୟରେ ଜବତ ରୁପା ମୁଦିକୁ ନେଇ ଉଠିଥିଲା ପ୍ରଶ୍ନ। ପୀଡ଼ିତାଙ୍କ ପରିବାର ପକ୍ଷରୁ ସ୍ପଷ୍ଟ କରାଯାଇଥିଲା ଜବତ ରୁପା ମୁଦି ତାଙ୍କ ଝିଅର ନୁହେଁ। ତେଣୁ ସେ ମୁଦି ସେଠାକୁ ନେଇଥିଲା କିଏ? ଖୋଳତାଡ଼ ପରେ ପୁଲିସ ବଳଙ୍ଗାର ଏକ ଗହଣା ଦୋକାନକୁ ଯାଇ ଯାଞ୍ଚ କରିଥିଲା। ସେହି ମୁଦି ଅଢ଼େଇ ମାସ ପୂର୍ବରୁ ପୀଡ଼ିତାଙ୍କର ଜଣେ ସାଙ୍ଗ କିଣି ନେଇଥିବା ସମ୍ପୃକ୍ତ ଗହଣା ଦୋକାନ ମାଲିକ କହିଥିଲେ। ପୁଲିସ ଏବଂ କ୍ରାଇମ୍‌ବ୍ରାଞ୍ଚ ମଧ୍ୟ ତଦନ୍ତରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଥିଲା। ନିଜେ ଡିଜି ଘଟଣାସ୍ଥଳ ପରିଦର୍ଶନ ପରେ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖି ଆମେ କିଛି ତଥ୍ୟ ପାଇଛୁ ବୋଲି କହିଥିଲେ। ସମସ୍ତଙ୍କ ଭରସା ଥିଲା ନିଶ୍ଚିତ ପୁଲିସ ଘଟଣା ଉପରୁ ପରଦା ହଟାଇବ। ହେଲେ ପୀଡ଼ିତାଙ୍କ ଦେହାନ୍ତ ପରେ ପୂର୍ବର ମତ ଏବଂ ତଦନ୍ତର ଦିଗ କିପରି ବଦଳିଗଲା ବୋଲି ସମସ୍ତଙ୍କ ମନରେ ଉଠିଛି ପ୍ରଶ୍ନ।

ପୀଡ଼ିତାଙ୍କ ବାପା ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖି କହିଛନ୍ତି, 'ମୋ ପାଖରେ ଝିଅ ନାହିଁ। ତା' ମୃତ୍ୟୁକୁ ନେଇ ରାଜନୀତି ନ କରନ୍ତୁ। ମୋ ଝିଅ ପାଇଁ ସରକାର ଯାହା କରିବା କଥା କରିଛନ୍ତି। ଏହା ସତ୍ତ୍ୱେ ଝିଅ ବଞ୍ଚିଲା ନାହିଁ। ଏହାକୁ ନେଇ କେହି ରାଜନୀତି ନ କରନ୍ତୁ। ମୋ ଝିଅର ଆତ୍ମା କେମିତି ଶାନ୍ତି ପାଇବ ସେ ନେଇ ପ୍ରାର୍ଥନା କରନ୍ତୁ'। ଅନ୍ୟପକ୍ଷରେ ପୁଲିସ ବି ଏଥିରେ କାହାରି ସମ୍ପୃକ୍ତି ନାହିଁ ବୋଲି କହିଛି। ଏବେ ପ୍ରଶ୍ନଉଠୁଛି ହଠାତ୍ କାହିଁକି ପରିବାର ଏବଂ ପୁଲିସର ସ୍ୱର ବଦଳିଗଲା। କାହା ଚାପରେ ସେମାନେ ଏଭଳି ମତ ମନ୍ତବ୍ୟ ଦେଉନାହାନ୍ତି ତ? ଯଦି କାହାର ହାତ ନାହିଁ ତା' ହେଲେ ନାବାଳିକାଙ୍କ କିଏ ଜିଅନ୍ତା ପୋଡ଼ି ମାରିଦେବାକୁ କରିଥିଲା ଉଦ୍ୟମ। ସେ ନିଜେ ନା କେହି ନିକଟ ସମ୍ପର୍କୀୟ ରଚିଥିଲେ ଷଡ଼ଯନ୍ତ୍ର?

ଯଦି ନାବାଳିକା ନିଜେ ଏପରି କାଣ୍ଡ ଭିଆଇଲେ ତେବେ କେଉଁ ପରିସ୍ଥିତି ତାଙ୍କୁ ଏପରି କରିବାକୁ ବାଧ୍ୟ କଲା? ପୁଲିସ ଏ ଦିଗରେ ତଦନ୍ତ କରିଛି ତ? ପାରିପାର୍ଶ୍ୱିକ ସ୍ଥିତି ଦେଖିଲେ ଘଟଣାସ୍ଥଳରୁ ଜବତ ସାମଗ୍ରୀ ନାବାଳିକା ନିଜେ ସାଥିରେ ନେଇ ଯାଇଥିବା ସନ୍ଦେହ ସୃଷ୍ଟି ହେଉଛି। ଜବତ ରୁପା ମୁଦି ତାଙ୍କର ନୁହେଁ ବୋଲି ପରିବାର ପକ୍ଷରୁ ସ୍ପଷ୍ଟ କରାଯିବା ଘଟଣାକୁ ଆହୁରି ରହସ୍ୟମୟ କରିଛି। ଅନ୍ୟ ଏକ ଦିଗକୁ ଦେଖିଲେ ଯଦି କେହି ନିକଟ ସମ୍ପର୍କୀୟ ଏପରି କରିଥା'ନ୍ତି, ତେବେ କାହିଁକି? ଏହା ପଛର ଉଦ୍ଦେଶ୍ୟ କ'ଣ? ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ପ୍ରଥମେ ଠାବ କରିଥିବା ବ୍ୟକ୍ତି ଦୁଃଖିଶ୍ୟାମ କ'ଣ ମିଛ କହିଥିଲେ? ଯଦି ସେ ମିଛ କହିଛନ୍ତି, ତେବେ ସେଥିରେ ତାଙ୍କର ସ୍ୱାର୍ଥ କ'ଣ ଥିଲା? ସବୁଠୁ ବଡ଼ କଥା ହେଉଛି, ପୀଡ଼ିତାଙ୍କ ମୃତ୍ୟୁର ଦିନକ ପୂର୍ବରୁ ତାଙ୍କ ଘରେ ତାଲା ଝୁଲୁଥିଲା। ରବିବାର ଅପରାହ୍ଣ ପର୍ଯ୍ୟନ୍ତ ସେମାନେ କେଉଁଠି ଥିଲେ, ତାହାର ସଠିକ୍ ସୂଚନା କାହା ପାଖରେ ନ ଥିଲା। ସେମାନଙ୍କୁ କେହି ଅନ୍ୟତ୍ର ନେଇ ରଖି ନ ଥିଲେ ତ? ଏମିତି ଅନେକ ପ୍ରଶ୍ନ ଏବେ ରହସ୍ୟ ଘେରରେ ରହିଯାଇଛି।

### ଗୁପ୍ତାଙ୍ଗ କାଟି...

ଦାବି କରିଥିଲେ। କିନ୍ତୁ ଗୋପାଳ ମନା କରିବାରୁ ଗାଁ ଲୋକଙ୍କ ସହ ତାଙ୍କର ଶତ୍ରୁତା ବଢ଼ିଥିଲା। ଅପରପକ୍ଷେ, ୧୫ଦିନ ତଳେ ରାଚାଗୁଡ଼ା ଗ୍ରାମର ସୁବାସ ମଲିକଙ୍କ ସ୍ତ୍ରୀ ଝୁନୁ ମଲିକଙ୍କ କୌଣସି କାରଣରୁ ମୃତ୍ୟୁ ଘଟିଥିଲା। ଗୋପାଳ ଗୁଣି କରି ଝୁନୁକୁ ମାରିଦେଇଥିବା ଗ୍ରାମବାସୀ ସନ୍ଦେହ କରୁଥିଲେ। ପରେ ଗୋପାଳକୁ ଜୀବନରେ ମାରିଦେବାକୁ ଯୋଜନା କରିଥିଲେ। ଏହା ଜାଣିପାରି ଗୋପାଳ ଭୟରେ ଗାଁ ଛାଡ଼ି ଶଶୁର ଘର ଗଞ୍ଜାମ ଜିଲ୍ଲା ବଡ଼ଗଡ଼ ଥାନା ଅନ୍ତର୍ଗତ ଗଣ୍ଡିଗାଁରେ ରହୁଥିଲେ। ହେଲେ ଗୋପାଳ ନିଜ ଗାଁରେ ଥିବା ଗୋରୁ, ଗାଈ, ଛେଳି ନେଇ ଶଶୁର ଘରକୁ ଫେରୁଥିବା ବେଳେ ଖବର ପାଇ ଗୁଞ୍ଜିମା ଓ ରାଚାଗୁଡ଼ାର ପ୍ରାୟ ୧୪ ଜଣ ବ୍ୟକ୍ତି ୩ଟି ଅଟୋ ଯୋଗେ ଯାଇ ଗଞ୍ଜାମ ଜିଲ୍ଲା ବଡଗଡ଼ ଥାନା ଅନ୍ତର୍ଗତ ବୁର୍ଦା ଗାଁ ନିକଟରେ ତାଙ୍କୁ ଅଟକାଇ ପୁଣି ରଚାଗୁଡ଼ା ଗାଁକୁ ଆଣିଥିଲେ। ଗାଁରେ ବୈଠକ କରିବା ପରେ ଅଡ଼ବା ଥାନା ଅନ୍ତର୍ଗତ ହରଭଙ୍ଗୀ ଡ୍ୟାମ୍ ନିକଟକୁ ନେଇ ଯାଇଥିଲେ। ସେଠାରେ ଗୋପାଳଙ୍କ ହାତଗୋଡ଼ ବାନ୍ଧି ଗୁପ୍ତାଙ୍ଗକୁ ଏକ ଧାରୁଆ ଛୁରା ସାହାଯ୍ୟରେ କାଟିବା ସହିତ ତଣ୍ଟିକୁ ଚାଦରରେ ଭିଡ଼ି ହତ୍ୟା କରିଥିଲେ। ପରେ ତାଙ୍କ ଶବକୁ ଡ୍ୟାମ୍‌ରେ ଫିଙ୍ଗି ଦେଇଥିଲେ।

ଖବର ପାଇ ମୋହନା ଓ ଅଡ଼ବା ପୁଲିସ ଅଭିଯୁକ୍ତଙ୍କୁ ରାତିସାରା ଗୋଡ଼ାଇ ଗୋଡ଼ାଇ ଧରିଥିଲା। ୩ଟି ଅଟୋରେ ସମସ୍ତେ କର୍ଚବାଡ଼ି ପଞ୍ଚାୟତ ଶୁଖିଲା ଆମ୍ବ ଛକ ଦେଇ କୌଣସି ଏକ ଅଜ୍ଞାତ ସ୍ଥାନକୁ ଯାଉଥିବା ବେଳେ ପୁଲିସ୍ ଖବର ପାଇ ପିଛା କରିଥିଲା। ଚନ୍ଦ୍ରଗିରି ନିକଟରେ ପୁଲିସ ସମସ୍ତଙ୍କୁ କାବୁ କରି ଥାନାକୁ ଆଣିଥିଲା। ଥାନାରେ ଗୋପାଳଙ୍କ ଭାଉଜ ସୀତା ମଲିକ ଲିଖିତ ଅଭିଯୋଗ କରିଛନ୍ତି। ଆଜି ସକାଳୁ ମୋହନା ଓ ଅଡ଼ବା ପୁଲିସ ଏବଂ ଅଗ୍ନିଶମ ବାହିନୀଙ୍କ ସହାୟତାରେ ପୁଲିସ ଡ୍ୟାମ ଭିତରୁ ଗୋପାଳଙ୍କ ଶବ ଉଦ୍ଧାର କରିଥିଲା। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଥିବା ବେଳେ ଘଟଣାର ଆଉ କେଉଁମାନେ ସଂପୃକ୍ତ ଅଛନ୍ତି, ସେମାନଙ୍କୁ ଅତିଶୀଘ୍ର ଧରାଯିବ ବୋଲି ରା.ଉଦୟଗିରି ଏସଡ଼ିପିଓ ସୁରେଶ କୁମାର ତ୍ରିପାଠୀ କହିଛନ୍ତି। ଗିରଫ ଅଭିଯୁକ୍ତ ହେଲେ, ସୁବାସ ମଲ୍ଲିକ, ଅଜୟ ମଲ୍ଲିକ, ସୀମାଞ୍ଚଳ ମଲ୍ଲିକ, କୁମାର ମଲ୍ଲିକ, ଗୌରା ମଲ୍ଲିକ, ପ୍ରଫୁଲ ମଲ୍ଲିକ, ପ୍ରଶାନ୍ତ ମଲ୍ଲିକ, ଶିବାନନ୍ଦ ମଲ୍ଲିକ, ଘାସିରାମ ମଲ୍ଲିକ, ସୁଦୟ ମଲ୍ଲିକ, ଶିବ ମଲ୍ଲିକ, ରମାକାନ୍ତ ମଲ୍ଲିକ, ମାରା ମଲ୍ଲିକ ଓ ଚନ୍ଦ୍ର ମଲ୍ଲିକ। ମୋହନା ଥାନା ଅଧିକାରୀ ବସନ୍ତ କୁମାର ସେଠୀ ଓ ଅଡ଼ବା ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ପଣ୍ଡାଙ୍କ ରାତିସାରା ଅକ୍ଳାନ୍ତ ପରିଶ୍ରମ ଫଳରେ ଅଭିଯୁକ୍ତମାନଙ୍କୁ ଧରିବାରେ ସଫଳ ହୋଇଛନ୍ତି।

### ଜଙ୍ଗଲରେ ବ୍ୟବସାୟୀଙ୍କ...

ଖୋଜାଖୋଜି ଜାରି ରଖିଥିଲେ। ରବିବାର ସକାଳେ ଗୋଦରିବିଲି ଗ୍ରାମ କାଜୁ ଜଙ୍ଗଲରେ ତାଙ୍କ ମୃତଦେହ ସହ ବାଇକ୍ ଓ ଚପଲ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଖବର ପାଇ ପରିବାରଲୋକେ ଘଟଣାସ୍ଥଳରେ ପହଞ୍ଚି ରଞ୍ଜନ ମୃତଦେହ ଚିହ୍ନଟ କରିଥିଲେ। ରଞ୍ଜନଙ୍କୁ ହତ୍ୟା କରାଯାଇଥିବା ପରିବାରଲୋକେ ଅଭିଯୋଗ କରିଛନ୍ତି। କାମାକ୍ଷାନଗର ଏସ୍‌ଡିପିଓ ରଜନୀକାନ୍ତ ସାମଲ, ତୁମୁସିଙ୍ଗା ଥାନା ଅଧିକାରିଣୀ, ପଣ୍ଡୁଆ ଫାଣ୍ଡି ଅଧିକାରୀ ଓ ଢେଙ୍କାନାଳ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଏସଡିପିଓ କହିଛନ୍ତି।


**AFFIDAVIT**

I Pankajini Mahananda, W/o-Tapeswar Mahananda, D/o-Sahani Chand, resident of At-Bhadrapali, Po- Pithinda, Ps-Rengali, Dist- Jharsuguda, declare by this affidavit No. 27, Dated. 15-05-2025, before Notary Public, Jharsuguda that I have changed my name from Kanti Chand to Panjakini Mahananda. Now onwards I shall be known as **Pankajini Mahananda** for all future purposes.

**Notice**
(above 18 years of age)

By virtue of an affidavit sworn before Executive Magistrate, Kaptipada, Udala , dated 31-07-2025 I, CHINMAYEE JENA ( new name), Address at-Raidandia P.O.-Udala, Dist-Mayurbhanj, Odisha (Complete Odisha address) declare that I have changed my name from CHINMAYEE MUKHI (old name) to CHINMAYEE JENA (new name) Henceforth, I shall be known as **CHINMAYEE JENA** (new name) for all purposes.

**AFFIDAVIT**

By virtue of an affidavit No. 7379, Dated 31.07.2025, before the Notary Public, Jeypore, Dist-Koraput, I, Subhrata Pattnayak declare that my actual name is Subhrata Pattnayak as per my C.H.S.E certificate, but my name is reflected as Subhadra Patnayak on my Aadhaar Card No. 3828 9918 9730. Hence, the Aadhaar card be corrected as **Subhrata Pattnayak.**

Sd/- Deponent

**AFFIDAVIT**

By virtue of an affidavit No.2885, Dtd.30.07.2025 sworn before the Executive Magistrate, Bhogarai I, Suniti Maity, W/o. Jitendra Nath Maity, At. Haripur, Po. Deulahat, Ps. Bhogarai, Dist. Balasore, Pin-756036, Odisha renounce, relinquish and abandon the use of my daughter former name Prajnaya Pujita Maity (old name) instead of Pragya Pujita Maity (New name). Henceforth, she will be known as **Pragya Pujita Maity** for all purposes.

**AFFIDAVIT**

By virtue of an affidavit No.2878, Dtd.30.07.2025 sworn before the Executive Magistrate, Bhogarai I, Suryakanta Patra, S/o. Ananta Kumar Patra , At. Haripur , Po. Deulahat, Ps. Bhogarai, Dist. Balasore, Pin-756036, Odisha declare that unfortunately my son name spelling as Manaj Kumar Patra instead of correct spelling Manoj Kumar Patra in his Adhar card no. 596195410470 . Henceforth, he will be known as **Manoj Kumar Patra** for all purposes.

**AFFIDAVIT**

Smt. Liril Maharana, W/O-Biranchi Kumar Maharana, Permanent residence of Village - Amalapada, Phulbani, Po-Phulbani, Ps-Phulbani Town, Dist-Kandhamal, Pin-762001, do hereby solemnly affirm & state that my actual name is Liril Maharana which are reflected in the birth certificate & other documents like Residence Certificate etc.But in my Aadhar Card no-3010 7988 3889 & Bank Pass Book my name has been wrongly mentioned as Lila Maharana instead of Liril Maharana. I declare by this affidavit that Liril Maharana & Lila Maharana is one & same person i.e. myself.

## ହାପି ଆଣ୍ଡ ହୋଲି ହୋମ ସୋସାଇଟି ଆଶ୍ରମ

# କେବେ ବନ୍ଦ ହେବ ବେଆଇନ କନ୍ୟା ଆଶ୍ରମ



● ବେଆଇନ ଦର୍ଶାଇ ବନ୍ଦ କରିବାକୁ ଡିସିପିୟୁ ନୋଟିସ

● ନିଜ ମୁଣ୍ଡରୁ ଦୋଷ ଖସାଉଛନ୍ତି ଡିସିପିୟୁ ଅଧିକାରୀ

ବଲାଙ୍ଗିର, ୩।୮ (ସମିସ)

ବିନା ଅନୁମତିରେ ଚାଲିଛି କନ୍ୟାଶ୍ରମ। ଦୁଇଟି କୋଠାରେ ରହୁଛନ୍ତି ୫୫ ଛାତ୍ରୀ। ନା ଅଛି ସୁରକ୍ଷା ବ୍ୟବସ୍ଥା ନା ଅଛନ୍ତି ସୁରକ୍ଷା କର୍ମୀ। ତାରବାଡ ଭରସାରେ ୫୫ ଜଣ ଛାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା। ଏହା ବ୍ୟବସ୍ଥା ନା ଅବ୍ୟବସ୍ଥା ତାହା ସହଜରେ ଅନୁମାନ କରାଯାଇପାରିବ। ଏହିଭଳି କିଛି ଅବ୍ୟବସ୍ଥା ଭିତରେ ଲୋଇସିଂହା ବ୍ଲକ ବାଞ୍ଜିପାଲିରେ ଥିବା ସାଲଗାଡିଆ ହେପି ଆଣ୍ଡ ହୋଲି ହୋମ ସୋସାଇଟି ଅଶ୍ରମ ପରିଚାଳିତ ହେଉଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ଆଶ୍ରମଅବ୍ୟବସ୍ଥା ଦେଖି ଗତ ୧୮ ତାରିଖରେ ନିଜେ ଶିଶୁ ସୁରକ୍ଷା ୟୁନିଟ ଅଧିକାରୀ ତିନି ଦିନ ଭିତରେ ଆଶ୍ରମ ବନ୍ଦ କରିବାକୁ ନୋଟିସ କରିଥିଲେ। କିନ୍ତୁ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଶିଶୁ ସୁରକ୍ଷା ୟୁନିଟ୍ ଦାୟିତ୍ୱରେ ଥିବା ଅଧିକାରୀ ଏବେ କିନ୍ତୁ ସେ ବନ୍ଦ କରିବାର ଅଥରିଟି ନୁହଁନ୍ତି ଓ କିଛି କହିପାରିବେ ନାହିଁ ବୋଲି କହି ନିଜ ମୁଣ୍ଡର ଦୋଷ ଖସାଇଦେଇଛନ୍ତି। ତେବେ ଏଠି ପ୍ରଶ୍ନ ସତରେ ଆଶ୍ରମ ବେଆଇନ ନା କୌଣସି ଏକ ଚାପରେ ଏହାକୁ ବେଆଇନ ଘୋଷଣା କରାଯାଇଥିଲା। ଯଦି ବେଆଇନ ତେବେ ବନ୍ଦ କରିବାକୁ ପ୍ରଶାସନ କୁଣ୍ଠୁ କୁଣ୍ଠୁ କାହିଁକି ବୋଲି ପ୍ରଶ୍ନ ଉଠିଛି।

ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ ବୁର୍ଡା ପଞ୍ଚାୟତ ବାଞ୍ଜିପାଲି ଗାଁରେ ରହିଥିବା ସାଲଗାଡିଆ ହେପି ଆଣ୍ଡ ହୋଲି ହୋମ ସୋସାଇଟି ସଂସ୍ଥା ଦ୍ୱାରା ପରିଚାଳିତ ହେଉଥିବା ଏକ କନ୍ୟାଶ୍ରମ ବେଆଇନ ଭାବେ ଚାଲିଥିବା ଜଣାପଡ଼ିଥିଲା। ଏନେଇ ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଯାଞ୍ଚ କରାଯାଇ ଗତ ୧୮ ତାରିଖରେ ଏହାକୁ ବନ୍ଦ କରିବାକୁ ପାଇଁ ମଧ୍ୟ କୁହାଯାଇଥିଲା। ଏହି ନିର୍ଦ୍ଦେଶନାମାରେ ସ୍ପଷ୍ଟ ଭାବେ ତିନି ଦିନ ଭିତରେ ବନ୍ଦ କରିବା ସହ ସମସ୍ତ ଛାତ୍ରୀମାନଙ୍କୁ ଶିଶୁ ମଙ୍ଗଳ କମିଟି ଆଗରେ ହାଜର କରି ସୁରକ୍ଷିତ ଭାବେ ହସ୍ତାନ୍ତର କରିବାକୁ କୁହାଯାଇଥିଲା। ନଚେତ ନ୍ୟାୟିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ୧୫ ଦିନ ପରେ ବି ସମ୍ପୃକ୍ତ ଆଶ୍ରମ ସରକାରୀ ନିର୍ଦ୍ଦେଶକୁ ମାନିନଥିବା ଅଭିଯୋଗ ହୋଇଛି। ପୂର୍ବ ଭଳି ଉକ୍ତ ଆଶ୍ରମ ଚାଲିଥିବା ବେଳେ ଏହି ୧୫ ଦିନ ଭିତରେ କଣ ଆଶ୍ରମକୁ ଅନୁମତି ମିଳିଗଲା କି ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ୧୮ ତାରିଖରେ ହୋଇଥିବା ଉକ୍ତ ଚିଠିରେ ଆଶ୍ରମ ବା ହୋଷ୍ଟେଲ ଚଳାଇବାର କୌଣସି ଅନୁମତି ନଥିବା ବେଳେ ଜୁଭେନାଇଲ ଜଷ୍ଟିସ ଆଇନରେ ମଧ୍ୟ ପଞ୍ଜୀକରଣ କରାଯାଇନଥିବା ଶିଶୁ ସୁରକ୍ଷା ୟୁନିଟ୍ ଜାଣିବାକୁ ପାଇଥିଲା। ଏହି ଆଶ୍ରମରେ ୨ ଟି କୋଠରୀରେ ୫୫ ଛାତ୍ରୀ ରହୁଥିବା ବେଳେ ତାଙ୍କର ସୁରକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଇଥିବା ମଧ୍ୟ ଡିସିପିୟୁ ଜାଣିବାକୁ ପାଇଥିଲା। ଏତେ ସବୁ ଅବ୍ୟବସ୍ଥା ସରକାରୀ ବନ୍ଦ ନୋଟିସ ସତ୍ତ୍ୱେ ଆଶ୍ରମ ପରିଚାଳନାକୁ ନେଇ ପ୍ରଶ୍ନ ଉଠିଛି। ନିଜେ ଆଶ୍ରମ ଅଧିକ୍ଷକ ମଧ୍ୟ ବନ୍ଦ ନୋଟିସ ପାଇଥିବା ସ୍ୱୀକାର କରିଥିବା ବେଳେ କାହିଁକି ଏହାକୁ ବନ୍ଦ କରାଯାଉନାହିଁ ତାକୁ ନେଇ ଆଲୋଚନା ଆରମ୍ଭ ହୋଇଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେଉଁ ଅଧିକାରୀ ନିଜେ ବନ୍ଦ ନୋଟିସ ଜାରି କରିଥିଲେ ସେହି ଅଧିକାରୀ ଏନେଇ କିଛି କହିପାରିବେ ନାହିଁ ବୋଲି କହି ମୁଣ୍ଡରୁ ଦୋଷ ଖସାଇ ଦେଉଥିବା ଦେଖିବାକୁ ମିଳିଛି। ଏପଟେ ବନ୍ଦ ନୋଟିସ ଓ ସେପଟେ କାର୍ଯ୍ୟାନୁଷ୍ଠାନ ବେଳକୁ ପ୍ରଶାସନ ବାଟବଣା ହୋଇଥିବା ଅଭିଯୋଗ ହୋଇଛି। ଡିସିପିୟୁ ଭାରାପ୍ରାପ୍ତ ଅଧିକାରୀ ଅନୁପମା ପଧାନଙ୍କୁ ପଚାରିବାରୁ ଏହା ସବଜୁଡିସ ରହିଛି ତେଣୁ ସେ କହି କହିପାରିବେ ନାହିଁ। ଅଧିକ ଜାଣିବାକୁ ଚାହୁଁଥିଲେ ଜିଲ୍ଲାପାଳଙ୍କୁ ପଚାରି ପାରନ୍ତି ବୋଲି ଏଡାଇଯାଇଥିଲେ। ସେହିପରି ଜିଲ୍ଲାପାଳଙ୍କ କହିବା ଅନୁସାରେ ଏହାର ତଦନ୍ତ ହେବ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗଣମାଧ୍ୟମକୁ କହିଥିଲେ। ଅନ୍ୟପକ୍ଷରେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗଙ୍କୁ ପଚାରିବାରୁ ଏକ ଟିମ୍ ଗଠନ କରାଯିବ ଓ ଏହାର ତଦନ୍ତ ହେବ ବୋଲି କହିଛନ୍ତି। ତେବେ ଯେଉଁ ଆଶ୍ରମ କୁ ବେଆଇନ ଦର୍ଶାଇ ବନ୍ଦ ନୋଟିସ ଦିଆଯାଇଛି ତାହାର କି ପ୍ରକାର ତଦନ୍ତ କରାଯିବ ବୋଲି ଲୋକେ ପ୍ରଶ୍ନ କରିବା ସହ ଏହା ପ୍ରଶାସନର ଦୋମୁହାଁ ନୀତି ବୋଲି ପ୍ରକାଶ କରିଛନ୍ତି। ଏନେଇ ରାଜ୍ୟ ସରକାର ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

● ଲାଞ୍ଚ କାରବାରକୁ ନେଇ ଚର୍ଚ୍ଚାରେ ପାଟଣାଗଡ଼ ଏନ୍ଏସି

## ଅବସରପ୍ରାପ୍ତ କର୍ମଚାରୀ ଓ ସିନିୟର ଆସିଷ୍ଟାଣ୍ଟ ମୁହାଁମୁହିଁ

ପାଟଣାଗଡ଼, ୩।୮ (ସମିସ): ପାଟଣାଗଡ଼ ଏନ୍ଏସିରେ ଜଣେ ଅବସରପ୍ରାପ୍ତ କର୍ମଚାରୀ ବିଭୁତି ଦେହୁରୀ ତାଙ୍କ ଅବସର ପରେ ବକେୟା ଟଙ୍କା ଗ୍ରାଚ୍ୟୁଇଟି ବାବଦକୁ ନେଇ ଏନ୍ଏସି କାର୍ଯ୍ୟାଳୟକୁ ବାରମ୍ବାର ଦୌଡୁଥିଲେ। କିନ୍ତୁ ଦାୟିତ୍ୱ ରେ ଥିବା ସିନିୟର ଆସିଷ୍ଟାଣ୍ଟ ପ୍ରିୟବ୍ରତ ମଲ୍ଲିକଙ୍କୁ ଶ୍ରୀ ଦେହୁରୀ ମୋଟା ଅଙ୍କର ଲାଞ୍ଚ ଦେଇଥିଲେ ସୁଦ୍ଧା ତାଙ୍କ କଥା ଶୁଣୁନଥିବା ଅଭିଯୋଗ ଆଣିଛନ୍ତି। ଏପରିକି ଏ ବିଷୟକୁ ନେଇ ସେ ଗତ ୧୪ ତାରିଖ ଦିନ ତାଙ୍କ ପରିବାର ସହ ବିଭାଗୀୟ ସଚିବ ଉଷା ପାଢ଼ୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଘଟଣା ବିଷୟରେ ଅବଗତ କରିଥିଲେ ସୁଦ୍ଧା ତାଙ୍କ ଅଭିଯୋଗକୁ କେହି ଗୁରୁତ୍ୱ ଦେଉନଥିବା ଅଭିଯୋଗ ଆଣିଛନ୍ତି। ଯାହାକୁ ନେଇ କର୍ମଚାରୀ ଜଣକ ଶନିବାର ପୁଣି ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସିନିୟର ଆସିଷ୍ଟାଣ୍ଟ ପାଖକୁ ଯାଇଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଅନୁପସ୍ଥିତ ଥିବା ବେଳେ ସିନିୟର ଆସିଷ୍ଟାଣ୍ଟଙ୍କୁ ସାକ୍ଷାତ କରିଥିଲେ। ଉଭୟଙ୍କ ବାର୍ତ୍ତାଳାପ ସମୟରେ ସିନିୟର ଆସିଷ୍ଟାଣ୍ଟ ଜଣକ ପୁଣି ଦଶ ହଜାର ଟଙ୍କା ଦେଲାପରେ ଆପଣଙ୍କ କାମ କରାଯିବ ବୋଲି କହିଥିଲେ। ଉତ୍ତରରେ ଶ୍ରୀ ଦେହୁରୀ ପୂର୍ବରୁ ଆପଣଙ୍କୁ ଅଢେଇ ଲକ୍ଷ ଟଙ୍କା ଦେଇସାରିଛି ମୋ କାମ କଲାପରେ ବାକି ଟଙ୍କା ଦେବି ବୋଲି କହିଥିଲେ। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ପରେ ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଦୀର୍ଘ ବର୍ଷରୁ ଗାଦି ମାଡି ବସିଥିବା ସିନିୟର ଆସିଷ୍ଟାଣ୍ଟ ଶ୍ରୀ ମଲ୍ଲିକ ଅଭିଯୋଗକାରୀଙ୍କୁ ଚପଲ ଉଠାଇ ମାଡ ମାରିଥିବା ଶ୍ରୀ ଦେହୁରୀ ଅଭିଯୋଗ ଆଣିଛନ୍ତି। ଏଥିସହ ଅଭିଯୋଗକାରୀଙ୍କ କହିବାନୁସାରେ ୨୦୨୩ ରେ ସେ ଏନ୍ଏସିରୁ ଅବସର ନେଇଥିଲେ। ତାଙ୍କ ଦରମାରୁ କଟୁଥିବା ଶତକଡା ଦଶ ପ୍ରତିଶତ ଟଙ୍କା ସହ ଗ୍ରାଚ୍ୟୁଇଟି ମିଳିଯିବା କଥା। ତାଙ୍କ ସହ ପରେ ଅବସର ନେଇଥିବା କର୍ମଚାରୀମାନେ ତାଙ୍କ ବକେୟା ଟଙ୍କା ପାଇସାରିଛନ୍ତି। ତାଙ୍କ ସହ ଚିତ୍ରସେନ ସରାପ, ଖରା କୁମ୍ଭାରଙ୍କ ସହ ଅନ୍ୟ କର୍ମଚାରୀମାନଙ୍କ ଠାରୁ ଲାଞ୍ଚ ନେବାପରେ ମଧ୍ୟ ଶ୍ରୀ ମଲ୍ଲିକ ସେମାନଙ୍କୁ ମୋ ଭଳି ହଇରାଣ କରୁଥିବା ଅଭିଯୋଗ ଆଣିଛନ୍ତି। ପ୍ରକାଶଥାଉକି ପୂର୍ବରୁ ଏକ ଠିକାକାମକୁ ନେଇ ଶ୍ରୀ ମଲ୍ଲିକଙ୍କ ଲାଞ୍ଚ ନେବାର ଏକ ଅଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବାସହ ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ଶ୍ରୀ ମଲ୍ଲିକଙ୍କୁ ପଚାରିବାରୁ ଅଭିଯୋଗ ସବୁ ଭିତିହୀନ ମୁଁ ତାଙ୍କ ଠାରୁ କୌଣସି ଲାଞ୍ଚ ନେଇନାହିଁ ବୋଲି ସଫେଇ ଦେଇଥିଲେ। ଖବର ଲେଖାଯିବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ହୋଇନଥିବା ବେଳେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାପାଇଁ ଦାବି ହେଉଛି।

## ଡିଗୀ ରାସ୍ତା ପ୍ରତି ଆଖି ବୁଜି ଦେଇଛି ପ୍ରଶାସନ

ଶଗଡ଼ା, ୩।୮ (ସମିସ): ବୌଦ୍ଧ ଜିଲ୍ଲା ସଦର ବ୍ଲକ ମନୁପାଲି ପଞ୍ଚାୟତ ଡିଗୀ ଗ୍ରାମବାସୀ ରାସ୍ତା ପାଇଁ ବର୍ଷ ବର୍ଷ ହେବ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ଦିନ ହେଲେ ଗମନା ଗମନ ପାଇଁ ଗ୍ରାମବାସୀଙ୍କୁ ଚିନ୍ତା ଘାରୁଛି। ବର୍ଷା ହେଲେ ପାଣି କାଦୁଅରେ ରାସ୍ତା ପରିପୂର୍ଣ୍ଣ ହୋଇଯାଏ। ଏଣୁ ଲୋକେ ଯାତାୟାତ ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହି ରାସ୍ତାରେ ବର୍ଷା ଦିନରେ ଆମ୍ବୁଲାନ୍ସ ମଧ୍ୟ ଯିବା ବହୁତ୍ କଷ୍ଟକର ହୋଇଥାଏ। ବର୍ଷା ଦିନେ ଏଭଳି କାଦୁଅ ହୋଇ ପଡେ ଯେ ଚାଲି ଚାଲି ଯିବା ମଧ୍ୟ ସମ୍ଭବ ହୋଇ ନ ଥାଏ। ଏହାସତ୍ତ୍ୱ କାଦୁଅ ଭର୍ତ୍ତି ରାସ୍ତାରେ ଛାତ୍ରଛାତ୍ରୀଙ୍କ ସହ ଲୋକ ବିପଦପୂର୍ଣ୍ଣ ଭାବେ ଯିବା ଆସିବା କରିବାକୁ ବାଧ ହୋଇଥାନ୍ତି। ଜିଲ୍ଲା ପ୍ରଶାସନ ଏହି ଗାଁ ପ୍ରତି ଆଖି ବୁଜି ଦେଇଛି। ସ୍ଥାନୀୟ ଜନ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁଁ ଏହି ଗାଁକୁ ବିକାଶ ପହଞ୍ଚି ପାରିନାହିଁ।



## ପ୍ରାଥମିକ ବିଦ୍ୟାଳୟର ବିକଳ ଚିତ୍ର

## ଗୋଟିଏ କୋଠରିରେ ୬ ଶ୍ରେଣୀର ଛାତ୍ରଛାତ୍ରୀ




ବୌଦ୍ଧ, ୩।୮ (ସମିସ): ବୌଦ୍ଧ ବ୍ଲକ ତେଲିବନ୍ଧ ପଞ୍ଚାୟତ କମଳପୁରରେ ୧୯୯୧ ମସିହାରେ ସ୍ଥାପିତ ପ୍ରାଥମିକ ବିଦ୍ୟାଳୟର ବିକଳ ଚିତ୍ର ଦେଖିବାକୁ ମିଳିଛି। ଏହି ସ୍କୁଲରେ ବର୍ତ୍ତମାନ ଶିଶୁ ବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୩୩ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି। ଏମାନଙ୍କ ପାଇଁ ୨ ଜଣ ଶିକ୍ଷୟିତ୍ରୀ ଅଛନ୍ତି; ହେଲେ ଶିକ୍ଷାଦାନ ପାଇଁ ଗୋଟିଏ ଶ୍ରେଣୀ କୋଠରି ରହିଛି। ୬ଟି ଶ୍ରେଣୀର ଛାତ୍ରଛାତ୍ରୀ ଏକାଠି ବସୁଛନ୍ତି। ଗୋଟିଏ ଶ୍ରେଣୀର ପାଠ ପଢ଼ା ଚାଲୁଥିଲେ ଆଉ ସବୁ ଶ୍ରେଣୀ ଛାତ୍ରଛାତ୍ରୀ କେବଳ ବସି ଶୁଣୁଛନ୍ତି। ଏଥିରୁ ଏମାନଙ୍କ ଭବିଷ୍ୟତ କିପରି ଗଢ଼ା ହେବ ସହଜେ ଅନୁମେୟ। ସେହିପରି ପୁରୁଣା ରୋଷେଇ ଘରେ ଖାଦ୍ୟ ପ୍ରସ୍ତୁତି ହେଉଛି। ଛୋଟ ଘର ହୋଇଥିବାରୁ ରୋଷେଇ କରିବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଜାଗା ଅଭାବରୁ ନୂତନ ରୋଷେଇ ଘର କିମ୍ବା ଶ୍ରେଣୀ କୋଠରୀ ନିର୍ମାଣ ହୋଇ ପାରୁନାହିଁ। ଜାତୀୟ ରାଜପଥ କଡରେ ୨ ବର୍ଷ ହେଲା ନୂତନ ଶ୍ରେଣୀ କୋଠା କାର୍ଯ୍ୟ ନିର୍ମାଣ ଚାଲିଛି। ତେବେ ନିର୍ମାଣ କାର୍ଯ୍ୟ ଧିମା ଗତିରେ ଚାଲୁଥିବାରୁ ନୂତନ ଶ୍ରେଣୀ ଗୃହକୁ ସ୍ଥାନାନ୍ତର ହୋଇ ପାରୁନାହିଁ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ମୋନାଲିସା ଆଚାର୍ଯ୍ୟ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଏହି ସ୍କୁଲରେ ପାନୀୟ ଜଳ ସମସ୍ୟା ମଧ୍ୟ ରହିଛି। ବିଦ୍ୟାଳୟ ପରିସରରେ ଥିବା ନଳକୂଅରେ ସମରସେବୁଲ ମୋଟର ଲଗାଇ ଜଳ

### ପାନୀୟ ଜଳ ଅଭାବ

ଯୋଗାଣ ହେଉଥିଲା। ୧୫ ଦିନ ହେଲା ତାହା ଖରାପ ଯୋଗୁଁ ଜଳ ଯୋଗାଣ ବନ୍ଦ ରହିଛି। ଏଣୁ ରୋଷେଇ ଓ ପିଲାମାନେ ପାନୀୟ ଜଳ ବ୍ୟବହାର କରିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାଧହୋଇ ବାହାରେ ଥିବା ନଳକୂଅରୁ ପାଣି ଆଣି ରୋଷେଇ କରିବା ସହିତ ଛାତ୍ରଛାତ୍ରୀ ମଧ୍ୟ ପାନୀୟ ଜଳ ବ୍ୟବହାର କରିବାକୁ ପଡୁଛି।

## କୋକସରା ଥାନାରେ ନୂତନ ଆଇଆଇସିଙ୍କ ଯୋଗଦାନ



କୋକସରା, ୩।୮ (ସମିସ): କୋକସରା ଥାନାରେ ନୂତନ ଥାନା ଅଧିକାରୀ ଭାବେ ଜୟପ୍ରକାଶ ନାରାୟଣ ହୋତା ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ କଳାହାଣ୍ଡି ସୀମାନ୍ତ ଆମପାଣି ଥାନାରେ ଥିଲେ। ସେହି ପୂର୍ବରୁ ଏଠାରେ ଥିବା ସ୍ୱିଗ୍ଧାରାଥୀ ସୁନାଙ୍କ ଜୟପାଟଣା ଥାନାକୁ ବଦଳି ହୋଇଛି। ଆଇଆଇସି ଶ୍ରୀହୋତା ଥାନାରେ ଯୋଗଦେବା ପରେ ଆଇନ ଶୃଙ୍ଖଳା, ଅପରାଧୀଙ୍କ କାର୍ଯ୍ୟ କଳାପ ନିୟନ୍ତ୍ରଣ, ଜନ ସାଧାରଣରଙ୍କ ସହିତ ସୁସମ୍ପର୍କ ରଖି କାର୍ଯ୍ୟ କରିବା ଆଦି ଦିଗରେ ଗୁରୁତ୍ୱ ଦିଆଯିବ ବୋଲି ମତ ରଖିଛନ୍ତି।

## ପାଣ୍ଡେଲକୁ ନିଶାମୁକ୍ତ ପାଇଁ ଅଣ୍ଟା ଭିଡ଼ିଲେ ମହିଳା ଗୋଷ୍ଠୀ



ଦେଓଗାଁ, ୩।୮ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ତଥା ମହଲାଇ ପଞ୍ଚାୟତ ଅନ୍ତର୍ଗତ ପାଣ୍ଡେଲ ଗାଁକୁ ସମ୍ପୂର୍ଣ୍ଣରୂପେ ନିଶାମୁକ୍ତ ଗାଁ କରିବାପାଇଁ ଅଣ୍ଟା ଭିଡିଛନ୍ତି ମହିଳା ଗୋଷ୍ଠି। ରବିବାର ଅପରାହ୍ନରେ ଗାଁର ସମସ୍ତ ଏସଏଚ୍‌ଜି ଦଳର ସଦସ୍ୟା ଗାଁ ମଝି ମଣ୍ଡପ ଠାରେ ଏକତ୍ରିତ ହୋଇ ଏକ ସ୍ୱତନ୍ତ୍ର ସଭା ଆୟୋଜନ କରିଥିଲେ। ଏଥିରେ ପଞ୍ଚାୟତର ସରପଞ୍ଚ ଚିତ୍ତରଞ୍ଜନ ସାହୁଙ୍କ ସମେତ ଗାଁର ଆଶାକର୍ମୀ, ଅଙ୍ଗନୱାଡିକର୍ମୀ, ସିଆରପି, ୱାର୍ଡ ସଭ୍ୟ ତଥା ମାଁ ଗାୟତ୍ରୀ, ଓଁ ସାଇରାମ, ମାଁ ବିଜୟା, ମାଁ ଶକ୍ତିମୟୀ, ମାଁ ମଙ୍ଗଳା, ମାଁ ଦୁର୍ଗା, ରାଜଲକ୍ଷ୍ମୀ ଆଦି ପ୍ରାୟ୧୦ଟି ଏସଏଚ୍‌ଜିର ସଭାନେତ୍ରୀ, ସମ୍ପାଦକ ଓ ସଦସ୍ୟା ଉପସ୍ଥିତ ଥିଲେ। ରାଧୁ ନାଗ ନାମକ ଯୁବକ ଶନିବାର ରାତିରେ ବାଇକ୍ ଧକ୍କାରେ ମୃତ୍ୟୁବରଣ କରିବା ପରେ ଗାଁରେ ବେଆଇନଭାବେ ମଦବିକ୍ରିକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଗାଁରେ କିଛି ବ୍ୟକ୍ତି ବେଆଇନଭାବେ ଦେଶୀମଦ କୁଚିଆ କରି ଖୁଲମଖୁଲା ମଦବିକ୍ରି କରୁଥିବା ଦ୍ୱାରା ଗାଁର ଅନେକ ଯୁବକ ପଥଭ୍ରଷ୍ଟ ହୋଇ ନିଶାକବଳରେ ପଡ଼ିଗଲେଣି, ଗାଁର ମାଁ ଭଉଣୀ ମାନେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ଯାହାକି ଏବେ ଗାଁ ପାଇଁ ଚିନ୍ତାର ବିଷୟ ହୋଇଥିବା ବୈଠକରେ ମତପ୍ରକାଶ ପାଇଥିଲା। ପ୍ରଥମେ ଗାଁରୁ କୁଚିଆ ବେପାରୀଙ୍କୁ ମଦବିକ୍ରି ବନ୍ଦ କରିବାପାଇଁ ନିବେଦନ କରିବା ସହ, କିଛି ଦିନ ମହଲତ ପରେ ମଦବିକ୍ରିକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଆଗକୁ ଏହି ନିଷ୍ପତ୍ତିକୁ ଅବମାନନା କଲେ ଗାଁର ସମସ୍ତ ମହିଳାମାନେ ଥାନାକୁ ଯାଇ ଲିଖିତ ଅଭିଯୋଗ କରିବା ସହ ଆନ୍ଦୋଳନାତ୍ମକ ପନ୍ଥାଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

● ଯୁବତୀଙ୍କୁ ଦୁଷ୍କର୍ମ ପରେ ଭିଡିଓ ଭାଇରାଲ ଘଟଣା

## ପୀଡ଼ିତାଙ୍କ ବୟାନ ରେକର୍ଡକଲା ପୁଲିସ

ଦେଓଗାଁ, ୩।୮ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅନ୍ତର୍ଗତ ଉପରଝର ଅଞ୍ଚଳରେ ଜନୈକା ଯୁବତୀଙ୍କୁ ଜଣେ ଯୁବକ ଜଙ୍ଗଲକୁ ନେଇ ଦୁଷ୍କର୍ମ ପରେ ଅନ୍ତରଙ୍ଗ ଭିଡିଓ ଭାଇରାଲ ଘଟଣାରେ ରବିବାର ସ୍ଥାନୀୟ ପୁଲିସ ପୀଡିତାର ବୟାନ ରେକର୍ଡ କରିଛି। ପୁଲିସ କହିବାନୁସାରେ ଉକ୍ତ ଯୁବତୀଙ୍କ ସହ ପୂର୍ବରୁ ଯୁବକଙ୍କ ପ୍ରେମସମ୍ପର୍କ ରହିଥିଲା। ତେବେ ଉକ୍ତଦିନ ଉଭୟେ ଉପରଝର ନିକଟ ଜଙ୍ଗଲରେ ଭେଟ ହୋଇ କୌଣସୀ କଥାକୁ ନେଇ କଥାକଟାକଟି ହୋଇଥିଲେ। ପରେ ସମ୍ପୃକ୍ତ ଯୁବକ ଜୋରଜବରଦସ୍ତି ଯୁବତୀର ନଗ୍ନ ଫଟୋ ଉଠାଇଥିଲା। କାହାକୁ କଥା ପ୍ରଘଟ କଲେ ଭାଇରାଲ କରିଦେବାର ଧମକ ମଧ୍ୟ ଦେଇଥିଲା। ପରେ ଉକ୍ତ ଭିଡିଓକୁ ଇନଷ୍ଟାଗ୍ରାମରେ ଭାଇରାଲ କରିଦେଇଥିଲା।

ପୀଡ଼ିତାଙ୍କ ବାପାଙ୍କ ଅଭିଯୋଗକୁ ଅଧାରକରି ପୁଲିସ ମାମଲା ରୁଜୁ କରିବାସହ ଡିଏସପି ସମର୍ଥ କେ.ବେହେରା ଓ ଏସ୍ଆଇ ଦିପକ ଡୁଙ୍ଗଡୁଙ୍ଗଙ୍କ ନେତୃତ୍ୱରେ ୨ଟି ଟିମ୍ ଗଠନ କରି ଟିଟିଲାଗଡ଼, କଣ୍ଟାବାଞ୍ଜିରୁ ଆରମ୍ଭ କରି ରାୟପୁର ଆଦି ଅନେକ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ଜଣାପଡ଼ିଛି।


## ଶ୍ରାଦ୍ଧ ଦିବସରେ ଐତିହାସିକ ଡ.ସଦାନନ୍ଦ ଅଗ୍ରୱାଲଙ୍କୁ ଶ୍ରଦ୍ଧାଞ୍ଜଳି

ତରଭା, ୩।୮ (ସମିସ): ମେଣ୍ଡାସ୍ଥିତ ମହର୍ଷି ବୃଦ୍ଧରାମ ଡିଗ୍ରୀ ମହାବିଦ୍ୟାଳୟ (ଗୋବିନ୍ଦ ବିହାର)ରେ ଐତିହାସିକ ଡ. ସଦାନନ୍ଦ ଅଗ୍ରୱାଲଙ୍କ ୮ମ ଶ୍ରାଦ୍ଧ ଦିବସ ପାଳିତ ହୋଇଛି। ବିଶିଷ୍ଟ ବାଦ୍ୟଶିଳ୍ପୀ ପଦ୍ମଶ୍ରୀ ଡ. ଚତୁର୍ଭୁଜ ମେହେର ଯୋଗ ଦେଇ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ, ଏସ୍‌ପି ନାରାୟଣ ନାୟକ, ଭୀମସାରର ସ୍ତ୍ରୀ ଓ ପ୍ରସୂତୀ ବିଭାଗର ବିଶେଷଜ୍ଞ ପ୍ରଫେସର ଡ.ବେଣୁଧର ପାଣ୍ଡେ, ରୋଟାରିଆନ ବିଷ୍ଣୁପ୍ରସାଦ କେଡିଆ ଓ କୁଟୁମଡୋଲା କଲେଜର ପ୍ରଧାପକ ଡ. ସୁରେଶଚନ୍ଦ୍ର ଷଡଙ୍ଗୀ ପ୍ରମୁଖ ଅତିଥବ ଭାବେ ଯୋଗ ଦେଇଥିଲେ। ସେହିଭଳି ଖଲିଆପାଲି ଭୀମଭୋଇ ସମାଧିପୀଠର ମଠାଧିଶ ସନ୍ୟାସୀ ବାବା, ମେଣ୍ଡାର ବରିଷ୍ଠ ନାଗରିକ ଶମ୍ଭୁଭୂଷଣ ପର୍ଦ୍ଦିଆ, ସନ୍ତୋଷ ଦାସ, ନାରାୟଣ ଝାଙ୍କର, ପଥରଚେପା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ କ୍ଷମାନିଧି ଝାଙ୍କର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଅଗ୍ରୱାଲଙ୍କ ସ୍ମୃତିଚାରଣ କରିଥିଲେ। ଏମ୍‌ବିଆର୍ ଡିଗ୍ରୀ କଲେଜର ପରିଚାଳନା କମିଟିର ସଭାପତି ବାଳଗୋପାଳ ପଣ୍ଡା ସଭାପତିତ୍ୱ କରିଥିଲେ। ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ସଂଯୋଜନା କରିଥିଲେ। ସିଦ୍ଧାର୍ଥ ଅଗ୍ରୱାଲ ଅତିଥି ପରିଚୟ ସହିତ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଧିରେନ୍ଦ୍ର ଝାଙ୍କର ମାନପତ୍ର ପଠନ କରିଥିବା ବେଳେ ଅଧାପକ ଉମାକାନ୍ତ ନାଗ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିଗଣ କଲେଜରେ ଚାରାରୋପଣ ମଧ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱର୍ଗତ ଅଗ୍ରୱାଲଙ୍କ ପତ୍ନୀ ତାରା ଅଗ୍ରୱାଲ, ଏମବିଆର ଡିଗ୍ରୀ କଲେଜର ଅଧ୍ୟକ୍ଷ ସଚିଦାନନ୍ଦ ରଥ, ବରିଷ୍ଠ ନାଗରିକ ନାରଦ ପୂଜାରୀ, ମୋହନ ଝାଙ୍କର, ଟଙ୍କଧର ମେହେର, ଚୈତନ୍ୟ ବାରିକ, ତରଭା ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ, ରାଜେନ୍ଦ୍ର ପଣ୍ଡା, ମଦନମୋହନ ପଣ୍ଡା, ନରସିଂହ ପଣ୍ଡା, ଜିତେନ୍ ପଣ୍ଡା ପ୍ରମୁଖଙ୍କ ସହ ଗ୍ରାମବାସୀ, କଲେଜର ଅଧ୍ୟାପକ/ଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ ଏଥିରେ ସାମିଲ ହୋଇଥିଲେ। ଏହି ଶ୍ରାଦ୍ଧ ଦିବସ ଉପଲକ୍ଷେ ଏମବିଆର୍ ଡିଗ୍ରୀ କଲେଜରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ପରୀକ୍ଷା ଓ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ଡ. ବେଣୁଧର ପାଣ୍ଡେ ୫୯ ଜଣ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବୀରମହାରାଜପୁର ପଣ୍ଡାପାଲି ମହାନଦୀ ନେତ୍ରାଳୟର ଡ. ରୋହିତ, ଅପଥାଲମିଷ୍ଟ ଶ୍ୱେତା ମିଶ୍ର, ଧର୍ମୁ ମହାନନ୍ଦ, ଚନ୍ଦ୍ରଶେଖର ନନ୍ଦ, ଶୁଭଲକ୍ଷ୍ମୀ ଭୁକ୍ତା ୫୦ଜଣ ରୋଗୀଙ୍କ ଆଖି ପରୀକ୍ଷା କରିଥିଲେ। ସୁବର୍ଣ୍ଣପୁର ରକ୍ତଭଣ୍ଡାରର ଡାକ୍ତର ପ୍ରମୋଦ ମେହେର, ସତ୍ୟବ୍ରତ ତାଣ୍ଡି, ଜଗତ ଦରୱାନ, ଯୁଧିଷ୍ଠୀର ନାଏକଙ୍କ ନେତୃତ୍ୱରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଡ.ସଦାନନ୍ଦ ଅଗ୍ରୱାଲ ସ୍ମୃତିକମିଟି ଓ ଏମବିଆର ଡିଗ୍ରୀ କଲେଜର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



● ମଦଦୋକାନ ନିର୍ମାଣ ପାଇଁ ଜାତୀୟ ରାଜପଥରେ ଘର ନିର୍ମାଣ ସାମଗ୍ରୀ

## ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି ଗଦା ଗୋଡ଼ି ବାଲି



ଜୁନାଗଡ଼, ୩।୮ (ସମିସ): ଜୁନାଗଡ଼ ସହର ଉପକଣ୍ଠ ଏନ୍ଏଚ-୨୬ ଜୟପୁର ଭବାନୀପାଟଣା ହାତୀନଦୀ ପାଖ ମୁଖ୍ୟ ରାସ୍ତାରେ ଏକ ମଦ ଦୋକାନ ନିର୍ମାଣ ପାଇଁ ଜାତୀୟ ରାଜପଥ ପାର୍ଶ୍ୱରେ ଗିଟି ଓ ବାଲି ଗଦା ହୋଇଛି। ଏହି ଜାତୀୟ ରାଜପଥରେ ଦୈନନ୍ଦିନ ହଜାର ହଜାର ଯାନବାହନ ଯାତାୟତ କରିଥାଏ। ଗିଟି ଓ ବାଲି ପଡ଼ିଥିବାରୁ ଯାନ ବାହନ ଯାତାୟତ ପାଇଁ ଅସୁବିଧା ହେଉଛି। ଏହି ରାସ୍ତାଟି ବୁଲାଣି ହେଇଥିବା ହେତୁ ପୂର୍ବରୁ ସେହି ଜାଗାରେ ବହୁ ଦୁର୍ଘଟଣା ଘଟି ଜୀବନ ଯାଇଛି। ଏହି ଜାଗାରେ ବରମ୍ବାର ଦୁର୍ଘଟଣା ହେଉଥିବା ଜାଣି ମଧ୍ୟ ମଦ ଦୋକାନୀ ପ୍ରଶାସନକୁ ଖାତିର ନ କରି ଜାତୀୟ ରାଜପଥ ଉପରେ ଘର ନିର୍ମାଣ ସାମଗ୍ରୀ ରାସ୍ତାପାର୍ଶ୍ୱରେ ଗଦା କରିଛନ୍ତି। ଏହି ମଦ ଦୋକାନ ପାଖ ରାସ୍ତା ଦେଇ ଗ୍ୟାସ୍ ଗୋଦାମ୍ ଓ ଅନେକ ଦୋକାନ ଥିବା ବେଳେ ଦୈନିକ ଲୋକେ ଗ୍ୟାସ୍ ଆଣିବା ପାଇଁ ଯିବା ବେଳେ ଏହି ଗଦା ହେଇଥିବା ସମାଗ୍ରୀ ପାଇଁ ଛୋଟ ବଡ ଦୁର୍ଘଟଣା ଘଟି ଯାଉଛି। ଏନେଇ ମଦ ଦୋକାନୀଙ୍କୁ ଅଭିଯୋଗ କଲେ ମଧ୍ୟ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହେଉଛି।

# ହୀରାକୁଦ ନଦୀବନ୍ଧର ସବୁ ଗେଟ୍ ବନ୍ଦ

ସମ୍ବଲପୁର,୩।୮ (ସମିସ

ଉପରମୁଣ୍ଡରେ ବର୍ଷା କମିବା ପରେ ପର୍ଯ୍ୟାୟକ୍ରମେ ହୀରାକୁଦ ଜଳଭଣ୍ଡାରର ସମସ୍ତ ଗେଟ୍ ବନ୍ଦ କରିଦିଆଯାଇଛି। ଆଜି ହୀରାକୁଦ ଜଳସ୍ତର ୬୧୧.୬୦ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୬ ତାରିଖ ଜଳଭଣ୍ଡାରରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ କରାଯାଇଥିଲା। ଆଜି ୧୦ଟା ୨୫ ମିନିଟ୍ ସମୟରେ ଖୋଲାଥିବା ବାମପାଶ୍ୱର୍ର ଗୋଟିଏ ଗେଟ୍‌କୁ ବନ୍ଦ କରିଦିଆଯାଇଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳସ୍ତର ୬୦୮.୭୧ ଫୁଟ୍ ରହିଥିଲା।

ରବିବାରସନ୍ଧ୍ୟା ୬ଟାସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୧.୬୦ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୭୫,୯୧୩ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୫,୨୭୮ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସନ ହେଉନାହିଁ। ପାୱାର ଚେନାଲ ଦେଇ ୩୧,୨୭୮ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ, କେନାଲ ପାଇଁ ୪,୨୮୧ ଘନଫୁଟ ଜଳ ନିଷ୍କାସିତ ହେଉଛି। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୮.୫୭ ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୦.୦୫ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୨,୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ପର୍ଥର୍ଲାଠାରେ ୨୭,୮୧୪ କ୍ୟୁସେକ୍, ଖଇରମାଳଠାରେ ୮୮,୦୦୦କ୍ୟୁସେକ୍, ବାରମୁଲଠାରେ ୮୬,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୧,୩୫,୩୬୯ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

# ବ୍ରାହ୍ମଣୀ ସେତୁରୁ ଡେଇଁ ଯୁବକ ନିଖୋଜ

ରାଉରକେଲା, ୩।୮ (ସମିସ): ପୁରୁଣା ବ୍ରାହ୍ମଣୀ ସେତୁରୁ ଡେଇଁ ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ଯୁବକ ଜଣକ ସେକ୍ଟର-୨ର ଗଣେଶ ଚନ୍ଦ୍ର ବାଗ୍ ବୋଲି ଜଣାପଡ଼ିଛି। ସୂଚନାମୁତାବକ, ପାନପୋଷ ବ୍ରାହ୍ମଣୀ ନଦୀ ତଟ ହନୁମାନ ମନ୍ଦିର ପୁରୁଣା ବ୍ରିଜ୍ ଉପରୁ ଶନିବାର ରାତି ୧୧ ଟାରୁ ୧୧ଟା ୩୦ ମଧ୍ୟରେ ଜଣେ ୨୩ ବର୍ଷିୟ ଯୁବକ ଡେଇଁ ପଡ଼ିଥିଲେ। ସେହି ସମୟରେ ସେହି ବାଟ ଦେଇ ଯାଉଥିବା କିଛି ଲୋକ ଯୁବକଙ୍କୁ ଆତ୍ମହତ୍ୟା ଉଦ୍ଦେଶ୍ୟରେ ଡେଇଁ ପଡ଼ିବାର ଦେଖି ପାଟିକରି ଡାକ ପକାଇଥିଲେ। ଏହାପରେ ଲୋକମାନେ ସେଠାରେ ଏକାଠି ହୋଇଥିଲେ। ସୂଚନା ପାଇ ପୁଲିସ ଏବଂ ଅଗ୍ନିଶମ ବାହିନୀର କର୍ମଚାରୀଙ୍କ ଏକ ଦଳ ଘଟଣା ସ୍ଥଳରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେ। ବିଳମ୍ବିତ ରାତି ହୋଇଥିବାରୁ କେହି ନଦୀ ଭିତରକୁ ପ୍ରବେଶ କରିବାକୁ ସାହସ କରି ନଥିଲେ। ଘରୋଇ କଳହ ଯୋଗୁଁ ସେ ଏହି ପଦକ୍ଷେପ ନେଇଥିଲେ ବୋଲି ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଥିବା ପୁଲିସ କହିଛି। ଏହି ଘଟଣା ପରେ ଆଜି ରାଉରକେଲା ଅଗ୍ନିଶମ ବାହିନୀ ଓ ଓଡ୍ରାଫ ଟିମ୍ ପକ୍ଷରୁ ପାନପୋଷ ବ୍ରାହ୍ମଣୀ ନଦୀର ଭରା ଜଳ ରାଶିରେ ନିଖୋଜ ଯୁବକଙ୍କୁ ଖୋଜାଖୋଜି ଜାରି ରଖିଥିଲା। ସକାଳ ଠାରୁ ଡଙ୍ଗା ଏବଂ



ପାୱାର ବୋଟ୍ ସାହାଯ୍ୟରେ ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫ ଟିମ୍ କର୍ମଚାରୀମାନେ ନଦୀରେ ନିଖୋଜ ଯୁବକଙ୍କୁ ଖୋଜିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଜାରି ରହିଥିଲେ ମଧ୍ୟ ଯୁବକଙ୍କର ପତ୍ତା ମିଳିନଥିଲା।

'ଏକତ୍ର'ର ଏକକ ଅଭିନୟ ଉତ୍ସବ ଉଦ୍‌ଯାପିତ

# 'ସମାଜର ପ୍ରତିଛବିକୁ ପ୍ରତିଫଳିତ କରେ ନାଟକ'

ରାଉରକେଲା,୩।୮ (ସମିସ):

ରାଉରକେଲାର ୨୬ଟି ନାଟ୍ୟ ଅନୁଷ୍ଠାନକୁ ନେଇ ଗଠିତ 'ଏକତ୍ର' ପକ୍ଷରୁ ଆୟୋଜିତ ଦୁଇ ଦିନିଆ ଏକକ ଅଭିନୟ ଉତ୍ସବ ସ୍ଥାନୀୟ ସିଭିକ ସେଣ୍ଟର୍‌ଠାରେ ରବିବାର ସଂଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ରଘୁନାଥପାଲୀ ବିଧାନସଭା ଦୁର୍ଗା ଚରଣ ତନ୍ତୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବିପିୟୁଟିର କୁଳପତି ପ୍ରଫେସର ଅମୀୟ କୁମାର ରଥ ଏବଂ ଆର୍‌ଏସ୍‌ପିର ସଂଚାର ବିଭାଗ ମୁଖ୍ୟ ଅର୍ଚ୍ଚନା ଶତପଥି ସମ୍ମାନିତ ଅତିଥି ଭାବେ ଯୋଗଦେଇ ନାଟକ ସମାଜର ପ୍ରତିଛବିକୁ ପ୍ରତିଫଳିତ କରିଥାଏ ବୋଲି କହିଥିଲେ। ଏହି ଅବସରରେ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ପ୍ରତିଯୋଗିତାରେ ଶୁଭସ୍ମିତା ମହାନ୍ତି ପ୍ରଥମ, ସୁଜଳ ମହାନନ୍ଦ ଦ୍ୱିତୀୟ ଓ ତନ୍ମସୌମ୍ୟା ହୋତା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଜୁରୀ ପୁରସ୍କାରରେ ଶ୍ରୀକାନ୍ତ ନନ୍ଦ, ପ୍ରିତମ କୁମାର ରଣା, ପ୍ରିୟାଂଶୁ ନାୟକ, ଶ୍ରୁତିଶ୍ରୀ



ଜେନା, ଶିବାନୀ ମହାନ୍ତି, ରୋହିତ ଜଗଦେଲା, ସୋନାଲି ମହାରଣାଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଦିବସରେ ଅତିଥି କଳାକାର ବର୍ଗରେ କୋଏଲ ଗ୍ରୁପରେ ବିଜୟ କୁମାର ଦାସ, ଲଳିତ କୁମାର ଦାଶ, ସତ୍ୟ ନାରାୟଣ ପ୍ରଧାନ, ଆନନ୍ଦ ବାଗ୍, ସୌମ୍ୟ ରଞ୍ଜନ ଲେଙ୍କା, ଶଙ୍ଖ ଗୃପ ତରଫରୁ ବବି ମହାଳିକ, ପଞ୍ଚାନନ ପାତ୍ର, ରାମ ମହାରଣା, ସନ୍ଧ୍ୟାରାଣୀ ଦାଶ, ପ୍ରିତୀ ବାରିକ, ମନୋରଞ୍ଜନ ବକ୍ସି, ପ୍ରଜ୍ଞାନନ୍ଦ ମହାନ୍ତି, ପ୍ରତ୍ୟାଶା ପ୍ରଣଦିତା ପାଣି, ଅଲିଅଳ ବେହେରା, ପ୍ରତାପ କୁମାର ନାୟକ, ମାନସୀ ମହାପାତ୍ର, ପ୍ରଳୟ ଶତପଥୀ, ଶିବ ପ୍ରସାଦ ମହାନ୍ତି, ସନ୍ତୋଷିନୀ ବାରିକ, ସରସ୍ୱତୀ ଗୃପ ତରଫରୁ ପ୍ରଶାନ୍ତ କୁମାର ପତି, ଡ. ସତ୍ୟ ମିଶ୍ର, ଜୟନ୍ତ ମହାପାତ୍ର, ଆଲୋକ ରଞ୍ଜନ ବୋଷ, ବିଚିତ୍ରାନନ୍ଦ ସାହୁ, ନିକୁଞ୍ଜ ରାଉତରାୟ, ଗଙ୍ଗାଧର ରାଉତ, ନୀତା ଗୋସ୍ୱାମୀ, ଗଙ୍ଗାଧର ଜେନା, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ପ୍ରମିଳା ଜେନା, ପ୍ରସନ୍ନ କୁମାର ମହାନ୍ତି, ପ୍ରଣବ କୁମାର ପାଣିଗ୍ରାହୀ, କିଶୋରୀ ମୋହନ କର, ବନ୍ଦିତା ମହାନ୍ତି ପ୍ରମୁଖ ଏକକ ଅଭିନୟରେ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ଦିବସର ଉଦ୍‌ଘାଟନୀ ଉତ୍ସବରେ ଆର୍‌ଏସ୍‌ପିର ମୁଖ୍ୟ ମହାପ୍ରବନ୍ଧକ ବିଜୟ କୁମାର ଯୋଯୋ, ଏନ୍‌ଏସ୍‌ଡିର ଅଭିନେତା ତଥା ନିର୍ଦ୍ଦେଶକ ଜଗନ୍ନାଥ ସେଠ୍ ଓ ପ୍ରାକ୍ତନ ଆର୍‌ଏସ୍‌ପି ମହାପ୍ରବନ୍ଧକ ଅଭୟ କୁମାର ଦାସ ଅତିଥି ଭାବେ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏକତ୍ରର ସଭାପତି ରାଜୀବ ପାଣି, ଉପସଭାପତି ଆଲୋକ ବୋଷ, ରମେଶ ମହାନ୍ତି, ବିଲୋଚନ ପାତ୍ର ଓ ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର, ସାଂସ୍କୃତିକ ସମ୍ପାଦକ ପ୍ରବୀର କୁମାର ଜେନା, ପ୍ରଜ୍ଞାନନ୍ଦ ମହାନ୍ତି, କନକଲତା ଦାସ, କଲ୍ୟାଣୀ ଦାସ, ବବି ମହାଳିକ, ପ୍ରସନ୍ନ ମହାନ୍ତି, ସୁଦେଶ ନାୟକ, ଦିଲ୍ଲିପ ମହାନ୍ତି, ପ୍ରଳୟ ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କୃତି ପ୍ରତିଯୋଗୀଙ୍କ ସହ ସମସ୍ତ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଝିଲିମା ମହାନ୍ତି ସଂଯୋଜନା କରିଥିଲେ।

## ହକର୍ସ ଆସୋସିଏସନର ଗଣେଷ ପୂଜା ପ୍ରସ୍ତୁତି



ରାଉରକେଲା,୩।୮ (ସମିସ): ରାଉରକେଲା ହକର୍ସ ଆସୋସିଏସନ ପକ୍ଷରୁ ଚଳିତ ବର୍ଷରେ ଗଣେଷ ପୂଜାକୁ ମହାଡମ୍ବର ତଥା ଧୂମଧାମର ସହ ପାଳନ କରିବା ପାଇଁ ରବିବାର ସଂଧ୍ୟାରେ ରାଉରକେଲା ନୂଆ ବସଷ୍ଟାଣ୍ଡ ସ୍ଥିତ ଫକିରମୋହନ ମାର୍କେଟ କମ୍ପ୍ଲେକ୍ସ ସେଡ୍ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଉରକେଲା ହକର୍ସ ଆସୋସିଏସନର ସାଧାରଣ ସମ୍ପାଦକ କିଶୋର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରଥମେ ବିଗତ ବର୍ଷର ଆୟବ୍ୟୟ ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ଆସୋସିଏସନର ମିହିର ପାତ୍ର, ଅଶେଷ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ବେହେରା, ବାଦଲ ଘୋଷ, ବିଶ୍ୱଜିତ ଘୋଷ, ଆର୍ତ୍ତତ୍ରାଣ ବେହେରା, ଅନିରୁଦ୍ଧ ଜେନା, ରବି ନାରାୟଣ ସେନାପତି, ସନ୍ତୋଷ ବିଶ୍ୱାଳ, ସୁଧାଂଶୁ ମହାପାତ୍ର, ଅଶୋକ କୁମାର ସାହୁ ପ୍ରମୁଖ ବୈଠକରେ ଉପସ୍ଥିତ ରହି ଗଣେଷ ପୂଜାକୁ କିପରି ଶାନ୍ତି ଶୃଙ୍ଖଳାର ସହ ଜାକଜମକ ଓ ଧୂମଧାମରେ ପାଳନ କରାଯିବ ସେନେଇ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଗଣେଷ ପୂଜାକୁ ସୂଚାରୁରୂପେ ପାଳନ କରିବା ପାଇଁ ପ୍ରଫୁଲ୍ଲ କୁମାର ଷଡଙ୍ଗୀ, ସଂଗ୍ରାମ କେଶରୀ ଭୂୟାଁ ପରାମର୍ଶ ଦେଇଥିଲେ।

## ଆଇନ ମହାବିଦ୍ୟାଳୟରେ ବନମହୋତ୍ସବ

ରାଉରକେଲା,୩।୮ (ସମିସ): ରାଉରକେଲା ଆଇନ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡ. ବିଭୂରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଓ ୟୁଥ୍ ରେଡକ୍ରସର ମିଳିତ ସହଯୋଗରେ ବନମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ସମସ୍ତ ପ୍ରାଧ୍ୟାପିକା, ପ୍ରାଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। ଏହି ଅବସରରେ ଚାରାରୋପଣ କରାଯାଇଥିଲା।



## ବାଇକ୍ ଚୋର ଗିରଫ

ରାଉରକେଲା,୩।୮ (ସମିସ): ପ୍ଲାଣ୍ଟସାଇଟ୍ ଥାନା ପୁଲିସ ମଧୁସୂଦନପାଲି ତେଲୁଗୁ ବସ୍ତିର କୁଖ୍ୟାତ ବାଇକ୍ ଚୋର ଟିଙ୍କୁ ସାହୁ(୨୦)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତା'ଠାରୁ ୩ଟି ବାଇକ୍ ଜବତ କରାଯାଇଛି। ପୁଲିସ ସୂଚନା ମୁତାବକ, ଗତ କିଛି ଦିନ ପୂର୍ବେ ଉକ୍ତ ଥାନାଞ୍ଚଳରୁ ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ବେଳେ ଟିଙ୍କୁ ସମ୍ପୃକ୍ତ ଥିବା ଜଣାପଡିଥିଲା। ଗିରଫ ଟିଙ୍କୁ ନାଁରେ ପୂର୍ବରୁ ପ୍ଲାଣ୍ଟସାଇଟ୍, ଉଦିତନଗର ଓ ରଘୁନାଥପାଲି ଥାନାରେ ୧୨ଟି ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି।

## ରାଜନୈତିକ ଦଳ ସହ ପ୍ରଶାସନର ଆଲୋଚନା



ବୌଦ୍ଧ, ୩।୮ (ସମିସ): ବୌଦ୍ଧର ବିଭିନ୍ନ ମତଦାନ କେନ୍ଦ୍ର ବିଷୟରେ ପ୍ରଶାସନ ରାଜନୈତିକ ଦଳ ସହ ଆଲୋଚନା କରିଛି। ଯେଉଁ ମତଦାନ କେନ୍ଦ୍ରରେ ୧୨୦୦ କିମ୍ବା ତାହାଠାରୁ ଅଧିକ ମତଦାତା ଅଛନ୍ତି ସେଗୁଡ଼ିକର ପୁନଃବ୍ୟବସ୍ଥାପନା ସମ୍ପର୍କରେ ଆଲୋଚନା ହୋଇଛି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଭାଶ ଚନ୍ଦ୍ର ଦାଣ୍ଡସେନା, ଉପଜିଲ୍ଲାପାଳ ବିନୟଭୋଇ ଉପସ୍ଥିତ ଥିଲେ। ଏଥିରେ ବିଜୁ ଜନତା ଦଳ ପକ୍ଷରୁ ଅବକାଶ ସାହୁ ଏବଂ ଶ୍ରୀ ସନ୍ତୋଷ ନାୟକ, ଭାରତୀୟ ଜନତା ପାର୍ଟି ପକ୍ଷରୁ ବିପ୍ରଚରଣ ମହାନ୍ତି ଓ ଶ୍ୟାମସୁନ୍ଦର ପୁରୋହିତ, କଂଗ୍ରେସ ପକ୍ଷରୁ ଶ୍ରୀ ସମରେଶ ମିଶ୍ର ଉପସ୍ଥିତ ଥିଲେ। ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟର ସହକାରୀ ଜିଲ୍ଲାପାଳ ଶରତ ମିଶ୍ର ବୈଠକ ପରିଚାଳନା କରିଥିଲେ। ବରିଷ୍ଠ ରାଜସ୍ୱ ସହାୟକ ସରୋଜ ବେହେରା, କନିଷ୍ଠ ରାଜସ୍ୱ ସହାୟକ ଜିତେନ୍ଦ୍ର ମେହେର, ମିତାଞ୍ଜଳି କହଁର, ପ୍ରଦୀପ୍ତ ନାୟକ, ମନୋଜ ବେହେରା ଓ ଚନ୍ଦ୍ରକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ପକ୍ଷାଘାତ ପୀଡିତଙ୍କୁ ହ୍ୱିଲ ଚେୟାର, ଏୟାର ବେଡ୍ ପ୍ରଦାନ

ରାଉରକେଲା,୩।୮ (ସମିସ): ସହରର ଅନ୍ୟତମ ଅଗ୍ରଣୀ ସାମାଜିକ ସଂଗଠନ ସହାୟତା ପକ୍ଷରୁ ଜଣେ ଅନାଥ, ବେସାହାରା ପକ୍ଷାଘାତ ରୋଗରେ ପିଡିତ ଯୁବକ ମନୋଜ ସିଂ(୨୪)ଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଛି। ସେ ମନୋହରପୁରର ମୂଳ ବାସିନ୍ଦା ହୋଇଥିବା ସେ ଏବେ ମୁଣ୍ଡାରୀ ବସ୍ତିରେ ରହୁଛନ୍ତି। ତାଙ୍କର ବାପା ଓ ମାଆଙ୍କ ମୃତ୍ୟୁ ହୋଇଥିବା ବେଳେ ବେସାହାରା ହୋଇ ଶୌଚାଳୟରେ ରହୁଛନ୍ତି। ବସ୍ତି ବାସିନ୍ଦା ଦୟାରେ ଓଳିଏ ଖାଇଲେ ଓଳିଏ ଉପାସ ରହୁଛନ୍ତି। ଆଧାର କାର୍ଡ ନଥିବାରୁ ସମସ୍ତ ସରକାରୀ ଯୋଜନା ତାଙ୍କ ସାତ ସପନ ପାଲଟିଛି। ତେବେ ଏ ସମ୍ପର୍କରେ ସହାୟତା ସାମାଜିକ ସଂଗଠନର ଅଧ୍ୟକ୍ଷ ଗୋପାଳ ଜେନା, ସାଧାରଣ ସମ୍ପାଦକ ସଞ୍ଜୀବ କୁମାର ନାୟକ ଅବଗତ ହେବା ପରେ ପୀଡିତଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ହ୍ୱିଲ ଚେୟାର ଓ ଏୟାର ବେଡ୍ ପ୍ରଦାନ କରିଥିବା ଜଣାପଡିଛି। ଏହି ଅବସରରେ ସଦସ୍ୟ ଲୀନା ନାୟକ, ଜିତେନ ମାଛଖଣ୍ଡ, ପ୍ରତିଭା ପ୍ରିୟଦର୍ଶିନୀ, ବିଜୟ ପ୍ରସାଦ, ରିନା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଯାହାକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।



## ନାବାଳିକାର ଝୁଲନ୍ତା ଶବ ଉଦ୍ଧାର

ରାଉରକେଲା, ୩।୮ (ସମିସ): ସୁନ୍ଦରଗଡ ଜିଲ୍ଲାର ତଳସରା ଥାନା ଅନ୍ତର୍ଗତ ଲୁଲକିଡିହ ଗାଁରୁ ନିଖୋଜ ଥିବା ଜଣେ ନାବାଳିକାର ଝୁଲନ୍ତା ଶବକୁ ଆଜି ପୁଲିସ ଜବତ କରିଛି। ଏହି ଘଟଣାରେ ପୁଲିସ ଛତିଶଗଡ ରାଜ୍ୟର ୨ ଜଣ ଯୁବକଙ୍କୁ ତଳସରା ଥାନାରେ ଅଟକ ରଖି ପଚରାଉଚରା କରୁଥିବା ସୂଚନା ମିଳିଛି। ସୂଚନାମୁତାବକ, ନାବାଳିକା ଜଣକ ଫେସବୁକରେ ସମ୍ପର୍କ ସ୍ଥାପନ କରିଥିବା ଛତିଶଗଡର ଜଣେ ବିବାହିତ ଯୁବକ ଓ ତାଙ୍କର ଜଣେ ସାଙ୍ଗ ସହ ଛତିଶଗଡ ସୀମାକୁ ଯାଇ ନିଖୋଜ ହୋଇଯାଇଥିଲେ। ପରିବାର ପକ୍ଷରୁ ତଳସରା ଥାନାରେ ଅଭିଯୋଗ ହେବା ପରେ ପୁଲିସ ଆଜି ଡଗ ସ୍କ୍ୱାର୍ଡ ନେଇ ତଦନ୍ତ ଆରମ୍ଭ କରିବା ସହ ନାବାଳିକାର ଶବ ଉଦ୍ଧାର କରିଥିଲା।

## ଯୁବକଙ୍କ ମୃତ୍ୟୁକୁ ନେଇ ସନ୍ଦେହ

ବଣାଇଁ,୩।୮ (ସମିସ): ବଣାଇଁ ଉପଖଣ୍ଡ ଟିକାୟତ ପାଲି ଥାନା ଅନ୍ତର୍ଗତ କରେଇପୁଟ ଗାଁରେ ଜଣେ ଯୁବକଙ୍କ ମୃତ ଦେହ ସନ୍ଦେହ ଜନକ ଅବସ୍ଥାରେ ଉଦ୍ଧାର ହୋଇଛି। ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ସୂଚନାଯୋଗ୍ୟ, କରେଇପୁଟ ଗ୍ରାମର ପ୍ରସନ୍ନ କୁମାର ନାୟକ(୨୭) ସବୁଦିନ ପରି ଗତକାଲି ସକାଳୁ ଟ୍ରାକ୍ଟର ଚଳାଇବା ପାଇଁ ନିଜ ଘରୁ ବାହାରିଥିଲେ। ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିବା ବେଳେ ରବିବାର ସକାଳୁ କରେଇପୁଟ ବସ୍ତି ନିକଟ ରାସ୍ତା କଡ଼ରେ ସେ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ଉଦ୍ଧାର କରି ବଣାଇଁ ସରକାରୀ ଡ଼ାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ନାକ ଏବଂ ପାଟିରୁ ଫେଣ ବାହାରୁଥିବାରୁ ସାପ କାମୁଡ଼ାରେ ତାଙ୍କର ମୃତ୍ୟୁ ହୋଇଥିବା ତାଙ୍କର ବଡ଼ ଭାଇ ପ୍ରଦୀପ କୁମାର ନାୟକ ସନ୍ଦେହ କରିଛନ୍ତି। ତେବେ ମୃତ୍ୟୁର ପ୍ରକୃତ କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି। ମୃତକଙ୍କ ବଡ଼ ଭାଇ ଥାନାରେ ଅଭିଯୋଗ ଦେବା ପରେ ପୁଲିସ ଡାକ୍ତରଖାନାରେ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

## କରମପଦା ରେଳଧାରଣାରେ ପୁଣି ଲ୍ୟାଣ୍ଡମାଇନ ବିସ୍ଫୋରଣ

ରାଉରକେଲା,୩।୮ (ସମିସ): ମାଓବାଦୀ ସଂଗଠନ ପକ୍ଷରୁ ଗତ ୨୮ ତାରିଖରୁ ଆରମ୍ଭ ହୋଇଥିବା ସହିଦ ସପ୍ତାହର ଆଜି ଅନ୍ତିମ ଦିବସ ଥିବା ବେଳେ ସୀମାନ୍ତ କରମପଦା ନିକଟରେ ଗତକାଲି ଓ ଆଜି ସକାଳେ ଲ୍ୟାଣ୍ଡ ମାଇନ ବିସ୍ଫୋରଣ କରି ମାଓବାଦୀମାନେ ରେଳଧାରଣା ଉଡାଇଥିଲେ। ରବିବାର ରାତି ୧୦ଟାରେ ପୁଣି ଆଉ ଏକ ଲ୍ୟାଣ୍ଡମାଇନ ବିସ୍ଫୋରଣ ହୋଇଥିବା ସୂଚନା ମିଳିଛି। ତେବେ ଖବରଲେଖାହେବା ସୁଦ୍ଧା ଏହି ଘଟଣାରେ କେହି ମୃତାହତ ହୋଇଛନ୍ତି କି ନାହିଁ ସେ ସମ୍ପର୍କରେ କୌଣସି ସୂଚନା ମିଳିପାରି ନାହିଁ।

# ସମସ୍ତେ ଦେଖୁଛନ୍ତି; କାହା ପାଟି ଖୋଲୁନି



- ରାସ୍ତା ନଷ୍ଟ କରୁଛି ଲୁହା ଚକଲଗା ଟ୍ରାକ୍ଟର
- ଟଙ୍କା ରୋଜଗାର କରୁଛି ଗାଡ଼ି ମାଲିକ
- କାଦୁଅ ହେଉଛି ପିଚୁ ଓ କଂକ୍ରିଟ ରାସ୍ତା
- ଖୋଳି ହୋଇଯାଉଛି ମାଟି ରାସ୍ତା
- ପୁଲିସ, ପରିବହନ ବିଭାଗ, ପ୍ରଶାସନ ସମସ୍ତେ ଚୁପ୍
- ଦୁର୍ଘଟଣାର ଶିକାର ହେଉଛନ୍ତି ସାଧାରଣଜନତା

ବୌଦ୍ଧ, ୩।୮ (ସମିସ)

ବୌଦ୍ଧ ଜିଲ୍ଲାରେ ଖରିଫ ଧାନ ଚାଷ ଜାରି ରହିଛି। ତେବେ ଧାନ ଚାଷ ପାଇଁ ଚାଷୀ ଆଉ ହଳ ନଙ୍ଗଳ ବ୍ୟବହାର ନ କରି ଟ୍ରାକ୍ଟର ଓ ପାୱାର ଟିଲର ଉପରେ ଭରସା କରୁଛି। ଏହାଫଳରେ ଜିଲ୍ଲାର ବିଭିନ୍ନ ରାସ୍ତାରେ ଟ୍ରାକ୍ଟରରେ ଲାଗିଥିବା ଲୁହା ଚକ ପାଇଁ ସମସ୍ୟା ଉପୁଜୁଛି। ଏହି ଲୁହା ଚକ ବାଜି ମାଟି ରାସ୍ତା ଖାଲ ହେଉଛି। ସେହିଭଳି ଚକରେ ଲାଗିଥିବା ମାଟି ପିଚୁ ଓ କଂକ୍ରିଟ ରାସ୍ତାକୁ କାଦୁଅ କରୁଛି। ଏଥିଯୋଗୁଁ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଛି। ହରଭଙ୍ଗା ବ୍ଲକ ଚାରିଛକ -ଶୀତଳପାଣି ରାସ୍ତାରେ ପିଚୁ ପକାଇ ମରାମତି କରାଯାଇଛି। ହେଲେ ଟ୍ରାକ୍ଟର ଯୋଗୁଁ ରାସ୍ତା କାଦୁଅ ହେଉଛି। ସେହିଭଳି କରଞ୍ଜକଟା, ଉପରକଟା, ଲଖଣ ପୁର, ଡୁକୁଲୁଣ୍ଡା ଗ୍ରାମରେ ଟ୍ରାକ୍ଟର ଲୁହା ଚକ ଲଗାଇ ବାରମ୍ବାର ଯିବା ଆସିବା ଫଳରେ ପୂର୍ତ୍ତ ରାସ୍ତା ଉପରେ ଗାର ପଡୁଛି। କିଛି ସ୍ଥାନରୁ ପିଚୁ ଉଠି ରାସ୍ତା ଶୋଚନୀୟ ହୋଇ ଗଲାଣି। ଚାଷୀଙ୍କୁ କାମରେ ସହଜ ହେଉଛି। ଟ୍ରାକ୍ଟର ମାଲିକ ମଧ୍ୟ ଟଙ୍କା ରୋଜଗାର କରୁଛନ୍ତି; ହେଲେ ସରକାରୀ ରାସ୍ତା ନଷ୍ଟ ହେଉଛି। ଲୋକେ ହଇରାଣ ହେଉଛନ୍ତି। କୁଟୀଝାରଠାରୁ ଅରଖପଦର ରାସ୍ତା ମଧ୍ୟ ସମାନ ଅବସ୍ଥା। କୁସଙ୍ଗ-ବାଣିଗୋଛା ରାସ୍ତା ମହାଲିକପଡ଼ା, ଯାବର, ଗୁରୁଡ଼ା ମୁଣ୍ଡା, ତଳଗାଁ ଓ ସଂକୁଲୋଇ ପଞ୍ଚାୟତ ରାସ୍ତା ଉପରେ ମଧ୍ୟ ଲୁହା ଚକ ଲଗା ଟ୍ରାକ୍ଟର ଚାଲୁଛି। ଏହାଫଳରେ ହରିହରପୁରକୁ ରାସ୍ତା ଖରାପ ହେତୁ ଆମ୍ବୁଲାନ୍ସ ଅଧା ବାଟରେ ଅଟକି ରହିଥିଲା। ଗାଡିଟି କାଦୁଅରେ ଫସି ଯାଇଥିଲା। ଏଣୁ ରୋଗୀଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଅଣାଯାଇଥିଲା। ତେବେ ଏ ବାବଦରେ ବୌଦ୍ଧ ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଂ ସନ୍ଦୀପ ଛୁଆଳସିଂଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ରାସ୍ତାରେ ବେଆଇନ ଲୁହା ଲଙ୍ଗଳ ବ୍ୟବହାରକୁ ନେଇ ବୌଦ୍ଧ ପରିବହନ ବିଭାଗ ଓ ପୁଲିସକୁ ଅବଗତ କରାଯାଇଛି। ଏ ଦିଗରେ ସେମାନେ ପଦକ୍ଷେପ ନେବେ ବୋଲି ଉତ୍ତର ରଖିଛନ୍ତି। ଜନସାଧାରଣ ଏ ଦିଗରେ ସଚେତନ ହେବା ଆବଶ୍ୟକ। ବେଆଇନ ଭାବେ ଚାଲୁଥିବା ଟ୍ରାକ୍ଟର ଚଳାଚଳକୁ ବନ୍ଦ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି।

## ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ୍ ର୍ୟାଙ୍କିଂ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ



ବୌଦ୍ଧ, ୩।୮ (ସମିସ): ବୌଦ୍ଧ ଜିଲ୍ଲା ବ୍ୟାଡମିନ ଆସୋସିଏସନ ପକ୍ଷରୁ ବୌଦ୍ଧ ଇନଡୋର ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ୍ ର୍ୟାଙ୍କିଂ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ୫୨ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପୁରୁଷ ସିଙ୍ଗଲ ସେମିଫାଇନାଲକୁ ଆୟୁଷ ଦାସ, ପରାସ ମାଥୁର, ଆରିୟା ମାଝି, ଅମ୍ରିତ ମହାନ୍ତି ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ମହିଳା ସିଙ୍ଗଲରେ ସେମିଫାଇନାଲକୁ ଗୀତା ଶ୍ରୀଡେ, ବର୍ଷା ମୁଖାର୍ଜୀ, ତୁମି ବାଗଚି, ହର୍ଷିତା ରାଉତ ଯୋଗ୍ୟ ବିବେଚିତ ହୋଇଛନ୍ତି। ପୁରୁଷ ଯୋଡି ସେମିଫାଇନାଲରେ ଅର୍ନିବାନ ଓ ପରାସ ଯୋଡି, ଏ.ସାମତ ଓ ଏସ କେ ମୋଦୀ ଯୋଡି, ଅଭିଜିତ ଓ ତନମୟ ଯୋଡି, ଅମ୍ଲାନ ଓ ସିର୍ଦ୍ଧାଥ ଯୋଡି ଯୋଗ୍ୟ ବିବେଚିତ ହୋଇଛନ୍ତି।

ଟୁର୍ଣ୍ଣାମେଣ୍ଟରେ ପୁରଷ ସିଙ୍ଗଲ୍ସ, ପୁରୁଷ ଡବଲ୍ସ, ମହିଳା ସିଙ୍ଗଲ୍ସ, ମହିଳା ଡବଲ୍ସ ଓ ମିଶ୍ରିତ ଡବଲ୍ସରେ ଖେଳ ଅନୁଷ୍ଠିତ ହେଉଛି। ଏଥିରେ ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ବରିଷ୍ଠ ସାମ୍ବାଦିକ ସୌମିତ୍ରୀ ନାୟକ, ରାଜ୍ୟ ବ୍ୟାଡମିଣ୍ଟନ୍ ସଂଘର ସମ୍ପାଦକ ନଳିନୀ କୁମାର, ରାଜ୍ୟ ସମ୍ପାଦକ ପ୍ରଦୀପ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଟୁର୍ଣ୍ଣାମେରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୧୧୧ ଜଣ ପୁରୁଷ ଓ ୧୭ ଜଣ ମହିଳା ଖେଳାଳି ଭାଗ ନେଇଛନ୍ତି। ଆସୋସିଏସନର ସମ୍ପାଦକ ସୁନ୍ଦର ପ୍ରକାଶ, ଉପସଭାପତି ପରେଶ ବେହେରା, କୋଷାଧ୍ୟକ୍ଷ ଶିବାନନ୍ଦ ସାହୁ, ଜୁଲିୟସ ସିଜର ମହାକୁଲ, ଆଲୋକ ରଥ, ଗଣେଶ ମହାପାତ୍ର ବିବେକ କର୍ଣ୍ଣ, ସନ୍ତୋଷ ମହାନ୍ତି, ସାଇ ଦାସ ଓ ଆସୋସିଏସନର ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୧୫ ● ପାଉଣ୍ଡ ୧୧୫.୨୬
- ୟୁରୋ ୧୦୦.୮ ● ୟେନ୍ ୦.୫୮

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୯୦୦ (ନୂଆଦିଲ୍ଲୀ)
- ରୁପା : ୧,୧୦,୦୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୫୯୯.୦୦
- ନିଫ୍ଟି ୨୪,୫୬୫.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ବ୍ୟକ୍ତିଗତ ଅଣ-ବାଣିଜ୍ୟିକ ଯାନ ପାଇଁ ଫାସ୍‌ଟ୍ୟାଗ୍ ବାର୍ଷିକ ପାସ୍

ନୂଆଦିଲ୍ଲୀ,୩।୮ (ଏଜେନ୍ସି):କେନ୍ଦ୍ର ସଡକ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ନୂତନ ଫାସ୍‌ଟ୍ୟାଗ୍ ବାର୍ଷିକ ପାସ୍ ବ୍ୟବସ୍ଥା ଆରମ୍ଭ କରିଛି। ଏହା ଅଗଷ୍ଟ ୧୫ରୁ ଉପଲବ୍ଧ ହେବ। ଏହାଛଡା ପୂର୍ବରୁ ଥିବା ଫାସ୍‌ଟ୍ୟାଗ୍ ବ୍ୟବସ୍ଥା ପୂର୍ବ ପରି ଜାରି ରହିବ। ଯେଉଁମାନେ ବାର୍ଷିକ ପାସ୍ ନେବାକୁ ଚାହୁଁନାହାଁନ୍ତି, ସେମାନେ ପୂର୍ବପରି ସେମାନଙ୍କର ଫାସ୍‌ଟ୍ୟାଗ୍ ସହ ସାଧାରଣ ଟୋଲ୍ ପେମେଣ୍ଟ ଜାରି ରଖିପାରିବେ। ଜଣେ ଏହି ପାସ୍ ପାଇଁ ନୂତନ ଆବେଦନ କରିପାରିବେ କିମ୍ବା ପୂର୍ବରୁ ଥିବା ଫାସ୍‌ଟ୍ୟାଗ୍ ବ୍ୟବହାର କରିପାରିବେ। ଏଥିପାଇଁ ଗାଡ଼ି ବାହାନ ଡାଟାବେସ୍‌ରେ ବୈଧ ଥିବା ଉଚିତ, ଗାଡ଼ିର ୱିଣ୍ଡସିଲ୍ଡରେ ଫାସ୍‌ଟ୍ୟାଗ୍ ଲାଗିବା ଜରୁରୀ। ଏହାବାଦ୍ ଗାଡ଼ିର ପଞ୍ଜିକରଣ ନମ୍ବର କଳା ତାଲିକାରେ ନ ରହିଥିବା ଉଚିତ୍। ଯଦି କେବଳ ଚେସିସ୍ ନମ୍ବର ଫାସ୍‌ଟ୍ୟାଗ୍‌ରେ ପଞ୍ଜିକୃତ ହୋଇଥାଏ, ତେବେ ଏଥିରେ ବାର୍ଷିକ ପାସ୍ ଜାରି କରାଯିବନାହିଁ। ଏଥିପାଇଁ ଗାଡ଼ିର ପଞ୍ଜିକରଣ ନମ୍ବର ଅପଡେଟ୍ କରିବା ଆବଶ୍ୟକ। ଏହି ପାସ୍ କେବଳ କାର୍, ଜିପ୍ ଏବଂ ଭ୍ୟାନ ଭଳି ବ୍ୟକ୍ତିଗତ ଅଣ-ବାଣିଜ୍ୟିକ ଯାନ ପାଇଁ ବୈଧ ହେବ। ଫାସ୍‌ଟ୍ୟାଗ୍ ସକ୍ରିୟ କରିବା ପୂର୍ବରୁ ଫାସ୍‌ଟ୍ୟାଗ୍ ଡାଟାବେସ୍‌ରୁ ଯାଞ୍ଚ କରାଯିବ। ଯଦି କୌଣସି ବାଣିଜ୍ୟିକ ଯାନ ଏହାକୁ ବ୍ୟବହାର କରେ, ତେବେ ମନ୍ତ୍ରଣାଳୟ ଅନୁଯାୟୀ ସେହି ପାସ୍ କୌଣସି ସୂଚନା ବିନା ତୁରନ୍ତ ବାତିଲ ହୋଇଯିବ। ଏହି ପାସ୍ କେବଳ ଜାତୀୟ ରାଜପଥ (ଏନ୍‌ଏଚ୍) ଏବଂ ଜାତୀୟ ଏକ୍ସପ୍ରେସୱେ (ଏନ୍‌ଇ) ର ଟୋଲ୍ ପ୍ଲାଜାରେ ବୈଧ ହେବ। ଯଦି ଆପଣ ଏହାକୁ ରାଜ୍ୟ ସରକାର କିମ୍ବା ସ୍ଥାନୀୟ ସଂସ୍ଥା ଦ୍ୱାରା ପରିଚାଳିତ ରାଜ୍ୟ ରାଜପଥ (ଏସ୍‌ଏଚ୍) କିମ୍ବା ଏକ୍ସପ୍ରେସୱେ ଟୋଲ୍‌ରେ ବ୍ୟବହାର କରନ୍ତି, ତେବେ ଏଥିପାଇଁ ଏକ ପୃଥକ ଉପଭୋକ୍ତା ଶୁଳ୍କ ଦେବାକୁ ପଡିପାରେ। ବାର୍ଷିକ ପାସ୍ ଥିବା ଫାସ୍‌ଟ୍ୟାଗ୍ କେବଳ ସେହି ଯାନ ପାଇଁ ବୈଧ ହେବ ଯେଉଁଥିରେ ଫାସ୍‌ଟ୍ୟାଗ୍ ଲାଗିଛି ଏବଂ ପଞ୍ଜିକୃତ ହୋଇଛି। ଯଦି ଅନ୍ୟ କୌଣସି ଯାନରେ ବ୍ୟବହାର କରାଯାଏ, ତେବେ ପାସ୍ ତୁରନ୍ତ ବାତିଲ ହୋଇଯିବ। ଦେୟ ନିଶ୍ଚିତ ହେବା ପରେ ୨୦୨୫-୨୬ ବର୍ଷ ପାଇଁ ପାସ୍ ୩,୦୦୦ ଟଙ୍କା ପଡ଼ିବ। ଏହି ପାସ୍ ସାଧାରଣତଃ ୨ ଘଣ୍ଟା ମଧ୍ୟରେ ସକ୍ରିୟ ହୋଇଯିବ। ଏହି ପାସ୍ ନିର୍ଦ୍ଦିଷ୍ଟ ଜାତୀୟ ରାଜପଥ ଏବଂ ଜାତୀୟ ଏକ୍ସପ୍ରେସୱେ ଟୋଲ୍ ପ୍ଲାଜାରେ ଏକ ବର୍ଷ କିମ୍ବା ୨୦୦ ଯାତ୍ରା (ଯେଉଁଟି ପୂର୍ବରୁ ହେବ) ପାଇଁ ବ୍ୟକ୍ତିଗତ କାର, ଜିପ୍ ଏବଂ ଭ୍ୟାନ ନିମନ୍ତେ ମାଗଣା ଯାତ୍ରା ଅନୁମତି ଦେବ। ଥରେ ଏହାର ସୀମା ବା ଲିମିଟ୍‌ରେ ପହଞ୍ଚିବା ପରେ ପାସ୍ ସ୍ୱୟଂଚାଳିତ ଭାବରେ ଏକ ସାଧାରଣ ଫାସ୍‌ଟ୍ୟାଗ୍‌ରେ ପରିବର୍ତ୍ତିତ ହେବ।

- ଫାସ୍‌ଟ୍ୟାଗ୍‌ରେ କେବଳ ଚେସିସ୍ ନମ୍ବର ଥିଲେ ମିଳିବନି ପାସ୍
- ଅଗଷ୍ଟ ୧୫ରୁ ହେବ ଉପଲବ୍ଧ




### ନିଜ ଜାଲରେ ଫସିବେ ଟ୍ରମ୍ପ

## ଗେମ୍ ବଦଳାଇବ ଭାରତ; ଇୟୁ, ମଧ୍ୟପ୍ରାଚ୍ୟମୁହାଁ ବ୍ୟବସାୟୀ

ନୂଆଦିଲ୍ଲୀ,୩।୮ (ଏଜେନ୍ସି)

ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତିକୁ ନେଇ ଆଲୋଚନା ଅଧା ବାଟରେ ଥିବାବେଳେ ଅଚାନକ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ଲଦିଛନ୍ତି ୨୫% ଶୁଳ୍କ। ଚୁକ୍ତି ଚୂଡ଼ାନ୍ତ ହୋଇନି, ହେଲେ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଫାଟ। ନୂଆ ଶୁଳ୍କ ଅଗଷ୍ଟ ୭ରୁ ଲାଗୁ ହେବ। ପୂର୍ବ ଅପେକ୍ଷା ୧୦ ଗୁଣା ଶୁଳ୍କ ବୃଦ୍ଧି କରିଛନ୍ତି ଟ୍ରମ୍ପ। କେବଳ ଟାରିଫ ନୁହେଁ, ଭାରତ ଋଷ ସହ ବ୍ୟବସାୟ କରୁଥିବାରୁ ଜରିମାନା ବି ଆଦାୟ କରିବାକୁ ଧମକ ଦେଇଛନ୍ତି। ଟ୍ରମ୍ପଙ୍କର ଏହି ଅଚାନକ ପଦକ୍ଷେପ ପରେ ଭାରତର ପ୍ରାୟ ୮୭ ବିଲିୟନ ଡଲାର ରପ୍ତାନି ଏବେ ବିପଦରେ।

ଋଷ ସହିତ ବ୍ୟବସାୟିକ ସମ୍ପର୍କ ଯୋଗୁ ଆମେରିକାର ଆକ୍ରୋଶର ଶିକାର ହୋଇଛି ଭାରତ। ଟ୍ରମ୍ପଙ୍କ ଟାରିଫ୍‌କୁ ବିଭିନ୍ନ ଦୃଷ୍ଟିକୋଣରେ ଦେଖାଯାଉଛି। ଏହା ତାଙ୍କର ବ୍ୟବସାୟିକ ନୀତି ନୁହେଁ, ବଂର ଚାପ ପକାଇବାର ଏକ ଉଦ୍ୟମ ବୋଲି ଅର୍ଥନୀତିଜ୍ଞମାନେ କହିବା ଆରମ୍ଭ କଲେଣି। ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ କରିବା ପାଇଁ ଅଗଷ୍ଟ ୨୫ରେ ଭାରତ ଆସୁଛନ୍ତି ଆମେରିକା ପ୍ରତିନିଧି ଦଳ। ତା' ପୂର୍ବରୁ ଏଭଳି ଆକ୍ରମଣାତ୍ମକ ମନୋଭାବ ପ୍ରୟୋଗ କରି ଟ୍ରମ୍ପ ଭାରତକୁ ଭୟଭୀତ କରାଇବାକୁ ଚାହୁଁଛନ୍ତି। ସେହିପରି ଋଷ ସହ ସମ୍ପର୍କ ବିଗାଡ଼ି ନିଜେ ଫାଇଦା ନେବାକୁ ଚାହୁଁଛି। ଋଷଠାରୁ ଭାରତର ତୈଳ ଏବଂ ଅସ୍ତ୍ରଶସ୍ତ୍ର କ୍ରୟକୁ ବିରୋଧ କରିଆସୁଛନ୍ତି ଟ୍ରମ୍ପ। ୟୁକ୍ରେନ୍ ଯୁଦ୍ଧ ରୋକିବା ଆଳରେ ଯେମିତି ଭାରତ ଋଷ ଠାରୁ ସାମଗ୍ରୀ ନ କିଣି ଆମେରିକାଠାରୁ ଅଧିକ ସାମଗ୍ରୀ କିଣିବ ତାହା ହିଁ ଟ୍ରମ୍ପଙ୍କର ଟାର୍ଗେଟ୍। କାରଣ ୟୁରୋପୀୟ ସଂଘ ଏବଂ ବ୍ରିଟେନ୍, ଇଣ୍ଡୋନେସିଆ, ଫିଲିପାଇନ୍ସ ଏବଂ ଭିଏତ୍ନାମ ଭଳି ରାଷ୍ଟ୍ରଗୁଡ଼ିକ ଅପେକ୍ଷା ଭାରତ ଉପରେ ଟ୍ରମ୍ପ ଅଧିକ ଶୁଳ୍କ ଲଗାଇଛନ୍ତି। ତେବେ ଚୀନ୍ ଉପରେ ଲାଗିଥିବା ୩୦% ଶୁଳ୍କ ତୁଳନାରେ ଏହା କମ୍ ରହିଛି। ପରୋକ୍ଷରେ କହିବାକୁ ଗଲେ ଆମେରିକାର ଶତ୍ରୁ ଟାର୍ଗେଟ୍‌ରେ ଚୀନ ପରେ ଏବେ ଦ୍ୱିତୀୟରେ ରହିଛି ଭାରତ।




**ଆମେରିକାର ମୁଦ୍ରାସ୍ଫୀତି ବଢ଼ିବ; ପ୍ରଭାବିତ ହେବେ ଉପଭୋକ୍ତା**

ଏସ୍‌ବିଆଇ ରିସର୍ଚ୍ଚ ରିପୋର୍ଟରେ ଟ୍ରମ୍ପଙ୍କ ଶୁଳ୍କ ଆମେରିକା ପାଇଁ ବୁମେରାଂ ହେବ ବୋଲି କୁହାଯାଇଛି। ଏସ୍‌ବିଆଇ କହିଛି ଏହା ଆମେରିକାର ସବୁଠାରୁ 'ଖରାପ ବାଣିଜ୍ୟ ନୀତି'। କାରଣ ଏହା ଦ୍ୱାରା ଆମେରିକାର ଘରୋଇ ମୁଦ୍ରାସ୍ଫୀତି ବଢ଼ିବ। ଏଥିରେ ଆମେରିକାର ଉପଭୋକ୍ତା ପ୍ରଭାବିତ ହେବେ। ଟ୍ରମ୍ପଙ୍କ ଶୁଳ୍କ ମାଡ଼ ପରେ ଭାରତ ସରକାର ହଠାତ୍ ପ୍ରତିକ୍ରିୟାଶୀଳ ନ ହୋଇ ନିରବରେ ରାସ୍ତା ଖୋଜୁଛନ୍ତି। ଅନ୍ୟପଟେ ଭାରତର ବ୍ୟବସାୟୀମାନେ ଏବେ ଆମେରିକା ପରିବର୍ତ୍ତେ ବିକଳ୍ପ ବଜାର ସନ୍ଧାନରେ ମୁହାଁଇଛନ୍ତି। ଭାରତୀୟ ରପ୍ତାନିକାରୀମାନେ ୟୁରୋପୀୟ ସଂଘ(ଇୟୁ),ଅନ୍ୟ ଏସୀୟ ଦେଶ ଏବଂ ମଧ୍ୟପ୍ରାଚ୍ୟ ବଜାର ଆଡ଼କୁ ମୁହାଇଁଲେଣି। ବିଶେଷ କରି ଇଞ୍ଜିନିୟରିଂ ସାମଗ୍ରୀ ଏବଂ ଜଳବାୟୁ-ସମୃଦ୍ଧ ଉତ୍ପାଦନ ଭଳି କ୍ଷେତ୍ରଗୁଡ଼ିକ ଟ୍ରାକ୍ ଚେଞ୍ଜ ପାଇଁ ଉଦ୍ୟମ ଆରମ୍ଭ କରିଦେଲେଣି।

## କେ ଜେ ପଟେଲ ଇଫ୍‌କୋର ନୂଆ ଏମ୍‌ଡି

ଭୁବନେଶ୍ୱର,୩।୮ (ସମିସ): କେ ଜେ ପଟେଲ ହୋଇଛନ୍ତି ଇଫ୍‌କୋର ନୂତନ ମ୍ୟାନେଜିଂ ଡାଇରେକ୍ଟର (ଏମ୍‌ଡି)। ଏହି ନୂଆ ପଦ ପାଇଁ ଇଫ୍‌କୋ ଅଧ୍ୟକ୍ଷ ଦିଲୀପ ସଂଘାନି ଶ୍ରୀ ପଟେଲଙ୍କ ନାମ ଘୋଷଣା କରିଛନ୍ତି। ପୂର୍ବରୁ ଶ୍ରୀ ପଟେଲ ଡାଇରେକ୍ଟର (ଟେକ୍ନିକାଲ, ଇଫ୍‌କୋ) ଭାବରେ କାର୍ଯ୍ୟ କରୁଥିଲେ। ସାର ଶିଳ୍ପରେ ତାଙ୍କର ବ୍ୟାପକ ଅଭିଜ୍ଞତା ରହିଛି। ଶ୍ରୀ ପଟେଲ ସୌରାଷ୍ଟ୍ର ୟୁନିଭରସିଟିର ମେକାନିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଛନ୍ତି ଏବଂ ନାଇଟ୍ରୋଜେନସ୍ ଓ ଫସଫେଟିକ ଫର୍ଟିଲାଇଜର ପ୍ଲାଣ୍ଟଗୁଡିକର ପରିଚାଳନା ଓ ରକ୍ଷଣାବେକ୍ଷଣରେ ତାଙ୍କର ୩୨ ବର୍ଷରୁ ଅଧିକ କାଳ ଅଭିଜ୍ଞତା ରହିଛି। ପରିଚାଳନାଗତ ଉତ୍କର୍ଷତା ଏବଂ ଦୀର୍ଘସ୍ଥାୟୀ ଅଭିବୃଦ୍ଧିକୁ ଆଗେଇନେବାରେ ତାଙ୍କର ମଜଭୁତ ପିଛିଲା ରେକର୍ଡ ନିମନ୍ତେ ସେ ସୁପରିଚିତ। ସେ ଭାରତରେ ସର୍ବବୃହତ କମ୍ପ୍ଲେକ୍ସ ସାର କାରଖାନା ପାରାଦୀପ ପ୍ଲାଣ୍ଟର ନେତୃତ୍ୱ ନେଉଥିଲେ। ଏହି ନିଯୁକ୍ତି ଉପରେ ଶ୍ରୀ ସଂଘାନି କହିଛନ୍ତି ଯେ, ଶ୍ରୀ ପଟେଲଙ୍କର ଶିଳ୍ପ ସମ୍ପର୍କିତ ଗଭୀର ଜ୍ଞାନ, ପ୍ରମାଣିତ ରଣକୌଶଳାତ୍ମକ ଚିନ୍ତନ ଆଭିମୁଖ୍ୟ ରହିଛି, ଯାହା ଇଫ୍‌କୋର ଲକ୍ଷ୍ୟ ସମୂହ ସହିତ ମେଳ ଖାଉଛି। ଏଥିସହ ସେ କହିଥିଲେ ଯେ, ବୋର୍ଡ ଦୃଢ ନିଶ୍ଚିତ ଯେ ଶ୍ରୀ ପଟେଲ ଇଫ୍‌କୋକୁ ନବସୃଜନ ଏବଂ ମୂଲ୍ୟ ସୃଷ୍ଟି କ୍ଷେତ୍ରରେ ଏକ ନୂତନ ଯୁଗକୁ ଆଗେଇନେବେ ଏବଂ ଇଫ୍‌କୋ ତାହାର ମଜଭୁତ ମୂଳଦୁଆ ଉପରେ ଆଗକୁ ବଢିବା ଜାରି ରଖିବା ସହିତ କୃଷକ ଓ ସମବାୟ ସଂସ୍ଥାଗୁଡିକର କଲ୍ୟାଣ ଦିଗରେ ନିରନ୍ତର କାର୍ଯ୍ୟ କରିବ। ଶ୍ରୀ ସଂଘାନି ମଧ୍ୟ ବିଦାୟୀ ଏମ୍‌ଡି ଡଃ.ୟୁ ଏସ ଅୱସ୍ଥିଙ୍କୁ ଇଫ୍‌କୋ ଓ ସମଗ୍ର ଦେଶରେ କୃଷକ ସମୁଦାୟଙ୍କ ପ୍ରତି ବହୁମୂଲ୍ୟ ଅବଦାନ ଓ ଉତ୍ସର୍ଗୀକୃତ କାର୍ଯ୍ୟ ନିମନ୍ତେ ଧନ୍ୟବାଦ ଜଣାଇଛନ୍ତି।



## ଟାରିଫ୍‌ରୁ ଆୟ ଅର୍ଥକୁ ଆମେରିକା ଲୋକଙ୍କ ମଧ୍ୟରେ ବାଣ୍ଟିବେ ଟ୍ରମ୍ପ

ୱାଶିଂଟନ୍,୩।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ଯୋଜନାରେ କାମ କରୁଛନ୍ତି ଯାହା ଶୁଣିବାକୁ ଅଜବ ଲାଗୁଥାଇପାରେ, କିନ୍ତୁ ଯଦି ଏହା କାର୍ଯ୍ୟକାରୀ ହୁଏ, ତେବେ ଏହା ସାଧାରଣ ଆମେରିକୀୟ ନାଗରିକଙ୍କ ପାଇଁ ଏକ ବଡ଼ ଖବର ପ୍ରମାଣିତ ହୋଇପାରେ। ରଏଟର୍ସର ଏକ ରିପୋର୍ଟ ଅନୁଯାୟୀ, ଟ୍ରମ୍ପ କହିଛନ୍ତି ଯେ ସେ ଅନ୍ୟ ଦେଶରୁ ଶୁଳ୍କ ମାଧ୍ୟମରେ ସଂଗ୍ରହ କରୁଥିବା ଟଙ୍କାର ଏକ ଅଂଶକୁ ଲାଭାଂଶ ଭାବରେ ତାଙ୍କ ଦେଶର ଲୋକଙ୍କ ମଧ୍ୟରେ ବଣ୍ଟନ କରିବାକୁ ବିଚାର କରୁଛନ୍ତି। ଅର୍ଥାତ୍, ଭାରତ ସମେତ ଅନେକ ଦେଶରୁ ଆମଦାନୀ ଉପରେ ଲାଗୁ ହୋଇଥିବା ଭାରୀ ଟିକସରୁ ସୃଷ୍ଟି ହେଉଥିବା ଆୟ ସିଧାସଳଖ ଆମେରିକୀୟ ନାଗରିକଙ୍କୁ ଲାଭ ଦେଇପାରିବ।

ଗତ ସପ୍ତାହରେ, ଟ୍ରମ୍ପ ଭାରତରୁ ଆସୁଥିବା ସାମଗ୍ରୀ ଉପରେ ୨୫% ଶୁଳ୍କ ଘୋଷଣା କରିଥିଲେ। ଏହି ଟିକସ ଅଗଷ୍ଟ ୭ରୁ ଲାଗୁ କରାଯିବ। ସେହିଦିନ, ଟ୍ରମ୍ପ ଏହା ମଧ୍ୟ ସୂଚାଇ ଦେଇଥିଲେ ଯେ ଶୁଳ୍କରୁ ଉପାର୍ଜନ ହୋଇଥିବା ଟଙ୍କାର ଏକ ଅଂଶ ଲୋକଙ୍କ ମଧ୍ୟରେ ବଣ୍ଟନ କରାଯାଇପାରିବ। ଏହି ଯୋଜନା ପଛରେ ଟ୍ରମ୍ପଙ୍କ ଯୁକ୍ତି ହେଉଛି ଯେ ଯେତେବେଳେ ବିଦେଶୀ କମ୍ପାନୀଗୁଡ଼ିକ ଆମେରିକୀୟ ବଜାରରେ ସାମଗ୍ରୀ ବିକ୍ରି କରିବା ପାଇଁ ଭାରୀ ଟିକସ ଦେବେ, ସେତେବେଳେ ସରକାର ଏଥିରୁ ଏକ ବିପୁଳ ପରିମାଣର ରାଜସ୍ୱ ପାଇବେ। ସରକାର ସେହି ଟଙ୍କା ସିଧାସଳଖ ତାଙ୍କ ନାଗରିକଙ୍କୁ ଦେଇପାରିବେ। ଏହା ଏପରି ହେବ, ଯେପରି କମ୍ପାନୀଗୁଡ଼ିକ ସେମାନଙ୍କର ଲାଭରୁ ସେମାନଙ୍କର ଅଂଶୀଦାରମାନଙ୍କୁ ଲାଭାଂଶ ଦେଇଥାନ୍ତି। ଯଦିଓ ଏହି ଯୋଜନାର କୌଣସି ସରକାରୀ ଘୋଷଣା ଏ ପର୍ଯ୍ୟନ୍ତ କରାଯାଇନାହିଁ, କିନ୍ତୁ ଟ୍ରମ୍ପଙ୍କ ଏହି ବକ୍ତବ୍ୟକୁ ନିଜ ଭିତରେ ଏକ ବଡ଼ ରାଜନୈତିକ ସଙ୍କେତ ବୋଲି ବିବେଚନା କରାଯାଉଛି।

## ଟ୍ରମ୍ପ ଦ୍ୱିତୀୟ ଥର ରାଷ୍ଟ୍ରପତି ହେବା ପରେ ଆମେରିକାରୁ ଦୁଇ ଗୁଣ ତେଲ ଆମଦାନୀ

ନୂଆଦିଲ୍ଲୀ,୮।୩(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ କ୍ଷମତାକୁ ଆସିବା ପରେ ଭାରତ ତା'ର ତୈଳ ଆମଦାନୀ ବୃଦ୍ଧି କରିଛି। ଜାନୁଆରୀ ୨୦୨୫ ପରଠାରୁ ଭାରତ ଆମେରିକାରୁ ଅଧିକ ତେଲ କିଣିବା ଆରମ୍ଭ କରିଛି। ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରପତି ହେବା ପରେ ଆମେରିକାରୁ ଭାରତର ଅଶୋଧିତ ତୈଳ ଆମଦାନୀ ୫୧ ପ୍ରତିଶତ ବୃଦ୍ଧି ପାଇଛି। କାରଣ ଗତ ବର୍ଷ ତୁଳନାରେ ଆମଦାନୀ ଅଧାରୁ ଅଧିକ ବୃଦ୍ଧି ପାଇଛି।

**ଜାନୁଆରୀଠାରୁ କାରବାର ୫୧% ବଢ଼ିଛି**




ରିପୋର୍ଟ ଅନୁଯାୟୀ, ଜାନୁଆରୀ ୨୦୨୫ ପରଠାରୁ ଭାରତ ଆମେରିକାରୁ ତେଲ କିଣିବାର ଗତି ବୃଦ୍ଧି କରିଛି। ଗତ ବର୍ଷ ଏହି ସମୟ ମଧ୍ୟରେ, ଭାରତ ପ୍ରତିଦିନ ୦.୧୮ ନିୟୁତ ବ୍ୟାରେଲ ତେଲ ଆମଦାନୀ କରିଥିଲା। ଯାହା ଚଳିତବର୍ଷ ପ୍ରତିଦିନ ୦.୨୭୧ ନିୟୁତ ବ୍ୟାରେଲକୁ ବୃଦ୍ଧି ପାଇଛି। ଏହି ଅଭିବୃଦ୍ଧି ଏପ୍ରିଲ-ଜୁନ୍ ୨୦୨୫ରେ ଆହୁରି ଦ୍ରୁତ ଗତିରେ ବୃଦ୍ଧି ପାଇଛି, ଯାହା ୨୦୨୪ ତୁଳନାରେ ୧୧୪% ଅଧିକ। ୨୦୨୪-୨୫ର ପ୍ରଥମ ତ୍ରୈମାସିକରେ ଭାରତ ୧.୭୩ ବିଲିୟନ ଡଲାର ମୂଲ୍ୟର ତେଲ ଆମଦାନୀ କରିଥିଲା। ସେହି ସମୟରେ, ୨୦୨୫-୨୬ର ପ୍ରଥମ ତ୍ରୈମାସିକରେ ଏହି ପରିମାଣ ୩.୭ ବିଲିୟନ ଡଲାରକୁ ବୃଦ୍ଧି ପାଇଛି। ଜୁଲାଇରେ ଭାରତ ଜୁନ୍ ତୁଳନାରେ ଆମେରିକାରୁ ୨୩% ଅଧିକ ଅଶୋଧିତ ତେଲ ଆମଦାନୀ କରିଥିଲା। ଭାରତର ମୋଟ ଅଶୋଧିତ ଆମଦାନୀରେ ଆମେରିକାର ଅଂଶ ପୂର୍ବରୁ ୩% ଥିଲା, ଯାହା ଜୁଲାଇରେ ୮%କୁ ବୃଦ୍ଧି ପାଇଛି। ଭାରତୀୟ କମ୍ପାନୀଗୁଡ଼ିକ ୨୦୨୫-୨୬ ଆର୍ଥିକ ବର୍ଷରେ ଆମେରିକାରୁ ଅଶୋଧିତ ତୈଳ ଆମଦାନୀ ୧୫୦% ପର୍ଯ୍ୟନ୍ତ ବୃଦ୍ଧି କରିପାରିବେ। ତେଲ ବ୍ୟତୀତ, ଭାରତ ଆମେରିକାରୁ ପେଟ୍ରୋଲିୟମ ଗ୍ୟାସ (ଏଲପିଜି) ଏବଂ ପ୍ରାକୃତିକ ଗ୍ୟାସ (ଏଲଏନଜି) ଆମଦାନୀ ମଧ୍ୟ ବୃଦ୍ଧି କରିଛି।

# ରାଜ୍ୟ ଖବର

### ପୁଣି ଉଠିଲା ହାଇକୋର୍ଟ ବେଞ୍ଚ ଦାବି

## ବିଜେପି ସରକାର ପ୍ରତିଶ୍ରୁତି ରକ୍ଷା କରୁ: କୋଶଳ ରାଜ୍ୟ ସମନ୍ୱୟ ସମିତି



ବଲାଙ୍ଗିର,୩।୮ (ସମିସ): ପୁଣି ଉଠିଲା ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବି। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ଏକ ବେଞ୍ଚ ସ୍ଥାପନ କରିବା ପାଇଁ ଦାବି ଉପସ୍ଥାପନ କରିଛି କୋଶଳ ରାଜ୍ୟ ସମନ୍ୱୟ ସମିତି। ବଲାଙ୍ଗିର ସାମ୍ବାଦିକ ଭବନଠାରେ ସମିତି ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆବାହକ ପ୍ରମୋଦ ମିଶ୍ର କହିଛନ୍ତି ଯେ ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ସହ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରାଯାଉ। ଇତିମଧ୍ୟରେ, ବମ୍ବେ ହାଇକୋର୍ଟର ଚତୁର୍ଥ ବେଞ୍ଚ କୋହ୍ଲାପୁରଠାରେ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ନାଗପୁର, ଔରଙ୍ଗାବାଦ ଓ ଗୋଆ ନିକଟବର୍ତ୍ତୀ ଅଞ୍ଚଳରେ ତିନୋଟି ବେଞ୍ଚ ଥିବା ବେଳେ ଏବେ ଚତୁର୍ଥ ବେଞ୍ଚକୁ ଅନୁମୋଦନ ମିଳିଛି। ଏହାବ୍ୟତୀତ କର୍ଣ୍ଣାଟକ ହାଇକୋର୍ଟ, ମାଡ୍ରାସ ହାଇକୋର୍ଟ, ଆଲ୍ଲାବାଦ ହାଇକୋର୍ଟ, ଗୌହାଟୀ ହାଇକୋର୍ଟ, ମଧ୍ୟପ୍ରଦେଶ ହାଇକୋର୍ଟ, କେରଳ ହାଇକୋର୍ଟ ଓ ଅନ୍ୟ କିଛି ହାଇକୋର୍ଟର ମଧ୍ୟ ସ୍ଥାୟୀ ହାଇକୋର୍ଟ ବେଞ୍ଚ ରହିଛି। କିନ୍ତୁ ଓଡ଼ିଶାରେ ନାହିଁ। ଓଡ଼ିଶା ହାଇକୋର୍ଟଠାରୁ କୋଶଳାଞ୍ଚଳର ବିଭିନ୍ନ ଜିଲ୍ଲାର ଦୂରତ୍ୱ, ମକଦ୍ଦମା ସଂଖ୍ୟା, ଲୋକଙ୍କ ଅର୍ଥନୈତିକ ଅବସ୍ଥା ଓ ଅନ୍ୟାନ୍ୟ ବିଷୟବସ୍ତୁକୁ ଦୃଷ୍ଟିରେ ରଖି ଯଶୋବନ୍ତ ସିଂ କମିଶନର ରିପୋର୍ଟ ଅନୁଯାୟୀ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ଦୀର୍ଘ ଚାରିଦଶକ ହେଲା ଦାବି ହୋଇଆସୁଛି। ଗତ ୧୫ବର୍ଷ ଧରି ଆଇନଜୀବୀ ଓ ଜନସାଧାରଣଙ୍କ ତରଫରୁ ସାରା କୋଶଳାଞ୍ଚଳରେ ଲମ୍ବା ଲଢ଼େଇ ମଧ୍ୟ ହୋଇଥିଲା। ବର୍ତ୍ତମାନର ବିଜେପି ସରକାର ବିରୋଧୀ ଦଳରେ ଥିବା ବେଳେ ପ୍ରତିଶ୍ରୁତି ଦେଇଥିଲେ। କ୍ଷମତାକୁ ଆସିଲେ କୋଶଳାଞ୍ଚଳରେ ହାଇକୋର୍ଟ ବେଞ୍ଚ ସ୍ଥାପନ କରିବେ ବୋଲି କହିଥିଲେ। ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲିଛି। ତେଣୁ ସମୟ ଆସିଛି, ବିଜେପି ସରକାର ତାଙ୍କର ପ୍ରତ୍ରୁଶ୍ରୁତି ପୂରଣ କରୁ। କୋଶଳାଞ୍ଚଳରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବିକୁ ନେଇ ଅଞ୍ଚଳର ନିର୍ବାଚିତ ପ୍ରତିନିଧିମାନେ ତୁରନ୍ତ ସରକାରଙ୍କୁ ପ୍ରଭାବିତ କରନ୍ତୁ ବୋଲି ଶ୍ରୀ ମିଶ୍ର ଦାବି କରିଛନ୍ତି।

କୋଶଳାଞ୍ଚଳର ଦୁଇଟି ମୁଖ୍ୟ ଦାବି ହେଲା ସମ୍ବିଧାନର ଧାରା ୩ ଅନୁଯାୟୀ ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଓ କୋଶଳାଞ୍ଚଳରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ। ଏହି ଉଭୟ ଦାବି ହାସଲ କରିବା ପାଇଁ ଲମ୍ବା ଲଢେଇ କରିବାକୁ ପଡ଼ିବ। ଏଥିପାଇଁ କୋଶଳାଞ୍ଚଳର ଜନସାଧାରଣ ଛୋଟଛୋଟ ଗୋଷ୍ଠୀରେ ବିଭକ୍ତ ନ ହୋଇ ଦଳୀୟ ବିଚାରଧାରା ଓ ଅଞ୍ଚଳଗତ ବିଚାରଧାରାରୁ ଉଚ୍ଚକୁ ଆସି ଏକତ୍ରିତ ଭାବରେ ଲଢ଼ିବାକୁ ସମର୍ପିତ ହୁଅନ୍ତୁ ବୋଲି ଶ୍ରୀ ମିଶ୍ର ଆହ୍ୱାନ ଦେଇଛନ୍ତି। ଏହି ଦାବି ନେଇ ଖୁବ୍‌ଶୀଘ୍ର କୋଶଳ ଆନ୍ଦୋଳନ ତରଫରୁ ଏକ ପ୍ରତିନିଧି ଦଳ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଖକୁ ଯିବ ବୋଲି ମିଶ୍ର ସୂଚନା ଦେଇଛନ୍ତି।

**ଅନ୍ତ୍ୟୋଦୟ ହିତାଧିକାରୀ ହନ୍ତସନ୍ତ**

## ମିଳୁନି ଦ୍ୱିତୀୟ କିସ୍ତି; ଆଗଉନି କାମ

ଭୁବନେଶ୍ୱର, ୩।୮ (ସମିସ): ଗତ ମାର୍ଚ୍ଚ ୩୦ରେ ରାଜ୍ୟ ସରକାର ଅନ୍ତ୍ୟୋଦୟ ଗୃହ ଯୋଜନା ଲାଗୁ କଲେ। ପ୍ରାଥମିକ ପର୍ଯ୍ୟାୟରେ ପୂର୍ବ ଓ ଚଳିତ ଆର୍ଥିକ ବର୍ଷକୁ ମିଶାଇ ୫୦ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଟଙ୍କା ଦେଲେ। ମାତ୍ର ୫ ମାସ ବିତି ଯାଇଥିଲେ ବି ଲୋକଙ୍କୁ ଦ୍ୱିତୀୟ କିସ୍ତି ଟଙ୍କା ମିଳୁନି। ହିତାଧିକାରୀମାନେ ପ୍ରଥମ କିସ୍ତି ଟଙ୍କା ପାଇବାରେ ପରେ ଧାର୍‌ଉଧାର୍ କରି ଘରର ଅଧାଅଧି କାମ ସାରି ଦେଇଛନ୍ତି। ଏବେ ଦ୍ୱିତୀୟ କିସ୍ତି ଟଙ୍କା ନ ମିଳିବାରୁ କେମିତି ଘର କାମ କରିବେ ଓ ଉଧାର ଶୁଝିବେ ସେହି ଚିନ୍ତା ସମସ୍ତଙ୍କୁ ଘାରୁଛି। ହେଲେ ଅନ୍ତ୍ୟୋଦୟ ଅନ୍‌ଲାଇନ୍ ପୋର୍ଟାଲ୍ ଖୋଲୁ ନ ଥିବାରୁ ତୃଣମୂଳସ୍ତରରେ ପ୍ରଶାସନ ବି କିଛି କରିପାରୁନି। ତେଣୁ ସରକାର ଏହା ଉପରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

ସୂଚନାନୁସାରେ, ପ୍ରଥମ ପର୍ଯ୍ୟାୟରେ ଯେଉଁ ହିତାଧିକାରୀମାନଙ୍କୁ ଚୟନ କରାଯାଇଥିଲା, ସେମାନଙ୍କ ମଧ୍ୟରୁ ଅଧିକାଂଶ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପାଇବାର ମାସକ ପରେ ପ୍ରଥମ କିସ୍ତି ଟଙ୍କା ଦିଆଯାଇଥିଲା। ଏବେ ବି ଅଧିକାଂଶ ଲୋକଙ୍କୁ ପ୍ରଥମ କିସ୍ତି ଟଙ୍କା ମିଳିନି। ଯେଉଁମାନେ ପ୍ରଥମ କିସ୍ତ ପାଇଥିଲେ, ସେମାନଙ୍କୁ ଦ୍ୱିତୀୟ କିସ୍ତି ଟଙ୍କା ଏଯାଏଁ ମିଳିନି। ପ୍ରାୟ ୩ ମାସ ହେବ ସରକାରଙ୍କ ଅନ୍ତ୍ୟୋଦୟ ପୋର୍ଟାଲ ଖୋଲୁନଥିବାରୁ ଏହି ସମସ୍ୟା ହୋଇଥିବା ଜଣାପଡ଼ିଛି। ସାରା ରାଜ୍ୟରେ ଏଭଳି ସମସ୍ୟା ଦେଖାଦେଇଛି। ଖୁବ୍‌ଶୀଘ୍ର ରାଜ୍ୟ ସରକାର ପୋର୍ଟାଲ୍ ଠିକ୍‌କରି ଲୋକଙ୍କୁ ଠିକଣା ସମୟରେ ଟଙ୍କା ଦେବା ବ୍ୟବସ୍ଥା କରିବା ଜରୁରୀ ବୋଲି ଦାବି କରାଯାଉଛି। ପୋର୍ଟାଲ ଖୋଲୁ ନ ଥିବାରୁ ଦ୍ୱିତୀୟ କିସ୍ତି ଟଙ୍କା ହିତାଧିକାରଙ୍କ ପାଖକୁ ଆସିପାରୁ ନାହିଁ। ଫଳରେ ସରକାରୀ ନିୟମ ଅନୁସାରେ କାର୍ଯ୍ୟାଦେଶ ମିଳିବାର ୪ମାସ ଭିତରେ ଘର ସମ୍ପୂର୍ଣ୍ଣ କଲେ, ମିଳିବାକୁ ଥିବା ପ୍ରୋତ୍ସାହନ ରାଶି ପାଇବାରୁ ହିତାଧିକାରୀ ବଞ୍ଚିତ ହେବା ଆଶଙ୍କା ଦେଖାଦେଇଛି। ପ୍ରଶାସନ ପକ୍ଷରୁ କୁହାଯାଇଛି, ପୂର୍ବରୁ ହିତାଧିକାରୀ ନାମାନୁସାରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଦିଆଯାଉଥିଲା। ହିତାଧିକାରୀ ଅବା ସେମାନଙ୍କ ବାପାଙ୍କର ସମାନ ନାଁ ଥିବା କ୍ଷେତ୍ରରେ ଟଙ୍କା ଅନ୍ୟ ଆକାଉଣ୍ଟକୁ ଚାଲିଗଲା। ତେଣୁ ଏବେ ଡିବିଟି ବ୍ୟବସ୍ଥା ଅନୁସାରେ ଟଙ୍କା ଦିଆଯାଉଛି। ଯେଉଁ ବ୍ୟାଙ୍କ୍ ଆକାଉଣ୍ଟ ଆଧାର କାର୍ଡ ସହ ଲିଙ୍କ୍ ଥିବା ସେହି ଆକାଉଣ୍ଟକୁ ଟଙ୍କା ସିଧାସଳଖ ଯିବ। ତେଣୁ ଏହି ବ୍ୟବସ୍ଥା ସଜାଡ଼ିବାରେ ସମୟ ଲାଗୁଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ କାର୍ଯ୍ୟାଦେଶ ପାଇ ମଧ୍ୟ ବିଳମ୍ବରେ ଟଙ୍କା ମିଳିବା, ପୋର୍ଟାଲ୍ କାମ ନ କରିବା ଏବଂ ବର୍ଷାଦିନ ଯୋଗୁଁ ଘର ତିଆରି ପାଇଁ ଆବଶ୍ୟକ ଉପକରଣ ସହଜରେ ମିଳୁ ନ ଥିବାରୁ ହିତାଧିକାରୀ ଚିନ୍ତାରେ ପଡ଼ିଛନ୍ତି।

- ପୂରଣ ହୋଇପାରୁନି କୋଠା ଘର ସ୍ୱପ୍ନ
- ୩ ମାସ ହେଲା ପୋର୍ଟାଲ୍ ଅଚଳ

ଉଲ୍ଲେଖଥାଉ କି, ରାଜ୍ୟ ସରକାରଙ୍କ ଏହା ନିଜସ୍ୱ ଯୋଜନା। କ୍ୟାନ୍ସର ରୋଗୀ, ଦିବ୍ୟାଙ୍ଗ, ବିଧବା, ସହିଦ ପରିବାର, ହାତୀ ଉପଦ୍ରବ ଏବଂ ଘରପୋଡ଼ିରେ କ୍ଷତିଗ୍ରସ୍ତ ଆଦି ୧୧ଟି ବର୍ଗର ଲୋକଙ୍କୁ ଅଗ୍ରାଧିକାର ଦିଆଯାଇ ଯୋଜନାରେ ଘର ଯୋଗାଇ ଦେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ରାଜ୍ୟ ବଜେଟ୍‌ରେ ୭୫୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମାତ୍ର ଆରମ୍ଭରୁ ଏହି ଯୋଜନାରେ କେଁ ଦେଖିବାକୁ ମିଳିଲାଣି। ପୂର୍ବରୁ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ମିଳିଥିଲେ ବି ଟଙ୍କା ମିଳୁ ନ ଥିଲା। ଏବେ ପୁଣି ପୋର୍ଟାଲ୍ ଖୋଲୁ ନ ଥିବାରୁ ଦ୍ୱିତୀୟ କିସ୍ତି ଟଙ୍କା ମିଳୁନି। ସରକାର କେବଳ ଯୋଜନା କରି ନିଜ ଦାୟିତ୍ୱ ସାରିଦେଉଛନ୍ତି। ମାତ୍ର ତୃଣମୂଳସ୍ତରରେ ଏହାର କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦେଉନାହାନ୍ତି। ତେଣୁ ସାଧାରଣ ଗରିବ ହିତାଧିକାରୀ ଘରଟିଏ ତୋଳିବା ପାଇଁ ଯେଉଁ ସ୍ୱପ୍ନ ଦେଖୁଛି, ତାହା ପୂରଣ ହୋଇପାରୁନି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି।

## ସ୍କିମାଟିକ୍ ଶିକ୍ଷକ ପଦ ଉଚ୍ଛେଦ ପାଇଁ ପ୍ରସ୍ତାବ

ଭୁବନେଶ୍ୱର,୩।୮ (ସମିସ): ଆଉ ନିଯୁକ୍ତି ହେବେନି କନିଷ୍ଠ ସ୍କିମାଟିକ୍ ଶିକ୍ଷକ। ପ୍ରାଥମିକ ଶିକ୍ଷକ ନିଯୁକ୍ତିରୁ ଏହାକୁ ଉଠାଇ ଦିଆଯିବ। ସ୍କିମାଟିକ୍ ବଦଳରେ ସରକାରୀ ଶିକ୍ଷକ ଭାବେ ନିଯୁକ୍ତି ମିଳବ। ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷକଙ୍କ ପରି ପ୍ରାଥମିକ ଶିକ୍ଷାରେ ମଧ୍ୟ ନିୟମିତ ଶିକ୍ଷକ ନିଯୁକ୍ତି କରାଯିବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗତ ଏପ୍ରିଲ୍ ମାସରେ ହୋଇଥିବା ବୈଠକ ଅନୁଯାୟୀ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ସେହିପରି ଠିକା ବା ସ୍କିମାଟିକ୍ ନିଯୁକ୍ତି ସମୟସୀମାକୁ ସେମାନଙ୍କ ମୂଳ ଚାକିରିରେ ଗଣାଯିବ। ଅବସରକାଳୀନ ସହାୟତା ସମୟରେ ଏହା ସହାୟକ ହେବ। ହେଲେ ସେମାନେ ଏରିଅର୍ ଦରମା ପାଇଁ ଦାବି କରିପାରିବେ ନାହିଁ। ନିୟମିତ ତାରିଖ ଅନୁଯାୟୀ ସେମାନଙ୍କୁ ବରିଷ୍ଠ ଭାବେ ଗଣନା କରାଯିବ। ଭବିଷ୍ୟତରେ ସମସ୍ତ ପ୍ରକାର ପ୍ରାଥମିକ ଶିକ୍ଷକ ନିଯୁକ୍ତି ରେଗୁଲାର୍ କରାଯିବ ବୋଲି ପ୍ରସ୍ତାବରେ କୁହାଯାଇଛି।

ଅନୁରୂପ ଭାବେ ପ୍ରଥମରୁ ପଞ୍ଚମ ଶେଣୀ ପର୍ଯ୍ୟନ୍ତ ଛାତ୍ର-ଶିକ୍ଷକ ଅନୁପାତ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ୬୦ଜଣ ଯାଏଁ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟରେ ୨ ଜଣ ଶିକ୍ଷକ ରହିବେ। ସେହିପରି ୬୧ରୁ ୯୦ ଯାଏଁ ଛାତ୍ରଛାତ୍ରୀ ଥିଲେ ୩ ଜଣ, ୯୧ରୁ ୧୨୦ ଛାତ୍ରଛାତ୍ରୀଙ୍କ ପାଇଁ ୪ଜଣ ଏବଂ ୧୨୧ରୁ ୨୦୦ ଛାତ୍ରଛାତ୍ରୀଙ୍କ ପାଇଁ ୫ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ। ୧୫୦ରୁ ଅଧିକ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟରେ ୫ଜଣ ଶିକ୍ଷକଙ୍କ ସହ ଜଣେ ପ୍ରଧାନ ଶିକ୍ଷକ ରହିବେ। ୨ଶହରୁ ଅଧିକ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟରେ ଛାତ୍ର-ଶିକ୍ଷକ ଅନୁପାତ ୪୦ ରହିବ। ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀ ପିଛା ଜଣେ ଲେଖାଏଁ ଶିକ୍ଷକ ନିଯୁକ୍ତି ହେବେ। ଅର୍ଥାତ୍ ସର୍ବନିମ୍ନ ୩ଜଣ ଶିକ୍ଷକ ଯଥାକ୍ରମେ ବିଜ୍ଞାନ ଓ ଗଣିତ, ସୋସିଆଲ୍ ଷ୍ଟଡିଜ୍ ଓବଂ ଭାଷା ପାଠ୍ୟକ୍ରମରେ ଶିକ୍ଷାଦାନ କରିପାରିବେ। ପ୍ରତି ୩୫ ଜଣ ପିଲାରେ ସର୍ବନିମ୍ନ ଜଣେ ଶିକ୍ଷକ ରହିବେ। ଶହେରୁ ଅଧିକ ପିଲା ଥିବା ବିଦ୍ୟାଳୟରେ ଜଣେ ପୂର୍ଣ୍ଣକାଳୀନ ପ୍ରଧାନଶିକ୍ଷକ ନିଯୁକ୍ତ କରାଯିବ।

- ପ୍ରଥମରୁ ପଞ୍ଚମ ଛାତ୍ର-ଶିକ୍ଷକ ଅନୁପାତ ୪୦:୧
- ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପାଇଁ ସର୍ବନିମ୍ନ ୩ ଶିକ୍ଷକ
- ଡିସେମ୍ବର ସୁଦ୍ଧା ନିଯୁକ୍ତ ହେବେ ଆଉ ୫୦୬୭

ରାଜ୍ୟରେ ସମୁଦାୟ ୪୫,୨୯୨ ଟି ପ୍ରାଥମିକ ବିଦ୍ୟାଳୟ ରହିଛି। ଏଥିପାଇଁ ୧ଲକ୍ଷ ୯ ୯ହଜାର ୬୮୫ ଶିକ୍ଷକ ପଦ ରହିଛି। ୧ଲକ୍ଷ ୬୦ ହଜାର ୩୧୯ ଜଣ ଶିକ୍ଷକ ନିଯୁକ୍ତ ଥିବା ବେଳେ ୩୯ହଜାର ୩୬୬ ଶିକ୍ଷକ ପଦ ଫାଙ୍କା ପଡ଼ିଛି। ଆସନ୍ତା ଡିସେମ୍ବର ସୁଦ୍ଧା ୫୦୬୭ ଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ପ୍ରସ୍ତାବ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସମଗ୍ର ଶିକ୍ଷକ ପଦ ମଧ୍ୟ ବଢ଼ାଇବାକୁ ପ୍ରସ୍ତାବ ରହିଛି। ଆଉ ଅଧିକ ୪୪ହଜାର ୪୩୩ ଜଣ ଶିକ୍ଷକ ନିଯୁକ୍ତି କରିବାକୁ କମିଟି ପ୍ରସ୍ତାବ ରଖିଛି।



## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ପରିବାରର ସହଯୋଗ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଘରେ ପୂଜାପାଠର ଆୟୋଜନ ହୋଇପାରେ। ବାହନ ସୁଖ ପ୍ରାପ୍ତ ହେବ। ବିଦ୍ୟାର୍ଥୀମାନେ କୃତକାର୍ଯ୍ୟ ହେବେ।

**ବୃଷ:** ଜମିବାଡ଼ି କିଣିବା ଯୋଗ ଅଛି। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। କୌଣସି ଶୁଭ ସମାଚାର ପ୍ରାପ୍ତ ହେବ। ସେୟାର ବଜାରରେ ନିବେଶ କରିବାକୁ ଭଲ ସମୟ। ଅଯଥା ଖର୍ଚ୍ଚ କରନ୍ତୁନି।

**ମିଥୁନ:** ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଧାର୍ମିକ ସମାବେଶରେ ଯୋଗ ଦେଇପାରନ୍ତି। ଦୂରସ୍ଥାନକୁ ଯାତ୍ରାଯୋଗ ଅଛି।

**କର୍କଟ :** ଦିନଟି ବ୍ୟସ୍ତତା ଭିତରେ କଟିବ। ଛାତ୍ରଛାତ୍ରୀ ପଢ଼ାରେ ମନୋନିବେଶ କରିବେ। ଉଚ୍ଚଶିକ୍ଷା ପାଇଁ ଅନୁକୂଳ ସମୟ। କଥାବାର୍ତ୍ତାରେ ମଧୁରତା ରଖିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଚିନ୍ତା ବୃଦ୍ଧି କରିପାରେ।

**ସିଂହ:** ପରିବାର ସହ ଯାତ୍ରା ଯୋଗ ରହିଛି। ଘରକୁ ଅତିଥି ଆଗମନ କରିବେ। ଦିନଟି ହସଖୁସିରେ ଅତିବାହିତ ହେବ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଆୟ ବ୍ୟୟ ସମାନ ରହିବ। ସଙ୍ଗୀତ ପ୍ରତି ରୁଚି ବଢ଼ିବ।

**କନ୍ୟା:** ନିଜ ଲୋକ ଶତ୍ରୁ ସାଜିପାରନ୍ତି। ମାପିଚୁପି କଥା କୁହନ୍ତୁ। ବ୍ୟବସାୟକୁ ଆଗକୁ ବଢ଼ାଇବାରେ ସଫଳ ହେବେ। ରିୟଲ ଇଷ୍ଟେଷ୍ଟ ବ୍ୟବସାୟରେ ଲାଭ ହେବ। ବନ୍ଧୁଙ୍କ ଦ୍ୱାରା ଧନପ୍ରାପ୍ତି ଯୋଗ ରହିଛି।

**ତୁଳା:** ବ୍ୟସ୍ତତା ଭିତରେ ପରିବାର ପାଇଁ ସମୟ ବାହାର କରିବେ। ମନ ପ୍ରସନ୍ନ ରହିବ। ଖର୍ଚ୍ଚ ବୃଦ୍ଧି ପାଇବ। ମନପସନ୍ଦର କୌଣସି କାର୍ଯ୍ୟ କରିବେ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ବିଛା:** ବରିଷ୍ଠ ଅଧିକାରୀଙ୍କ ସହ କଥାବାର୍ତ୍ତା ସମୟରେ ସଂଯମତା ରକ୍ଷା କରନ୍ତୁ। ପ୍ରଶାସନିକ କ୍ଷେତ୍ରରେ ସଫଳତା ପାଇବେ। ପରିବାରରେ ସୁଖଶାନ୍ତି ବଜାୟ ରହିବ। ଯୋଜନା ମୁତାବକ କାମ କରନ୍ତୁ।

**ଧନୁ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଯାନବାହନ ଓ ଜମି କିଣିବାର ଯୋଗ ଅଛି। କୌଣସି ନୂଆ କାମ ମିଳିପାରେ। ସରକାରି ଚାକିରିଆଙ୍କ ପାଇଁ ଦିନଟି ଭଲ। ସାମାଜିକ କାର୍ଯ୍ୟରେ ସାମିଲ ରହିବେ।

**ମକର:** କ୍ୟାରିୟର ପାଇଁ ଭଲ ସମୟ ରହିବ। ନୂଆ ଲୋକଙ୍କୁ ଭେଟିବାର ସୁଯୋଗ ଜୁଟିବ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ। ଅଯଥା ଯୁକ୍ତିତର୍କ ହୋଇପାରେ।

**କୁମ୍ଭ:** ସଫଳତା ପାଇଁ ଅଧିକ ପରିଶ୍ରମ କରିବେ। ପରିବାରର ସହଯୋଗ ମିଳିବ। ଚାକରିରେ ପଦୋନ୍ନତି ସମ୍ଭାବନା ରହିଛି। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମୀନ:** ବିବାହ ସ୍ଥିର ହେବ। କୌଣସି ନୂଆ ବିଷୟ ପ୍ରତି ଆଗ୍ରହ ବଢ଼ିବ। ଅଫିସ୍ କାର୍ଯ୍ୟ ପାଇଁ ବିଦେଶ ଯାତ୍ରା ଯୋଗ ରହିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ପଡ଼ୋଶୀଙ୍କ ସହ ସୁ-ସମ୍ପର୍କ ବଢ଼ିବ।

## ଆଜିର ଇତିହାସ

- ୧୮୭୦-ବ୍ରିଟିଶ ରେଡ୍‌କ୍ରସ୍ ସୋସାଇଟିର ସ୍ଥାପନା।
- ୧୯୨୯- ଅଭିନେତା ତଥା ଗାୟକ କିଶୋର କୁମାରଙ୍କ ଜନ୍ମ।
- ୧୯୪୭- ଜାପାନରେ ସୁପ୍ରିମ୍‌କୋର୍ଟର ସ୍ଥାପନା ହେଲା।
- ୧୯୬୭- ଆମେରିକାର ନେଭାଡ଼ାରେ ପରମାଣୁ ପରୀକ୍ଷା କରାଗଲା।
- ୨୦୦୭- ନାସା ଫୋନିକ୍ସ ମାର୍ସ ଲ୍ୟାଣ୍ଡର ମହାକାଶଯାନ ଲଞ୍ଚ୍ କଲା।



## ଏହି ଜୀବ ଉପରେ ପଡ଼େନି ପରମାଣୁ ବୋମାର ପ୍ରଭାବ

ପରମାଣୁ ବୋମା ସୃଷ୍ଟି ବିନାଶର କାରଣ ବୋଲି ସମସ୍ତେ ଜାଣନ୍ତି। ଏବେ ଦେଶ-ଦେଶ ମଧ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ ପରମାଣୁ ଅସ୍ତ୍ର କଥା ଶୁଣିବାକୁ ମିଳୁଛି। ପରମାଣୁ ବୋମା ବିସ୍ଫୋରଣର କିଛି ମିନିଟ୍ ମଧ୍ୟରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଯାଇପାରେ। ପରମାଣୁ ବୋମାର ଭୟାବହତା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଦେଖିବାକୁ ମିଳିଥିଲା। ହେଲେ ଜାଣନ୍ତିକି ଏମିତି ଏକ ଜୀବ ରହିଛି, ଯାହା ଉପରେ ପରମାଣୁ ବୋମାର ବିକିରଣ ମଧ୍ୟ କିଛି ପ୍ରଭାବ ପକାଇ ପାରେ ନାହିଁ। ପରମାଣୁ ବୋମା ଦ୍ୱାରା ପ୍ରଭାବିତ ହେଉ ନ ଥିବା ଜୀବର ନାଁ ହେଉଛି ଅସରପା। ପରମାଣୁ ବୋମାରେ ସବୁକିଛି ଧ୍ୱଂସ ହୋଇଯାଉଥିବାବେଳେ ଅସରପା ଉପରେ ଏହାର କିଛି ବି ପ୍ରଭାବ ପଡ଼େନାହିଁ। ପରମାଣୁ ବୋମା ବିସ୍ଫୋରଣ ପରେ ଏଥିରୁ ବାହାରୁଥିବା ବିକିରଣକୁ ଅସରପା ସହ୍ୟ କରିପାରୁଥିବାବେଳେ ମଣିଷ, ପ୍ରାଣୀ କିମ୍ବା ଉଦ୍ଭିଦ ଆଦି ଧ୍ୱଂସ ହୋଇଯାଆନ୍ତି। ସାଧାରଣତଃ ଅସରପା ୧୦୦୦୦ ରାଡ୍‌ର ବିକିରଣକୁ ସହ୍ୟ କରିବାରେ ସକ୍ଷମ। ସେଥିପାଇଁ ପରମାଣୁ ବିକରଣ ଅସରପା ଉପରେ ପ୍ରଭାବ ପକାଇ ପାରେ ନାହିଁ। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ୮୦୦ ରାଡ୍‌ର ବିକିରଣରେ ମଣିଷର ମୃତ୍ୟୁ ହୋଇପାରେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ପରମାଣୁ ବୋମା ବିସ୍ଫୋରଣରେ ପୂରା ସହର ଧ୍ୱଂସବିଧ୍ୱସ୍ତ ହୋଇଯାଇଥିବାବେଳେ କିଛି ଅସରପା ଜୀବିତ ଥିବା ଜଣାପଡ଼ିଥିଲା।

## ‘ଟକ୍ସିକ୍’ ନିଜେ କରିବେ କଳାକାର ଷ୍ଟଣ୍ଟ ସିନ୍


‘କେଜିଏଫ୍’ ଷ୍ଟାର୍ ଯଶ୍ ଏବେ ତାଙ୍କ ଆଗାମୀ ଫିଲ୍ମ ‘ରାମାୟଣ’ ପାଇଁ ଚର୍ଚ୍ଚାରେ ରହିଛନ୍ତି। ଏଥିରେ ସେ ରାବଣ ଭୂମିକାରେ ଅଭିନୟ କରିବା ସହ ଏହାର ପ୍ରଯୋଜନା ଭାର ମଧ୍ୟ ସମ୍ଭାଳିବେ। ‘ରାମାୟଣ’ ବ୍ୟତୀତ ଯଶ୍ ‘ଟକ୍ସିକ୍’ ଫିଲ୍ମର ସୁଟିଂ ମଧ୍ୟ କରୁଛନ୍ତି। ଆକ୍ସନ୍‌ରେ ଭରପୂର ଏହି ଫିଲ୍ମଟି ଆସନ୍ତା ବର୍ଷ ଆସିବ। ଆସନ୍ତା ବର୍ଷ ଦୀପାବଳିରେ ମଧ୍ୟ ‘ରାମାୟଣ’ର ପ୍ରଥମ ପାର୍ଟ ଆସିବ। ୨୦୨୬ ବର୍ଷ ଯଶ୍‌ଙ୍କ ବର୍ଷ ହେବ ବୋଲି ଏବେଠାରୁ ଚର୍ଚ୍ଚା ହେବାକୁ ଲାଗିଲାଣି। ‘ଟକ୍ସିକ୍’ରେ ଯଶ୍‌ଙ୍କ ସହ କିଆରା ଆଡ଼ଭାନୀ, ଅକ୍ଷୟ ଓବରୟ, ତାରା ସୂତାରିୟା, ହ୍ୟୁମା କ୍ୟୁରେସି ନଜର ଆସିବେ। ତେବେ ଏହାର ସବୁ କଳାକାରମାନେ ନିଜେ ହିଁ ଷ୍ଟଣ୍ଟ ସିନ୍‌ଗୁଡ଼ିକ କରିବେ ବୋଲି ଜଣାପଡ଼ିଛି। ସବୁ ଅଭିନେତା ଅଭିନେତ୍ରୀ ବଡି ଡବଲ୍ ବିନା ଆକ୍ସନ୍ ସିନ୍‌ଗୁଡ଼ିକ କରିବେ। ଏବେ ଯଶ୍, ହ୍ୟୁମା, ତାରା ଓ ଅକ୍ଷୟ ମୁମ୍ବାଇରେ ଏହାର ସୁଟିଂ କରୁଛନ୍ତି। ଯଶ୍ ଏହି ଫିଲ୍ମର ପ୍ରଯୋଜନା ଦାୟିତ୍ୱରେ ମଧ୍ୟ ଅଛନ୍ତି। ଗୀତୁ ମୋହନଦାଶ ଏହାର ନିର୍ଦ୍ଦେଶନା ଦେଇଛନ୍ତି।



## ଏଆଇ ଇଞ୍ଜିନିୟର

### ଖାଇବନି, ଶୋଇବନି, ପଦୋନ୍ନତି ମାଗିବନି

ଆଜିକାଲି ପ୍ରତ୍ୟେକ କ୍ଷେତ୍ରରେ ଏଆଇର ପ୍ରବେଶ ଦେଖିବାକୁ ମିଳିଛି। ଏହି କ୍ରମରେ ବର୍ତ୍ତମାନ ଇଞ୍ଜିନିୟରିଂ କ୍ଷେତ୍ରରେ ପାଦ ରଖିଛି ଏଆଇ ଇଞ୍ଜିନିୟର୍ ‘ଦେବିନ’। ଏହାକୁ ଲଣ୍ଡନର ଏକ ଷ୍ଟାର୍ଟଅପ୍ ବିକଶିତ କରିଥିବାବେଳେ ଆମେରିକାର ବହୁରାଷ୍ଟ୍ରୀୟ ନିବେଶ ବ୍ୟାଙ୍କ ଗୋଲ୍ଡମ୍ୟାନ୍ ସାକ୍ସ ଏହାକୁ ପରିଚିତ କରାଇଛି। ‘ଦେବିନ’ ହେଉଛି ଏକ ସ୍ୱୟଂଚାଳିତ ଏଆଇ ସଫ୍ଟୱେର ଇଞ୍ଜିନିୟର। ଏହି ଏଆଇ ଇଞ୍ଜିନିୟର ନ ଖାଇ, ନ ଶୋଇ ଲଗାତାର



କାମ କରିବ। ଏପରିକି ଏହା ପାରିଶ୍ରମିକ ନେବ ନାହିଁ କିମ୍ବା ପଦୋନ୍ନତି ଦାବି କରିବ ନାହିଁ। ସେହିପରି ଏହା ମଣିଷ ଭଳି ଉନ୍ନତ କାର୍ଯ୍ୟ ଦକ୍ଷତା ପ୍ରଦର୍ଶନ କରିବାକୁ ସକ୍ଷମ। ଉକ୍ତ ବ୍ୟାଙ୍କରେ ପ୍ରାୟ ୧୨ ହଜାର ସଫ୍ଟୱେର ଡେଭଲପର କାମ କରୁଥିବାବେଳେ ଏବେ କିନ୍ତୁ ଏଠାରେ ଏଆଇ ଇଞ୍ଜିନିୟରଙ୍କ ସଂଖ୍ୟାକୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଅବଶ୍ୟ ଏହା ପଛରେ କାରଣ ବି ଅଛି। ଏଆଇ ଇଞ୍ଜିନିୟରଙ୍କ ମାଧ୍ୟମରେ କାର୍ଯ୍ୟର ଗତି ବୃଦ୍ଧି ହେବା ସହ ଗୁଣବତ୍ତା ଉନ୍ନତମାନର ହେବ। କେବଳ ସେତିକି ନୁହେଁ, ଏଆଇ ଇଞ୍ଜିନିୟରଙ୍କ ଦ୍ୱାରା ସମୟ ଓ ସମ୍ବଳ ସଞ୍ଚୟ ମଧ୍ୟ ହେବ। ଏଆଇ ଇଞ୍ଜିନିୟର୍‌ର କାମ ହେଉଛି, ପୁରୁଣା କୋଡ୍‌କୁ ଅପଡେଟ୍ କରିବା, ବଗ୍ସ ଫିକ୍ସ କରିବା ଏବଂ ଲଗାତାର କାମକୁ ନୂଆ ରୂପ ପ୍ରଦାନ କରିବା। ତେବେ ଏଆଇର ଏହି ବଢ଼ୁଥିବା ଚଳଣିର ପ୍ରଭାବ ଏଣ୍ଟ୍ରି-ଲେବଲ ଇଞ୍ଜିନିୟରଙ୍କ ଉପରେ ପଡ଼ିପାରେ। ବିଶେଷକରି କୋଡିଂ, ରିସର୍ଚ୍ଚ ଏବଂ ଡାଟା ଆନାଲିସିସ୍ ପଦବିରେ କାମ କରୁଥିବା ଲୋକଙ୍କ ପାଇଁ ଏଆଇ ଇଞ୍ଜିନିୟର ସମସ୍ୟା ସୃଷ୍ଟି କରିପାରେ। ଅନ୍ୟପଟେ ଏହା ଯୋଗୁଁ ଯୁବପିଢ଼ିଙ୍କ ପାଇଁ ଇଞ୍ଜିନିୟରିଂ କ୍ଷେତ୍ରରେ କମ୍ ଅବସର ସୃଷ୍ଟି ହୋଇପାରେ ବୋଲି କୁହାଯାଉଛି। ଏଭଳି ସ୍ଥିତିରେ ଟେକ୍‌ନିକ୍ ସହ ସନ୍ତୁଳନ ବନେଇବାର ଆବଶ୍ୟକତା ଅଛି ବୋଲି କୁହାଯାଉଛି।



## ଶ୍ରାବଣ ଶେଷ ସୋମବାର

ଶେଷ ହେଲା ପବିତ୍ର ଶ୍ରାବଣ ସୋମବାର। ଏହି ମାସରେ ପ୍ରତି ସୋମବାର ଭଗବାନ ଶିବଙ୍କ ରୀତିନୀତି ପୂର୍ବକ ପୂଜାର୍ଚ୍ଚନା କରାଯାଏ। ଶିବଙ୍କୁ ପ୍ରସନ୍ନ କରିବା ପାଇଁ ସୋମବାର ବ୍ରତ ରଖିବା ଦ୍ୱାରା ଅଖଣ୍ଡ ସୌଭାଗ୍ୟ ପ୍ରାପ୍ତି ହୋଇଥାଏ। ତା’ସହ ଜୀବନରେ ସୁଖ ସମୃଦ୍ଧି ବୃଦ୍ଧି ପାଏ। ତେବେ ଏଥର ଶ୍ରାବଣ ଶେଷ ସୋମବାରରେ ଶୁଭ ସଂଯୋଗ ସୃଷ୍ଟି ହୋଇଛି। ଏହା ହେଉଛି ସ୍ୱାର୍ଥ ସିଦ୍ଧି ଯୋଗ। ଏହିଦିନ ଚନ୍ଦ୍ର ଅନୁରାଧା ନକ୍ଷତ୍ର ଏବଂ ଚିତ୍ରା ନକ୍ଷତ୍ରରୁ ବୃଷ ରାଶିକୁ ଗୋଚର କରିବେ। ଏହାସହ ଶ୍ରାବଣ ଶେଷ ସୋମବାରରେ ବ୍ରହ୍ମ ଏବଂ ଇନ୍ଦ୍ର ଯୋଗର ସଂଯୋଗ ବି ରହିବ। ଫଳରେ ଅନ୍ତିମ ସୋମବାରରେ ଶିବଭକ୍ତଙ୍କ ଉପରେ ଶିବଙ୍କ ବିଶେଷ କୃପା ରହିବ।

ଏହିଦିନ ବ୍ରାହ୍ମ ମୁହୂର୍ତ୍ତରୁ ଉଠି ସ୍ନାନ କରି ପରିଷ୍କାର ବସ୍ତ୍ର ପରିଧାନ କରନ୍ତୁ। ମହାଦେବଙ୍କ ପୂଜାର୍ଚ୍ଚନା କରନ୍ତୁ। ତେବେ ଏହିଦିନ ୧୦୮ ବେଲପତ୍ର ଶିବଲିଙ୍ଗ ଉପରେ ଲାଗି କରିବା ଭଲ। ବେଲ ଗଛ ମୂଳେ ଘିଅ ଦୀପ ଜାଳନ୍ତୁ। ଏହାଦ୍ୱାରା ଆର୍ଥିକ ଲାଭ ମିଳିବ। ବିବାହରେ ସମସ୍ୟା ତଥା ବିବାହରେ ବିଳମ୍ବ ହେଉଥିଲେ, ଶ୍ରାବଣ ଶେଷ ସୋମବାରରେ ଶିବଲିଙ୍ଗଙ୍କୁ ପଞ୍ଚାମୃତରେ ଅଭିଷେକ କରନ୍ତୁ। ଏହାସହ ୫ଟି ନଡ଼ିଆ ମଧ୍ୟ ଚଢ଼ାନ୍ତୁ।

## ସ୍ୱସ୍ତି



## ରାକ୍ଷୀ ପୂର୍ଣ୍ଣିମା

**ପ୍ରତ୍ୟେକ ବର୍ଷ ଶ୍ରାବଣ ମାସର ପୂର୍ଣ୍ଣିମାକୁ ରାକ୍ଷୀ ପୂର୍ଣ୍ଣିମା ଭାବେ ପାଳନ କରାଯାଏ। ଭାଇ ଭଉଣୀଙ୍କ ଅତୁଟ ପ୍ରେମ ଓ ଅନାବିଳ ସ୍ନେହର ପର୍ବ ହେଉଛି ରକ୍ଷା ବନ୍ଧନ। ଏହାକୁ ଝୁଲଣ ପୂର୍ଣ୍ଣିମା ତଥା ଗହ୍ମା ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଏହାକୁ ଭଗବାନ ବଳଭଦ୍ରଙ୍କ ଜନ୍ମତିଥି ଭାବେ ଗ୍ରହଣ କରାଯାଏ। ତେଣୁ ଏହିଦିନ ଗୋମାତାଙ୍କୁ ମଧ୍ୟ ପୂଜାର୍ଚ୍ଚନା କରାଯାଏ।**

ରାକ୍ଷୀ ପୂର୍ଣ୍ଣିମାରେ ଗାଇଙ୍କ ଶିଂଘରେ ରାକ୍ଷୀ ବନ୍ଧାଯିବା ସହ ଖାଇବା ପାଇଁ ପିଠା ଦିଆଯାଏ। ଘରେ ମଧ୍ୟ ପିଠାମିଠା ପ୍ରସ୍ତୁତ କରାଯାଏ। ବିଭିନ୍ନ ବିପଦ ଆପଦରୁ ରକ୍ଷା କରିବା ପାଇଁ ଭାଇ ହାତରେ ଭଉଣୀ ଏହିଦିନ ରକ୍ଷାସୂତ୍ର ବାନ୍ଧିଥାଏ। ଭଉଣୀ ପ୍ରତି ଥିବା ସମସ୍ତ ଦାୟିତ୍ୱ ଓ କର୍ତ୍ତବ୍ୟ ପାଳନ କରିବା ନେଇ ଭାଇ ପ୍ରତିଶ୍ରୁତି ଦେଇଥାଏ। ତା’ସହ ଭଉଣୀ ମଧ୍ୟ ଭଗବାନଙ୍କ ପାଖରେ ଭାଇର ଦୀର୍ଘାୟୁ କାମନା କରେ।

ଅନ୍ୟପଟେ ଏହା ପଛରେ ଅନ୍ୟ ଏକ ପୌରାଣିକ କାହାଣୀ ରହିଛି। ଶିଶୁପାଳଙ୍କ ବଧ ପରେ ଶ୍ରୀକୃଷ୍ଣଙ୍କ ହାତରୁ ରକ୍ତ ବାହାରୁଥିବା ଦେଖି ଦ୍ରୌପଦୀ ନିଜ ପିନ୍ଧା ଶାଢ଼ିରୁ ଖଣ୍ଡେ ଚିରି ଦେଇ ତାଙ୍କ ହାତରେ ବାନ୍ଧି ଦେଇଥିଲେ। ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ଭଉଣୀର ସମ୍ମାନ ଦେଇ ତାଙ୍କୁ ସୁରକ୍ଷା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ତେବେ କୁରୁସଭାରେ ବସ୍ତ୍ରହରଣ ସମୟରେ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ବସ୍ତ୍ରଦାନ କରି ତାଙ୍କ କଥା ରଖିଥିଲେ। ଏହି ଆଧାରରେ ରକ୍ଷା ବନ୍ଧନ ପାଳନ କରାଯାଏ।

## ଖୁଦୁରୁକୁଣୀ ଓଷା

**ଓଡ଼ିଶାର ପାରମ୍ପରିକ ଓଷା ମଧ୍ୟରୁ ଖୁଦୁରୁକୁଣୀ ଓଷା ଅନ୍ୟତମ। ଏହା ଭାଲୁକୁଣୀ ଓଷା ଭାବେ ମଧ୍ୟ ପରିଚିତ। ଭାଦ୍ରବ ମାସର ପ୍ରତି ସପ୍ତାହର ଶେଷ ଦିନ ବା ରବିବାର ଦିନ କୁଆଁରୀ ଝିଅମାନେ ଏହି ପୂଜା କରିଥାନ୍ତି। ଭାଇର ଶୁଭ ମନାସି ଭଉଣୀମାନେ ମା’ ମଙ୍ଗଳାଙ୍କୁ ପୂଜା କରନ୍ତି। ଗାଁରେ ଏହି ଓଷାକୁ ବେଶ୍ ଜାକଜମକରେ ପାଳନ କରାଯାଇଥାଏ। କେଉଁଠି ଏହାକୁ ପାଞ୍ଚ ପାଳି ପାଳନ କରାଯାଏ ତ ଆଉ କେଉଁଠି ଚାରି ପାଳି ପାଳିତ ହୁଏ।**



କିମ୍ବଦନ୍ତୀ ଅନୁସାରେ, ସାତଜଣ ସାଧବ ବୋଇତରେ ଦୂର ଦେଶକୁ ବଣିଜ କରିବା ପାଇଁ ଯାଇଥିଲେ। ବର୍ଷର ଗୋଟିଏ ଦିନରେ ଘରକୁ ଲେଉଟି ଆସୁଥିଲେ। ସେମାନଙ୍କର ଏକମାତ୍ର ଅଲିଅଳୀ ଭଉଣୀ ତଅପୋଇ ଭାଇଙ୍କ ସୁରକ୍ଷା ଏବଂ ଶୁଭ ମନାସି ଏହି ବ୍ରତ ପାଳନ କରୁଥିଲେ। ସେବେଠୁ କୁଆଁରୀମାନେ ଏହାକୁ ପାଳନ କରିବା ବିଧି ରହିଛି।

ଖୁଦୁରୁକୁଣୀ ପୂଜା ଦିନ ଝିଅମାନେ ସକାଳୁ ନଦୀରେ ସ୍ନାନ ସାରି ବାଲୁକା ପୂଜା କରନ୍ତି ଏବଂ ସନ୍ଧ୍ୟାରେ ଝୋଟି ଚିତା ପକାଇ ଖୁଦୁରୁକୁଣୀଙ୍କୁ ରଙ୍ଗବେରଙ୍ଗ ଫୁଲରେ ସଜାନ୍ତି। ଏହାସହ ଲିଆ, ଖୁଦ ଆଦି ଭୋଗ ଲଗାଇ ପୂଜା କରିଥାନ୍ତି। ତେବେ ଠାକୁରାଣୀଙ୍କ ପ୍ରିୟ ଖୁଦ ହୋଇଥିବାରୁ ତାଙ୍କ ନାଁ ଖୁଦୁରୁକୁଣୀ। ଅନ୍ୟପକ୍ଷରେ ଏହି ଓଷା ସାଧବ ଝିଅ ତଅପୋଇର ଦୟନୀୟ କାହାଣୀ, ଭାଉଜମାନଙ୍କର ଦୁରାଚାର, ସାନ ଭାଉଜର ଦୟା ଏବଂ ତଅପୋଇର ଉଦ୍ଧାର କଥାକୁ ଦର୍ଶାଇ ଥାଏ।



## ରାକ୍ଷୀ ଉତାରିବାର ନିୟମ

**ରାକ୍ଷୀ ବାନ୍ଧିବାର ଯେଉଁଳି ନିୟମ ଅଛି, ଠିକ୍ ସେମିତି ରାକ୍ଷୀ ଉତାରିବାର ବି ନିୟମ ରହିଛି। ଏହାକୁ ପାଳନ ନ କରିବା ଦ୍ୱାରା ବାସ୍ତୁ ଦୋଷ ସୃଷ୍ଟି ହୁଏ।**

- ଜ୍ୟୋତିର୍ବିଦଙ୍କ ଅନୁସାରେ, ରାକ୍ଷୀ ବାନ୍ଧିବାର ୨୪ ଘଣ୍ଟା ପରେ ରାକ୍ଷୀ ଉତାରିବା ଉଚିତ। ବର୍ଷ ତମାମ ହାତରେ ରାକ୍ଷୀ ବାନ୍ଧି ରଖିଲେ, ଦୋଷ ଲାଗେ। ରାକ୍ଷୀ ଅଶୁଦ୍ଧ ହୋଇଯାଏ।
- ରାକ୍ଷୀକୁ ଉତାରି ଘରର କୌଣସି ସ୍ଥାନରେ ରଖିବା ଅଶୁଭ। ରାକ୍ଷୀକୁ ଉତାରି ଏହାକୁ ବିସର୍ଜନ କରିବା ଭଲ।
- ସେହିପରି ରାକ୍ଷୀକୁ ବିସର୍ଜନ କରି ନ ପାରିଲେ ଏହାକୁ ଗଛରେ ବାନ୍ଧନ୍ତୁ।
- ତେବେ ସୁନା କି ରୁପା ରାକ୍ଷୀକୁ ବିସର୍ଜନ କରନ୍ତୁ ନାହିଁ। ଏଭଳି ରାକ୍ଷୀକୁ ବର୍ଷଯାକ ପିନ୍ଧିପାରିବେ।
- ଅନେକ ସମୟରେ ହାତରୁ ରାକ୍ଷୀ ଛିଣ୍ଡି ଗଲେ ଏହାକୁ ଉତାରି ଫିଙ୍ଗି ଦିଆଯାଏ। ଏହାକୁ ନ ଫିଙ୍ଗି ଜଳରେ ପ୍ରବାହିତ କରନ୍ତୁ।

## ଜୋ ରୁଟ୍, ହ୍ୟାରି ବ୍ରୁକ୍‌ଙ୍କ ଶତକ

# ଭାରତ-ଇଂଲଣ୍ଡ ରୋମାଞ୍ଚକ ଲଢ଼େଇ







ଓଭାଲ,୩।୮ (ଏଜେନ୍ସି)

ବରିଷ୍ଠ ଖେଳାଳି ଜୋ ରୁଟ୍ (୧୦୫)ଙ୍କ ଦମ୍‌ଦାର ଓ ଯୁବ ଖେଳାଳି ହ୍ୟାରୀ ବ୍ରୁକ୍ (୧୧୧)ଙ୍କ ଦୃଢ଼ ବ୍ୟାଟିଂ ବଳରେ ଏଠାରେ ଚାଲିଥିବା ଇଂଲଣ୍ଡ-ଭାରତ ୫ମ ଟେଷ୍ଟ ରୋମାଞ୍ଚକ ସ୍ଥିତିରେ ପହଞ୍ଚିଛି। ଏହି ଟେଷ୍ଟର ତୃତୀୟ ଦିନରେ ଭାରତ ଘରୋଇ ଇଂଲଣ୍ଡ ଆଗରେ ୩୭୪ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ଲକ୍ଷ୍ୟକୁ ପିଛା କରି ମ୍ୟାଚ୍‌ର ଚତୁର୍ଥ ଦିନ ଆଲୋକ ଅଭାବରୁ ଖେଳ ବନ୍ଦ ରହିଲା ବେଳକୁ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୬ ୱିକେଟ ହରାଇ ୩୩୯ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଜେମି ସ୍ମିଥ୍ ୨ ଓ ଜେମି ଓଭରଟନ ୦ ରନ୍ କରି ସଂଘର୍ଷ ଜାରି ରଖିଛନ୍ତି। ଏହି ସମୟରେ ଇଂଲଣ୍ଡକୁ ମ୍ୟାଚ୍ ଜିତିବା ଲାଗି ଆଉ ୩୫ ରନ୍ ଏବଂ ଭାରତକୁ ଆଉ ୪ କିମ୍ବା କ୍ରିସ୍ ଓକ୍ସ ବ୍ୟାଟିଂ ନ କଲେ ୩ ୱିକେଟ ଆବଶ୍ୟକ କରୁଛି। ଇଂଲଣ୍ଡ ପକ୍ଷରୁ ହ୍ୟାରୀ ବ୍ରୁକ୍ ୧୧୧ ଓ ଜୋ ରୁଟ୍ ୧୦୫ ରନ୍ କରି ଦଳକୁ ଭଲ ସ୍ଥିତିରେ ପହଞ୍ଚାଇଥିଲେ। କିନ୍ତୁ ଟି ପୂର୍ବରୁ ବ୍ରୁକ୍ ଏବଂ ଟି ପରେ ରୁଟ ଓ ବେଥେଲ ଆଉଟ ହେବା ପରେ ଏବେ ମ୍ୟାଚ୍ ରୋମାଞ୍ଚକ ସ୍ଥିତିରେ ରହଛି। ଇଂଲଣ୍ଡର ଅନ୍ୟ ଖେଳାଳିମାନଙ୍କ ମଧ୍ୟରେ ବେନ୍ ଡକେଟ ୫୪, କାମଚଳା ଅଧିନାୟକ ଓଲି ପୋପ୍ ୨୭ ଓ ଓପନର କ୍ୟାକ୍ କ୍ରାଲୀ ୧୪ ରନ୍‌ରେ ଆଉଟ ହୋଇଛନ୍ତି। ଭାରତ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ୩ଟି, ମହମ୍ମଦ୍ ସିରାଜ ୨ଟି ଓ ଆକାଶ ଦୀପ୍ ଗୋଟିଏ ଲେଖାଏଁ ୱିକେଟ ନେଇଛନ୍ତି। ଏହି ମ୍ୟାଚ୍ ପୂର୍ବରୁ ଇଂଲଣ୍ଡ ୨-୧ରେ ସିରିଜ୍ ଆଗୁଆ ରହିଥିଲା। ଏଠାରେ ମ୍ୟାଚ୍ ଜିତି ସିରିଜ୍ ବରାବର କରିବାକୁ ଯୋଜନା କରିଥିବା ଭାରତକୁ ବୋଲରମାନେ ମ୍ୟାଚ୍‌କୁ ଫେରାଇବାରେ ସମର୍ଥ ହୋଇଛନ୍ତି। ଏହା ପରେ ଭାରତ ସେପ୍ଟେମ୍ବର ୯ରୁ ୟୁଏଇରେ ଖେଳାଯିବାକୁ ଥିବା ଏସିଆ କପ୍ ଟି-୨୦ରେ ଭାଗନେବ।

ପୂର୍ବରୁ ରବିବାର ଏହି ମ୍ୟାଚ୍‌ର ଚତୁର୍ଥ ଦିନ ସକାଳେ ଇଂଲଣ୍ଡ ୧ ୱିକେଟରେ ୫୦ ରନ୍‌ରୁ ଖେଳ ଆରମ୍ଭ କରିଥିଲା। ଦୁଇ ଅପରାଜିତ ବ୍ୟାଟର ବେନ୍ ଡକେଟ ୫୦ ଓ ଓଲି ପୋପ୍ ୨୭ ରନ୍ କରି ଆଉଟ ହୋଇଥିଲେ। ଇଂଲଣ୍ଡ ଦଳ ୧୦୬ ରନ୍‌ରେ ତୃତୀୟ ୱିକେଟ ହରାଇବା ପରେ ଭାରତୀୟ ଶିବିର ଉତ୍ସାହିତ ହୋଇଥିଲା। କିନ୍ତୁ ବିଶ୍ୱରେ ବର୍ତ୍ତମାନ ସବୁଠାରୁ ଅଭିଜ୍ଞ ଟେଷ୍ଟ ଖେଳାଳି ଜୋ ରୁଟ୍ ଓ ଉଦୀୟମାନ ଯୁବ ଖେଳାଳି ହ୍ୟାରୀ ବ୍ରୁକ୍ ଦମ୍‌ର ସହ ବ୍ୟାଟିଂ କରି ଭାରତକୁ ବ୍ୟାକ୍‌ଫୁଟ୍‌କୁ ଠେଲିଦେଇଥିଲେ। ଗୋଟିଏ ପରେ ରୁଟ୍ ଦୃଢ଼ତାର ସହ ଖେଳୁଥିଲାବେଳେ ଅନ୍ୟପଟେ ବ୍ରୁକ୍ ଆକମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ।

### ସିରିଜ୍‌ରେ ସିରାଜଙ୍କୁ ସର୍ବାଧିକ ୱିକେଟ

ରୁଟ୍ ଓ ବ୍ରୁକ୍‌ଙ୍କ ପାର୍ଟନରସିପ୍ ଯୋଗୁଁ ଏହି ଇନିଂସରେ ଭାରତର ବୋଲର ନିଷ୍ପ୍ରଭ ହୋଇପଡ଼ିଥିଲେ। ଯାହା ଫଳରେ ଏମାନେ ଚତୁର୍ଥ ୱିକେଟରୁ ୧୯୫ ରନ୍‌ର ପାର୍ଟନରସିପ୍ କରିଥିଲେ। ଯାହା ଫଳରେ ଭାରତ ହାତରୁ ଏହି ମ୍ୟାଚ୍ ହାତଛଡ଼ା ହୋଇଯାଇଥିଲା। ଅନ୍ୟପକ୍ଷରେ ଓଲି ପୋପ୍‌ଙ୍କୁ ଆଉଟ କରି ସିରାଜ ଏହି ସିରିଜ୍‌ରେ ତାଙ୍କ ୱିକେଟ ସଂଖ୍ୟା ୨୦ରେ ପହଞ୍ଚାଇଥିଲେ। ଏହା ସିରିଜ୍‌ରେ ସର୍ବାଧିକ।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ:** ୨୨୪/୧୦, ୬୯.୪ ଓଭର (କରୁନ-୫୭, ସୁଦର୍ଶନ- ୩୮, ଆଟକିସନ- ୫/୩୩, ଟଙ୍ଗ୍- ୩/୫୭)।

**ଇଂଲଣ୍ଡ ପ୍ରଥମ ଇନିଂସ:** ୨୪୭/୧୦ (କ୍ରାଲୀ- ୬୪, ବ୍ରୁକ୍- ୫୩, ସିରାଜ- ୪/୮୬, ପ୍ରସିଦ୍ଧ- ୪/୬୨)।

**ଭାରତ ଦ୍ୱିତୀୟ ଇନିଂସ:** ୩୯୬/୧୦, ୮୮ ଓଭର (ଜୟସ୍ୱାଲ- ୧୧୮, ଆକାଶଦୀପ୍- ୬୬, ଜାଡେଜା- ୫୩, ସୁନ୍ଦର-୫୩, ଟଙ୍ଗ୍- ୫/୧୨୫, ଆଟକିନସନ- ୩/୧୨୭, ଓଭରଟନ-୨/୯୮)।

**ଇଂଲଣ୍ଡ ଦ୍ୱିତୀୟ ଇନିଂସ:** ୩୩୯/୬, ୭୬.୨ ଓଭର (ହ୍ୟାରୀ ବ୍ରୁକ୍-୧୧୧, ଜୋ ରୁଟ-୧୦୫, ବେନ୍ ଡକେଟ-୫୪, ପ୍ରସିଦ୍ଧ କ୍ରିଷ୍ଣା-୩/୧୦୯, ମହମ୍ମଦ୍ ସିରାଜ-୨/୯୫, ଆକାଶଦୀପ-୧/୮୫)।

■ **ଜାତୀୟ ସନ୍ତରଣ ପ୍ରତିଯୋଗିତା**

## ଓଡ଼ିଶାର ସାଇ ସ୍ୱରୂପଙ୍କୁ କାଂସ୍ୟ



ଭୁବନେଶ୍ୱର,୩।୮ (ସମିସ): ଜାତୀୟ ସନ୍ତରଣ ଚାମ୍ପିଅନସିପ୍‌ରେ ଓଡ଼ିଶାକୁ ଏକ ବିରାଟ ସଫଳତା ମିଳିଛି। ଅହମ୍ମଦାବାଦ୍‌ରେ ଚାଲିଥିବା ଏହି ପ୍ରତିଯୋଗିତାର ସବ୍‌ଜୁନିଅର ବାଳକ ଗ୍ରୁପ୍-୨ କାଟାଗୋରୀର ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ଓଡ଼ିଶାର ସାଇ ସ୍ୱରୂପ ସ୍ୱାଇଁ କାଂସ୍ୟ ପଦକ ଜିତିଛନ୍ତି। ଏହି ସଫଳତା ପାଇବାରେ ସେ ଦ୍ୱିତୀୟ ପୁରୁଷ/ବାଳକ ପ୍ରତିଯୋଗୀ। ପୂର୍ବରୁ ୧୯୯୧ କୋଲକାତା ଜାତୀୟ ସନ୍ତରଣ ଚାମ୍ପିଅନସିପ୍‌ର ସବ୍‌ଜୁନିଅର କାଟାଗୋରୀରେ ରଙ୍କନିଧି ସେଠ୍ ପ୍ରଥମ ଓଡ଼ିଆ ଭାବେ ପଦକ (କାଂସ୍ୟ) ଜିତିଥିଲେ। ଆଜି ଅନୁଷ୍ଠିତ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସାଇସ୍ୱରୂପ ୩୨.୯୫ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମଣିପୁରର ଏନ୍. ଧନଞ୍ଜୟ ୩୪.୫୫ ସେକେଣ୍ଡ ସମୟ ନେଇ ପ୍ରଥମ ଓ ମହାରାଷ୍ଟ୍ରର ଉତ୍କର୍ଷ ଦର୍ଶନ ମେହେଟା ୩୫.୦୫ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସାଇସ୍ୱରୂପ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା ହାଇପରଫର୍ମାନ୍ସ ଆକ୍ୱାଟିକ୍ ସେଣ୍ଟରରେ ପ୍ରଶିକ୍ଷଣ ନେଉଛନ୍ତି।

■ **୨୦ ବର୍ଷରୁ କମ୍ ଏସିଆନ୍ ରଗ୍‌ବୀ-୭**

## ଭାରତୀୟ ଦଳରେ ୪ ଓଡ଼ିଆ

ଭୁବନେଶ୍ୱର,୩।୮ (ସମିସ): ବିହାରର ରାଜଗିରିଠାରେ ଅଗଷ୍ଟ ୯ ଓ ୧୦ ତାରିଖ ଦୁଇଦିନ ଧରି ଆୟୋଜିତ ହେବ ୨୦ ବର୍ଷରୁ କମ୍ ଏସିଆନ୍ ରଗ୍‌ବୀ ଏମିରେଟ୍ସ ସେଭେନ୍ ଏ ସାଇଡ୍ ଟୁର୍ଣ୍ଣାମେଣ୍ଟ। ଏଥିଲାଗି ଭାରତର ଉଭୟ ମହିଳା ଓ ପୁରୁଷ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଉଭୟ ବିଭାଗରେ ୨ ଜଣ ଲେଖାଏଁ ୪ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ଖେଳାଳିମାନେ ହେଲେ ମହିଳା ବିଭାଗରେ ରୀତୁ ମାଝୀ ଓ ମାମାଲି ସିଂ, ପୁରୁଷ ବିଭାଗରେ ଚରଣ ହେମ୍ବ୍ରମ୍ ଓ ଭରତ କିସାନ। ଓଡ଼ିଶାରୁ ଅଧାଡଜନ ଖେଳାଳି ନ୍ୟାସନାଲ କ୍ୟାମ୍ପରେ ପ୍ରଶିକ୍ଷଣ ନେଉଥିଲେ। ଏମାନଙ୍କ ମଧ୍ୟରୁ କେବଳ ୪ଜଣ ଜାତୀୟ ଦଳରେ ସ୍ଥାନ ପାଇଛନ୍ତି। ଭାରତୀୟ ଦଳରେ ସ୍ଥାନ ପାଇଥିବା ସମସ୍ତ ୪ଜଣଯାକ ପ୍ରତିଯୋଗୀ କିସ୍‌ରେ ଅଧ୍ୟୟନରତ।




**ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

## ପଦକ ବିଜେତାଙ୍କୁ କିଟ୍‌ର ସମ୍ବର୍ଦ୍ଧନା




ଭୁବନେଶ୍ୱର,୩।୮ (ସମିସ): ଜର୍ମାନୀରେ ଶେଷ ହୋଇଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭୁବନେଶ୍ୱରରେ ଅବସ୍ଥିତ କିଟ୍ ଡିମ୍‌ଡ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରି ପଦକ ଜିତିଥିବା କ୍ରୀଡ଼ାବିତ୍ ମାନଙ୍କୁ ଆଜି ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ରୌପ୍ୟ ପଦକ ଜିତିଥିବା କ୍ରୀଡ଼ାବିତ୍‌ଙ୍କୁ ଉପଢ଼ୌକନ ସହ ୩ ଲକ୍ଷ ଓ କାଂସ୍ୟ ପଦକ ବିଜେତାଙ୍କୁ ୧ ଲକ୍ଷ ଲେଖାଏଁ ଟଙ୍କା ପ୍ରଦାନ କରାଯାଇଥିଲା। ଏଥିଲାଗି କିଟ୍ ପରିସରରେ ରବିବାର ଅନୁଷ୍ଠିତ ଉତ୍ସବରେ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟଅତିଥିଭାବେ ଯୋଗଦେଇ ପୁରସ୍କାର ଓ ସମ୍ମାନ ପ୍ରଦାନ କରିଥିଲେ। ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତ ୧୨ଟି ପଦକ ଜିତିଥିଲାବେଳେ ଏହା ମଧ୍ୟରୁ କେବଳ କିଟ୍ ୬ଟି ପଦକ ଜିତି ଦେଶର ସମ୍ମାନ ବୃଦ୍ଧି କରିଥିଲେ। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ କୁଳପତି ଶରଣଜିତ ସିଂହ, କୁଳସଚିବ ଜ୍ଞାନରଞ୍ଜନ ମହାନ୍ତି, କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ଅଲିମ୍ପିଆନ ଦୂତୀ ଚାନ୍ଦ, ଶ୍ରାବଣୀ ନନ୍ଦ, ଅମିୟ ମଲ୍ଲିକ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ କବାଡ଼ି ରେଫରୀ ପରୀକ୍ଷା

କଟକ,୩।୮ (ସମିସ): କେନ୍ଦୁଝରରେ ରାଜ୍ୟସ୍ତରୀୟ କବାଡି ରେଫରୀ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କ୍ରୀଡ଼ା ସଂସଦ ଏବଂ ଜିଲ୍ଲା ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ପରୀକ୍ଷାରେ ବିଭିନ୍ନ ଜିଲ୍ଲାରୁ ୧୩୦ ପରିକ୍ଷାର୍ଥୀ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କବାଡିର ଗୁରୁତ୍ୱ ଏବଂ ରାଜ୍ୟରେ ଏହି ଖେଳର ବିକାଶ ଦିଗରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ କବାଡି ସଂଘ ଉପାଧ୍ୟକ୍ଷ ପୃଥ୍ୱୀରାଜ ପଟ୍ଟନାୟକ, ଜିଲ୍ଲା କ୍ରୀଡ଼ା ସଂସଦ ସମ୍ପାଦକ ଜନାର୍ଦ୍ଦନ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ରାମକୃଷ୍ଣ ବେହେରାଙ୍କ ସଂଯୋଜନା ଏବଂ ଶ୍ରୀକାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ହୋଇଥିଲା। ସହକାରୀ ଶାରିରୀକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତିପ୍ରସାଦ ପରିଡା ମୁଖ୍ୟ ଅତିଥି ଏବଂ ରାଜ୍ୟ କବାଡି ସଂଘ ସମ୍ପାଦକ ଅଜୟ କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

**ସତ୍ୟବ୍ରତ ସ୍ମାରକୀ ଫୁଟବଲ**

## ଗାଲାଣ୍ଟକୁ ହରାଇ ଚାନ୍ଦ କ୍ଲବ୍ ଚାମ୍ପିଅନ



କଟକ,୩।୮ (ସମିସ): ବାରବାଟୀ ୟୁନାଇଟେଡ କ୍ଲବ ଦ୍ୱାରା ଆୟୋଜିତ ସତ୍ୟବ୍ରତ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଚାନ୍ଦ କ୍ଲବ ଚାମ୍ପିଅନ ହୋଇଛି। ଉପର ବାଲିଯାତ୍ରା ପଡ଼ିଆରେ ଚାନ୍ଦ ଏବଂ ଗାଲାଣ୍ଟ ଭିତରେ ଆଜି ଖେଳାଯାଇଥିବା ଫାଇନାଲର ନିର୍ଦ୍ଧାରିତ ଖେଳ ୧-୧ଗୋଲରେ ସମାନ ସ୍ଥିତିରେ ରହିଥିଲା। ମ୍ୟାଚ୍‌ର ଫଳାଫଳ ଲାଗି ପେନାଲ୍ଟି ସୁଟଆଉଟର ଆବଶ୍ୟକତା ପଡ଼ିଥିଲା। ଏଥିରେ ଚାନ୍ଦ କ୍ଲବ ୭-୬ ଗୋଲରେ ଜିତି ଚାମ୍ପିଅନ ଟାଇଟଲ ବିଜୟୀ ହୋଇଛି। ସେମିଫାଇନାଲ ମ୍ୟାଚ୍‌ରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଶ ଅତିଥି ଭାବେ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା କ୍ରିକେଟ ଆସୋସିଏସନ ସମ୍ପାଦକ ସଞ୍ଜୟ ବେହେରା, ଫୁଟବଲ ଆସୋସିଏସନ ଅଫ ଓଡ଼ିଶା କୋଷାଧ୍ୟକ୍ଷ ଭକ୍ତବଲ୍ଲଭ ଦାସ ଅତିଥି ଭାବେ ଯୋଗ ଦେଇ ବିଜୟୀ ଏବଂ ରନର୍ସଅପ ଦଳକୁ ଟ୍ରଫି ସହ ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରିଥିଲେ।

ପୂର୍ବରୁ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଗାଲାଣ୍ଟ କ୍ଲବ ୩-୦ ଗୋଲରେ ଇଣ୍ଡିପେଣ୍ଡେଣ୍ଟ କ୍ଲବକୁ ଏବଂ ଦ୍ୱିତୀୟ ସେମିଫାଇନାଲରେ ଚାନ୍ଦ କ୍ଲବ ୩-୦ ଗୋଲରେ ସନରାଇଜ କ୍ଲବକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ।

**ୱାର୍ଲ୍ଡ ଚାମ୍ପିଅନ୍‌ସିପ ଅଫ୍ ଲେଜେଣ୍ଡସ**

## ଦ.ଆଫ୍ରିକା ଟାଇଟଲ୍ ଜିତିଲା

ବର୍ମିଂହାମ,୩।୮ (ଏଜେନ୍ସି): ପାକିସ୍ତାନକୁ ୯ ୱିକେଟରେ ହରାଇ ଦକ୍ଷିଣ ଆଫ୍ରିକା ୱାର୍ଲ୍ଡ ଚାମ୍ପିଅନସିପ୍ ଅଫ୍ ଲେଜେଣ୍ଡସ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଶନିବାର ରାତିରେ ଖେଳାଯାଇଥିବା ଏହି ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୯୫ ରନ୍ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୬.୫ ଓଭରରେ ମାତ୍ର ଗୋଟିଏ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ କିଂବଦନ୍ତୀ ବ୍ୟାଟର ଏବି ଡି ଭିଲର୍ସ ୧୨୦ ଓ ଜେବି ଡୁମିନି ୫୦ ରନ କରି ଅପରାଜିତ ରହିବା ସହ ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ଡି ଭିଲର୍ସ ପ୍ଲେୟର ଅଫ୍ ଦି ଫାଇନାଲ ଓ ମୋଟ ୪୨୯ ରନ୍ କରି ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଥିଲା। ସେମିଫାଇନାଲରେ ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ନ ଖେଳି ଭାରତ ଓହରିଯାଇଥିଲା।

### ଦ୍ୱିତୀୟ ଟି-୨୦ରେ ହାରିଲା ପାକିସ୍ତାନ

ଫ୍ଲୋରିଡା,୩।୮ (ଏଜେନ୍ସି): ଜେସନ ହୋଲ୍ଡର ଓ ଗୁଡକେଶ ମୋତିଙ୍କ ଅଲରାଉଣ୍ଡ ସଫଳତା ବଳରେ ଏଠାରେ ଶନିବାର ରାତିରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍‌ଠାରୁ ୨ ୱିକେଟରେ ହାରିଛି। ପାକିସ୍ତାନ। ଏହା ଫଳରେ ଦୁଇ ଦେଶ ମଧ୍ୟରେ ଚାଲିଥିବା ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ୧-୧ ବରାବର ସ୍ଥିତିରେ ରହିଛି। ହୋଲ୍ଡର ୧୯ ରନ୍‌ରେ ୪ଟି ଓ ଗୁଡକେଶ ମୋତି ୨ଟି ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୯ ୱିକେଟରେ ୧୩୩ ରନ୍ କରିଥିଲା। ଜବାବରେ ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ମୋତିଙ୍କ ୨୮ ରନ୍ ଓ ହୋଲ୍ଡରଙ୍କ ଅପରାଜିତ ୧୬ ରନ୍ ବଳରେ ଇଣ୍ଡିଜ୍ ଏହି ମ୍ୟାଚ୍‌କୁ ୨ ୱିକେଟରେ ଜିତିନେଇଥିଲା। ହୋଲ୍ଡର ଶେଷ ବଲରେ ଚୌକା ମାରି ଦଳକୁ ଜିତାଇଥିଲେ।

**ରାଜ୍ୟ ସ୍କୁଲ ଓପନ ଚେସ୍**

## ଟାଇଟଲ୍ ଜିତିଲେ ଦିବ୍ୟାଂଶୁ



ଭୁବନେଶ୍ୱର,୩।୮ (ସମିସ): ପଟିଆ ନାରାୟଣ ଟେକ୍ନୋ ସ୍କୁଲ୍‌ର ଦିବ୍ୟାଂଶୁ କୁମାର ପଶାୟତ ଡିଏଭି କଳିଙ୍ଗ ନଗର ପବ୍ଲିକ୍ ସ୍କୁଲ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟ ସ୍କୁଲ ଓପନ ଚେସ୍‌ରେ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି। ୫ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ୫ଜଣ ଖେଳାଳି ସମାନ ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ସମସ୍ତଙ୍କୁ ପଛରେ ପକାଇ ଦିବ୍ୟାଂଶୁ ବୁକୋଲଜ୍‌ରେ ପ୍ରଥମ ସ୍ଥାନ ଅଧିକାର କରିବା ସହ ଟାଇଟଲ ଜିତିନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଳିଙ୍ଗ ନଗର ଡିଏଭିର ଆଦିତ୍ୟ ଜେନା ରନର୍ସଅପ୍, ଲୋୟଲା ସ୍କୁଲ୍‌ର ଶୁଭମ ପ୍ରତୀକ ମିଶ୍ର ତୃତୀୟ, ନୟାପଲୀ ନାରାୟଣ ଟେକ୍ନୋ ସ୍କୁଲ୍‌ର ଆୟାବନ୍ତ ମହାନ୍ତି ଚତୁର୍ଥ ଓ ପାଣ୍ଡରା ହାଇଟେକ୍ ପବ୍ଲିକ୍ ସ୍କୁଲ୍‌ର ସ୍ୱୟମ ସ୍ୱରୂପ ମହାନ୍ତି ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟକୁ ସ୍କୁଲର ପ୍ରିନ୍ସିପାଲ ବଳରାମ ମହାପାତ୍ର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲାବେଳେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ବାୟୋଟେକ୍ନୋଲୋଜି ବିଭାଗ ମୁଖ୍ୟ ଡଃ ରାଜକୁମାର ଯୋଶି ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲାବେଳେ ଡଃ ରାଜଶ୍ରୀ ପ୍ରିୟଦର୍ଶିନୀ ଓ ଖେଳଶିକ୍ଷକ ଏ ରବି ଶଙ୍କର ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ।

**ସାହାଣୀ କପ୍ ଫାଇନାଲ**

## କଟକ ଚାମ୍ପିଅନ, ସମ୍ବଲପୁର ରନର୍ସଅପ୍

କେନ୍ଦୁଝର/କଟକ,୩।୮ (ସମିସ)



ଡବଲ୍ ଲେଗ୍ ଫର୍ମାଟରେ ଖେଳାଯାଉଥିବା ସାହାଣୀ କପ୍ ଫାଇନାଲ ରାଉଣ୍ଡରେ କଟକ ଗୋଟିଏ ବିଜୟ ପଏଣ୍ଟ ସହିତ ଚଳିତ ସଂସ୍କରଣର ଚାମ୍ପିଅନ ହୋଇଛି। କେନ୍ଦୁଝର ଜୋନ୍‌ରେ ଆଜି ସମ୍ବଲପୁର ବିପକ୍ଷ ଦ୍ୱିତୀୟ ତଥା ନିର୍ଣ୍ଣାୟକ ଫାଇନାଲ ମୁକାବିଲା ୧-୧ ଗୋଲରେ ଡ୍ର ରହିଥିଲା। ବୌଦ୍ଧ ଜୋନରେ ପୂର୍ବରୁ ଖେଳାଯାଇଥିବା ପ୍ରଥମ ଫାଇନାଲରେ କଟକ ବିଜୟ ଲାଭ କରିଥିବାରୁ ଟାଇବ୍ରେକର ପଦ୍ଧତିର ଆବଶ୍ୟକତା ପଡ଼ିନଥିଲା। ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଲାଖାଇ ମୁର୍ମୁ ୪୦ମିନିଟରେ ଗୋଲ ଦେଇ କଟକକୁ ପ୍ରଥମାର୍ଦ୍ଧରେ ଆଗୁଆ ରଖିଥିଲେ। ସମ୍ବଲପୁରର ପ୍ରଶାନ୍ତ ଓରାମ ୯୦ ମିନିଟରେ ଗୋଲ ସୁଝାଇଥିଲେ। ଅନ୍ତିମ କ୍ଷଣରେ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିବା ସମ୍ବଲପୁର ଇଞ୍ଜୁରୀ ଟାଇମ୍‌ରେ ଗୋଲ ନକରି ପାରି ରନର୍ସଅପରେ ସନ୍ତୁଷ୍ଟ ହୋଇଛି। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମିଳିତ ଆନୁକୂଲ୍ୟରେ ଖେଳାଯାଇଥିଲା। ଖେଳ ଶେଷରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟରେ କ୍ରୀଡ଼ାର ବିକାଶ, କ୍ରୀଡ଼ାବିତ୍‌ଙ୍କ ଉନ୍ନତି ଲାଗି ଆମେ ସମସ୍ତ ପ୍ରକାର ଉଦ୍ୟମ ଜାରି ରଖିବୁ ବୋଲି ମୁଖ୍ୟମନ୍ତ୍ରୀ ମାଝୀ କହିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଅଖିଳଚନ୍ଦ୍ର ନାଏକ, ଡକ୍ଟର ଫକୀର ମୋହନ ନାଏକ୍, ଝାରସୁଗୁଡ଼ା ବିଧାୟକ ତଥା ଓଡ଼ିଶା ଫୁଟବଲ ସଂଘ ସଭାପତି ଟଙ୍କଧର ତ୍ରିପାଠୀ, କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂ, ପୁଲିସ୍ ଏସ୍‌ପି ନୀତୀନ କୁଶାଲ କର, ଓଡ଼ିଶା ଅଲିମ୍ପିକ୍ ସଂଘ ସମ୍ପାଦକ ଅଭିଜିତ ପାଲ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS